# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୭/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, February 17/2020 | ★★★★★★

୪୬ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଦିବାରାତ୍ର ଟେଷ୍ଟ ସପକ୍ଷରେ ଗାଙ୍ଗୁଲି**

ଚଳିତ ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ କ୍ରିକେଟ ଦଳ ଏକ ଦିବାରାତ୍ର ଟେଷ୍ଟ ଖେଳିବ ବୋଲି ପ୍ରକାଶ କରିଛନ୍ତି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି।

୧୮

୦୨

**ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ଅର୍ଜୁନ**

ପୁଅ ଅର୍ଜୁନ ଫିଲ୍ମ ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ବୋଲି କହିଛନ୍ତି ବଲିଉଡର ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ବୋନି କପୁର।




# ପୁରୁଣା ଟିମ୍, ନୂଆ ଇନିଂସ

ନୂଆଦିଲ୍ଲୀ,୧୬।୨(ପି.ଟି.)

## ଶପଥ ନେଲେ କେଜ୍‌ରିୱାଲ

- ରାମଲୀଲା ମଇଦାନରୁ ତୃତୀୟ ପାଳି ଆରମ୍ଭ
- କ୍ୟାବିନେଟରେ ସମସ୍ତ ପୁରୁଣା ସହଯୋଗୀ ସାମିଲ
- ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ଓ କେନ୍ଦ୍ରର ସହଯୋଗ ଲୋଡ଼ିଲେ ଏଏପି ମୁଖ୍ୟ
- କେବଳ ଏଏପିର ନୁହେଁ, ଭାଜପା ଓ କଂଗ୍ରେସର ମଧ୍ୟ ମୁଖ୍ୟମନ୍ତ୍ରୀ



ଶପଥଗ୍ରହଣ ପରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

ନିଜ ପୁରୁଣା ଟିମ୍ ସହ ରବିବାର ନୂଆ ଇନିଂସ୍ ଆରମ୍ଭ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ। ୬ ମନ୍ତ୍ରୀଙ୍କ ସହ ଦିଲ୍ଲୀର ରାମଲୀଲା ମଇଦାନରେ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି) ଅନିଲ ବୈଜାଲ କେଜ୍‌ରିୱାଲ ଓ କ୍ୟାବିନେଟର ଅନ୍ୟ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହାସହ ଦିଲ୍ଲୀରେ କେଜ୍‌ରିୱାଲ ଶାସନର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ଦଳ ନିର୍ବିଶେଷରେ ସେ ସମସ୍ତଙ୍କ ମୁଖ୍ୟମନ୍ତ୍ରୀ ବୋଲି କେଜ୍‌ରିୱାଲ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଯେତେଜଣ ଶପଥ ନେଇଛନ୍ତି, ସମସ୍ତେ ରାଜ ନିବାସକୁ ବାଛିଛନ୍ତି। କିନ୍ତୁ କେଜ୍‌ରିୱାଲ ପ୍ରଥମଥର ପାଇଁ ଏହି ପରମ୍ପରାକୁ ଭାଙ୍ଗି ରାମଲୀଲା ମଇଦାନରେ ଶପଥ ନେଇଛନ୍ତି। କେଜ୍‌ରିୱାଲଙ୍କ ପରେ ମନୀଷ୍ ସିସୋଡିଆ, ସତ୍ୟେନ୍ଦ୍ର ଜୈନ, ଗୋପାଳ ରାଏ, କୈଳାଶ ଗେହଲଟ, ଇମ୍ରାନ୍ ହୁସେନ ଓ ରାଜେନ୍ଦ୍ର ଗୌତମ ମନ୍ତ୍ରୀ ରୂପେ ଶପଥ ନେଇଥିଲେ। ତେବେ ଦିଲ୍ଲୀ କ୍ୟାବିନେଟ ୨୦୨୦-୨୫ରେ ଜଣେ ହେଲେ ମହିଳାଙ୍କୁ ମନ୍ତ୍ରୀ ଭାବେ ସାମିଲ କରାଯାଇ ନାହିଁ। କ୍ରମାଗତ ତୃତୀୟଥର ପାଇଁ ଶାସନ ଭାର ଗ୍ରହଣ ପରେ କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ରାଜଧାନୀରେ ସୁଶାସନ ଆଣିବା ଲାଗି ସେ କେନ୍ଦ୍ର ସରକାରଙ୍କ ସହ ମିଳିମିଶି କାମ କରିବାକୁ ଚାହାନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ମଧ୍ୟ ଆବଶ୍ୟକ। ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ ପଠାଇଥିଲେ। ମୋଦିଜୀ ସମ୍ଭବତଃ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଯୋଗଦେଉଥିବାରୁ ଆସିପାରି ନାହାନ୍ତି। ତେବେ ଏହି ମଞ୍ଚରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ଆଶୀର୍ବାଦ ନେବା ପାଇଁ ଚାହୁଁଥିବା କେଜ୍‌ରିୱାଲ ପ୍ରକାଶ କରିଥିଲେ। ଏଏପି ମୁଖ୍ୟ ଆହୁରି କହିଥିଲେ ଯେ, ନିର୍ବାଚନ ପ୍ରଚାର ବେଳେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବିରୋଧୀମାନଙ୍କୁ ସେ କ୍ଷମା କରିଦେଇଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ସମସ୍ତ ଦିଲ୍ଲୀବାସୀଙ୍କ ବିଜୟ। ନିର୍ବାଚନ ଶେଷ ହୋଇଯାଇଛି। କିଏ କାହାକୁ ଭୋଟ ଦେଲେ ବା ନ ଦେଲେ ସେଥିରେ ଆଉ କିଛି ଯାଏଆସେ ନାହିଁ। ଏବେ ସେ ସମସ୍ତଙ୍କ ପାଇଁ କାମ କରିବେ। ଯେକୌଣସି ଜାତି, ଧର୍ମ, ବର୍ଣ୍ଣର ହୋଇଥିଲେ ମଧ୍ୟ କିଛି ଭେଦଭାବ ରହିବ ନାହିଁ। ସେ କେବଳ ଏଏପିର ମୁଖ୍ୟମନ୍ତ୍ରୀ ନୁହନ୍ତି ବରଂ ଭାଜପା, କଂଗ୍ରେସ ଏବଂ ସର୍ବୋପରି ସମସ୍ତ ଦିଲ୍ଲୀବାସୀଙ୍କ ମୁଖ୍ୟମନ୍ତ୍ରୀ ବୋଲି କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି।

ଉକ୍ତ ଶପଥ ଗ୍ରହଣ ଉତ୍ସବକୁ ସ୍କୁଲ ଶିକ୍ଷକମାନଙ୍କ ସହ ବିଭିନ୍ନ କ୍ଷେତ୍ରର ୫୦ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଦିଲ୍ଲୀ ପୋଲିସ ମଧ୍ୟ ଏଥିଲାଗି ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ପୋଲିସ ଓ ଅର୍ଦ୍ଧସାମରିକ ବାହିନୀର ପ୍ରାୟ ୩,୦୦୦ ସୁରକ୍ଷା କର୍ମୀ ରାମଲୀଲା ମଇଦାନରେ ମୁତୟନ ହୋଇଥିଲେ। ଏହାସହ ସମ୍ପୂର୍ଣ୍ଣ ପଡ଼ିଆକୁ ସିସିଟିଭି ସର୍ଭିଲାନ୍ସରେ ରଖାଯାଇଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ 'ବେବି ମଫଲରମ୍ୟାନ୍'। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ଭଳି ବେଶ ଧାରଣ କରିଥିବା ଏହି କୁନି ବାଳକଙ୍କ ସହ ଶପଥଗ୍ରହଣ ଉତ୍ସବରେ ଅନେକ ଦଳର ଅନେକ ନେତା ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ଛୋଟା କେଜ୍‌ରିୱାଲ ନାମରେ ପରିଚିତ ଆଭ୍ୟାନ ତୋମାରଙ୍କ ଫଟୋ ଓ ଭିଡିଓ କ୍ଲିପ୍‌ଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରକାଶ ଯେ, ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ଗତ ୮ ତାରିଖରେ ନିର୍ବାଚନ ହୋଇଥିଲା। ଭୋଟ ଗଣତି ୧୧ରେ କରାଯାଇଥିଲା। ଶାସକ ଏଏପି ୬୨ ଆସନ ଦଖଲ କରି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଲାଭ କରି ତୃତୀୟଥର ପାଇଁ ସରକାର ଗଠନ କରିଛି। ଭାଜପାକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ।

# ପଦାରେ ପଡ଼ିଲା ପୋଲିସ ବର୍ବରତା



ନୂଆଦିଲ୍ଲୀ,୧୬।୨ (ପି.ଟି.)

- ଛାତ୍ରଙ୍କୁ ମାଡ଼ ମାରିବାର ଭିଡିଓ ଭାଇରାଲ
- କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ଗତ ଡିସେମ୍ବର ୧୫ରେ ପୋଲିସ ବର୍ବରତାର ଆଉ ଏକ ଭିଡ଼ିଓ ଜାମିଆ ସମନ୍ୱୟ କମିଟି ପକ୍ଷରୁ ସୋସିଆଲ ମିଡ଼ିଆରେ ଛଡ଼ାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଲାଇବ୍ରେରି ଭିତରେ ପଶି ପାରାମିଲିଟାରି ଫୋର୍ସ ଓ ପୋଲିସ କିପରି ଦମନଲୀଳା ଚଳାଇଥିଲା ତାହା ଏବେ ପଦାକୁ ଆସିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ୪୮ ସେକେଣ୍ଡର ଏହି ଭିଡିଓରେ ୭ରୁ ୮ ପୋଲିସ(ମୁହଁରେ ରୁମାଲ ବାନ୍ଧି) ଓଲ୍ଡ ରିଡିଂ ହଲ୍ (ଲାଇବ୍ରେରି) ଭିତରେ ପଶି ଛାତ୍ରଙ୍କୁ ମାଡ଼ ମାରିଥିବା ଦେଖାଯାଇଛି। ସିଏଏ ବିରୋଧୀ ବିକ୍ଷୋଭ ସହ ହିଂସା ଓ ପୋଡ଼ାଜଳା ବେଳେ ପୋଲିସ ବିଶ୍ୱବିଦ୍ୟାଳୟ ଭିତରେ ପଶି ଛାତ୍ରଙ୍କୁ ମାଡ଼ମାରିବାରୁ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ପୋଲିସ ମାଡ଼ରେ ଜଣେ ଆଇନ ଛାତ୍ର ଆଖି ହରାଇଥିବା ବେଳେ ଅନେକ ଆହତ ହୋଇଥିବା ଅଭିଯୋଗ ହୋଇଛି।

ସୋସିଆଲ ମିଡ଼ିଆରେ ବୁଲୁଥିବା ଏହି ଭିଡିଓ ପୋଲିସ ମୁଖା ଖୋଲିଦେଇଥିବା ☞ପୃଷ୍ଠା-୪


ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୧୦/୧୧


**ଆଜିର ସମ୍ପାଦକୀୟ**

ପ୍ରଶଂସାର ମୂଲ୍ୟ

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ର ସରକାର ଅବାସ୍ତବ। କେବଳ କ୍ଷମତା ଲୋଭରେ ୩ ଦଳ ମିଶି ମେଣ୍ଟ କରିଛନ୍ତି।

-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଶକ୍ତି ବିତରଣ କମ୍ପାନୀଗୁଡ଼ିକର ଉପରେ ବକେୟା ପ୍ରାୟ ୫୦% ବଢି ୮୮,୧୭୭ କୋଟି ଟଙ୍କା ରହିଛି।





ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Venc๐bb — Taste the difference! FRESH CHICKEN

16.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 52 | 96 | 106 |
| DKL | 53 | 97 | 107 |
| BDK | 57 | 102 | 112 |
| BLS | 59 | 105 | 115 |
| ANG | 54 | 98 | 108 |
| BHM | 51 | 94 | 104 |

*Conditions Apply

Issued in the Interest of Consumers


# ପୁରୀରେ ୨ ଶିଶୁକନ୍ୟାଙ୍କୁ ବଳାତ୍କାର

ପୁରୀ ଅଫିସ,୧୬।୨



ପୁରୀ ଜିଲାର ୨ ସ୍ଥାନରେ ୨ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୃଥକ୍ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ଯୁବକ ଶନିବାର ମଧ୍ୟାହ୍ନରେ ୪ବର୍ଷୀୟ ଶିଶୁକନ୍ୟାଙ୍କୁ କାର୍ଟୁନ ଭିଡିଓ ଦେଖାଇବାକୁ କହି ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ କୋଠାକୁ ଡାକିଥିଲେ। ଭିଡିଓ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ। ଅନ୍ୟପଟେ ଝିଅକୁ ନ ପାଇ ମା' ଖୋଜାଖୋଜି କରିଥିଲେ। କୋଠଘର ନିକଟରେ ଝିଅକୁ କାନ୍ଦୁଥିବା ଦେଖି ତାଙ୍କୁ ପଚରାଉଚରା କରିବାରୁ ଘଟଣା ସମ୍ପର୍କରେ ଜାଣିପାରିଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ଏବଂ ତାଙ୍କ ସମ୍ପର୍କୀୟ ସେଠାକୁ ଆସି ଘଟଣା ସମ୍ପର୍କରେ କାହାକୁ କହିଲେ ଅଥବା ଥାନାକୁ ଗଲେ ଘରେ ନିଆଁ ଲଗାଇ ପରିବାର ଲୋକଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଶିଶୁକନ୍ୟାଙ୍କ ପରିବାର ଲୋକେ ରବିବାର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ବାମଦେବ ନନ୍ଦ କହିଛନ୍ତି ଯେ, ଘଟଣାର ତଦନ୍ତ କରାଯାଇ ମାମଲା ରୁଜୁ କରାଯିବ।

ସେହିପରି କୁମ୍ଭାରପଡ଼ା ଥାନା ଅଧୀନ ଏକ ମନ୍ଦିର ନିକଟରେ ଆଉ ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ମନ୍ଦିର ନିକଟରେ ଶିଶୁକନ୍ୟା ଏକାକୀ ବୁଲୁଥିଲେ। ଜଣେ ଯୁବକ ତାଙ୍କୁ ଚକୋଲେଟ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପିସିଆର କର୍ମଚାରୀ ପହଞ୍ଚି ଯୁବକଙ୍କୁ କାବୁ କରିଥିଲା। ଏ ନେଇ କୁମ୍ଭାରପଡ଼ା ଥାନାରେ ପୋକ୍‌ସୋ ଆକ୍ଟରେ ଏକ ମାମଲା(୫୨/୨୦) ରୁଜୁ ହୋଇ ତଦନ୍ତ କରାଯାଉଛି। ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି ବୋଲି ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି।

# ବଡ଼ଭାଇ ପରିବାରକୁ ମୂଳପୋଛ କଲା ସାନ

ବଣାଇଁ,୧୬।୨(ସ୍ୱ.ପ୍ର.)

- ଉଧାର ଟଙ୍କା ପାଇଁ ପରିବାରର ୪ ଜଣଙ୍କୁ ହତ୍ୟା
- ବଣାଇଁ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ
- ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କଲା ପୋଲିସ

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଦେଉଳହୁଡି ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବାକି ଟଙ୍କାକୁ କେନ୍ଦ୍ରକରି ସାନ ଭାଇର ଟାଙ୍ଗିଆ ମାଡ଼ରେ ବଡ଼ଭାଇଙ୍କ ପରିବାର ମୂଳପୋଛ ହୋଇଯାଇଛି। ଅଭିଯୁକ୍ତ ଅତି ନିର୍ଦ୍ଦୟ ଭାବେ ବଡ଼ ଭାଇ, ଭାଉଜଙ୍କ ସମେତ ତାଙ୍କ ୨ ପିଲାଙ୍କୁ ହାଣି ହତ୍ୟା କରିଛନ୍ତି। ମୃତକମାନେ ହେଲେ ଦେଉଳହୁଡି ଗ୍ରାମର କାଣ୍ଡେ ମୁଣ୍ଡା(୩୦) ତାଙ୍କ ସ୍ତ୍ରୀ ସୁମି ମୁଣ୍ଡା(୨୫), ଝିଅ ମାଲାନୀ ମୁଣ୍ଡା(୭) ଓ ପୁଅ ମାରା ମୁଣ୍ଡା(୫)। ରବିବାର ସକାଳେ ଅଭିଯୁକ୍ତ କାଳି ମୁଣ୍ଡା(୨୨) ବଣାଇଁ ଥାନାରେ ଆତ୍ମସମର୍ପଣ କରିବା ପରେ ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଦେଉଳହୁଡି ଗ୍ରାମରେ କାଣ୍ଡେଙ୍କ ପରିବାର ସହିତ ସାନଭାଇ କାଳି ମୁଣ୍ଡାଙ୍କ ପରିବାର ରହୁଥିଲେ। କାଳି ଝାରସୁଗୁଡ଼ା ବାବୁମାଲର ଏକ ଚାଉଳ ମିଲରେ କାମ କରନ୍ତି। ସେଥିପାଇଁ ସେ ଅଧିକାଂଶ ସମୟ ଝାରସୁଗୁଡ଼ାରେ ରୁହନ୍ତି। ବଡଭାଇ କାଣ୍ଡେ କାଠ ବିକି ପରିବାର ପ୍ରତିପୋଷଣ କରନ୍ତି। କାଳି ପ୍ରତିମାସରେ ନିଜ ପରିବାର ଓ ବଡଭାଇଙ୍କ ପାଖକୁ ଟଙ୍କା ପଠାଉଥିଲେ। ପରବର୍ତ୍ତୀ ସମୟରେ କାଳି ଆଉ କାଣ୍ଡେଙ୍କୁ ଟଙ୍କା ନ ଦେଇ ନିଜ ପିଉସୀଙ୍କୁ ଟଙ୍କା ଦେବା ଆରମ୍ଭ କରିଥିଲେ। ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଥିଲା। ଶନିବାର ରାତିରେ କାଳି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେ କାଣ୍ଡେଙ୍କୁ ଦେଇଥିବା ଟଙ୍କା ବାବଦରେ ପଚାରିଥିଲେ। ଏହାକୁ ନେଇ କାଣ୍ଡେଙ୍କ ସହିତ କାଳିଙ୍କ ଯୁକ୍ତିତର୍କ ହୋଇଥିଲା। ଏମିତି କିଛି ସମୟ ପାଟିତୁଣ୍ଡ ପରେ ସମସ୍ତେ ଖାଇପିଇ ନିଜ ନିଜ ଘରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ସମୟରେ କାଳି ହଠାତ୍ ନିଦରୁ ଉଠି ପାଗଳପ୍ରାୟ ପାଟି କରିଥିଲେ। ଏହାପରେ ଘରୁ ଏକ ଟାଙ୍ଗିଆ ଆଣି ପ୍ରଥମେ ବଡ଼ଭାଇ କାଣ୍ଡେଙ୍କ ଶୋଇବା ଘରକୁ ପଶିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ କାଣ୍ଡେ ଶୋଇଥିଲେ। କାଳି ତାଙ୍କ ଛାତିକୁ ଟାଙ୍ଗିଆରେ ଚୋଟ ପକାଇଥିଲେ। କାଣ୍ଡେ ଚିତ୍କାର କରି ଘର ବାହାରକୁ ଦୌଡି ପଳାଇ ଆସିଥିଲେ। ହେଲେ କାଳି ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ଘଟଣାସ୍ଥଳରେ ହିଁ କାଣ୍ଡେଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି କାଣ୍ଡେଙ୍କ ସ୍ତ୍ରୀ ସୁମି ଚିତ୍କାର କରିବାରୁ ତାଙ୍କ ବେକ ପଛକୁ କାଳି ହାଣି ପକାଇଥିଲେ। ସେ ବି ସେଠାରେ ଟଳି ପଡିଥିଲେ। ଏହାପରେ ରକ୍ତମୁଖା କାଳି ପ୍ରଥମେ ଝିଆରୀ ମାଲାନୀ ଓ ପୁତୁରା ମାରାକୁ ମଧ୍ୟ ଟାଙ୍ଗିଆରେ ହାଣି ନୃଶଂସଭାବେ ହତ୍ୟା କରିଥିଲେ। କାଣ୍ଡେଙ୍କ ଘର ଗାଁଠାରୁ ଦୂର ଏକ ନିଛାଟିଆ ସ୍ଥାନରେ ହୋଇଥିବାରୁ ଏହି ହତ୍ୟାକାଣ୍ଡ ବିଷୟରେ ଗ୍ରାମବାସୀ କିମ୍ବା ପଡୋଶୀ କେହି ଜାଣିପାରି ନ ଥିଲେ। ଶେଷରେ କାଳି ରାତିସାରା ଗାଁଠାରୁ ୧୫ କିମି ରାସ୍ତା ଚାଲିଚାଲି ଆସି ରବିବାର ସକାଳ ୮ଟାରେ ବଣାଇଁ ଥାନାରେ ଆତ୍ମସମର୍ପଣ କରିବା ସହ ହତ୍ୟାକାଣ୍ଡର ସୂଚନା ଦେଇଥିଲେ।

ବଣାଇଁ ଥାନା ଏଏସଆଇ ବ୍ରଜକିଶୋର ଦାଶ ଓ ବି.କେ.ନାୟକ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ୪ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୁମିଙ୍କ ଭାଇ ତଥା ଟିକାୟତପାଲି ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ଏତୁଆ ମୁଣ୍ଡା ବଣାଇଁ ଥାନାରେ ଏ ନେଇ ଏତଲା ଦେବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୯/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଉରକେଲାରୁ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଓ ଏସ୍‌ପି ଦେଉଳହୁଡି ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୋମବାର କାଳିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ବଣାଇଁ ଥାନା ସବ୍‌ଇନ୍ସପେକ୍ଟର ଭୂପେନ୍ଦ୍ର କୁମାର ମାଝି ଏହି ଘଟଣାର ତଦନ୍ତ କରୁଛନ୍ତି।

# ଶ୍ରୀକ୍ଷେତ୍ରରେ ରହିଛି ଲାହୋର ସାଧୁଙ୍କ ମଠ

ହେମନ୍ତ ନାୟକ
ପୁରୀ ଅଫିସ,୧୬।୨




- ପାଲଟିଛି ହରି-ହର ଉପାସନାର ମିଳନ କ୍ଷେତ୍ର



ଶ୍ରୀକ୍ଷେତ୍ରରେ ରହିଛି ଲାହୋର(ପାକିସ୍ତାନ) ସାଧୁଙ୍କ ମଠ। ଏକଦା ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବା ପାଇଁ ଜଗନ୍ନାଥ ଧାମକୁ ଚାଲି ଆସିଥିବା ବାଳକ ରାମ ଦାସ ଆଉ ଲାହୋର ଫେରି ନ ଥିଲେ। ସେ ତିଆରି କରିଥିଲେ ଏକ ମଠ, ଯାହାକି ବାଳକ ରାମଦାସ ମଠ ନାମରେ ଏବେ ବି ତିଷ୍ଠି ରହିଛି। ଏହି ମଠ ଏବେ ପାଲଟିଛି ହରି-ହରଙ୍କ ଉପାସନାର ମିଳନ କ୍ଷେତ୍ର।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଭାରତରେ ସାଂସ୍କୃତିକ ସଂହତିର ଭାବଧାରା ଖୁବ୍ ସୁଦୃଢ଼ ଥିଲା। ଅଖଣ୍ଡ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ, ସନ୍ନ୍ୟାସୀ ଓ ମହାପୁରୁଷମାନେ ଜଗନ୍ନାଥ ଧାମକୁ ଆସି ମହାପ୍ରଭୁଙ୍କୁ ଇଷ୍ଟ ଭାବେ ଗ୍ରହଣ କରିଥିଲେ। ଗଜପତିଙ୍କ ଅନୁମତିକ୍ରମେ ନିଜ ନିଜର ଆସ୍ଥାନ କରି ସାଂସ୍କୃତିକ ପ୍ରବାହରେ ନିଜକୁ ସାମିଲ କରିଥିଲେ। ଏମାନଙ୍କ ମଧ୍ୟରୁ ଲାହୋରରୁ ଆସିଥିବା ବାଳକ ରାମ ଦାସ ଥିଲେ ଜଣେ ସିଦ୍ଧ ସାଧକ। ଏକ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ପିଲାବେଳୁ ସଂସାର ପ୍ରତି ଅନାସକ୍ତ ହୋଇ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଲା। ଅରଣ୍ୟରେ ବୁଲି ବୁଲି ରାମନାମ ଜପ କରି ସିଦ୍ଧି ଲାଭ ପରେ ବାଳକ ରାମ ଦାସ ରୂପେ ପରିଚିତ ହୋଇଥିଲେ। ସିଦ୍ଧ ସାଧୁ ରାମ ଦାସ ଅଖଣ୍ଡ ଭାରତବର୍ଷର ଏକାଧିକ ତୀର୍ଥ ଏବଂ ଧାମ ପରିଭ୍ରମଣ କରିଥିଲେ ମଧ୍ୟ କେଉଁଠି ତାଙ୍କ ମନ ମାନି ନ ଥିଲା। ଅନ୍ତରରେ ଅଭିଳାଷ ଥିଲା, ସେ ଥରେ ଜଗନ୍ନାଥ ଧାମକୁ ଯିବେ। ଗୁରୁଙ୍କଠାରୁ ଶୁଣିଥିଲେ ସାକ୍ଷାତ୍ ବ୍ରହ୍ମ କଳିଯୁଗରେ ବିଜେ କରିଛନ୍ତି ଶ୍ରୀଜଗନ୍ନାଥ ଧାମରେ। ତେଣୁ ଶିଷ୍ୟମାନଙ୍କ ସହିତ ସେ ଦିଲ୍ଲୀ ଦେଇ ଶ୍ରୀକ୍ଷେତ୍ର ଆସୁଥିଲେ। ଦିଲ୍ଲୀ ରାସ୍ତାରେ ବୈଷ୍ଣବ ବାଜା ବଜାଇ ଶିଷ୍ୟ ପଲଟନ ଧରି ଶୋଭାଯାତ୍ରା କଲାବେଳେ ମୋଗଲ ବାଦଶାହଙ୍କ ପାଖରେ କଥା ପହଞ୍ଚିଥିଲା। ମୋଗଲ ବାଦଶାହ ଫତୱା ଜାରି କରିଥିଲେ ଯେ, ଜଣେ ଫକୀର ବାଜା ବଜାଇ ଶିଷ୍ୟମାନଙ୍କୁ ନେଇ ଶୋଭାଯାତ୍ରା କରିପାରିବେ ନାହିଁ। ରାମ ଦାସଙ୍କୁ ଏହି କଥା ବହୁତ ବାଧିଥିଲା। ସେ ବାଦଶାହଙ୍କୁ ନିଜ ପରାକ୍ରମ ଦେଖାଇବା ପାଇଁ ଦିଲ୍ଲୀ ସହରକୁ ପାଣିରେ ବୁଡ଼ାଇବାକୁ ଉଦ୍ୟମ କରିଥିଲେ। ଏଥିରେ ବାଦଶାହା ଭୟଭୀତ ହୋଇ ତାଙ୍କୁ କ୍ଷମା ମାଗିଲେ ଏବଂ ଢେର ଧନରତ୍ନ ଦେଇ ଜଗନ୍ନାଥ ଧାମରେ ପହଞ୍ଚିବା ଲାଗି ସୁବନ୍ଦୋବସ୍ତ କରିଥିଲେ। ଏ ସମ୍ପର୍କରେ ପ୍ରାଚୀନ ପୁସ୍ତକ ☞ପୃଷ୍ଠା-୪


## 'କୋରୀ' ବିଶ୍ୱର ସବୁଠୁ ଓଜନିଆ ପକ୍ଷୀ

ବିଶ୍ୱରେ ପ୍ରାୟ ୯୫୦୦ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି। ଏଥିମଧ୍ୟରୁ କେତେକ ବିଲୁପ୍ତ ହୋଇସାରିଥିବା ବେଳେ ଆଉ କିଛି ଲୋପ ପାଇବାକୁ ବସିଛନ୍ତି। ଦକ୍ଷିଣ ଆଫ୍ରିକାରେ କୋରୀ ନାମକ ଏକ ପକ୍ଷୀ ଦେଖିବାକୁ ମିଳିଥାଏ। ଯାହା ଆକାଶରେ ଉଡୁଥିବା ପକ୍ଷୀମାନଙ୍କ ମଧ୍ୟରେ ସବୁଠୁ ଓଜନିଆ। ଏହାର ଓଜନ ପ୍ରାୟ ୧୯ କିଲୋଗ୍ରାମ। ଉଡ଼ିବା ସମୟରେ ଏହାର ପର ପ୍ରାୟ ଅଢ଼େଇ ଫୁଟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ।



# ଇତିହାସ ରଚିଲା 'ଗଲି ବୟ'

**ମୁମ୍ବାଇ:** ଇତିହାସ ରଚିଛି ବଲିଉଡ୍ ଫିଲ୍ମ 'ଗଲି ବୟ'। ଫିଲ୍ମଫେୟାର୍ ଇତିହାସରେ ଏହା ସବୁଠାରୁ ଅଧିକ ଆୱାର୍ଡ ନିଜ ନାମରେ କରିଛି। ଫିଲ୍ମଫେୟାର୍ ଆୱାର୍ଡର ୬୫ତମ ସଂସ୍କରଣ ଉତ୍ସବରେ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ଅଭିନେତା ରଣବୀର୍ ସିଂଙ୍କ ଏହି ସିନେମା ଧୁମ୍ ମଚାଇଛି। ୨୦୧୯ ଫେବୃୟାରୀ ୧୪ରେ ରିଲିଜ୍ ହୋଇଥିବା ଗଲି ବୟ ସର୍ବାଧିକ ୧୩ ଆୱାର୍ଡ ପାଇଥିବାବେଳେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ରଣବୀର୍ ସିଂ ଶ୍ରେଷ୍ଠ ଅଭିନେତା ଏବଂ ଆଲିଆ ଭଟ୍ଟ 'ବେଷ୍ଟ ଆକ୍ଟ୍ରେସ ଇନ୍ ଲିଡ୍ ରୋଲ୍' ଟ୍ରଫି ହାସଲ କରିଛନ୍ତି। ଏହା ବ୍ୟତୀତ 'ଗଲି ବୟ' ଶ୍ରେଷ୍ଠ ସିନେମା, ଶ୍ରେଷ୍ଠ ମ୍ୟୁଜିକ୍ ଆଲ୍‌ବମ ବିବେଚିତ ହୋଇଥିବାବେଳେ ଜୋୟା ଅଖତର୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଆୱାର୍ଡ ମିଳିଛି। ଗଲି ବୟ ପୂର୍ବରୁ ୨୦୦୬ରେ ଫିଲ୍ମ 'ବ୍ଲାକ୍' ୧୧ଟି ଆୱାର୍ଡ ପାଇଥିଲା। ଫିଲ୍ମଫେୟାର୍ ଆୱାର୍ଡ ଉତ୍ସବରେ ବଲିଉଡ୍‌ର ଜଗତର ବହୁ ହସ୍ତୀ ଯୋଗ ଦେଇଥିଲେ। ସେହିପରି ଫିଲ୍ମଫେୟାର୍‌ରେ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ସିନେମା ଆର୍ଟିକଲ୍ ୧୫ ପାଇଁ 'ବେଷ୍ଟ ଆକ୍ଟର୍ କ୍ରିଟିକ୍ ଚଏସ୍'ଆୱାର୍ଡ ମିଳିଛି। ଏହା ବ୍ୟତୀତ ଶାହିଦ୍ କପୁରଙ୍କ ଫିଲ୍ମ 'କବୀର୍ ସିଂ'କୁ ମଧ୍ୟ ବେଷ୍ଟ ମ୍ୟୁଜିକ୍ ଆଲ୍‌ବମ୍ ଆୱାର୍ଡ ମିଳିଥିବାବେଳେ 'ସାଣ୍ଡ କୀ ଆଁଖ୍' ପାଇଁ ତାପସୀ ପନ୍ନୁ ଏବଂ ଭୂମି ପେଡ୍‌ନେକରଙ୍କୁ 'ବେଷ୍ଟ ଆକ୍ଟ୍ରେସ୍ କ୍ରିଟିକ୍ସ ଚଏସ୍'ଆୱାର୍ଡ ମିଳିଛି। ଫିଲ୍ମଫେୟାର୍ ମଞ୍ଚରେ ବରୁଣ ଧାବନ୍, ଅକ୍ଷୟ କୁମାର, ରଣବୀର୍ ସିଂ, କାର୍ତ୍ତିକ ଆର୍ଯ୍ୟନ୍, ବିକ୍କି କୌଶଲ ପ୍ରମୁଖ ଅଭିନେତା ନିଜର ଜବରଦସ୍ତ ଡ୍ୟାନ୍ସରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଅନ୍ୟପକ୍ଷରେ ଏହି ଉତ୍ସବରେ 'ସୋଲେ' ଭଳି ଲୋକପ୍ରିୟ ସିନେମାର ନିର୍ଦ୍ଦେଶନା ଦେଇଥିବା ସିନେ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ରମେଶ ସିପ୍ପିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିବାବେଳେ ହିରୋ ନମ୍ବର ୱାନ୍ ଗୋବିନ୍ଦାଙ୍କୁ 'ଏକ୍ସେଲେନ୍ସ ଇନ୍ ସିନେମା' ଆୱାର୍ଡ ସହ ସମ୍ମାନିତ କରାଯାଇଛି।




ଫିଲ୍ମଫେୟାର୍ ଆୱାର୍ଡ- ୨୦୨୦

# ପ୍ରାଣଘାତୀ ପ୍ରୋଜେରିଆ ଶୋଷିଦିଏ ଶୈଶବ



**କିଏଭ୍:** ଭୟଙ୍କର ଜେନେଟିକ୍ ଡିଜ୍‌ଅର୍ଡର 'ପ୍ରୋଜେରିଆ'। ଶିଶୁଙ୍କ ପାଇଁ ପ୍ରାଣଘାତୀ ପାଲଟିଛି ଏହି ରୋଗ। ଏଥିରେ ଆକ୍ରାନ୍ତ ହେଲେ ଦୁର୍ବିଷହ ହୋଇପଡ଼େ ଶିଶୁ ଜୀବନ। କୋମଳମତି ବୟସରେ ମାଡ଼ିଆସେ ଅକାଳ ବାର୍ଦ୍ଧକ୍ୟ। ୟୁକ୍ରେନ୍ ହସ୍ପିଟାଲରେ ପ୍ରୋଜେରିଆ ଆକ୍ରାନ୍ତ ୮ବର୍ଷର ଶିଶୁ ଏନା ସକିଡ୍‌ନଙ୍କ ମୃତ୍ୟୁ ପରେ ପୁଣିଥରେ ଚର୍ଚ୍ଚାକୁ ଆସିଛି ଏହି ଘାତକ ରୋଗ। ପ୍ରୋଜେରିଆରେ ଆକ୍ରାନ୍ତ ହେବା ପରେ ଏନାଙ୍କ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟ କରିବା ବନ୍ଦ କରିଦେଇଥିଲା। ମାତ୍ର ୮ବର୍ଷର ଏନା ୮୦ ବର୍ଷର ବୟସ୍କ ଭଳି ଦେଖାଯାଉଥିଲେ। ସାରା ପୃଥିବୀରେ ୧୬୦ ଶିଶୁ ପ୍ରୋଜେରିଆରେ ଆକ୍ରାନ୍ତ। ସେମାନେ ପ୍ରତି ମୁହୂର୍ତ୍ତରେ ମରଣକୁ ମାତ୍ ଦେବା ଅଭିଳାଷ ନେଇ ବଞ୍ଚିଚାଲିଛନ୍ତି ଅଭିଶପ୍ତ ଜୀବନ। ଏନାଙ୍କ ମା' ଇବାନାଙ୍କ କହିବା କଥା, ଗତ ଜାନୁୟାରୀରେ ଏନା ତାଙ୍କର ଅଷ୍ଟମ ଜନ୍ମଦିନ ପାଳିଥିଲେ। ତାଙ୍କୁ ବଞ୍ଚାଇବା ଲାଗି ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ହେଲେ ଏହି ମାରାତ୍ମକ ରୋଗ ତାଙ୍କ ଶରୀରକୁ ଅତ୍ୟନ୍ତ ଦୁର୍ବଳ କରିଦେଇଥିଲା। ଜୀବନ ବଞ୍ଚାଇବାକୁ ସେ ବେଶ୍ ସଂଘର୍ଷ କରି ଶେଷରେ ହାରି ଯାଇଛନ୍ତି। ଏନାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ନାଦେଜ୍ୟା କେଟାମେନ୍ କୁହନ୍ତି, ଏହି ଜଟିଳ ଜିନ୍‌ଗତ ରୋଗରେ ପୀଡ଼ିତ ଶିଶୁ ଅଧିକ ବୟସ୍କ ଜଣାପଡ଼ନ୍ତି। ପ୍ରୋଜେରିଆ ଆକ୍ରାନ୍ତ ଶିଶୁଙ୍କ ଗୋଟିଏ ବର୍ଷ ସାଧାରଣ ଶିଶୁଙ୍କ ୮ରୁ ୧୦ବର୍ଷ ସହ ସମାନ ବୋଲି କୁହାଯାଇପାରେ। ଏହି କାରଣରୁ ଏନା ୮୦ ବର୍ଷୀୟା ବୟସ୍କ ଭଳି ଦେଖାଯାଉଥିଲେ। ଏପରି ଜଟିଳ ବ୍ୟାଧିରେ ଆକ୍ରାନ୍ତ ଶିଶୁଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିଦିଏ। ଅସ୍ଥି ବିକାଶ ଅତ୍ୟନ୍ତ ଧିମା ହୋଇଯାଏ। ରୋଗୀ ଅନେକ ଥର ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ମୂର୍ଚ୍ଛା ମଧ୍ୟ ଚାଲିଯାଆନ୍ତି। ଏନା ମଧ୍ୟ ଏପରି ଅନେକ ଯନ୍ତ୍ରଣା ସହିଛନ୍ତି। ଶେଷରେ ଜୀବନ ଆଗରେ ମୃତ୍ୟୁ ଜିତିଗଲା। ଏନାଙ୍କୁ ମୃତ୍ୟୁ କୋଳାଇନେଲା ବୋଲି କହିଛନ୍ତି କେଟାମେନ୍। ଏନାଙ୍କ ଚିକିତ୍ସାରେ ସହାୟତା କରୁଥିବା ଫାଉଣ୍ଡେଶନ ଅଫ୍ ୟୁକ୍ରେନିୟାନ ଭଲ୍ୟୁଣ୍ଟିୟର୍ସର ପ୍ରମୁଖ ଟିମୋଫେ ନେଗୋର୍ନି କୁହନ୍ତି, ବଞ୍ଚିବା ଲାଗି ଏନାଙ୍କ ଅଦମ୍ୟ ଇଚ୍ଛା ଥିଲା। ଡାକ୍ତରଙ୍କ ଭବିଷ୍ୟବାଣୀ ଭୁଲ ପ୍ରମାଣିତ ହେବ। ଦିନେ ନା ଦିନେ ମୃତ୍ୟୁକୁ ଜିତିବେ ବୋଲି ସେ ଦୃଢ଼ୋକ୍ତି ବାଢୁଥିଲେ। ଏନା ଜନ୍ମରୁ ପ୍ରୋଜେରିଆରେ ପୀଡ଼ିତ ଥିଲେ। ହେଲେ ୩ବର୍ଷର ହେବା ପରେ ରୋଗ ଜଣାପଡ଼ିଥିଲା। ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ଅନ୍ୟପଟେ ନେଦରଲାଣ୍ଡର ଜଣେ ବିଶେଷଜ୍ଞ କୁହନ୍ତି, ପାଖାପାଖି ୨୦ କୋଟି ଶିଶୁଙ୍କ ଭିତରୁ ଜଣେ ପ୍ରୋଜେରିଆ ଭଳି ବିରଳ ବ୍ୟାଧିରେ ଆକ୍ରାନ୍ତ। ଏହି କ୍ରମରେ ସାରା ପୃଥିବୀରେ ୧୬୦ ଜଣ ଶିଶୁ ଏପରି ଜଟିଳ ରୋଗରେ ପୀଡ଼ିତ ଥିବା ଆକଳନ କରାଯାଇଛି।



# ମିଜାଜ୍ ଠିକ୍ କରେ ମ୍ୟୁଜିକାଲ୍ ଆଲମ୍

**ମେଲବୋର୍ନ:** ସକାଳୁ ଶୀଘ୍ର ଉଠିବା ପାଇଁ ଅନେକ ଲୋକ ସ୍ମାର୍ଟ ଫୋନ୍‌ରେ ଆଲମ ଲଗାଇ ଶୋଇଥାନ୍ତି। ତେବେ ଆଲମ ସାଉଣ୍ଡ ଲୋକଙ୍କ ମନରେ କି ପ୍ରଭାବ ପକାଇଥାଏ, ସେ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ନୂତନ ତଥ୍ୟ ପଦାକୁ ଆସିଛି। ରିପୋର୍ଟ ମୁତାବକ, ରାତିରେ ଯେତେ ଶୀଘ୍ର ଶୋଇଲେ ବି ସକାଳୁ ଶୀଘ୍ର ଉଠିବା ଅଧିକାଂଶଙ୍କ ପାଇଁ କଷ୍ଟକର ହୋଇଥାଏ। ରାତିରେ ଭଲ ନିଦ ହୋଇଥିଲେ ସୁଦ୍ଧା ସକାଳୁ ଉଠିବା ପରେ ଆଳସ୍ୟ ଓ ନିଦୁଆ ଲାଗିଥାଏ। ଏପରିକି ଦିନ ତମାମ ଥକାପଣ ଲାଗି ରହିଥାଏ। କିନ୍ତୁ ଏହି ସମସ୍ୟାର ସମାଧାନ କରିପାରିବ ମ୍ୟୁଜିକାଲ୍ ଆଲମ। ସକାଳୁ ଶୀଘ୍ର ଉଠିବା ପାଇଁ ମ୍ୟୁଜିକାଲ୍ ଆଲମ ଲଗାଇ ଶୋଇଲେ, ଏହାଦ୍ୱାରା ନିଦ ଭଲରେ ଭାଙ୍ଗିବା ସହ ଦିନଟି ଖୁବ୍ ଭଲରେ କଟିଥାଏ ଏବଂ ମନ ବି ଭଲ ରହିଥାଏ। ଅଷ୍ଟ୍ରେଲିଆର ଆର୍‌ଏମ୍‌ଆଇଟି ପ୍ରଫେସରଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ସକାଳୁ ଯେଉଁ ମ୍ୟୁଜିକ୍ ଶୁଣି ଲୋକମାନେ ଉଠିଥାନ୍ତି, ତାହା ହିଁ ଦିନସାରାର ମିଜାଜ କିପରି ରହିବ ସୂଚାଇଥାଏ। ପ୍ଲୋସ୍ ୱାନ୍ ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ମୁତାବକ, ମ୍ୟୁଜିକାଲ ଆଲମ ଶୁଣି ସକାଳୁ ଉଠୁଥିବା ଲୋକମାନେ ଅନ୍ୟମାନଙ୍କ ତୁଳନାରେ ଦିନସାରା ଅଧିକ ଆଲର୍ଟ ରହିଥାନ୍ତି। ଆର୍‌ଏମ୍‌ଆଇଟିର ଆସୋସିଏଟ ପ୍ରଫେସର ଅଡରିଏନୀ ଡାୟର କୁହନ୍ତି, ବିପ୍ ବିପ୍ ସାଉଣ୍ଡ ବା ଉଚ୍ଚ ଶବ୍ଦଯୁକ୍ତ ଆଲମ ମ୍ୟୁଜିକ୍ ମସ୍ତିଷ୍କକୁ ବିଭ୍ରାନ୍ତ କରୁଥିବା ବେଳେ ମଧୁର ଶବ୍ଦ ମନକୁ ଗୁଡ୍ ଭାଇବସ୍ ଦେଇଥାଏ।

# ପାହାଡ଼ ଉପରେ ଗଡ଼ିବ ଟ୍ରେନ୍

**ଉତ୍ତରାଖଣ୍ଡ:** ପାହାଡ଼ ଉପରେ ନ୍ୟାରୋ ଗେଜ୍ ହେଉ କି ମିଟର ଗେଜ୍, ପ୍ରଥମ ଥର ପାଇଁ ଟ୍ରେନ୍ ଗଡ଼ିବ। ଘଣ୍ଟାପ୍ରତି ଏହା ୧୦୦ କିଲୋମିଟର ବେଗରେ ଗତିକରିବ। ପ୍ରଥମେ ବ୍ରଡ୍ ଗଜ୍ ରେଲ୍‌ୱେ ଟ୍ରାକ୍ ୬୩ କିଲୋମିଟର ଲମ୍ବ ପଞ୍ଜାବର ଭାନୁପଲ୍ଲୀରୁ ହିମାଚଳର ବିଳାସପୁର ପର୍ଯ୍ୟନ୍ତ ଏହା ଚଳାଚଳ କରିବ। ଦ୍ୱିତୀୟରେ ୧୨୫ କିଲୋମିଟର ଲମ୍ବ ଉତ୍ତରାଖଣ୍ଡର ଋଷିକେଶରୁ କର୍ଣ୍ଣପ୍ରୟାଗ ପର୍ଯ୍ୟନ୍ତ ଚାଲିବ। ଏହି ଦୁଇ ଟ୍ରାକ୍‌ରେ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଉତ୍ତରାଖଣ୍ଡ ଟ୍ରାକ୍‌କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୫ରେ ହିମାଚଳ ଟ୍ରାକ୍ କାର୍ଯ୍ୟ ସରିବ। ଏହି ଦୁଇ ଟ୍ରାକ୍‌ରେ ରେଳ ଗଡ଼ିବା ସାମରିକ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏହା ନିର୍ମାଣ ହେବା ଦ୍ୱାରା ସୀମାଞ୍ଚଳରେ ପହଞ୍ଚିବା ସହଜ ହେବ। ବିଳାସପୁର-ଭାନୁପଲ୍ଲୀ ରେଲ୍‌ୱେ ଟ୍ରାକ୍ ଭବିଷ୍ୟତରେ ଲେହ ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁଥିପାଇଁ ଭୌଗୋଳିକ ସର୍ଭେ ଆରମ୍ଭ ହୋଇସାରିଛି। ଏହି ଟ୍ରାକ୍‌ରେ ଉତ୍ତରାଖଣ୍ଡର ଚମୋଲି ଦେଇ ଚାଇନା-ତିବ୍ବତ ସୀମା ପର୍ଯ୍ୟନ୍ତ ମଧ୍ୟ ସେନାମାନେ ପହଞ୍ଚିପାରିବେ। ଋଷିକେଶ-କର୍ଣ୍ଣପ୍ରୟାଗ ରେଲ୍‌ୱେ ଟ୍ରାକ୍‌କୁ ଧାର୍ମିକ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି। ଏହି ଟ୍ରାକ୍ ଦେଇ ୪ ଧାମକୁ ଯାତ୍ରୀମାନେ ସହଜରେ ଯାତାୟାତ କରିପାରିବେ। ଦୁଇଟି ଯାକ ଟ୍ରାକ୍‌ରେ ଲମ୍ବା ସୁଡ଼ଙ୍ଗ ରହିଛି। ଏହା ମଧ୍ୟ ଦେଇ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ କୌଣସି ଦର୍ଶନୀୟ ସ୍ଥାନଠାରୁ ମଧ୍ୟ କମ୍ ଅନୁଭବ ହେବନି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନ୍ ଟ୍ରାକ୍‌ର ଘୋଷଣା କରିଥିଲେ। ୨୦୧୫ରେ ଏହା ରେଳ ବିଭାଗକୁ ପଠାଯାଇଥିଲା। ମାର୍ଚ୍ଚ ୨୦୨୦ରେ ଏହି ଟ୍ରାକ୍‌ର ଲୋକାର୍ପଣ କରାଯିବାକୁ ଲକ୍ଷ୍ୟ ରହିଛି। ରେଳ ବିକାଶ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗୀନ୍ଦର ସିଂହ କୁହନ୍ତି, ଏହି ଟ୍ରାକ୍ କାମ ଖୁବ୍ ତୀବ୍ର ବେଗରେ ଚାଲିଛି। ଏଥିରେ ୭ଟି ଟର୍ନେଲ ଥିବା ବେଳେ ୫ଟିରେ କାମ ଆରମ୍ଭ ହୋଇସାରିଛି। ଦୁଇଟି ଯାକ ଟ୍ରାକ୍‌ର କାର୍ଯ୍ୟ ସମୟସୀମା ୨୦୨୫ ପର୍ଯ୍ୟନ୍ତ ରହିଛି।



# ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ଅର୍ଜୁନ



**ମୁମ୍ବାଇ:** ନିର୍ଦ୍ଦେଶକ ତଥା ଅଭିନେତା ବୋନି କପୁର ଜଣେ ବାପା ହିସାବରେ ସବୁ ସନ୍ତାନଙ୍କୁ ସ୍ନେହ ଆଦର କରିଥାନ୍ତି ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ତଥାପି ୪ ପିଲାଙ୍କ ମଧ୍ୟରୁ ସେ ଖୁସିଙ୍କୁ ବହୁତ ଭଲପାଆନ୍ତି ବୋଲି କହିଛନ୍ତି। ଖୁସି ତାଙ୍କ ଆଖିର ତାରା ହୋଇଥିବା ବେଳେ ଅର୍ଜୁନ ତାଙ୍କ ହୃଦୟ। ଏବେ ଖୁସି ବିଦେଶରେ ରହି ପାଠ ପଢୁଥିବାରୁ ତାକୁ ବହୁତ ମିସ୍ କରନ୍ତି। ତାଙ୍କ ହୃଦୟରେ ଖୁସି ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ମୋ' ପିଲାମାନଙ୍କ ପ୍ରତି ଥିବା ଭଲପାଇବାକୁ କେବେ ବି ମାପି ହେବ ନାହିଁ। କାରଣ ସେମାନଙ୍କ ପ୍ରତି ସ୍ନେହ ଆଦର ସ୍ୱାଭାବିକ। ମୁଁ ସେମାନଙ୍କ ବାପା। ଜଣେ ବାପା ହିସାବରେ କ'ଣ ପିଲାଙ୍କୁ କହିବାକୁ ପଡ଼ିବ କି ମୁଁ କେତେ ଭଲ ପାଏ ବୋଲି। ତେଣୁ ମୋ' ପାଇଁ ସବୁ ପିଲା ସମାନ ବୋଲି ବୋନି କହିଛନ୍ତି। ନିଜେ ଜଣେ ଅଭିନେତା ହୋଇ ପୁଅ ଅର୍ଜୁନଙ୍କୁ କାହିଁକି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଉ ନ ଥିଲେ ବୋଲି ପ୍ରଶ୍ନର ଉତ୍ତରରେ ବୋନି କୁହନ୍ତି, ମୋ' ପୁଅ ଚାହୁଁଥିଲା ଫିଲ୍ମ ନିର୍ଦ୍ଦେଶକ ହେବ। ତେଣୁ ଅଭିନୟ କରୁ ବୋଲି ମୋ'ର ଇଚ୍ଛା ନ ଥିଲା। ହଠାତ୍ ସଲ୍‌ମାନଙ୍କ ସହ ଦିନେ କଥା ହେବାରୁ ସଲମାନ ମୋତେ କହିଥିଲେ ଅର୍ଜୁନଙ୍କୁ ଫିଲ୍ମକୁ ଆସିବା ସୁଯୋଗ ଦିଅନ୍ତୁ। ତାଙ୍କଠାରେ ସମସ୍ତ ପ୍ରତିଭା ରହିଛି। ସଲ୍‌ମାନ ଅର୍ଜୁନଙ୍କୁ ଫିଲ୍ମକୁ ଆଣିଥିଲେ। ବୋନି ଆହୁରି ମଧ୍ୟ କହିଛନ୍ତି, ସଲମାନଙ୍କ ସହ ତାଙ୍କର ବହୁ ଭଲ ସମ୍ପର୍କ। ତାଙ୍କଠାରେ ସେ ଚିର ଋଣୀ।

# ପୂଜାଙ୍କ ସହ ରୋମାନ୍ସ କରିବେ ସଲମାନ

**ମୁମ୍ବାଇ:** ବଲିଉଡ୍‌ର ଭାଇଜାନ ସଲମାନ ଖାନ ଦର୍ଶକଙ୍କୁ ପୁଣି ଏକ ନୂଆ ଫିଲ୍ମ ଭେଟି ଦେବାକୁ ଯାଉଛନ୍ତି। ନିଜ ଆଗାମୀ ସିନେମା 'କଭୀ ଇଦ କଭୀ ଦିୱାଲି'ର ଶୁଟିଂ ଆରମ୍ଭ କରିଛନ୍ତି ସଲ୍ଲୁ। ଏହି ଫିଲ୍ମକୁ ନେଇ ସଲମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ଏହି ସିନେମାରେ ଫିମେଲ ଲିଡ୍‌ରେ କିଏ ଅଭିନୟ କରିବେ ତାକୁ ନେଇ ପ୍ରଶ୍ନ ଥିଲା। ଏହି ସିନେମାର ପ୍ରଯୋଜନା ଦାୟିତ୍ୱ ସହ ସ୍କ୍ରିପ୍ଟ ଲେଖୁଥିବା ସାଜିଦ ନାଡିଆୱାଲା ଏହା ଉପରୁ ପରଦା ଉଠାଇଛନ୍ତି। 'ମହୋଞ୍ଜୋଦାର' ସିନେମାରେ ବଲିଉଡରେ ଡେବ୍ୟୁ କରିଥିବା ଅଭିନେତ୍ରୀ ପୂଜା ହେଗଡେ ପ୍ରଥମ ଥର ଲାଗି ସଲମାନଙ୍କ ସହ ନଜର ଆସିବାକୁ ଯାଉଛନ୍ତି। ସାଜିଦ କହିଛନ୍ତି ଯେ 'ହାଉସଫୁଲ ୪'ରେ ପୂଜାଙ୍କ ସହିତ କାମ କରିବା ପରେ 'କଭୀ ଇଦ କଭୀ ଦିୱାଲି' ସିନେମା ପାଇଁ ସେ ପୂରାପୂରି ପରଫେକ୍ଟ ବୋଲି ସେ କହିଛନ୍ତି। ଏହା ଏକ ଫ୍ୟାମିଲି ଡ୍ରାମା ସିନେମା ହେବ ବୋଲି କୁହାଯାଉଛି। ୨୦୨୧, ଇଦ ଅବସରରେ ଏହି 'କଭୀ ଇଦ କଭୀ ଦିୱାଲି' ସିନେମା ରିଲିଜ ହେବ।



# ସୁସ୍ଥ ଭାରତ ଲାଗି କଲେଜ ଛାତ୍ରୀଙ୍କ ବଜ୍ର ଶପଥ

**ନୂଆଦିଲ୍ଲୀ:** ଫେବୃୟାରୀ ୧୪, ଏହି ଦିନକୁ ମାତୃପିତୃ ପୂଜନ ଦିବସ, ପ୍ରେମୀ ଯୁଗଳମାନେ ଭାଲେଣ୍ଟାଇନ୍ସ ଡେ ରୂପେ ପାଳନ କରିଥାନ୍ତି। ସେହିପରି ୨୦୧୯ରେ ଏହି ଦିନରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଚଳିତବର୍ଷ ଅନେକେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶହୀଦ ଦିବସ ମଧ୍ୟ ପାଳନ କରିଥିଲେ। ହେଲେ ଚଳିତବର୍ଷ ମହାରାଷ୍ଟ୍ରର ଏକ କଲେଜରେ ଦେଖିବାକୁ ମିଳିଥିଲା ଏକ ଅଜବ ଘଟଣା। ଅମରାବତୀସ୍ଥିତ ଏକ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କଠାରୁ ଭାଲେଣ୍ଟାଇନ୍ସ ଡେ ଅବସରରେ ନିଆଯାଇଥିଲା ଭିନ୍ନ ପ୍ରକାର ଶପଥ। କଲେଜ କର୍ତ୍ତୃପକ୍ଷ ପ୍ରେମ ବିବାହ ବିରୋଧରେ ଶପଥ ନେବାକୁ କହିଥିଲେ। 'ମୁଁ ଶପଥ କରୁଛି, ମୋ ମାତାପିତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି, ତେଣୁ ମୁଁ ପ୍ରେମରେ ଫସିବିନି ଏବଂ ପ୍ରେମ ବିବାହ କରିବିନାହିଁ' ଛାତ୍ରୀମାନେ ମରାଠି ଭାଷାରେ ଏପରି ଶପଥ ନେଇଥିଲେ। ଏଥିସହ ଯୌତୁକ ମାଗୁଥିବା ପୁଅକୁ ବିବାହ କରିବି ନାହିଁ। ଯଦି ସମାଜକୁ ଦେଖି ମା'ବାପା ବିବାହ କରାନ୍ତି, ମା' ହିସାବରେ ଭବିଷ୍ୟତରେ ପୁଅର ବିବାହ ସମୟରେ ଯୌତୁକ ମାଗିବି ନାହିଁ କି ଝିଅର ବିବାହ ସମୟରେ ଦେବିନାହିଁ। 'ମଜ୍‌ଭୁତ ଓ ସୁସ୍ଥ ଭାରତ' ପାଇଁ ମୁଁ ଏପରି ଶପଥ ନେଉଛି ବୋଲି ଛାତ୍ରୀମାନେ ଶପଥପାଠ କରିଥିଲେ। କଲେଜର ଏନ୍‌ଏସ୍‌ଏସ୍ ଶିବିରରେ ଏପରି ଶପଥପାଠ କରାଯାଇଥିଲା। ପ୍ରଫେସର୍‌ମାନଙ୍କ ଉପସ୍ଥିତିରେ ଏପରି ଶପଥ ନିଆଯାଉଥିବାବେଳେ ଏହାର ଭିଡିଓ ଏବେ ଭାଇରାଲ୍ ହୋଇଛି। ଫଳରେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମହାରାଷ୍ଟ୍ରର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଯଶୋମତି ଠାକୁର କହିଛନ୍ତି, ସମସ୍ତ ଛାତ୍ରୀଙ୍କୁ ଏପରି ଶପଥ ନେବା ଉଚିତ ଯେପରି କୌଣସି ପୁଅଙ୍କ ଘନିଷ୍ଠତା ରହିବନି। ଏଥିସହ ୱର୍ଦ୍ଧା ଭଳି ଘଟଣା ବିଷୟରେ ଛାତ୍ରୀଙ୍କୁ ସଚେତନ କରିବା ଜରୁରୀ। ତେବେ ପୂର୍ବତନ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପଙ୍କଜା ମୁଣ୍ଡେ ଟୁଇଟ୍ କରିଥିଲେ ଯେ, ଏପରି ଶପଥ କେବଳ ଛାତ୍ରୀଙ୍କ ପାଇଁ କାହିଁକି। ଅନ୍ୟପକ୍ଷରେ କଲେଜ୍ ପକ୍ଷରୁ କୁହାଯାଇଛି, ସମାଜରେ ମହିଳାଙ୍କ ବିରୋଧରେ ଅପରାଧ ବଢୁଥିବାବେଳେ ଛାତ୍ରୀମାନଙ୍କୁ ସଚେତନ କରିବା ଜରୁରୀ। ଶିବିରରେ ଛାତ୍ରୀଙ୍କ ସହ ଆଲୋଚନା ସମୟରେ ଏଭଳି ଅପରାଧକୁ ସମାପ୍ତ କରିବାକୁ ଏପରି ଏକ ବିଚାର ଆସିଥିଲା। ତେବେ ଶପଥପାଠ ଛାତ୍ରୀଙ୍କ ପାଇଁ ଇଚ୍ଛାଧୀନ ଥିଲା, ବାଧ୍ୟତାମୂଳକ ନୁହେଁ।

## ଭିଡିଓ ଭାଇରାଲ୍



## ସଂକ୍ଷେପରେ

### ଆଜି କ୍ୟାବିନେଟ୍

**ଭୁବନେଶ୍ୱର,୧୬।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ବୈଠକ ବସିବ। ପୂର୍ବାହ୍ନ ୯ଟା ୪୫ରେ ଲୋକସେବା ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ବିଧାନସଭାର ବଜେଟ୍ ଅଧିବେଶନ ଜାରି ରହିଥିବାରୁ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ କୌଣସି ବିବୃତି ଦିଆଯିବ ନାହିଁ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ପୂର୍ତ୍ତ ବିଭାଗ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ବନ୍ଧୀୟ ପ୍ରସ୍ତାବକୁ ମୋହର ବାଜିପାରେ। ସେହିପରି ଗୃହ, ଉଚ୍ଚଶିକ୍ଷା ବିଭାଗ ସମ୍ବନ୍ଧୀୟ ଏକାଧିକ ପ୍ରସ୍ତାବ କ୍ୟାବିନେଟ୍‌ରେ ଆଗତ ହେବ ବୋଲି ଜଣାପଡିଛି। ଜରୁରୀ ଭାବେ ଡକାଯାଇଥିବା ଏହି ବୈଠକ ସମ୍ପର୍କରେ ସମସ୍ତ ମନ୍ତ୍ରୀଙ୍କ ଆବାସିକ ଦପ୍ତର ଏବଂ କାର୍ଯ୍ୟାଳୟକୁ ଅବଗତ କରାଯାଇଛି।

### ତେଲଙ୍ଗାନାରୁ ଉଦ୍ଧାର ହେଲେ ଓଡ଼ିଆ ଶ୍ରମିକ
#### ‘ଓଡ଼ିଶା ମୋ ପରିବାର’ କଲା ହସ୍ତକ୍ଷେପ

**ଭୁବନେଶ୍ୱର,୧୬।୨(ବ୍ୟୁରୋ):** ‘ଓଡ଼ିଶା ମୋ ପରିବାର’ର ହସ୍ତକ୍ଷେପ ପରେ ତେଲଙ୍ଗାନାର ଇଟାଭାଟିରେ କାମ କରୁଥିବା ବଲାଙ୍ଗୀର/ସୋନପୁର ଜିଲାର ୧୬ ଶ୍ରମିକ ଏବଂ ସେମାନଙ୍କ ୫ ପିଲାଙ୍କୁ ଉଦ୍ଧାର କରାଯାଇଛି। ଏହି ଶ୍ରମିକମାନେ ତେଲଙ୍ଗାନାର ପେଡ୍ଡାପଲ୍ଲୀ ଜିଲା ବେଗମ୍‌ପେଟ ଗାଁରେ ଥିବା କାଟେ ପ୍ରଭାକର ନାମକ ଜଣେ ବ୍ୟକ୍ତିଙ୍କ ଇଟାଭାଟିରେ କାମ କରୁଥିଲେ। ଏଠାରେ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ଦିଆଯିବା ସହ ଦୁଇ ମାସ ହେଲା ପାଉଣା ମିଳୁ ନ ଥିଲା। ଏପରିକି ସେମାନଙ୍କ କୁନି କୁନି ପିଲାଙ୍କୁ ଜବରଦସ୍ତ କାମରେ ଲଗାଯାଉଥିଲା। ଏଭଳି ଘଟଣା ହେଲ୍ପଲାଇନ ମାଧ୍ୟମରେ ‘ଓଡ଼ିଶା ମୋ ପରିବାର’ର ସଂଯୋଜକ ଅରୂପ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆସିଥିଲା। ଏହା ପରେ ଅରୂପ ଆନ୍ଧ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏସ୍.ଏ. ହୁଡ୍ଡାଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହିତ ଅରୂପ ଜିଲାପାଳ ଏବଂ ଓଡ଼ିଶାର ଶ୍ରମ କମିଶନରଙ୍କୁ ଏ ଘଟଣାରେ ପଦକ୍ଷେପ ନେବାକୁ ମଧ କହିଥିଲେ। ଏହାପରେ ତେଲଙ୍ଗାନାର ଏହି ଇଟାଭାଟି ଉପରେ ବେଗମ୍‌ପେଟର ଏସ୍‌ପି ସଦଳବଳ ଚଢ଼ାଉ କରିବା ସହିତ ଛୋଟ ଛୋଟ ପିଲାଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲେ। ରବିବାର ଶ୍ରମ ଇନ୍ସପେକ୍ଟର ସ୍ଥାନୀୟ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ସେହିପରି ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କୁ ସେମାନଙ୍କ ସମସ୍ୟା ଓ ବାକିଆ ପାଉଣା ସଂକ୍ରାନ୍ତରେ ଟିକିନିଖି ପଚରାଉଚରା କରାଯାଉଛି।

# ୨୦ ପରୀକ୍ଷା କେନ୍ଦ୍ର ବଦଳାଇବାକୁ ନିଷ୍ପତ୍ତି
## ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ଚୟନରେ ଅନିୟମିତତା ପ୍ରସଙ୍ଗ

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

■ ପୂର୍ବରୁ କପି ହୋଇ ଧରାପଡ଼ିଥିବା କଲେଜରେ ହେବନାହିଁ ପରୀକ୍ଷା କେନ୍ଦ୍ର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି ହୋଇଥିବା ନେଇ ଗତ ୭ତାରିଖରେ ଅନୁଷ୍ଠିତ ପରୀକ୍ଷା ପରିଚାଳନା କମିଟି ବୈଠକରେ ୬ଜଣ ସଦସ୍ୟ ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ନାନା ବାଦ ବିବାଦ ଦେଖାଯିବା ପରେ ରବିବାର ପୂର୍ବରୁ ଚୂଡାନ୍ତ ହୋଇସାରିଥିବା ପରୀକ୍ଷା କେନ୍ଦ୍ର ତାଲିକାରେ ପରିବର୍ତ୍ତନ କରାଯାଇଛି। ରାଜ୍ୟର ଚୟନ ହୋଇଥିବା ୧୧୪୨ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୨୦ କେନ୍ଦ୍ର ବଦଳାଯିବାକୁ ନିଷ୍ପତ୍ତି ହୋଇଥିବା ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ସୂଚନା ଦେଇଛନ୍ତି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ବସିଥିବା ପରୀକ୍ଷା ପରିଚାଳନା କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହାସହ ପୂର୍ବରୁ କପି ହୋଇଥିବା କଲେଜରେ ଯେପରି ପରୀକ୍ଷା କେନ୍ଦ୍ର ନ ହେବ ସେନେଇ ମଧ ଗୁରୁତ୍ୱ ଦିଆଯାଇଛି।

କମିଟି ସଦସ୍ୟ ତଥା ବିଜେଡି ବିଧାୟକ କିଶୋର ମହାନ୍ତି କହିଛନ୍ତି ଯେ, ଯେଉଁ ପରୀକ୍ଷା କେନ୍ଦ୍ର ଚୟନ କରାଯାଇଥିଲା ସେଥିରୁ ୨୦ଟି ବଦଳାଇବାକୁ ସ୍ଥିର ହୋଇଛି। ବହୁତ ଆବାସିକ ମହାବିଦ୍ୟାଳୟକୁ ଏଥର ପରୀକ୍ଷା କେନ୍ଦ୍ର ତାଲିକାରେ ରଖାଯାଇଥିଲା। ଅପରପକ୍ଷରେ ଅନେକ ସରକାରୀ ଏବଂ ଭଲ କଲେଜକୁ ଜାଣିଶୁଣି ବାଦ୍ ଦିଆଯାଇଥିଲା। ଏନେଇ ଆପତ୍ତି ଉଠାଇବା ପରେ ଏଥିରେ ସଂଶୋଧନ କରିବା ପାଇଁ ସ୍ଥିର ହୋଇଛି ଏବଂ ତାଲିକା ମଧ୍ୟ ପ୍ରସ୍ତୁତ ହୋଇସାରିଛି। କପି ହେଉଥିବା କେନ୍ଦ୍ରରେ ଯେପରି ପରୀକ୍ଷା ନ ହେବ ଏବଂ ପିଲାମାନେ ଭଲରେ ପରୀକ୍ଷା ଦେଇପାରିବେ ତା’ ଉପରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ମହାନ୍ତି କହିଛନ୍ତି।

ଗତ ବୈଠକରେ କମିଟି ସଦସ୍ୟ ଅଭିଯୋଗ କରିଥିଲେ ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କିଛି ଅସାଧୁ କର୍ମଚାରୀ ଟଙ୍କା ଖାଇ ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି କରିଛନ୍ତି। ପରୀକ୍ଷା ପରିଚାଳନା କମିଟି ଯେଉଁ ପରୀକ୍ଷା କେନ୍ଦ୍ର ତାଲିକା ପ୍ରସ୍ତୁତ କରିଥିଲା ତାହା ପରିବର୍ତ୍ତନ କରାଯାଇ ଆଉ ଏକ ନୂଆ ତାଲିକା ପ୍ରକାଶ କରାଯାଇଥିଲା। ଯେଉଁ କଲେଜଗୁଡିକରେ ପୂର୍ବବର୍ଷ କପି ହୋଇନାହିଁ କିମ୍ବା ପରୀକ୍ଷା କେନ୍ଦ୍ରକୁ ବାତିଲ କରାଯାଇନାହିଁ ସେଠାରେ ଏଥର ପରୀକ୍ଷା କେନ୍ଦ୍ର କରିବା ଲାଗି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର କମିଟି ପ୍ରସ୍ତାବକୁ ବେଖାତିର କରି ମନଇଚ୍ଛା ପୁରୁଣା ତାଲିକାକୁ ବଦଳାଇ ଦେବା ସହିତ ନୂଆ ପରୀକ୍ଷା କେନ୍ଦ୍ର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏପରିକି କମିଟି ସଦସ୍ୟଙ୍କୁ ମଧ ଜଣାଇ ଦିଆଯାଇ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ତେଣୁ ଏହାକୁ ବିରୋଧ କରି ୪ ଅଧ୍ୟାପକଙ୍କ ସହ ଦୁଇ ବିଧାୟକ ବୈଠକ ଅଧାରୁ ଉଠିଆସିଥିଲେ। ପ୍ରକାଶ ଯେ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା କମିଟିର ୧୦ଜଣ ସଦସ୍ୟ ମଧ୍ୟରୁ ଦୁଇଜଣ ବିଧାୟକ, ୪ଜଣ କଲେଜ ଅଧ୍ୟାପକ ଏବଂ ୪ଜଣ ସରକାରୀ ଅଧିକାରୀ ଅଛନ୍ତି।

# ବିଳମ୍ବରେ ବହି ମିଳିବା ଘଟଣାର ତଦନ୍ତ ହେବ: ମନ୍ତ୍ରୀ

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ମାଟ୍ରିକ ପରୀକ୍ଷାର କିଛିଦିନ ପୂର୍ବରୁ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବହି ମିଳିବା ଘଟଣାର ତଦନ୍ତ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର କହିଛନ୍ତି। ସେ କହିଛନ୍ତି ଯେ, ବହି ଦେବାରେ କାହିଁକି ବିଳମ୍ବ ହେଲା, ତାହାର ତଦନ୍ତ ହେବ। ଯେଉଁମାନେ ଦାୟୀ ରହିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ତଫସିଲଭୁକ୍ତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା। ସେ କହିଛନ୍ତି, ଯଦି ଏହି ଘଟଣା ସତ ହୋଇଥିବ ତେବେ ତାହା ଆଦୌ ଠିକ୍ ନୁହେଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଏବଂ ନବମ ଓ ଦଶମ ଶ୍ରେଣୀର କେବଳ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ପୁସ୍ତକ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚଳିତ ଶିକ୍ଷାବର୍ଷରେ ପାଠ ପଢ଼ିବାକୁ ବହି ଦେଇ ନ ଥିଲେ। ବିନା ବହିରେ ବର୍ଷ ସାରା ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଇଥିଲା। ପରୀକ୍ଷାର ଠିକ୍ ପୂର୍ବରୁ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ଶନିବାର ବହି ଦିଆଯାଇଥିଲା। କଟକ ରେଭେନ୍‌ଶା କଲେଜିଏଟ ସ୍କୁଲରେ ବହି ପାଇଁ ପ୍ରବଳ ଭିଡ଼ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ। ଏଥର ୫ ଲକ୍ଷ ୬୦ ହଜାର ୮୯୧ ଜଣ ଛାତ୍ରୀଛାତ୍ର ୨,୮୮୮ କେନ୍ଦ୍ରରେ ପରୀକ୍ଷା ଦେବେ।

# ଆକାଶମାର୍ଗରୁ ଫଟୋ ଛାଡ଼ି ନାଁ ପଚାରିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

ବିସ୍ତୀର୍ଣ୍ଣ ସବୁଜିମା। ଏହା ମଧ୍ୟରେ ଦୀର୍ଘ ସଡ଼କ। ଆକାଶ ମାର୍ଗରୁ ଉଠାଯାଇଥିଲା ଏକ ଆଖି ଝଲସି ଯାଉଥିବା ଫଟୋ। ଏପରି ଏକ ଫଟୋକୁ ରବିବାର ଅପଲୋଡ୍ କରାଯାଇଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟର ଆକାଉଣ୍ଟରୁ। ସବୁଥର ପରି ସେହି ଫଟୋଟି କେଉଁ ସ୍ଥାନର ବୋଲି ପଚରା ଯାଇଥିଲା। ଆକାଶ ମାର୍ଗରୁ ଉଠାଯାଇଥିବା ଫଟୋଟିକୁ ଦେଖି ସ୍ଥାନ ନିରୂପଣ ପୂର୍ବପେକ୍ଷା କଷ୍ଟକର ଥିଲା। ତେବେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଥିଲା ଯେତେବେଳେ ମୁଖ୍ୟମନ୍ତ୍ରୀ ରବିବାର ସନ୍ଧ୍ୟା ୬ଟାରେ ସ୍ଥାନର ନାମ ପ୍ରକାଶ କରିଥିଲେ। ଟୁଇଟ୍ କରାଯାଇଥିବା ଫଟୋଟି ଗଜପତି ଜିଲାର ମୁନ୍‌ସିଂଠାରୁ ସେରଙ୍ଗା ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଫଟୋ ଚିହ୍ନିବାକୁ ଚେଷ୍ଟା କରିଥିବା ସମସ୍ତ ଟୁଇଟର ବ୍ୟବହାରକାରୀଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।



# ବକେୟା ଦରମା, ମହଙ୍ଗା ଭତ୍ତାକୁ ନେଇ ଅସନ୍ତୋଷ
## ଆଜି ଆଲୋଚନା କରିପାରନ୍ତି ସରକାର

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

କେନ୍ଦ୍ର ସରକାର ୧୬ ଜାନୁୟାରୀରୁ ସରକାରୀ କର୍ମଚାରୀଙ୍କ ପାଇଁ ୭ମ ବେତନ କମିଶନ ଲାଗୁ କରିସାରିଛନ୍ତି। ପରେ ଓଡ଼ିଶା ସରକାର ସେପ୍ଟେମ୍ବର ୨୦୧୭ରେ ଏହା ଘୋଷଣା କରିଥିଲେ ଏବଂ ଏହାକୁ ପିଛିଲା ଭାବେ ୧ ଜାନୁୟାରୀ ୨୦୧୬ରୁ ଲାଗୁ କରାଯିବା ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟ ସରକାର ୨୦୧୬ ଜାନୁୟାରୀରୁ ୨୦୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ କର୍ମଚାରୀଙ୍କୁ ମାତ୍ର ୪୦ ପ୍ରତିଶତ ବକେୟା ଦରମା(ଏରିଅର) ପ୍ରଦାନ କରିଥିଲେ। ନିକଟରେ ଗତ ଗୁରୁବାର ରାଜ୍ୟ ସରକାର ବାକିଥିବା ୬୦ପ୍ରତିଶତ ବକେୟା ଦରମାରୁ ୧୦ପ୍ରତିଶତ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଦୀର୍ଘଦିନ ପରେ ମାତ୍ର ୧୦ପ୍ରତିଶତ ଦେବା ଘଟଣାକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ୫ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ନେଇ ଘୋଷଣା କଲେ ମାତ୍ର ଅସନ୍ତୋଷ ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। କାରଣ ରାଜ୍ୟ ସରକାର ଘୋଷଣା କରିଥିବା ୫ ପ୍ରତିଶତ ମହଙ୍ଗା ଭତ୍ତା ଚଳିତ ବର୍ଷ ଜାନୁୟାରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ ବୋଲି ସରକାର ଘୋଷଣା କରିଛନ୍ତି।

ଅପରପକ୍ଷରେ ୨୦୧୯ ଜୁଲାଇରୁ କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ଏହି ୫% ମହଙ୍ଗା ଭତ୍ତା ପାଇ ଆସୁଛନ୍ତି। ତେବେ ରାଜ୍ୟ ସରକାର ଏବେ ଯେଉଁ ଘୋଷଣା କରିଛନ୍ତି ସେଥିରେ ୨୦୧୯ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ୫ ପ୍ରତିଶତ ମହଙ୍ଗା ଭତ୍ତା ମିଳିବା/ବୃଦ୍ଧି ନେଇ କୌଣସି ସ୍ୱଷ୍ଟ ସୂଚନା ଦେଇ ନାହାନ୍ତି। ଯାହାକୁ ନେଇ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହା ଫଳରେ ଗୁରୁବାରରୁ ଦାନା ବାନ୍ଧୁଥିବା ଅସନ୍ତୋଷ ଶନିବାର ଅପରାହ୍ନରେ ସଚିବାଳୟରେ ଦେଖିବାକୁ ମିଳିଥିଲା। ଲୋକସେବା ଭବନ, ଖାରବେଳ ଭବନରେ କାର୍ଯ୍ୟରତ ସଂଖ୍ୟାଧିକ କର୍ମଚାରୀ ସରକାରଙ୍କ ଏଭଳି ନୀତିକୁ ସମାଲୋଚନା କରିଥିଲେ। ତେଣୁ ଏହି ନିଷ୍ପତ୍ତିର ପୁନର୍ବିଚାର ନ କଲେ ଆନ୍ଦୋଳନ ଏକମାତ୍ର ପନ୍ଥା ବୋଲି କର୍ମଚାରୀ ମହଲରେ ପ୍ରକାଶ ପାଇଛି। ତେଣୁ ଏହି ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସୋମବାର ଏ ବାବଦରେ କର୍ମଚାରୀ ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଅଥବା ମୁଖ୍ୟ ସଚିବ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ମାସ ୧୯ରେ ଏ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ ବୋଲି ଏହାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କୁ ଡକ୍ଟରେଟ୍ ଉପାଧି

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**




ପଞ୍ଜାବର ମଣ୍ଡି ଗୋବିନ୍ଦଗଡ଼ସ୍ଥିତ ଦେଶ୍ ଭଗତ ବିଶ୍ୱବିଦ୍ୟାଳୟର ୭ମ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱଭୂଷଣଙ୍କୁ ଦେଶସେବାରେ ତାଙ୍କ ସହଭାଗିତା, ଜାତି ପ୍ରତି ଅତୁଳନୀୟ ଅବଦାନ ଏବଂ ସାଂସ୍କୃତିକ ଓ ସାହିତ୍ୟ ଆଦି କ୍ଷେତ୍ରରେ ସଫଳତା ପାଇଁ ଡକ୍ଟରେଟ୍ ଉପାଧିରେ ଭୂଷିତ କରାଯାଇଛି। ୧୯୬୨ରେ ବିଶ୍ୱଭୂଷଣ ଆଇନଜୀବୀ ଭାବେ ଓଡ଼ିଶା ହାଇକୋର୍ଟର ବାର୍ ଆସୋସିଏସନରେ ଯୋଗ ଦେଇଥିଲ। ଏହାପରେ ସେ ଓଡ଼ିଶା ରାଜ୍ୟ ବାର୍‌କାଉନ୍‌ସିଲ୍‌ର ଜଣେ ନିର୍ବାଚିତ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଭାରତୀୟ ଜନସଂଘରେ ଯୋଗଦାନ କରିଥିଲେ ଏବଂ ୧୯୭୭ରେ ଓଡ଼ିଶା ବିଧାନସଭାକୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦ ଶାସନ ବିରୋଧରେ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସାରାଭାରତରେ ଚାଲିଥିବା ଜରୁରୀକାଳୀନ ପରସ୍ଥିତି ସମୟରେ ଜନସଚେତନତା ସୃଷ୍ଟି କରି କାରାବରଣ କରିଥିଲେ। ସାହିତ୍ୟ କ୍ଷେତ୍ରରେ ମଧ ଜଣେ ନାଟ୍ୟକାର ଓ ସ୍ତମ୍ଭକାର ଭାବେ ସୁନାମ ଅର୍ଜନ କରିଛନ୍ତି।

# କେନ୍ଦ୍ରୀୟ ଅଧିକାରୀଙ୍କୁ ଡକରା

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

ବିଭିନ୍ନ ସର୍ବଭାରତୀୟ ସେବା (ଏଆଇଏସ୍) ଏବଂ ଆଲାଏଡ୍ ସେବା ଅଧିକାରୀମାନେ ଯେପରି ଓଡ଼ିଶା ଆସି କାର୍ଯ୍ୟ କରିପାରିବେ, ସେନେଇ ରାଜ୍ୟ ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏଆଇଏସ୍ ଏବଂ ଆଲାଏଡ୍ ସେବାର ଗ୍ରୁପ୍- ଏ ଅଧିକାରୀଙ୍କଠାରୁ ଏ ବାବଦରେ ଆବେଦନ ଆହ୍ୱାନ କରାଯାଇଛି। ନିର୍ଦ୍ଦେଶକ ତଥା ଏହାଠାରୁ ନିମ୍ନ ପାହ୍ୟାର ଅଧିକାରୀମାନେ ଆସି ରାଜ୍ୟରେ ସର୍ବନିମ୍ନ ୩ କିମ୍ବା ୫ ବର୍ଷ କାର୍ଯ୍ୟ କରିପାରିବେ ବୋଲି ଜଣାପଡ଼ିଛି। ହେଲେ ରାଜ୍ୟକୁ ଡେପୁଟେଶନରେ ଆସିବା ପୂର୍ବରୁ ଏହି ଅଧିକାରୀମାନେ କେନ୍ଦ୍ରର ଅନୁମତି ନେବାର ଆବଶ୍ୟକତା ରହିଥିବା ଜଣାପଡ଼ିଛି।

# ମୃତ୍ୟୁ ପୂର୍ବରୁ ଅଭିଯୁକ୍ତମାନଙ୍କ ନାମ କହିଲେ ଭଗବାନ

**ବାଙ୍କୀ,୧୬।୨(ସ୍ୱ.ପ୍ର.)**

**ବାଙ୍କୀ ଡବଲ ମର୍ଡର**

■ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

■ ଖଜୁରିପଦାରେ ଶୋକାକୁଳ ପରିବେଶ

■ ରାଜନୈତିକ ଶତ୍ରୁତାରୁ ହତ୍ୟା କରାଯାଇଛି: ଦେବାଶିଷ

ବାଙ୍କୀ ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ଅଛନ୍ତି ବହୁ ବ୍ୟକ୍ତି। ଘଟଣାରେ କଟକ ଜିଲାର ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ(୩୯) ଏବଂ ଏକ ୱେବ୍ ଚ୍ୟାନେଲ ଖବରଦାତା ଆଦିତ୍ୟ ରଣସିଂ(୩୯)ଙ୍କ ମୃତ୍ୟୁ ଘଟିଛି। ହେଲେ ଭଗବାନଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ନିଆଯିବା ସମୟରେ ସେ କେତେଜଣ ଅଭିଯୁକ୍ତଙ୍କ ନାମ ନେଇଥିଲେ, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଅନ୍ୟପକ୍ଷରେ ଅନ୍ୟତମ ମୃତକ ଆଦିତ୍ୟଙ୍କ କକାପୁଅ ଭାଇ ମାନସ ରଞ୍ଜନ ବାଙ୍କୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ମାମଲା (ନଂ. ୩୯/୨୦) ରୁଜୁ ହୋଇଛି। ଘଟଣାରେ ପପୁ ପ୍ରଧାନ, ଜଳିଆ ପ୍ରଧାନ, ବାବୁଲି ପ୍ରଧାନଙ୍କ ସମେତ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ନେଇ ମାନସ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ହୋଇଥିବା ବେଳେ କୌଶଳକ୍ରମେ ସେଠାରୁ ଖସିଯାଇ ଗ୍ରାମରେ ଖବର ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

ଭଗବାନ ଓ ଆଦିତ୍ୟଙ୍କ ଘର ହେଉଛି କଟକ ଜିଲାର ବୈଦେଶ୍ୱର ଥାନା ଅନ୍ତର୍ଗତ ଖଜୁରିପଦାରେ। ମାନସଙ୍କ କହିବାନୁଯାୟୀ ସେ, ଆଦିତ୍ୟ ଓ ଭଗବାନ ବାଇକ୍‌ରେ ବାଙ୍କୀରୁ ଗାଁକୁ ଫେରୁଥିଲେ। ଏହି ସମୟରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟ ରାସ୍ତାରେ ସରୁ ଜିଆଇ ତାର ବାନ୍ଧି ଲୁଚି ରହିଥିଲେ ହତ୍ୟାକାରୀମାନେ। ବାଇକ୍ ଜିଆଇ ତାରରେ ଛନ୍ଦି ହୋଇଯିବାରୁ ସେମାନେ ପଡ଼ିଯାଇଥିଲେ। ଏହି ସମୟରେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। କୌଶଳକ୍ରମେ ମାନସ ଜୀବନ ବଞ୍ଚାଇ ଖସି ପଳାଇଥିବାବେଳେ ଆଦିତ୍ୟ ଓ ଭଗବାନଙ୍କୁ ଦୁର୍ବୃତ୍ତମାନେ ଗୋଡ଼ଇ ଗୋଡ଼ଇ ହାଣିଥିଲେ। ଏଥିର ଉଭୟଙ୍କ ଡାହାଣ ଗୋଡ଼ର କିଛି ଅଂଶ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ପରେ ସ୍ଥାନୀୟ ଲୋକ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିବାବେଳେ ଭଗବାନଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଭଗବାନ ଆମ୍ବୁଲାନ୍ସରେ କଟକ ଯିବା ସମୟରେ ପାଣ୍ଡବ, ଭ୍ରମର, କୁମର, କାଳିଆ, ବଳିଆ, ଦୀପୁ ଆଦି କେତେଜଣ ଅଭିଯୁକ୍ତଙ୍କ ନାମ ନେଇଥିଲେ। ସେହି ସମୟର ଭିଡିଓ ଭାଇରାଲ ହୋଇଛି। ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ପୋଲିସ କାହାରିକୁ ଗିରଫ କରିପାରିନାହିଁ।

ଅପରପକ୍ଷରେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତଦେହ ଓ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଆଦିତ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ରବିବାର ଗ୍ରାମକୁ ନିଆଯାଇଥିଲା। ଗ୍ରାମରେ ଉଭୟଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଭିତରେ ଶବ ସଂସ୍କାର ହୋଇଛି। ଘଟଣା ପଛରେ ରାଜନୈତିକ କାରଣ ଥିବା ନେଇ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଭଗବାନ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସର ଜଣେ ପ୍ରଭାବଶାଳୀ ନେତା ଥିଲେ। ଆକ୍ରୋଶମୂଳକ ମନୋଭାବ ରଖି ତାଙ୍କୁ ହତ୍ୟା କରାଯାଇଛି ବୋଲି ଦେବାଶିଷ କହିଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ, ଭଗବାନ ନିଜ ପଞ୍ଚାୟତରେ ପୂର୍ବରୁ ହୋଇଥିବା ବିଭିନ୍ନ ଦୁର୍ନୀତିର ଖୋଳତାଡ଼ ଆରମ୍ଭ କରିଥିଲେ। ଏନେଇ ବିରୋଧୀ ଗୋଷ୍ଠୀ ତାଙ୍କୁ ଟାର୍ଗେଟ୍ କରିଥିଲେ। ଘଟଣା ଦିନ ଭଗବାନଙ୍କ ସାଙ୍ଗରେ ଆଦିତ୍ୟ ଥିବାରୁ ଉଭୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା ମାମଲାର ତଦନ୍ତ କରୁଥିବାବେଳେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ଓ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ଘଟଣାସ୍ଥଳ ଓ ମୃତକଙ୍କ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଖଜୁରିପଦାରେ ୪ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡିବେ ବୋଲି ଆଇଆଇସି ପଣ୍ଡା କହିଛନ୍ତି।

# ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

■ ୨୮ରେ ସିଏଏ ସପକ୍ଷରେ ବିରାଟ ଜନସଭା

■ ୨୯ରେ ଜଗନ୍ନାଥ, ଲିଙ୍ଗରାଜଙ୍କ ଦର୍ଶନ ସାରି ଫେରିବେ

■ ଲକ୍ଷେରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ: ସମୀର

■ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ ଯୋଗଦେବେ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ‘ନାଗରିକତ୍ୱ ସଂଶୋଧନ ଆଇନ’ ସମର୍ଥନରେ ଏକ ବିଶାଳ ରାଲି ଓ ଜନସଭାରେ ସେ ଉଦ୍‌ବୋଧନ ଦେବେ। ରାଜଧାନୀରେ ସେ ୨୮ରେ ରାତ୍ରି ଯାପନ କରିବେ ଏବଂ ୨୯ରେ ପୁରୀ ଗସ୍ତ କରି ଜଗନ୍ନାଥଙ୍କୁ ପ୍ରଥମେ ଦର୍ଶନ କରିବେ। ଏହାପରେ ସେଠାରୁ ଫେରି ଶାହା ଲିଙ୍ଗରାଜଙ୍କୁ ଦର୍ଶନ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଗତ ଶୀତକାଳୀନ ଅଧିବେଶନରେ ସିଏଏ ବିଲ୍ ପାରିତ ହେବାପରେ ଜାନୁୟାରୀ ୫ରୁ ଦେଶବ୍ୟାପୀ ଏହି ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହି କ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରେ ସିଏଏ ସପକ୍ଷରେ ରାଲି ଓ ଜନସମାବେଶ କାର୍ଯ୍ୟକ୍ରମ ଚାଲୁଛି। ନାଗରିକତ୍ୱ ସଂଶୋଧନ ଆଇନକୁ ସମର୍ଥନ କରି ପ୍ରତ୍ୟେକ ସ୍ଥାନରେ ଜନଜାଗରଣ କାର୍ଯ୍ୟକ୍ରମ, ଜନସଭା, ସଚେତନତା ସମାବେଶ ଆଦି କରାଯାଇଛି। ପ୍ରତ୍ୟେକ ସାଙ୍ଗଠନିକ ଜିଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ପଦଯାତ୍ରା ସହ ଘରକୁ ଘର ଯାଇ ସିଏଏ ସମ୍ପର୍କିତ ତଥ୍ୟ ପ୍ରଦାନ କରି ଲୋକଙ୍କୁ ସଚେତନ ମଧ କରାଯାଇଛି। ମାସେବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା ଶାହାଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଲକ୍ଷେରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ, ମାତ୍ର ଜନସଭା କେଉଁଠାରେ ହେବ ସେନେଇ ସ୍ଥାନ ଚିହ୍ନଟ ହୋଇ ନ ଥିବା ସମୀର କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଶାହା ଓଡିଶା ଗସ୍ତରେ ଆସି ନ ଥିଲେ। ଏହା ନିର୍ବାଚନ ପରେ ତାଙ୍କର ପ୍ରଥମ ଗସ୍ତ। ଅନ୍ୟପଟେ ସମୀର ରାଜ୍ୟ ସଭାପତି ହେବାପରେ ଦଳୀୟ କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ଶାହା ଯୋଗଦେବେ। ତେଣୁ ବଡ ଆକାରରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ ପାଇଁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ କରିଦିଆଯାଇଛି।

ସୂଚନାଯୋଗ୍ୟ ଯେ, ପୂର୍ବାଞ୍ଚଳ ସୁରକ୍ଷା ପରିଷଦ ବୈଠକ ଆସନ୍ତା ୨୮ରେ ଓଡ଼ିଶା ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ସୂଚନା ଆସିସାରିଛି। ମାତ୍ର ବୈଠକ କେତେବେଳେ ହେବ ସେ ନେଇ ସମ୍ପୂର୍ଣ୍ଣ ସୂଚନା ମିଳିପାରି ନାହିଁ। ଉକ୍ତ ବୈଠକ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଦୀର୍ଘ ୨୯ବର୍ଷ ପରେ ଏହି ବୈଠକ ଓଡିଶାରେ ହେବା ଲାଗି ସ୍ଥିର ହୋଇଛି। ତେବେ ଗତ ୧୨ତାରିଖରେ ଏହି ବୈଠକ ବସିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା। ହେଲେ କୌଣସି କାରଣରୁ ଏହା ବାତିଲ ହୋଇଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଆଦିତ୍ୟ
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ


ଅରୋ ଆଲୋକ
ପରିବାରବର୍ଗ


କାହ୍ନା
ପରିବାରବର୍ଗ


ଦେବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନଜାତି ସଂସ୍କୃତିକୁ ଉଜ୍ଜୀବିତ ରଖିଛି ଢେଙ୍କାନାଳ ମାଟି

## ରାଜଧାନୀରେ ଢେଙ୍କାନାଳ ଉତ୍ସବ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଜନଜାତି ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଢେଙ୍କାନାଳ ମାଟିର ଅବଦାନ ବେଶ୍ ଅଧିକ। ମହିଳା ଶିକ୍ଷା ପ୍ରସାର କ୍ଷେତ୍ରରେ ଏହି ଜିଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଢେଙ୍କାନାଳବାସୀଙ୍କ ସରଳତା, ସଚ୍ଚୋଟତା ଓ ସ୍ୱତନ୍ତ୍ରତା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିଛି। ଢେଙ୍କାନାଳ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଦ୍ୱିତୀୟ ଢେଙ୍କାନାଳ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଦିବସବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ପୂର୍ବାହ୍ନ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ଓ ସ୍ୱତନ୍ତ୍ର ଅତିଥିଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେମାନେ ଢେଙ୍କାନାଳର ଅନନ୍ୟ ସଂସ୍କୃତି, କଳା, ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ଡ. ସୌରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ରାଜନାରାୟଣ ତ୍ରିପାଠୀ ପରିଷଦର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥିଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଗମନାଗମନ ଏବଂ ଯୋଗାଯୋଗ କ୍ଷେତ୍ରରେ ଢେଙ୍କାନାଳ ଜିଲା ବେଶ୍ ଆଗକୁ ଯାଇଥିବା କହିଥିଲେ। ଆଗାମୀଦିନରେ ଜିଲାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିବା ସହ କୃଷି କ୍ଷେତ୍ରରେ ଦିଆଯାଉଥିବା ପ୍ରୋତ୍ସାହନ, ଜିଲାର ପୁରାତନ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର କରାଯାଉଥିବା ନେଇ ସୂଚନା ଦେଇଥିଲେ। କାମାକ୍ଷାନଗରର ୬୨ଟି ହାଇସ୍କୁଲ୍‌ରେ ସ୍ମାର୍ଟ କ୍ଲାସ୍‌ରୁମ୍ କରିବା ଲାଗି ରାଜ୍ୟ ସରକାର ଇତିମଧ୍ୟରେ ଆର୍ଥିକ ସହାୟତା ଯୋଗାଇଦେଇଥିବା ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥିଭାବେ ପୋଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ସାଂସ୍କୃତିକ ପରିଷଦ ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଇଚ, ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରାଜନାରାୟଣ ତ୍ରିପାଠୀ ଏବଂ ସଭାପତି ସୌରେନ୍ଦ୍ର ମହାପାତ୍ର ଯୋଗଦେଇ ଜିଲାର ଉତ୍କୃଷ୍ଟ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ କହିଥିଲେ। ଢେଙ୍କାନାଳ ବୀରମାଟିରେ ଜନ୍ମଗ୍ରହଣ କରିଥିବା ଶହୀଦ ବାଜି ରାଉତଙ୍କ ନାମରେ ଭୁବନେଶ୍ୱରର ଏକ ଛକର ନାମକରଣ ସହ ଢେଙ୍କାନାଳ ଭବନ ପ୍ରତିଷ୍ଠା, ଗ୍ରେଟର ଭୁବନେଶ୍ୱର ପରିଧିରେ ଢେଙ୍କାନାଳକୁ ସାମିଲ କରିବା ଏବଂ ଜିଲାରେ ଇକୋ ଟୁରିଜିମର ବିକାଶ କରିବାକୁ ପରିଷଦର କର୍ମକର୍ତ୍ତାମାନେ ଦାବି କରିଥିଲେ। ଏହି ଅବସରରେ ସାହିତ୍ୟିକ ଡ. ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଶିକ୍ଷୟିତ୍ରୀ ବିନୋଦିନୀ ସାମଲ ଏବଂ ମଡେଲ ଦୀପ୍ତିଜ୍ୟୋତି ପଟ୍ଟନାୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦିବସ ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ରବିବାର ଆୟୋଜିତ ଢେଙ୍କାନାଳ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ମଡେଲ ଦୀପ୍ତିଜ୍ୟୋତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।





ଢେଙ୍କାନାଳ ଉତ୍ସବ ଉଦ୍‌ଘାଟନ ଅବସରରେ ଆୟୋଜିତ ଶୋଭାଯାତ୍ରା ଓ ଭାଗ ନେଇଥିବା ସାଂସ୍କୃତିକ ଦଳ।

ପ୍ରଥମ ପୃଷ୍ଠାରୁ...

## ପଦାରେ...

ବେଳେ ଏହାକୁ ପରୀକ୍ଷା କରାଯାଉଥିବା ସ୍ୱତନ୍ତ୍ର ପୋଲିସ କମିଶନର(ଗୋଇନ୍ଦା) ପ୍ରବୀର ରଞ୍ଜନ କହିଛନ୍ତି। ଏହି ଭିଡିଓକୁ କଂଗ୍ରେସ ପକ୍ଷରୁ ଟୁଇଟରରେ ଶେୟାର୍ କରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନ ହେଲେ ସରକାର କ'ଣ ଚାହୁଁଥିଲେ ତାହା ସ୍ପଷ୍ଟ ବୁଝା ପଡ଼ିଯିବ। ଜାମିଆ ଛାତ୍ରଙ୍କ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଦିଲ୍ଲୀ ପୋଲିସ ସଫେଇ ଦେବା କେତେ ସତ, ତାହା ପଦାରେ ପଡ଼ିଛି ବୋଲି ପ୍ରିୟଙ୍କା କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦାକରିବା ସହ ଏହା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି।

## ଶ୍ରୀକ୍ଷେତ୍ରରେ...

'ଦାର୍ଢ୍ୟତା ଭକ୍ତି'ରେ ଉଲ୍ଲେଖ ରହିଥିବା ମିଶ୍ର କହିଛନ୍ତି। ବାଳକ ରାମ ଦାସ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀଦିବ୍ୟ ଦର୍ଶନ ତାଙ୍କୁ ବିମୋହିତ କଲା। ଆଉ ଛାଡ଼ି ପାରିଲେନି ଏହି କ୍ଷେତ୍ର। ରହିବା ପାଇଁ ଇଚ୍ଛା ହେଲା, ଗଜପତିଙ୍କୁ ଜଣାଇଲେ। ଗଜପତି ଆସ୍ଥାନଟିଏ ଖଞ୍ଜିଦେଲେ ଗୁଣ୍ଡିଚା ମନ୍ଦିରର ଉତ୍ତର ପଟକୁ ଶରଧାବାଲିରେ ଥିବା ହାତୀଶାଳରେ। ସେଇଠି ସେ ମଠ ଗଢ଼ି ମହାପ୍ରଭୁଙ୍କର ଏକକ ବିଗ୍ରହ ବସାଇ ଶ୍ରୀରାମଚନ୍ଦ୍ର ରୂପେ କଳ୍ପନା କରି ପୂଜା କଲେ। ଆଉ ମହାପ୍ରଭୁଙ୍କ ସିଂହାସନ ସାମ୍ନାରେ ଶ୍ରୀରାମଚନ୍ଦ୍ରଙ୍କର ଉପାସ୍ୟ ଶ୍ରୀରାମେଶ୍ୱର ଜ୍ୟୋତିର୍ଲିଙ୍ଗ ସ୍ଥାପନ କରି ଜୀବନର ଶେଷ ପର୍ଯ୍ୟନ୍ତ ଏହି ଧାମରେ ହିଁ ବିତାଇଥିଲେ। ସେହି ଆସ୍ଥାନଟି ପ୍ରସିଦ୍ଧି ଲାଭ କରିଥିଲା ଦିଲ୍ଲୀ ବାଳକ ରାମ ଦାସ ମଠ ଭାବେ। ହରି-ହର ଉପାସନାର ମିଳନ କ୍ଷେତ୍ର ପାଲଟିଗଲା ଏହି ମଠ। ଏଠାରେ ବୈଷ୍ଣବ ଓ ଶୈବ ସହାବସ୍ଥାନର ବାର୍ତ୍ତା ବ୍ୟାପିଗଲା ସମଗ୍ର ଭାରତ ବର୍ଷରେ। ଇନ୍ଦ୍ରଦ୍ୟୁମ୍ନ ତୀର୍ଥରେ ପ୍ରତ୍ୟେକ ଦିନ ସ୍ନାନ କରି ପ୍ରଭୁଙ୍କୁ ଆରାଧନା କରିଥାନ୍ତି। ମଠରେ ଏକଦା ରାମ ଦାସ ଆରାଧନା କରିବା ସମୟରେ ସମାଧିସ୍ଥ ହୋଇଗଲେ ଏବଂ ତାଙ୍କର ଦେହାବସାନ ଘଟିଥିଲା। ତାଙ୍କ ବିଷୟରେ 'ଦାର୍ଢ୍ୟତା ଭକ୍ତି' ପୁସ୍ତକରୁ ଅନେକ ସୂଚନା ଉପଲବ୍ଧ ହୋଇଛି। ଶ୍ରୀଜଗନ୍ନାଥ ଧାମରେ ବର୍ତ୍ତମାନ ୨୭୪ ମଠ ଓ ଆଶ୍ରମ ମଧ୍ୟରୁ ଏହି ମଠ ଏବେ ପାକିସ୍ତାନର ଜଣେ ସାଧୁଙ୍କ ସ୍ମାରକୀ ହୋଇ ରହିଛି। ବାଳକ ରାମ ଦାସ ମଠ ସ୍ଥାପନା କରିବା ପରେ ଲାହୋର ଓ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତ ଶ୍ରୀକ୍ଷେତ୍ର ଆସିଥିଲେ। ଏହାଦ୍ୱାରା ଉଭୟ ଅଞ୍ଚଳର ସାଂସ୍କୃତିକ ଭାବଧାରା ବିକାଶ ଲାଭ କରିଥିଲା ବୋଲି ଡ. ମିଶ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ

**ମେଷ** ଆଜି କର୍ମସ୍ଥାନରେ କର୍ମାଧିପ ଅବସ୍ଥାନ କରିଥିବାରୁ କର୍ମମୁଖର ରହିବେ। କାମ ହାସଲ କ୍ଷେତ୍ରରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଧନପ୍ରାପ୍ତି ଯୋଗ ରହିଛି, କିନ୍ତୁ ସ୍ୱାସ୍ଥ୍ୟ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଗୃହରେ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ ହେବା ସହ ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ଧର୍ମଭାବସ୍ଥ ଆଧାମ୍ନିକ ଗ୍ରହ ଆପଣଙ୍କୁ ଧାର୍ମିକ ମନୋଭାବ ପ୍ରଦାନ କରି ଧର୍ମକାର୍ଯ୍ୟରେ ନିୟୋଜିତ କରିପାରନ୍ତି। ମୁଖଭାବସ୍ଥ ରାହୁଙ୍କ ଯୋଗୁ ଅନିୟମିତ ଆହାର ଗ୍ରହଣରେ ପେଟରେ ଯନ୍ତ୍ରଣା ଅନୁଭବ କରିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ କିନ୍ତୁ ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ।

**ମିଥୁନ** ବୁଧଙ୍କ ଅବସ୍ଥିତି ପରିବାର ଓ ବନ୍ଧୁବର୍ଗଙ୍କ ସମ୍ବନ୍ଧରେ ସୁଫଳ ଦେଇ ନ ପାରେ। ଶୁକ୍ରଙ୍କ ସୁପ୍ରଭାବରେ କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆକସ୍ମିକ ଆବଶ୍ୟକତା ପୂରଣ ଦିଗରେ ସହାୟତା ମିଳିବ। ବାଣିଜ୍ୟ,ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମ ଓ ଆଇନ ଅଦାଲତ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କର୍କଟ** ମିତ୍ରଗୃହୀ ଚନ୍ଦ୍ର ପ୍ରଭାବରେ ଦୀର୍ଘଦିନରୁ ନ ପାଇଥିବା ଜିନିଷର ନିଶ୍ଚିତତା ଆଶାକରି ଅସ୍ଥିର ରହିବେ। ମନରେ ଗଭୀର ଆଲୋଡନ ସୃଷ୍ଟି କରିବ। କର୍ମକ୍ଷେତ୍ର ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀମାନଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥ ପାଇବାର ଚେଷ୍ଟା ସଫଳ ହୋଇପାରେ।

**ସିଂହ** ଷଷ୍ଠଭାବସ୍ଥ ବଳବାନ୍ ଶନିଙ୍କ ପ୍ରଭାବରେ ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ମାଙ୍ଗଳିକ କାର୍ଯ୍ୟ,ବନ୍ଧୁଙ୍କ ସହାୟତା ମାଧ୍ୟମରେ ସମ୍ପନ୍ନ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** ଆପଣଙ୍କ ପରିବର୍ତ୍ତିତ ଦୃଷ୍ଟିକୋଣ ପରକ୍ଷଣରେ ଅନୁତାପର କାରଣ ହୋଇପାରେ। ଶିକ୍ଷା ଓ ସନ୍ତାନଙ୍କ ସମସ୍ୟାକୁ ନେଇ ପରିବାରରେ ମତାନ୍ତରର ଆଶଙ୍କା ରହିଛି। ତଥାପି ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହା କି କରୁଥିବା କାମ ପାଇଁ ସାହାଯ୍ୟକାରୀ ହେବ। କର୍ମକ୍ଷେତ୍ରରେ ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି।

**ତୁଳା** ଧନସ୍ଥାନସ୍ଥ ଚନ୍ଦ୍ର ଏବଂ ସ୍ୱଗୃହୀ ଚତୁର୍ଥାଧିପ ହେତୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ମାଙ୍ଗଳିକ କାର୍ଯ୍ୟରେ ବନ୍ଧୁମିଳନରୁ ଖୁସୀ ରହିବେ। ସହକର୍ମୀଙ୍କ ସମ୍ବନ୍ଧରେ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା** ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ଚିନ୍ତାଧାରା ଓ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରୀତିପ୍ରଦ ରହିବ। ଆଜିର କାର୍ଯ୍ୟସାଧନ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ନିକଟ ସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସନ୍ଦେହୀ ହୋଇପାରନ୍ତି। ପରିବାରର ଛୋଟ ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ।

**ଧନୁ** ପାରିବାରିକ ସୁଖ, ସୌଭାଗ୍ୟ ଶୁକ୍ରଙ୍କ ଚତୁର୍ଥାବସ୍ଥାନରୁ ନିଶ୍ଚିତ ପ୍ରାପ୍ତ ହେବ। କିନ୍ତୁ ଶନିଙ୍କ କୁଦୃଷ୍ଟି ପ୍ରଭାବରେ ଶେଷପର୍ଯ୍ୟାୟରେ ପୂର୍ବାଷାଢା ନକ୍ଷତ୍ର ସକାଶେ ପରିସ୍ଥିତି ବଦଳି ଯାଇପାରେ। ବିଭିନ୍ନ ପ୍ରକାରର ଅତୀତ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର ଯାତ୍ରା, ବ୍ୟବସାୟ, ପୂର୍ଣ୍ଣାଙ୍ଗ କାର୍ଯ୍ୟର ସମୀକ୍ଷା କରି ମାନସିକ ପରିତୃପ୍ତି ଲାଭ କରିବେ।

**ମକର** ରାଶ୍ୟାଧିପତିଙ୍କ ସ୍ୱଗୃହାରୋହଣ ଶାରୀରିକ ସୁସ୍ଥତା, ବିବାଦରେ ବିଜୟ, କଣ୍ଟ୍ରାକ୍ଟରୀ, ସଙ୍ଗଠନ ପାଇଁ ଅନୁକୂଳ ରହିବ। କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବା ସହ ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ରାଶିର ଦ୍ୱାଦଶଚନ୍ଦ୍ର ପ୍ରଭାବରେ ଖର୍ଚ୍ଚାନ୍ତ ହେବା ସହ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**କୁମ୍ଭ** ଗ୍ରହମାନଙ୍କ ଅନୁକୂଳତା ହେତୁ ସମସ୍ୟା ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ହ କିମ୍ବା ତ ନାମାକ୍ଷର ବନ୍ଧୁ ମୁହଁରେ ମିଠା କଥା କହି ଅସୁବିଧାରେ ପକାଇପାରନ୍ତି। ପାରିବାରିକ ଅସ୍ଥିରତା ହେତୁ ବୃଦ୍ଧି ପାଇବା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆଇନ, ଅଦାଲତ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ।

**ମୀନ** ପାପଗ୍ରହ ଯୁକ୍ତ ରାଶ୍ୟାଧିପତି କାରଣରୁ ମାନସିକ ଅସୁସ୍ଥତା ଲାଗି ରହିବାଜନିତ ବ୍ୟସ୍ତତା ବୃଦ୍ଧିପାଇବ। ଘରେ ପାରସ୍ପରିକ ମତଭେଦ ଓ ଖଳଲୋକଙ୍କ କାନକୁହା କଥା ବିବାଦୀୟ ଘଟଣାକୁ ଜଟିଳ କରିପାରେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ।

ଆଜି ଫାଲଗୁନ୍ କୃଷ୍ଣ ନବମୀ ସୋମବାର, ଫେବୃୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ,ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ସକାଳ ଘ୬।୪୯ମି. ମଧ୍ୟେ ଘ୧୦।୫୨ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୪୪ମି. ଗତେ ଘ୯।୧୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**
**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

ଭୁବନେଶ୍ୱର ହଂସପାଳଠାରୁ ୧୦କିମି ଭିଙ୍ଗାରପୁର ସୁଧାନନ୍ଦ କଲେଜ ପିଚୁରାସ୍ତାକୁ ଲାଗି ଇଲେକ୍ଟ୍ରି ପାଣିର ସୁବିଧା ଥିବା ଘରବାଡି କଟକୀ ୧୫ଗୁଣ୍ଠ ଜାଗା ବିକ୍ରି ହେବ। 8917337445. D-16742

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ଧଉଳି ଦୟାନଦୀବନ୍ଧ ନୂଆବ୍ରିଜ୍ ନିକଟରେ 1800sqft. 3ଟି ସ୍ଥିତିବାନ ପ୍ଲଟ୍ 10,00,000/- ରେ ବିକ୍ରିହେବ। 9777236619 D-16740

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

30'road boundary, gharabari fully developed plot Gudiapokhari (KEC) 9937166932. D-68585

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

Residential flat at Ratna Residency 1st floor near Postal Depot, Satya Nagar, Bhubaneswar. 3BHK with drawing, dining, kitchen & Puja room, 3sets of toilets & balconies, garage space, lift fitted. Contact: 9338247620, 9437096720. Between 10AM-1PM & 6PM-9PM. D-16661

**healthcare**

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Monalisa Massage Club: All types body massage with hiprofile smart lady rooms service available-9708545108. D-16737

Body massage @ 1099 at mystic Unisex Salon and Spa. 9556978408. D-69206

Ayurvedic full body massage ladies and gents. Contact: 9861064981. D-68789

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

**business**

Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of affidavit before Notary Public, Berhampur, I Syamaghan Dash, S/o- Rabindra Behera, Binchanapalli, Palur, Huma, PS- Rambha, Ganjam. changed my surname from Behera to Dash. Henceforth I shall be known as Syamaghan Dash for all purposes. D-66630

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**




ବେଦାଂଶ ମିଶ୍ର (ବୁଧନ୍)
ବେଦ ଭଳି ପବିତ୍ର ହୁଅ ବେଦାଂଶ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା।
-: ଆଶିର୍ବାଦ ସହିତ :-
ବାପା, ମାଆ, ଜେଜେବାପା, ଜେଜେମା', ଅଜା, ଆଈ, ମାଉସୀ ଓ ମଉସା
ଧ-୧୬୬୭୫

**ଜନ୍ମଦିନ ଶୁଭେଚ୍ଛା**



ଆରାଧ୍ୟା ସାହୁ (ପୁଚୁ)
(VIM-519, ଶୈଳଶ୍ରୀବିହାର, ଭୁବନେଶ୍ୱର)
ଆଜି ତୋର ପବିତ୍ର ପଞ୍ଚମ ବର୍ଷ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ସହିତ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ, ବିଦ୍ୱଷୀ ଓ ଯଶସ୍ୱୀ କରନ୍ତୁ, ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
-:ଶୁଭାଶୀର୍ବାଦ ସହ:-
ଜେଜେ, ଜେଜେମା, ପାପା, ମାମା, ଦାଦା, ଖୁଡୀ, ଅଜା, ଆଈ, ମାମୁ ତଥା ଅନ୍ୟାନ୍ୟ ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୬୬



## ଜିଲ୍ଲା ଚିଠି
### କଟକ

## ଦଣ୍ଡ ଭୟ

ଆମ ସମାଜରେ ଦେଖାଯାଏ, ଅନେକେ ଅଭ୍ୟାସଗତ ଆଇନ ଭଙ୍ଗକାରୀ। ଛେପ ପକାଇବାକୁ ଯେଉଁଠି ବାରଣଥିବ, ସେଠାରେ ହିଁ ସେମାନେ ଛେପ ପକାଇବେ। କିନ୍ତୁ ତା' ପାଖରେ ଦେବଦେବୀଙ୍କ ଫଟୋଟିଏ ଲାଗିଗଲେ ଛେପ ପକାଇବା ବନ୍ଦ ହୋଇଯାଏ। କାରଣ ପାପ ଲାଗିବ, ଠାକୁର ଦଣ୍ଡ ଦେବେ। ଧର୍ମ ଦଣ୍ଡ ହେଉ କି, ଆର୍ଥିକ ଦଣ୍ଡ କିମ୍ବା ଜେଲ ଦଣ୍ଡର ଭୟ, ଲୋକେ ଏହାଦ୍ୱାରା ସୁଧୁରିଯିବାର ଉଦାହରଣ ଅନେକ ରହିଛି। ତେଣୁ କୁହାଯାଇପାରେ, ଦଣ୍ଡ ଦ୍ୱାରା ବିଶୃଙ୍ଖଳିତ ଆଚରଣ ନିୟନ୍ତ୍ରଣରେ ରହେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ବହୁ ଦଶନ୍ଧି ହେଲା ସରକାର କେବଳ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ତଥାପି ଫରକ୍ ପଡୁ ନ ଥିଲା। ଗତବର୍ଷ ସେପ୍ଟେମ୍ବର ପହିଲାରୁ ନୂଆ ମୋଟର ଯାନ ଆଇନ ଦେଶବ୍ୟାପୀ ଲାଗୁ ହେଲା। ଏହି ଆଇନରେ ବଡ଼ଧରଣର ଜରିମାନାକୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିଲା। ଅନେକେ ସମାଲୋଚନା କରିଥିଲେ ମଧ ବଡ଼ଧରଣର ଜରିମାନା ଭୟରେ ଟ୍ରାଫିକ୍ ନିୟମ ମାନିବାକୁ ବାଧ ହେଲେ, ଯାହାର ପରିଣାମ ମଧ ଭଲ ଦେଖିବାକୁ ମିଳିଛି। କଟକସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)ର ତଥ୍ୟ କହୁଛି, ନୂଆ ଆଇନ ଲାଗୁହେବା ପରେ ଓଡ଼ିଶାରେ କେବଳ ସଡ଼କ ଦୁର୍ଘଟଣା କମିଛି ତାହା ନୁହଁ, ମୃତ୍ୟୁସଂଖ୍ୟା ମଧ ହ୍ରାସ ପାଇବାରେ ଲାଗିଛି। ସଡ଼କ ଦୁର୍ଘଟଣା ଯୋଗୁ ୨୦୧୮ ସେପ୍ଟେମ୍ବରରେ ରାଜ୍ୟରେ ୩୬୭ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ୨୦୧୯ ସେପ୍ଟେମ୍ବରରେ ମୃତ୍ୟୁସଂଖ୍ୟା ୩୨୩କୁ କମିଆସିଥିଲା। ସେହିଭଳି ୨୦୧୮ ଅକ୍ଟୋବରରେ ୪୪୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ଅକ୍ଟୋବରରେ ୩୬୧କୁ ଖସିଆସିଥିଲା। ୨୦୧୮ନଭେମ୍ବରରେ ୪୫୭ ଜୀବନହାନି ହୋଇଥିବାବେଳେ ୨୦୧୯ ନଭେମ୍ବରରେ ୪୨୭ରେ ରହିଥିଲା। ୨୦୧୮ ଡିସେମ୍ବରରେ ୫୮୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ଡିସେମ୍ବରରେ ମୃତକଙ୍କ ସଂଖ୍ୟା ୪୩୦କୁ ଖସିଛି। ସବୁ କ୍ଷେତ୍ରରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଯେମିତି କି ପୂର୍ବ ଅପେକ୍ଷା ହେଲ୍‌ମେଟ୍ ପିନ୍ଧୁଥିବା ଦୁଇଚକିଆ ଚାଳକଙ୍କ ସଂଖ୍ୟା ବଢ଼ିଛି। ଜେବ୍ରା କ୍ରସିଂ ପଛରେ ଗାଡ଼ି ରଖିବା ଅଭ୍ୟାସରେ ପରିଣତ ହେଲାଣି। ନାଲି ଲାଇଟ୍ ଦେଖିଲେ ତୁରନ୍ତ ଅଟକି ଯିବାର ମନୋଭାବ ପ୍ରାୟତଃ ଅଧିକାଂଶଙ୍କ ମଧରେ ସୃଷ୍ଟି ହେଲାଣି। ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ଅନୁମେୟ ଯେ, ଲୋକମାନେ ଦଣ୍ଡ ଭୟରେ ଆଇନ ବା ନିୟମ ମାନିବାକୁ ବାଧ ହେଉଛନ୍ତି। ସରକାର ଯଦି ଏହି ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବେ, ତେବେ ନିୟମ ଭାଙ୍ଗୁଥିବା ବ୍ୟକ୍ତିମାନେ ସୁଧୁରିଯିବେ। ଦୁର୍ଘଟଣା କମିବା ସହ ଆମେ ପ୍ରିୟଜନଙ୍କ ଜୀବନ ବଞ୍ଚାଇ ପାରିବା, ଏଥିରେ ସନ୍ଦେହ ନାହିଁ।

– ଆଶୀର୍ବାଦ ରାଉତ

# ଯୁବତୀଙ୍କୁ ଅସଦାଚରଣ, କନଷ୍ଟେବଲ ନିଲମ୍ବିତ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ରାଜଧାନୀରେ ଖାକିବାବୁଙ୍କୁ ପ୍ରେମ ରୋଗ ଛାଡୁନି। ମାସକ ଭିତରେ ୩ ପୋଲିସ କର୍ମଚାରୀ ପ୍ରେମ ଓ ବଳାତ୍କାର ମାମଲାରେ ଗିରଫ ହୋଇଥିବାବେଳେ ରବିବାର ରାଜଧାନୀ ରାଜରାସ୍ତାରେ ଆଉ ଏକ ଖାକି କାରନାମା ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଜଣେ ପୋଲିସ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଲୋକଙ୍କ ମାଡ଼ ସହ ଅସଦାଚରଣର ଶିକାର ଯୁବତୀଙ୍କ ଜୋତା ଓ ଗୋଇଠା ମାଡ଼ରେ ତାଙ୍କ ପ୍ରେମନିଶା ଉତୁରି ଯାଇଛି। ରବିବାର କ୍ୟାପିଟାଲ ଥାନା ଅନ୍ତର୍ଗତ କଳ୍ପନା ଛକ ନିକଟରେ ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି)ର କନ୍‌ଷ୍ଟେବଲ ପ୍ରମୋଦ ବେହେରା ଏପରି କାଣ୍ଡ ଘଟାଇଛନ୍ତି। ଘଟଣା ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ କନ୍‌ଷ୍ଟେବଲଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରୁଛି। ତାଙ୍କ ଘର ଗଞ୍ଜାମ ଗୋଳନ୍ଥରା ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ଏସ୍‌ଏସ୍‌ବି କ୍ୟାମ୍ପରେ ରହୁଛନ୍ତି। ଘଟଣା ପ୍ରଘଟ ହେବା ପରେ ସମ୍ପୃକ୍ତ କନ୍‌ଷ୍ଟେବଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଡିସିପି ଅନୁପ କୁମାର ସାହୁଙ୍କ ଚିଠି ଆଧାରରେ ଏସ୍‌ଏସ୍‌ବି କମାଣ୍ଡାଣ୍ଟ ଅଭିଯୁକ୍ତ ପ୍ରମୋଦଙ୍କୁ ନିଲମ୍ବିତ କରିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଏକ ଷ୍ଟେଶନ ଡାଏରୀ କରି ଯୁବତୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ସମୟ ଅପରାହ୍ନ ୨ଟା। ଜଣେ ଯୁବତୀ ସାଙ୍ଗଙ୍କ ସହ ରାଜମହଲରୁ କଳ୍ପନା ଛକ ଅଭିମୁଖେ ଆସୁଥିଲେ। କଳ୍ପନା ଛକ ନିକଟତର ହେଉଥିବାବେଳେ ହଠାତ୍ ଜଣେ କନ୍‌ଷ୍ଟେବଲ ପହଞ୍ଚି ଯୁବତୀଙ୍କ ହାତକୁ ଧରିନେଇଥିଲେ। ଯୁବତୀ ଜଣକ ପାଟିକରି ହାତକୁ ଛାଡିଦେବା ପରେ ପ୍ରେମନିଶାରେ ଥିବା କନ୍‌ଷ୍ଟେବଲ ତାଙ୍କୁ ପଛପଟୁ ଧରି ଅସଦାଚରଣ କରିଥିଲେ। ଚିତ୍କାର ଶୁଣି ନିକଟରେ ବ୍ୟବସାୟ କରୁଥିବା ଫଳ ଦୋକାନୀମାନେ ଦୌଡ଼ି ଆସିଥିଲେ। କନ୍‌ଷ୍ଟେବଲ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ସେହିବାଟ ଦେଇ ଯାଉଥିବା ଲୋକଙ୍କ ଭିଡ଼ ଜମିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ କିଏ ଗୋଇଠା ତ ଆଉ କିଏ ବିଧା, ଚାପୁଡ଼ା ମାରିଥିଲେ। ଅସଦାଚରଣର ଶିକାର ଯୁବତୀ ଜଣକ ମଧ ଛାଡ଼ି ନ ଥିଲେ। ଜୋତାରେ ପିଟିବା ସହ ମୁହଁକୁ ଗୋଇଠା ମାରି ପ୍ରତିଶୋଧ ନେଇଥିଲେ। ନିସ୍ତୁକ ମାଡ଼ ଖାଇବା ପରେ କନ୍‌ଷ୍ଟେବଲ ନିଶାଗ୍ରସ୍ତଙ୍କ ଭଳି ଦୁଇ ହାତକୁ ଯୋଡ଼ି ବାରମ୍ବାର ଭୁଲ୍ ମାଗି ଚାଲିଥିଲେ ମଧ କେହି କିଛି ଶୁଣି ନ ଥିଲେ। ଶେଷରେ ଯୁବତୀ ଜଣକ ନିଜ ମୋବାଇଲ୍‌ରେ ଥାନାକୁ ଫୋନ୍ କରିବା ପରେ ପୋଲିସ ପହଞ୍ଚି କନ୍‌ଷ୍ଟେବଲଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଉକ୍ତ ଯୁବତୀଙ୍କୁ ପୂର୍ବରୁ କନ୍‌ଷ୍ଟେବଲ ଜଣକ ଜାଣିଥିଲେ କି? ଯଦି ଜାଣିଥିଲେ ତେବେ ଉଭୟଙ୍କ ମଧରେ ଏମିତି କ'ଣ ଘଟିଲା ଯେ ସେ ତାଙ୍କୁ ରାସ୍ତାମଝିରେ ଅସଦାଚରଣ କଲେ। ଏ ନେଇ ପୋଲିସ ସମ୍ପୃକ୍ତ କନ୍‌ଷ୍ଟେବଲଙ୍କୁ ପଚରାଉଚରା କରିଥିଲେ ମଧ ସେ ଯୁବତୀଙ୍କୁ ଜାଣି ନ ଥିବା କହିଛନ୍ତି।

### ରାଜଧାନୀରେ ଖାକିବାବୁଙ୍କୁ ପ୍ରେମ ରୋଗ ଛାଡୁନି



- ଲୋକେ କାବୁକରି ନିସ୍ତୁକ ମାଡ଼ ମାରିଲେ
- ଜୋତା, ଗୋଇଠା ମାରି ନିଶା ଉତାରିଲେ ଯୁବତୀ

### ପୂର୍ବରୁ ଘଟିଥିବା ୩ ଘଟଣା

ଡେରାଡୁନ୍‌ର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ରଖି ସିଆରପିଏଫ୍‌ର ଜଣେ ଯବାନ ବଳାତ୍କାର କରିଥିଲେ। ଏହି ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଗତ ୩ ତାରିଖରେ ସମ୍ପୃକ୍ତ ଯବାନଙ୍କୁ ଗିରଫ କରିଥିଲା। ସେହିଭଳି ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ ଏସ୍‌ଏସ୍‌ବିର ଜଣେ କନ୍‌ଷ୍ଟେବଲ। ଏ ନେଇ ଅଭିଯୋଗ ହେବା ପରେ ଗତ ୪ ତାରିଖରେ ମହିଳା ଥାନା ପୋଲିସ ଅଭିଯୁକ୍ତ କନ୍‌ଷ୍ଟେବଲଙ୍କୁ ଗିରଫ କରିଥିଲା। ତୃତୀୟ ଘଟଣାଟି ନୟାପଲ୍ଲୀ ଥାନାଞ୍ଚଳରେ ଘଟିଥିଲା। ଓଏସ୍‌ଏପିର ଜଣେ ସିପାହି ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏହି ମାମଲାରେ ଗତ ୮ ତାରିଖରେ ସେ ଗିରଫ ହୋଇଥିଲେ।

### ମହିଳାଙ୍କ ସୁରକ୍ଷାରେ ଥିବା ଏସ୍‌ପିଓ କୁଆଡ଼େ ଗଲେ?

ରାଜଧାନୀରେ ରୋଡ଼ ରୋମିଓଙ୍କ ଉତ୍ପାତ ବଢିବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କଲେଜ ଛାତ୍ରୀ, ବିଭିନ୍ନ ଘରୋଇ ସଂସ୍ଥା ଓ ଶିକ୍ଷାନୁଷ୍ଠାନର ମହିଳା କର୍ମଚାରୀଙ୍କୁ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଭାବେ ନିଯୁକ୍ତ କଲେ। ଜାନୁୟାରୀ ୨ରେ କମିଶନରେଟ ପୋଲିସ ମୁଖ୍ୟାଳୟରେ ଏସ୍‌ପିଓମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଲେ। ଏସ୍‌ପିଓମାନଙ୍କୁ ନେଇ ମଧ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲାଗଲା। ରାଜଧାନୀ ରାଜରାସ୍ତାଠାରୁ ଆରମ୍ଭ କରି ବଜାର, ବ୍ୟବସାୟ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟରେ ମହିଳାଙ୍କୁ ସୁରକ୍ଷା ଦେବା ସହ ତୁରନ୍ତ ଏ ସମ୍ପର୍କରେ ପୋଲିସକୁ ଜଣାଇବେ ବୋଲି କୁହାଗଲା। ଏପରି କି ଏସ୍‌ପିଓମାନଙ୍କୁ କମିଶନରେଟ ପୋଲିସ ପକ୍ଷରୁ କେତେକ କ୍ଷମତା ଦିଆଗଲା। ଅଭିଯୁକ୍ତମାନଙ୍କୁ ଆବଶ୍ୟକସ୍ଥଳେ ସେମାନେ ଗିରଫ କରିପାରିବେ ବୋଲି କମିଶନର ଷଡଙ୍ଗୀ କହିଥିଲେ। ତେବେ ରବିବାର ରାଜଧାନୀର ପ୍ରମୁଖ କଳ୍ପନା-ରାଜମହଲ ଛକ ରାସ୍ତାରେ ଜଣେ ପୋଲିସ କନ୍‌ଷ୍ଟେବଲ ଯୁବତୀଙ୍କୁ ଅସଦାଚରଣ କରିଥିଲେ ମଧ ଏସ୍‌ପିଓମାନଙ୍କର ଦେଖା ନ ଥିଲା। ଏପରି କି ଘଟଣା ସମ୍ପର୍କରେ ମଧ କୌଣସି ଏସ୍‌ପିଓଙ୍କ ତରଫରୁ ଥାନାକୁ ସୂଚନା ଦିଆଯାଇ ନ ଥିବା ଜଣାପଡିଛି। ଘଟଣାସ୍ଥଳରେ ମଧ ଏସ୍‌ପିଓମାନେ କୁଆଡେ ଗଲେ ବୋଲି କେତେଜଣ ସଚେତନ ନାଗରିକ ପ୍ରଶ୍ନ ଉଠାଇଥିଲେ।

# ଶିକ୍ଷାଗତ ଯୋଗ୍ୟତାର ୩ ପ୍ରକାର ତଥ୍ୟ ରଖିଛନ୍ତି ମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପ୍ରତିନିଧି ଆଇନ ୧୯୫୧ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନ ଥାଏ। ମାତ୍ର ପ୍ରାର୍ଥୀମାନେ ନିଜକୁ ବଡ଼ ଦେଖାଇବା ନଚେତ୍ ନିଜର ବାସ୍ତବ ଶିକ୍ଷାଗତ ଯୋଗ୍ୟତାକୁ ଲୁଚାଇବା ପାଇଁ ଅନେକ ସମୟରେ ଭୁଲ ତଥ୍ୟ ଦେଉଛନ୍ତି। ଏହିକ୍ରମରେ କ୍ୟାବିନେଟ ମନ୍ତ୍ରୀ ପଦ୍ମନାଭ ବେହେରା ନିଜର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ବାରମ୍ବାର ଭୁଲ ଓ ଭିନ୍ନ ଭିନ୍ନ ତଥ୍ୟ ଦେଇଛନ୍ତି। ଯାହାର ସମ୍ପୂର୍ଣ୍ଣ ତଥ୍ୟ ମିଳିଥିବା କଂଗ୍ରେସ ଅଭିଯୋଗ କରିବା ସହ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ନିଶିକାନ୍ତ ମିଶ୍ର କହିଛନ୍ତି ଯେ, କ୍ୟାବିନେଟ୍ ମନ୍ତ୍ରୀ ବେହେରା ୨୦୦୪ରୁ ୨୦୧୯ ମସିହା ମଧରେ ଦାଖଲ କରିଥିବା ୪ଟି ସତ୍ୟପାଠରେ ୩ ପ୍ରକାର ତଥ୍ୟ ଦେଖାଇଛନ୍ତି। ୨୦୦୪ରେ ସେ ଦାଖଲ କରିଥିବା ସତ୍ୟପାଠରେ ୧୯୭୨ରେ ମାଟ୍ରିକ ପରୀକ୍ଷା ଦେଇଥିବା ଦର୍ଶାଇଥିଲେ। ୨୦୦୯ରେ ବୀରମହାରାଜପୁର ସଂରକ୍ଷିତ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେତେବେଳେ ସେ ୧୯୭୩ରେ ମାଟ୍ରିକ ପାସ୍ କରିଥିଲେ ବୋଲି ସତ୍ୟପାଠରେ ଦର୍ଶାଇଥିଲେ। ସେହିପରି ୨୦୧୪ରେ ସମାନ ତଥ୍ୟ ରଖିଥିଲେ। ମାତ୍ର ୨୦୧୯ ସାଧାରଣ ନିର୍ବାଚନରେ ବିଜୟୀ ହେବା ପରେ ନିଜ ସତ୍ୟପାଠରେ ୧୯୭୩ରେ ଅଷ୍ଟମ ପାସ୍ କରିଥିବା ଦର୍ଶାଇଥିଲେ। ୪ଟି ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତା ନେଇ ୩ ପ୍ରକାର ତଥ୍ୟ ଦେଖାଇବା ଦଣ୍ଡନୀୟ ଅପରାଧ ବୋଲି ନିଶିକାନ୍ତ ଅଭିଯୋଗ କରିଛନ୍ତି।

ନିର୍ବାଚନରେ ମନ୍ତ୍ରୀ ନିଜ ଶିକ୍ଷାଗତ ଯୋଗ୍ୟତା ନେଇ ମିଥ୍ୟ ସତ୍ୟପାଠ ଦାଖଲ କରିଥିବା ଭଗବାନ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ସତ୍ତ୍ୱେ କାହିଁକି ମାମଲା ରୁଜୁ କରାଯାଇ ନାହିଁ ବୋଲି ନିଶିକାନ୍ତ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାକୁ ମାସେ ପୂରିବା ପରେ ଘଟଣାର ଅନୁଧାନ କରାଯାଉଥିବା ସୁବର୍ଣ୍ଣପୁର ଏସ୍‌ପି କହୁଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କାହାର ଅନୁମତି ଆବଶ୍ୟକ ପଡୁଛି ଏ କଥା ସ୍ପଷ୍ଟ କରିବା ପାଇଁ କଂଗ୍ରେସ ଦାବି କରିଛି।

# ଜମିବାଡ଼ି ବିବାଦକୁ ନେଇ ବଡ଼ଭାଇଙ୍କୁ ହତ୍ୟା

- ବାପ, ପୁଅଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

ପର୍ଲା,୧୬।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଲଛିପୁର ଗ୍ରାମର ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ସର୍ପ ସୁନାନୀ (୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଗତମାସ ୧୦ ତାରିଖରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଛତିଶଗଡ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସର୍ପଙ୍କ ସାନଭାଇ ବଳଦେବ ସୁନାନୀ (୪୭) ଓ ପୁତୁରା ଭଗତ ସୁନାନୀ (୨୦)। ଜମି ବାଡି ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଦେଭୋଗ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଡିଏସ୍‌ପି ଆଶିଷ କୁଞ୍ଜନ ସୂଚନା ଦେଇଛନ୍ତି।

ଗତ ଜାନୁୟାରୀ ୧୦ ତାରିଖରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଏକ ଜମିରେ କ୍ଷତବିକ୍ଷତ ଅବସ୍ଥା ପଡିରହିଥିବା ଏକ ମୃତଦେହକୁ ଛତିଶଗଡ଼ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଦେଭୋଗ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ଏକ ହତ୍ୟା ଘଟଣା ବୋଲି ଜଣାପଡିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗତ ୧ ମାସ ଧରି ତଦନ୍ତ ପରେ ଶନିବାର ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଦେଭୋଗ ପୋଲିସ ଗିରଫ କରିଛି। ପୋଲିସର ସୂଚନା ଅନୁସାରେ ଘଟଣା ଦିନ ସକାଳେ ଦୁଇ ଅଭିଯୁକ୍ତ ସର୍ପ ସୁନାନୀଙ୍କୁ ମୋଟର ସାଇକେଲରେ ବସାଇ ଗାଁ ବାହାରକୁ ନେଇଯାଇଥିଲେ। ଏକ ନିଛାଟିଆ ସ୍ଥାନରେ ତାଙ୍କ ମୁହଁରେ ଗାମୁଛା ଗୁଡେଇ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ସେମାନେ ମୃତଦେହକୁ ଛତିଶଗଡ ସୀମାନ୍ତ ଏକ ଜମିରେ ପକାଇ ଦେଇଥିଲେ। କାଳେ ସର୍ପ ବଞ୍ଚି ଯିବେ ସେଥିପାଇଁ ଦୁଇ ଅଭିଯୁକ୍ତ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିବା ଦେଭୋଗ ଡିଏସ୍‌ପି କୁଞ୍ଜନ ସୂଚନା ଦେଇଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୨, ୩୪ ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଗିରଫ ୨ ଅଭିଯୁକ୍ତ।

## ସଂସଦ ଭବନରେ ପାଠପଢ଼ା

ଟିକିରି, ୧୬।୨(ଡି.ଏନ୍.ଏ.)

ସଂସଦ ଭବନରେ ପଢୁଛନ୍ତି ଛାତ୍ରୀଛାତ୍ର। କିନ୍ତୁ ସତସତିକା ସଂସଦ ଭବନରେ ନୁହେଁ। ସ୍କୁଲ ଶ୍ରେଣୀ ଗୃହକୁ ଏଭଳି ଭାବେ ଚିତ୍ରିତ କରାଯାଇଛି, ଯାହାକୁ ଦେଖିଲେ ସଂସଦ ଭବନର ଭ୍ରମ ସୃଷ୍ଟି ହେବ। ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ହରିଦାସପୁର ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ସଂସଦ ଭବନ ଚିତ୍ର କରାଯାଇଛି। ସ୍କୁଲର ନୂଆ ରୂପ ଦେଖି ଏବେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢିଛି। ହରିଦାସପୁର ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୨୫ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ସେମାନଙ୍କ ପାଇଁ ଦୁଇଜଣ ଶିକ୍ଷକ ରହିଛନ୍ତି। କିନ୍ତୁ ସ୍କୁଲରେ ପିଲାଙ୍କ ଉପସ୍ଥାନ ଦିନକୁ ଦିନ କମିବାରେ ଲାଗିବାରୁ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ତ୍ରିପାଠୀ ଓ ସରକାରୀ ଶିକ୍ଷକ ଏହି ଉପାୟ ଚିନ୍ତା କରି ତାହାକୁ କାର୍ଯ୍ୟକାରୀ କରିଥିଲେ। ସ୍କୁଲର ଏହି ନୂଆ ରୂପକୁ ଦେଖି ପିଲାମାନେ ନିୟମିତ ଭାବେ ବିଦ୍ୟାଳୟକୁ ଆସୁଛନ୍ତି ବୋଲି ଶିକ୍ଷକମାନେ କହିଛନ୍ତି। କେବଳ ସେତିକି ନୁହେଁ ନାଚଗୀତ ଓ ବିଭିନ୍ନ ଶୈକ୍ଷିକ ଉପକରଣ ମାଧ୍ୟମରେ ଏଠାରେ ପାଠ ମଧ ପଢାଉଛନ୍ତି। ଶିକ୍ଷକମାନଙ୍କ ଏହି ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ମାଷ୍ଟରସେଫ୍ ଇଣ୍ଡିଆ ବିଜେତା ଓଡ଼ିଆ ପୁଅ ଅବିନାଶ

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

### ଫିନାଲେ ପ୍ରସାରଣ ପୂର୍ବରୁ ନାମ ପ୍ରଘଟ



ଜାତୀୟସ୍ତରୀୟ ରିୟଲିଟି ଶୋ'ରେ ପୁଣିଥରେ ଚମକିଛି ଓଡ଼ିଶା। ଏଥର କୌଣସି ଡ୍ୟାନ୍ସ କି ମ୍ୟୁଜିକ୍ ରିୟାଲିଟି ଶୋ' ନୁହେଁ, ଦେଶର ସବୁଠାରୁ ଲୋକପ୍ରିୟ କୁକିଂ ରିୟଲିଟି ଶୋ' 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ରେ ପ୍ରଥମଥର ପାଇଁ ବାଜି ମାରିଛନ୍ତି ଜଣେ ଓଡ଼ିଆ। ବ୍ରହ୍ମପୁରରେ ଜନ୍ମିତ ଅବିନାଶ ନାୟକ ଓଡ଼ିଶାକୁ ଦେଇଛନ୍ତି ପ୍ରଥମ ମାଷ୍ଟରସେଫ୍ ଟାଇଟଲ୍। ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ର ସିଜିନ-୬ର ଫିନାଲେ ଏପିସୋଡ୍ ଏପର୍ଯ୍ୟନ୍ତ ପ୍ରସାରିତ ହୋଇନଥିଲେ ମଧ ଅବିନାଶ ବିଜେତା ହୋଇଥିବା ଜଣାପଡ଼ିଛି। 'ମୁମ୍ବାଇ ଲାଇଭ୍'ରେ ପ୍ରକାଶିତ ତଥ୍ୟ ମୁତାବକ ଏହାମଧରେ ଶୋ'ର ଗ୍ରାଣ୍ଡ ଫିନାଲେ ଶୁଟ୍ ଶେଷ ହୋଇସାରିଥିବାବେଳେ ଏହାର ବିଜେତା ଏବଂ ରନର୍ସଅପ୍‌ଙ୍କ ନାମ ଜଣାପଡ଼ିଛି। ଅବିନାଶ ଟାଇଟଲ୍ ୱିନର୍‌ଭାବେ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଥିବା ବେଳେ ଆଉଜଣେ ପ୍ରତିଯୋଗୀ କଲିକତାର ଓଣ୍ଡ୍ରିଲା ବାଲା ରନର୍ସଅପ୍ ଟାଇଟଲ୍ ଜିତିଛନ୍ତି। ଆସନ୍ତା ୨୩ ତାରିଖରେ ମାଷ୍ଟର୍‌ସେଫ୍ ଇଣ୍ଡିଆର ଫିନାଲେ ଏପିସୋଡ୍ ପ୍ରସାରିତ ହେବା ସହ ସେହିଦିନ ବିଧିବଦ୍ଧ ଭାବେ ବିଜେତାଙ୍କ ନାମ ଘୋଷଣା କରାଯିବ।

କଲର୍ସରେ ପ୍ରସାରିତ ଦେଶର ବହୁଚର୍ଚ୍ଚିତ ରିୟଲିଟି ଶୋ' 'ବିଗ୍ ବସ୍'ର ବିଜେତାଙ୍କ ନାମ ଫିନାଲେ ପ୍ରସାରଣର ଗୋଟିଏ ଦିନ ଆଗରୁ ପ୍ରଘଟ ହେବାଭଳି ମାଷ୍ଟରସେଫ୍ ଇଣ୍ଡିଆର ବିଜେତାଙ୍କ ନାମ ମଧ ପ୍ରଘଟ ହୋଇଛି। ମୁମ୍ବାଇ ଲାଇଭ୍‌ର ରିପୋର୍ଟ ଅନୁସାରେ ଫିନାଲେ ରାଉଣ୍ଡରେ ବ୍ରହ୍ମପୁରର ୨୭ବର୍ଷୀୟ ଅବିନାଶଙ୍କ ସହ ୩୫ ବର୍ଷୀୟ ଓଣ୍ଡ୍ରିଲା ବାଲାଙ୍କ ମଧରେ ପ୍ରତିଯୋଗିତା ହୋଇଥିଲା। ମାଷ୍ଟରସେଫ୍ ସିଜନ୍ ୬ରେ ବିଭିନ୍ନ ଟାସ୍କ ସମ୍ପୂର୍ଣ୍ଣ କରିବା ପରେ ଅବିନାଶ ଏହି ଶୋ'ର ବିଜେତା ହୋଇଥିବା କୁହାଯାଇଛି। ଫିନାଲେରେ ସେ ଓଡ଼ିଶାର ପ୍ରସିଦ୍ଧ ଛେନାପୋଡ଼, ଅଦା ମାଂସ ଏବଂ ଚିଙ୍ଗୁଡ଼ି ପ୍ରସ୍ତୁତ କରି ବିଚାରକଙ୍କ ହୃଦୟ ଜିତିଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ମାଷ୍ଟରସେଫ୍ ସିଜିନ ୬ରେ ୮ଟି ଟାସ୍କ ଜିତି ଏକ ରେକର୍ଡ କରିଛନ୍ତି। ବିଶେଷକରି ଚିକେନ ବେସର ଓ ମନ୍ଦାର ରସଗୋଲାକୁ ସେ ମାଷ୍ଟର୍‌ସେଫ୍ ମାଧ୍ୟମରେ ନ୍ୟାଶନାଲ ପ୍ଲାଟଫର୍ମରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏକ ମଲ୍ଟିନ୍ୟାଶନାଲ କମ୍ପାନୀରେ ଇଞ୍ଜିନିୟରଭାବେ ଚାକିରି କରୁଥିବା ଅବିନାଶ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରିବାରେ ଆଗ୍ରହ ରଖନ୍ତି। ପିଲାବେଳୁ ରୋଷେଇ କରିବା ତାଙ୍କର ଏକ ନିଶା ହୋଇଥିବାବେଳେ ଗତ ୩ବର୍ଷ ହେଲା ସେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ହଜିଯାଉଥିବା ଓଡ଼ିଆ ଖାଦ୍ୟଗୁଡ଼ିକୁ ନୂଆ ରୂପରେ ବର୍ତ୍ତମାନର ମିଲେନିଆଲଙ୍କ ସାମ୍ନାକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଆଗକୁ ଓଡ଼ିଆ ଖାଦ୍ୟରେ ଅଧିକ ଏକ୍ସପେରିମେଣ୍ଟ କରି ଏହାକୁ ଏକ ନୂଆ ସ୍ତରରେ ପହଞ୍ଚାଇବା ସହ ବ୍ଲଗିଂ ମାଧ୍ୟମରେ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ମାଷ୍ଟରସେଫ୍‌ର ଆଉଜଣେ ଓଡ଼ିଆ ପ୍ରତିଯୋଗୀ ଅନୁଗୋଳ ଜିଲାର ସ୍ମୃତିଶ୍ରୀ ସିଂ ବିଜେତା ହୋଇପାରି ନ ଥିଲେ ମଧ କାକରା ପିଠା ଓ ପଣସ ତରକାରି ଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ବିଚାରକଙ୍କ ସହ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜିତିଛନ୍ତି।

# ନବଜାତକ ପେଟ ବାହାରେ ପାକସ୍ଥଳୀ

### ଚିକିତ୍ସା ପାଇଁ ଶିଶୁଭବନରେ ଭର୍ତ୍ତି

କଟକ ଅଫିସ,୧୬।୨

କଟକ ଶିଶୁଭବନରେ ଜଣେ ନବଜାତକଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ପେଟ ବାହାରକୁ ଲମ୍ବି ଆସିଛି ଅନ୍ତଃନଳୀ ଓ ପାକସ୍ଥଳୀ। ଶିଶୁଭବନ ଆଶୁ ଚିକିତ୍ସା କେନ୍ଦ୍ରର ୩୫ନଂ. ବେଡରେ ଉକ୍ତ ନବଜାତକଙ୍କୁ ରଖାଯାଇଛି। ଖୁବ୍‌ଶୀଘ୍ର ଅସ୍ତ୍ରୋପଚାର ମାଧ୍ୟମରେ ନବଜାତକଙ୍କ ପାକସ୍ଥଳୀ ଓ ଅନ୍ତଃନଳୀକୁ ପେଟ ଭିତରେ ରଖାଯିବ ବୋଲି ଡା. ପ୍ରଦୀପ କୁମାର ଜେନା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ନୂଆସାହି ଗ୍ରାମର କୁମାର ଗୌଡଙ୍କ ସ୍ତ୍ରୀ ସୁଜାତା ଶନିବାର ବେଲଗୁଣ୍ଠା ଡାକ୍ତରଖାନାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଶିଶୁଟିର ପେଟ ବାହାରକୁ ଅନ୍ତଃନଳୀ ଓ ପାକସ୍ଥଳୀ ବାହାରିଥିବା ଡାକ୍ତରମାନଙ୍କ ନଜରକୁ ଆସିଥିଲା। ତୁରନ୍ତ ସୁଜାତା ଓ ନବଜାତକଙ୍କୁ ଶିଶୁଭବନକୁ ସ୍ଥାନାନ୍ତରିତ କରାଯାଇଥିଲା। ଆଶ୍ୱସ୍ତି ଫାଉଣ୍ଡେଶନ ଓ ଶ୍ରଦ୍ଧା ଫାଉଣ୍ଡେସନର କର୍ମକର୍ତ୍ତା ପୂଜା ପ୍ରିୟଦର୍ଶନୀ, ଅଭିନାଶ ସେନାପତି, ମାନସ ରଞ୍ଜନ ଦାସ, ସଂଗ୍ରାମ କେଶରୀ ଦାସ ପ୍ରମୁଖ ନବଜାତକର ଚିକିତ୍ସା ନେଇ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି।

# ଟଙ୍କାକୁ କିଟାଣୁରହିତ କରୁଛି ବ୍ୟାଙ୍କ

- ଥମୁନି କରୋନା ଭାଇରସ ଆତଙ୍କ

ବେଜିଂ,୧୬।୨



କରୋନା ଭାଇରସ୍‌କୁ ନେଇ ଚାଇନାରେ ଆତଙ୍କ ଅଦ୍ୟାବଧି ଚାଇନାରେ ୧,୬୬୫ ଲୋକଙ୍କ ମୃତ୍ୟୁ ଘଟିଲାଣି। ୬୯ ହଜାର ଲୋକ ଏଥିରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ବିଶ୍ୱର ୨୭ ଦେଶ ଏହାର କବଳକୁ ଚାଲିଆସିଥିବାବେଳେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଚେତାବନୀ ମଧ ଜାରି କରାଯାଇଛି। ଏହାକୁ ଯେତେଶୀଘ୍ର ରୋକିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କୁହାଯାଇଛି। ବ୍ୟାପକ ସଚେତନତା, ମାସ୍କ, ମେଡିସିନ ସତ୍ତ୍ୱେ ଏହି ଭାଇରସ୍ କାୟାବିସ୍ତାର କରିବାରେ ଲାଗିଛି। ଚାଇନାରେ ପ୍ରତିଟି ଛୋଟ ଛୋଟ କଥାକୁ ଏଥିଲାଗି ଗୁରୁତ୍ୱ ଦିଆଯାଉଛି। ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ଓ ଟଙ୍କା(ୟୁଆନ୍)କୁ କିଟାଣୁରହିତ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଗତ ୧୪ ଦିନ ହେବ ଟଙ୍କାକୁ ସିଲ୍ ଓ ଷ୍ଟୋର୍‌କରି ରଖାଯାଉଛି। ଟଙ୍କାକୁ ପୃଥକ ପୃଥକ ଭାବେ ଗଣାଯିବା ସହ ଅଲ୍ଟ୍ରାଭାଓଲେଟ୍ ଲାଇଟ୍ ବ୍ୟବହାର କରାଯାଉଛି ବୋଲି ଚାଇନା ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ଲୋକମାନଙ୍କ ଲାଗି ନୂଆ ନୋଟ ପ୍ରଚଳନ କରାଯିବା ଲାଗି ଚିନ୍ତା କରାଯାଉଥିବା ଚାଇନା ସେଣ୍ଟ୍ରାଲ ବ୍ୟାଙ୍କର ଡେପୁଟୀ ଗଭର୍ନର ଫ୍ୟାନ୍ ୟିଫେଇ କହିଛନ୍ତି। ସର୍ବାଧିକ କରୋନା ଭାଇରସ୍ କବଳିତ ହୁବେଇ ପ୍ରଦେଶ ଲାଗି ଜରୁରିକାଳୀନ ଭାବେ ୪ ବିଲିୟନ ନୋଟ୍ ଛପାଯାଇଛି। ଟଙ୍କା କାରବାର ବେଳେ ଜନସେବା ଓ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି। ଲୋକମାନଙ୍କୁ ମୋବାଇଲ ପେମେଣ୍ଟ ଲାଗି ପ୍ରୋତ୍ସାହନ କରାଯାଉଛି ଓ କରୋନା ଭୁତାଣୁ ଯେପରି ନ ବ୍ୟାପେ ସେଥିପ୍ରତି ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

"ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

# ପ୍ରଶଂସାର ମୂଲ୍ୟ

ଅର୍ଥନୈତିକ ଉନ୍ନତି ଆଧାରରେ ବିକଶିତ, ବିକାଶଶୀଳ ଓ ଅବିକଶିତ ରାଷ୍ଟ୍ରଗୁଡ଼ିକର ବର୍ଗୀକରଣ କରାଯାଇଛି। କୌଣସି ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି), ମୁଣ୍ଡପିଛା ଆୟ, ଶିଳ୍ପ ଅଭିବୃଦ୍ଧିର ସ୍ତର, ବଜାର ସ୍ଥିତି ଏବଂ ଲୋକଙ୍କ ଜୀବନଧାରଣ ମାନକୁ ମାନଦଣ୍ଡ ଭାବେ ନିଆଯାଇ ରାଷ୍ଟ୍ରଗୁଡ଼ିକୁ ସ୍ଥିର କରାଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଭାରତ ବିକାଶଶୀଳ ଦେଶ ପର୍ଯ୍ୟାୟଭୁକ୍ତ। ହେଲେ କିଛି ବର୍ଷ ହେବ ଭାରତ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଆସୁଛି। ଦେଶର ନେତୃତ୍ୱ ଅନେକ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରଗତି ବିଷୟରେ ତଥ୍ୟ ଉପସ୍ଥାପନ କରୁଛନ୍ତି। ତଥାପି ସେହି ସ୍ୱପ୍ନ ପୂରଣ ହୋଇପାରୁ ନାହିଁ। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୪ ଫେବୃୟାରୀରେ ଭାରତ ଗସ୍ତ କରିବା ପୂର୍ବରୁ ଏହି ଆକାଂକ୍ଷିତ ଲକ୍ଷ୍ୟ ଏବଂ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ଏବେ ଏକ ନୋଟିସ୍ ଜରିଆରେ ଜଣାଇ ଦିଆଯାଇଛି ଯେ, ଭାରତ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବାରୁ ଏହା ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବାଦ୍ ପଡ଼ିଲା। ଅର୍ଥାତ୍ ଏଣିକି ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ଆମେରିକା ସହ ବାଣିଜ୍ୟିକ କାରବାର କରିବ। ଭାରତ ଜି-୨୦ ରାଷ୍ଟ୍ରସମୂହର ସଦସ୍ୟ ରହିଛି ଏବଂ ବିଶ୍ୱ ବାଣିଜ୍ୟର ୦.୫ ପ୍ରତିଶତ ଅଂଶ ଅକ୍ତିଆର କରିଛି। ସେହି ଯୋଗୁ ଟ୍ରମ୍ପଙ୍କ ଘୋଷଣା ଦ୍ୱାରା ଭାରତକୁ ମିଳି ଆସୁଥିବା ଆର୍ଥିକ ସହାୟତା ଓ ବାଣିଜ୍ୟିକ ରିହାତି ବନ୍ଦ ହେବା ନିଶ୍ଚିତ ହୋଇଯାଇଛି।

ଟ୍ରମ୍ପ ଭାରତ ପ୍ରତି ହଠାତ୍ କାହିଁକି ଏଭଳି ଆଭିମୁଖ୍ୟ ଗ୍ରହଣ କଲେ, ତାହା ଏଠାରେ ବୁଝିବା କଷ୍ଟକର ନୁହେଁ। ଚଳିତବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୦୧୬ରେ ନିର୍ବାଚନ ଜିତିବା ପରେ ଟ୍ରମ୍ପ 'ଆଗ ଆମେରିକା' ବା 'ଆମେରିକା ଫାଷ୍ଟ' ନୀତି ଆପଣାଇ ଆସୁଛନ୍ତି। ୨୦୧୭ରେ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ବେଳେ ଆମେରିକାର ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଯଦିଓ ସେତେବେଳେ ସେ ଭାରତର ନାମ ନେଇ ନ ଥିଲେ, କିନ୍ତୁ ନିର୍ବାଚନକୁ ଆଖି ଆଗରେ ରଖି ଏବେ ଏଭଳି ନିଷ୍ପତ୍ତି ନେଇଥିବା ଆଲୋଚନା ହେବା ସ୍ୱାଭାବିକ। ସମସ୍ତେ ଜାଣନ୍ତି, ଟ୍ରମ୍ପ ଜଣେ ଏକଜିଦିଆ ରାଜନେତା ଓ ସେ ନିଜର ସ୍ୱାର୍ଥ ପାଇଁ କୌଣସି ମୁହୂର୍ତ୍ତରେ କିଛି ବି ନିଷ୍ପତ୍ତି ନେଇପାରନ୍ତି। ଭାରତକୁ ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବିକଶିତ ଦେଶକୁ ଉନ୍ନୀତ କରିବା ଅନେକ ଭାରତୀୟଙ୍କୁ ଖୁସି ଆଣିଦେଇପାରେ। କିନ୍ତୁ ଏହାର ନିଷ୍ଠୁର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ଥୟ। ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ଭାରତ ସଙ୍କଟ ମଧ୍ୟରେ ରହିଛି। ୨୦୧୮-୧୯ରେ ଭାରତର ଜିଡିପି ୬.୧ ପ୍ରତିଶତ ଥିବା ବେଳେ ୨୦୧୯-୨୦ରେ ହ୍ରାସ ପାଇ ୫ ପ୍ରତିଶତରେ ଅଛି। ଯେତେବେଳେ ଏକ ଦେଶର ଜିଡିପି କମିଆସୁଛି, ସେତେବେଳେ ଏହାର ଆର୍ଥିକ ଅଭିବୃଦ୍ଧି ଘଟୁଛି ବୋଲି ଆଖ୍ୟା ଦିଆଯାଇ ତାହାକୁ ବିକଶିତ ରାଷ୍ଟ୍ର ମାନ୍ୟତା ଦିଆଯିବା ପଛରେ ଟ୍ରମ୍ପଙ୍କ କପଟତା ସ୍ପଷ୍ଟ ବୁଝାପଡ଼ିଯାଉଛି। ଆମେରିକାବାସୀଙ୍କୁ ଖୁସି କରିବା ଲାଗି ସେ ଭାରତର ବୃହତ୍ କ୍ଷତି କରିବାକୁ ଯାଉଛନ୍ତି।

ଓଡ଼ିଆରେ ଢଗ ଅଛି- 'ହାତରେ ନ ମାରି ଭାତରେ ମାରିବା'। ଭାରତକୁ ବିକଶିତ ଦେଶ ଭାବେ ପ୍ରଶଂସା କରି ତା'ର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବାକୁ ଯାଉଥିବା ଟ୍ରମ୍ପଙ୍କୁ କିନ୍ତୁ କିଛି ଦିନ ପରେ ଗୁଜରାଟରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅହମଦାବାଦର ମୋଟେରାଠାରେ ବିଶ୍ୱର ସର୍ବାଧିକ ଦର୍ଶକ ଦେଖିପାରିବା ଭଳି ସର୍ଦ୍ଦାର ପଟେଲ କ୍ରିକେଟ ଷ୍ଟାଡିୟମ୍ ଉଦ୍‌ଘାଟନ କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ମୋଦି ପ୍ରେସିଡେଣ୍ଟ ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିଛନ୍ତି। ପରିତାପର ବିଷୟ, ଟ୍ରମ୍ପଙ୍କ ଏହି ୩ ଘଣ୍ଟିଆ କାର୍ଯ୍ୟକ୍ରମ ପାଇଁ ଗୁଜରାଟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିଲାଗି ପ୍ରସ୍ତୁତି ଜୋରସୋରରେ ଚାଲିଛି। ସବୁଠାରୁ କୌତୂହଳର ବିଷୟ ଯେ, ନିକଟରେ ଟ୍ରମ୍ପ କହିଥିଲେ ଅହମଦାବାଦ ବିମାନବନ୍ଦରରୁ ଉକ୍ତ ଷ୍ଟାଡିୟମ ଯାଏ ୫୦ ଲକ୍ଷରୁ ୭୦ ଲକ୍ଷ ଲୋକ ରହି ତାଙ୍କୁ ସ୍ୱାଗତ କରିବେ। ମୋଦି ଏ ନେଇ ପ୍ରତିଜ୍ଞା କରିଥିବା ଟ୍ରମ୍ପ କହିବା ପରେ ଭାରତ ଲଜ୍ଜିତ ହେବା କଥା । ଏଠାରେ ମନେପଡ଼େ, ଗତବର୍ଷ ସେପ୍ଟେମ୍ବରରେ ହ୍ୟୁଷ୍ଟନ୍‌ଠାରେ ହାଉଡି ମୋଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଥିରେ ୫୦,୦୦୦ ଭାରତୀୟ-ଆମେରିକୀୟ ଯୋଗଦେଇଥିଲେ। ସେମାନେ ମୁଖ୍ୟତଃ ଗୁଜରାଟୀ ଥିଲେ। ସେତେବେଳେ ମୋଦିଙ୍କୁ ଟ୍ରମ୍ପ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ଭବତଃ ପ୍ରତିବଦଳରେ ଟ୍ରମ୍ପଙ୍କୁ ଦେଖେଇ ଦେଲା ଭଳି ୫୦ ଲକ୍ଷରୁ ୭୦ ଲକ୍ଷ ଲୋକଙ୍କୁ ରୁଣ୍ଡ କରିବାରେ ମୋଦି ଲକ୍ଷ୍ୟ ରଖିଛନ୍ତି ବୋଲି ଆମେରିକା ରାଷ୍ଟ୍ରପତିଙ୍କ କଥାରୁ ବୁଝାପଡ଼ିଯାଉଛି। ଏଠାରେ କୁହାଯାଇପାରେ ଯେ, ନିର୍ବାଚନ ଜିତିବା ଲାଗି ଭାରତୀୟ-ଆମେରିକୀୟ ଭୋଟରଙ୍କୁ ଆଖି ଆଗରେ ରଖି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହାୟତା ନେଇଥିଲେ। ଏଥିରେ ମୋଦିଙ୍କୁ ବିଶ୍ୱନେତା ଓ ଭାରତକୁ ଗୁରୁତ୍ୱ ଦେବା ଭଳି କୌଣସି ଉଦ୍ଦେଶ୍ୟ ରହି ନ ଥିଲା ବୋଲି ମନେହେଉଛି। କାରଣ ବର୍ତ୍ତମାନ ଭାରତକୁ ଆମେରିକା ମିଛିମିଛିକା ବିକଶିତ ରାଷ୍ଟ୍ର ତାଲିକାରେ ଯୋଡ଼ିବାରୁ ମୋଦିଙ୍କ ଓଜନ ତଉଲି ହୋଇଗଲା। ଅନ୍ୟପକ୍ଷରେ ଷ୍ଟାଡିୟମ ଉଦ୍‌ଘାଟନ କରିବା ଲାଗି ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିବାରେ ଭାରତର କେଉଁ ପ୍ରକାର ସ୍ୱାର୍ଥ ସାଧନ ହେବ ତାହା ଅସ୍ପଷ୍ଟ ରହୁଛି। କେବଳ ଏତିକି ହୋଇପାରେ ଯେ, ଟ୍ରମ୍ପଙ୍କୁ ମୋଦି ଦେଖାଇ ଦେବାକୁ ଚାହାନ୍ତି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାରତ ଆତିଥ୍ୟ ପ୍ରଦାନ କରିବା ଲାଗି ଲୋକଙ୍କୁ ରାସ୍ତାରେ ଛିଡ଼ା କରାଇ ଦେଇପାରେ। ଏହା ବ୍ୟତୀତ ନିକଟ ଅତୀତରେ ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ବିଭିନ୍ନ ରାଜ୍ୟ ନିର୍ବାଚନରେ ବିପୁଳ ପରାଜୟ ଏବଂ ବିଶେଷକରି ଦିଲ୍ଲୀ ଫଳାଫଳ ପରେ ଟ୍ରମ୍ପଙ୍କ ଗସ୍ତ ଭାରତୀୟଙ୍କ ଦୃଷ୍ଟି ଭିନ୍ନ ଆଡ଼େ ନେଇଯାଇପାରେ ବୋଲି ପ୍ରଧାନମନ୍ତ୍ରୀ ଆଶା କରିପାରନ୍ତି। କିନ୍ତୁ ପେଟକୁ ଲାତ ମାରୁଥିବା ଟ୍ରମ୍ପଙ୍କ ଭଳି ବ୍ୟକ୍ତିଙ୍କୁ କୌଣସି ଭାରତୀୟ ହୃଦୟରୁ ସମ୍ମାନ ଦେବା ଉଚିତ ନୁହେଁ । କାରଣ ମିଛ ପ୍ରଶଂସାରେ ପେଟ ପୂରେ ନାହିଁ। ଏହାଛଡ଼ା ଆମେରିକା ସରକାର ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇସାରିଛି ଯେ, ଆମେରିକାର କୌଣସି ବୃହତ୍ ଶିଳ୍ପପତି ଟ୍ରମ୍ପଙ୍କ ସହିତ ଏହି ଗସ୍ତରେ ଆସୁ ନାହାନ୍ତି। ଏଥିରୁ ବୁଝାପଡୁଛି, ପୂର୍ବରୁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହିତ ମୋଦିଙ୍କ ଚେନ୍ନାଇର ମହାବଳିପୁରମ୍ ଭେଟ ପରେ ଯେଭଳି କୌଣସି ଅର୍ଥନୈତିକ ଘୋଷଣାନାମା କରାଗଲା ନାହିଁ, ଠିକ୍ ସେହିଭଳି ଟ୍ରମ୍ପ ଆସି ଫେରିଯିବେ, କିନ୍ତୁ ଭାରତର ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କୌଣସି ଲାଭ ମିଳିବ ନାହିଁ। ଗତ ୩୦ ଦିନ ମଧ୍ୟରେ ଗୁଜରାଟର ରାଜକୋଟ ଓ ଅହମଦାବାଦର ସରକାରୀ ହସ୍‌ପିଟାଲରେ ୧୩୪ ନବଜାତକଙ୍କ ମୃତ୍ୟୁ ହୋଇସାରିଲାଣି। ଏହାର ମୁଖ୍ୟ କାରଣ ଭାବେ ସରକାରୀ ଡାକ୍ତରଖାନାରେ ଔଷଧ ଓ ଯନ୍ତ୍ରପାତିର ଅଭାବ ଦର୍ଶାଯାଇଛି। ସେଗୁଡ଼ିକ ପୂରଣ କରିବା ପରିବର୍ତ୍ତେ ଟ୍ରମ୍ପଙ୍କ ପାଇଁ ୧୦୦ କୋଟି ଟଙ୍କା ମାତ୍ର ୩ ଘଣ୍ଟାରେ ଗସ୍ତ ପାଇଁ ଖର୍ଚ୍ଚ କରାଯାଉଛି। ଏହା ହେଉଛି ଗୁଜରାଟ ମଡେଲ। ଏହି ରାଜ୍ୟରେ ମୋଦି ୧୨ ବର୍ଷ ମୁଖ୍ୟମନ୍ତ୍ରୀ ରହିବା ପରେ ଏବେ ଦୀର୍ଘ ୬ ବର୍ଷ ଦେଶର ପ୍ରଧାନମନ୍ତ୍ରୀ ରହିସାରିଲେଣି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | 0 | 7 | | | B | | A | | | | | | |
| | | | 2 | 8 | | 1 | | D | | 6 | | | | |
| | 1 | 7 | | | B | 3 | | | | 8 | | | | |
| | A | 2 | | C | 5 | | | | | 3 | | B | | |
| 5 | | | | | E | | 8 | | 0 | | 1 | | | A |
| 6 | | | | D | 8 | 7 | 3 | | | 5 | C | | | |
| D | 5 | C | 3 | A | | | | | | | 2 | | | |
| | | B | | | | A | | | | | | 7 | | 4 |
| | 4 | | | | 0 | | D | | | | 7 | | | 9 |
| | 0 | 1 | | | 9 | | 4 | | E | | | | | D |
| | | | 8 | | | | 2 | 6 | | D | | | 1 | |
| | D | 6 | B | | | 8 | 1 | | | | | | E | |
| | | 4 | | E | | | | | | | | 0 | | 6 |
| | B | | 5 | | A | 9 | | | | C | | 3 | | |
| | | | 0 | | | C | | | | | A | | B | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | C | E | 8 | A | 9 | 3 | B | 5 | 7 | 1 | D | 6 | 4 |
| 6 | A | 5 | B | 2 | 4 | 1 | E | D | 3 | C | 8 | 7 | 9 | 0 |
| 7 | B | 4 | 3 | 9 | 6 | A | 8 | C | 0 | D | E | 5 | 1 | 2 |
| D | 3 | 9 | 7 | 1 | 5 | 0 | 6 | 4 | 2 | A | B | 8 | C | E |
| 1 | E | 8 | C | D | 0 | 5 | 7 | 2 | 4 | 6 | 9 | 3 | B | A |
| 0 | 5 | D | 9 | 3 | 2 | B | 1 | A | C | 8 | 6 | E | 4 | 7 |
| 3 | 9 | 2 | 6 | A | 1 | E | 0 | 8 | 7 | 4 | D | C | 5 | B |
| B | C | E | 5 | 7 | 8 | 2 | 4 | 6 | A | 9 | 3 | 1 | 0 | D |
| A | 8 | 7 | 0 | 4 | B | C | D | 9 | E | 1 | 5 | 6 | 2 | 3 |
| 4 | 1 | 6 | D | C | E | 3 | 5 | 7 | B | 0 | 2 | A | 8 | 9 |
| C | D | B | 2 | E | 7 | 8 | A | 1 | 9 | 5 | 0 | 4 | 3 | 6 |
| 9 | 2 | A | 8 | 5 | C | 4 | B | E | 6 | 3 | 7 | 0 | D | 1 |
| E | 4 | 3 | 1 | 0 | D | 6 | 2 | 5 | 8 | B | A | 9 | 7 | C |
| 8 | 6 | 1 | 4 | B | 3 | 7 | 9 | 0 | D | E | C | 2 | A | 5 |
| 5 | 7 | 0 | A | 6 | 9 | D | C | 3 | 1 | 2 | 4 | B | E | 8 |

ଗତକାଲିର ଉତ୍ତର

# ବିଦ୍ୟାଳୟ ଶିକ୍ଷାରେ ଗୁଣାତ୍ମକ ମାନ : ଏକ ସମୀକ୍ଷା

ଡ. ଗୋବିନ୍ଦ ବେହେରା

ଗତ କିଛିମାସ ତଳେ ନୀତି ଆୟୋଗ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ମାନ ପରିମାପର ସୂଚକ ଛାତ୍ର-ଶିକ୍ଷକ, ଉପସ୍ଥାନ, ପ୍ରଶାସନିକ ସୁବିଧା, ତାଲିମ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାଗୁଡ଼ିକୁ ଆଧାର କରି ବିଚାର କରାଯାଇଛି। ଶିକ୍ଷା, ଫଳାଫଳ, ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା, ଭିତ୍ତିଭୂମି ଓ ସୁବିଧାସୁଯୋଗଆଦିଅନ୍ୟାନ୍ୟପ୍ରଦର୍ଶନଆଧାରରେ ନୀତି ଆୟୋଗ ରିପୋର୍ଟ ପ୍ରକାଶ ହୋଇଛି।

ନୀତି ଆୟୋଗ ଦ୍ୱାରା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶିକ୍ଷାର ମାନକୁ ବିଚାର କରାଯାଇ ରିପୋର୍ଟ ପ୍ରକାଶ କରାଯାଇଥିଲା। ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଓଡ଼ିଶାର ସ୍ଥାନ ସପ୍ତମରେ ରହିବା ଏକ ଉଲ୍ଲେଖନୀୟ ଅଗ୍ରଗତି ବୋଲି କୁହାଯାଇପାରେ। ଏହା ପୂର୍ବରୁ ଓଡ଼ିଶାର ସ୍ଥାନ ୧୩ରେ ଥିଲା। ସୂଚନାଯୋଗ୍ୟ, ଉନ୍ନତ ମାନର ବିଦ୍ୟାଳୟ ଶିକ୍ଷାସୂଚୀରେ ସର୍ବୋଚ୍ଚ ସ୍ଥାନରେ କେରଳ ଏବଂ ସର୍ବନିମ୍ନ ସ୍ଥାନରେ ଉତ୍ତରପ୍ରଦେଶ ରହିବା ସହ ତାମିଲନାଡୁ, ହରିୟାଣା, ଗୁଜରାଟ, ହିମାଚଳପ୍ରଦେଶ, ଓଡ଼ିଶା, ରାଜସ୍ଥାନରେ ସାମଗ୍ରିକ ଶିକ୍ଷାଦାନରେ ମାନବୃଦ୍ଧି ଘଟିଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ କର୍ନାଟକ ଓ ଉତ୍ତରାଖଣ୍ଡ ପଛରେ ପଡ଼ିଯାଇଛନ୍ତି। ତାମିଲନାଡୁରେ ବିଦ୍ୟାଳୟ ସହିତ ସମ୍ପର୍କ ଓ ପରୀକ୍ଷା ଫଳାଫଳ ଭିତ୍ତିରେ ସର୍ବୋତ୍କୃଷ୍ଟ ଥିବା ବେଳେ ଅଧ୍ୟୟନ କ୍ଷେତ୍ରରେ କର୍ନାଟକ, ଭିତ୍ତିଭୂମି କ୍ଷେତ୍ରରେ ହରିୟାଣା ଶୀର୍ଷ ସ୍ଥାନରେ ରହିଛନ୍ତି। ମଣିପୁର ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଉତ୍କୃଷ୍ଟ ମାନର ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସରଳ ଭାଷାରେ ଶିକ୍ଷା ହେଉଛି ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ବିକାଶ କରି ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ସମାଜର ଉନ୍ନତି କରିବା ସହ ବ୍ୟକ୍ତି ନମ୍ର, ବିନୟ, ଆନନ୍ଦମୟ ଜୀବନଯାପନ, ଜୀବନଧାରଣର ମାର୍ଗଦର୍ଶନ, ସୁବିଧା ସୁଯୋଗ ଓ ସହଯୋଗ ଯୋଗାଇବା।

ଶିକ୍ଷାର୍ଥୀର ସଂଜ୍ଞା ହେଲା, ପାଞ୍ଚୋଟି ଅନୁଶାସନରେ ଶାସିତ ହୋଇ ଗଭୀର ଅଧ୍ୟବସାୟ ବଳରେ ଶିକ୍ଷା ଲାଭ କରିବା। ଜଣେ ଉତ୍ତମ ଶିକ୍ଷାଦାତା ଉଚ୍ଚକୋଟୀର ଶିକ୍ଷାର୍ଥୀ ହେବା ଆବଶ୍ୟକ। ସେ ଶିକ୍ଷାକୁ ଜୀବନବ୍ୟାପୀ ପ୍ରକ୍ରିୟା ମନେକରି ବିଭିନ୍ନ ପରିବେଶ ଓ ପରିବେଷ୍ଟନୀ ମଧ୍ୟରେ ନିଜକୁ ସାମିଲକରି ଶିକ୍ଷାଦାନ ଶୈଳୀକୁ ବଜାୟ ରଖିବା, ଶିକ୍ଷାର୍ଥୀକୁ ଉତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ପାରୁଥିବେ।

ଶିକ୍ଷାଦାନ କାଳରେ ଚାରୋଟି ସ୍ତମ୍ଭ (ଶିକ୍ଷା, ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନ) ମଧ୍ୟରେ ସମନ୍ୱୟ ଓ ଭାରସାମ୍ୟ ସ୍ଥାପନ କରି ଶିକ୍ଷାଦାନକୁ ଆଗେଇନେବା ହିଁ ଶିକ୍ଷାୟତନ। ଯଦିଓ ସ୍ୱାର୍ଥସିଦ୍ଧି ନିମିତ୍ତଉପରୋକ୍ତସ୍ତମ୍ଭଗୁଡ଼ିକଦିଗପରିବର୍ତ୍ତନକରନ୍ତି, ତେବେ ଶିକ୍ଷାର ଗୁଣାତ୍ମକ ମାନ ଅଧୋଗତି ନିଶ୍ଚିତ।

ଇଂରେଜ ଶାସନ କାଳରେ ମାକ୍‌ୱାଲେ ଅନୁଭବ କଲେ ଯେ, ପ୍ରାଚୀନ ଶିକ୍ଷା ତଥା ଗୁରୁକୁଳ (ମାଟିବଂଶ ଓ କ୍ଷିତିବଂଶ) ଶିକ୍ଷା ପଦ୍ଧତିରେ ସଂସ୍କାର ଆଣି ଭାରତବର୍ଷରେ ଇଂଲିଶ୍ ଶିକ୍ଷାକୁ ଗୁରୁତ୍ୱ ଦେଇ ନୂତନ ଶିକ୍ଷା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ନିମ୍ନ ମାଧ୍ୟମିକ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ଶିକ୍ଷାର ପରିକଳ୍ପନା କରାଯାଇଥିଲା। ଯଦିଓ ପାଠ୍ୟଖସଡ଼ାରେ ପ୍ରାଚୀନ ଭାରତୀୟ ଓ ପ୍ରାଦେଶିକ ପରମ୍ପରା ଏବଂ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଥିଲା, ତଥାପି ଶିକ୍ଷାଦାନରେ ସହୃଦୟତା ଅଭାବରୁ ଗୁଣାତ୍ମକ ମାନରେ ଲେଖଚିତ୍ରର ଅଧଃପତନ ଉପଲବ୍ଧି ହୋଇଛି। ମାତ୍ର ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ନୂତନ ଶିକ୍ଷା ପଦ୍ଧତିରେ ଯେଉଁ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି, ତାହା ଗୁଣାତ୍ମକ ମାନ ବୃଦ୍ଧିକୁ ଆହୁରି ଶିଥିଳ କରିଦେଇଛି।

ମନୋବିଜ୍ଞାନୀମାନଙ୍କ ମତରେ ଶିଶୁର ୮୫ ପ୍ରତିଶତ ମନବିକାଶ ୩ବର୍ଷରୁ ଆରମ୍ଭ ହେବା ଯୋଗୁ ବିଦ୍ୟାଳୟ ଶିକ୍ଷାକୁ ୩ ବର୍ଷ ବୟସରୁ ଅଙ୍ଗନୱାଡ଼ି ତତ୍ତ୍ୱାବଧାନରେ ରଖାଯାଇଛି। ଶିଶୁର ୩ ବର୍ଷ ପ୍ରସ୍ତୁତି ବିଦ୍ୟାଳୟ ଶିକ୍ଷା ପାଇଁ ଏବଂ ୪ବର୍ଷ ପ୍ରସ୍ତୁତି ମାଧ୍ୟମିକ ଶିକ୍ଷା ପାଇଁ ଧାର୍ଯ୍ୟ କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଓ ଆଗ୍ରହ ମାଧ୍ୟମରେ କୌଶଳ ପ୍ରୟୋଗ କରି ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପ୍ରତି ଆଗ୍ରହ ଜନ୍ମାଯାଉଛି। ଉଚ୍ଚଶିକ୍ଷା ପ୍ରତି ଶିକ୍ଷାର୍ଥୀଙ୍କ ୨୦୨୦ ବେଳକୁ ୨୫ ପ୍ରତିଶତ ଏବଂ ୨୦୩୫ ମସିହା ବେଳକୁ ୩୫ ପ୍ରତିଶତ ବୃଦ୍ଧି ପାଇବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେଣୁ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ୩ଟି ସୋପାନରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ ଗବେଷଣା ଓ ସାମାନ୍ୟ ଶିକ୍ଷା, ଦ୍ୱିତୀୟ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ସାମାନ୍ୟ ଶିକ୍ଷା ଓ ସାମାନ୍ୟ ଗବେଷଣା ଏବଂ ତୃତୀୟ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଭୁକ୍ତ ହୋଇଥିବା କଲେଜଗୁଡ଼ିକୁ ସ୍ୱୟଂଶାସିତ କରାଯାଇ ବିଭିନ୍ନ ବିଷୟରେ ଡିଗ୍ରୀ ପ୍ରଦାନ କରାଯାଉଛି। 'ଏ' ଗ୍ରେଡ୍ ସଂଖ୍ୟା ବିଦ୍ୟାଳୟସ୍ତରରେ ହ୍ରାସ ପାଇବାରେ ଲାଗିଛି।

ଉଚ୍ଚ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ପରୀକ୍ଷାଫଳକୁ ୭୩% କରିବା ପାଇଁ ପାସ୍ ନିୟମକୁ ପରିଷଦ ଭାଙ୍ଗିବାକୁ ବାଧ୍ୟ ହୋଇଛନ୍ତି ଏବଂ ଏହିବର୍ଷ କର୍ତ୍ତୃପକ୍ଷ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନରେ କିଛି ପରିବର୍ତ୍ତନ କରି ଉଭୟ ଦୀର୍ଘ କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀରେ ସର୍ବନିମ୍ନ ୧୫ ନମ୍ବର ଧାର୍ଯ୍ୟ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ, କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀରେ ପ୍ରାଥମିକ ଶ୍ରେଣୀ ପ୍ରଶ୍ନ ଭଳି ଶୂନ୍ୟ ସ୍ଥାନ, ସ୍ତମ୍ଭ ମିଳନ ଓ ଠିକ୍ ଭୁଲ୍ ନିରୂପଣ ଭଳି ପ୍ରଶ୍ନ ଭାଷା, ସାହିତ୍ୟ ଓ ସଂସ୍କୃତିର ମାନ ବୃଦ୍ଧି ପାଇ କେତେଦୂର ଯୁକ୍ତିଯୁକ୍ତ ତାହା ବୁଦ୍ଧିଜୀବୀ ମହଲରେ ଏକ ପ୍ରଶ୍ନବାଚୀ ହୋଇଛି।

ଅନ୍ୟପକ୍ଷରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଶିକ୍ଷାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଛି। ଉକ୍ତ ଶିକ୍ଷାର ଭିତିରି ଚିତ୍ର ଆଖି ଆଢୁଆଳରେ ରହିଛି ବୋଲି ବ୍ରିଟେନ୍‌ର ଏକ ୟୁନିଭର୍ସିଟିର ଜଣେ ପ୍ରଫେସର ଏକ ରାଜ୍ୟର ଇଂରାଜୀ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶକୁ ତର୍ଜମା କରିଛନ୍ତି। ତାଙ୍କ ମତରେ ସର୍ବୋଚ୍ଚ ୧୬ ମାର୍କ ଗ୍ରେସ୍ ଦେଇ ଇଂଲିଶ ଶିକ୍ଷାର୍ଥୀଙ୍କୁ ଅସ୍ୱାଭାବିକ ଭାବରେ ଉତ୍ତୀର୍ଣ୍ଣ କରି ତାଙ୍କୁ ଏକ ମେଧାବୀ ଛାତ୍ରର ପରିଚୟ ଦେଇ ଶିକ୍ଷାର ମାନ କିଭଳି ବୃଦ୍ଧି କରାଯାଇପାରିବ ତାହା ସହଜେ ଅନୁମେୟ। ସୂଚନା ଅଧିକାର ଆଇନ ବଳରେ ଜଣେ ପରୀକ୍ଷାର୍ଥୀ ତା'ର ଉତ୍ତରପତ୍ରର ଫଟୋ କପି ନେବା ଯୋଗୁ ମୂଲ୍ୟାୟନକାରୀମାନେ ଆଶାତୀତ ନମ୍ବର ଦେଇ ନିଜକୁ ହରଡ଼ଘଣାରୁ ବଞ୍ଚିତ କରିବା ଏବଂ ଉତ୍ତୀର୍ଣ୍ଣ ହାରକୁ ବୃଦ୍ଧି କରି ଶିକ୍ଷାର ମାନ କିଭଳି ଭାବରେ ବଢ଼ାଇହେବ ତାହା କଳ୍ପନାତୀତ।

ଚନ୍ଦ୍ରପ୍ରଭା ସାହି, ୨ୟ ଗଳି, ବ୍ରହ୍ମପୁର,
ମୋ- ୮୭୬୩୬୮୨୨୬୧

# ତଥାପି ମୋ ଦୁଃଖ ସରୁ ନାହିଁ



ରାଜୀବ କର୍ମୀ

ଏ ସବୁ ଯୋଜନା ମୋ ପାଇଁ, ତଥାପି ମୋ ଦୁଃଖ ସରୁ ନାହିଁ। ଏହା ଏକ ସଚେତନଧର୍ମୀ ସ୍ଲୋଗାନ୍। କୋଡ଼ିଏ ବର୍ଷ ତଳେ ଗ୍ରାମାଞ୍ଚଳ ଲୋକଙ୍କୁ ନିଜ ହକ୍ ବିଷୟରେ ସଚେତନ କରିବା ପାଇଁ ଆମେ ବ୍ୟବହାର କରୁଥିଲୁ। ଏବେ ମଧ୍ୟ ଏହି ସ୍ଲୋଗାନ୍‌ର ପ୍ରାସଙ୍ଗିକତା ରହିଥିବା ମନେହୁଏ। କୋଡ଼ିଏ ବର୍ଷ ଭିତରେ କେନ୍ଦ୍ରରେ ଏବଂ ବିଭିନ୍ନ ରାଜ୍ୟରେ ସରକାର ବଦଳିଛନ୍ତି। ବଦଳିଛି ଯୋଜନା। ଅନେକ ଯୋଜନାକୁ ନୂଆ ରୂପ ଦିଆଯାଇଛି। ଅପାରଗ ସରକାରକୁ ଲୋକେ ବରଖାସ୍ତ କରିଛନ୍ତି। ଭଲ କାମ କରୁ ନ ଥିବା ଅଧିକାରୀଙ୍କୁ ବିଦା କରାଯାଉଛି। ସରକାର ଅନେକ ଫନ୍ଦିଫିକର କରୁଛନ୍ତି ଗରିବଗୁରୁବାଙ୍କ ପେଟକୁ ଦାନା ମୁଠେ, ମୁଣ୍ଡକୁ ଛାତଟିଏ ଏବଂ ଦେହକୁ କନା ଖଣ୍ଡେ ଯୋଗାଇବା ପାଇଁ, ଯାହାକି ମଣିଷର ଆଜନ୍ମ ଅଧିକାର। ଏହା ହେଉଛି ସବୁ ଯୋଜନାର ମୂଳ, ଯାହା ପାଇଁ ମଣିଷ ନାଟ କରେ। ବିନା ପ୍ରଶ୍ନରେ ଭୋଟ ଦିଏ। ପାଞ୍ଚବର୍ଷ ପର୍ଯ୍ୟନ୍ତ ଅନାଇଥାଏ, କାଳେ ତା' ଭାଗ୍ୟରେ କିଛି ଜୁଟିବ। ଅପେକ୍ଷାରେ ବିତିଯାଏ ବର୍ଷ ପରେ ବର୍ଷ। ମାତ୍ର ସାଧାରଣ ଗରିବ ଲୋକଟିର ଦୁଃଖ ଲାଘବ ହୁଏ ନାହିଁ। ଅତୀତରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଦିନକୁ ଦିନ ନୂଆ ନୂଆ ଯୋଜନା ଯୋଡୁଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗରିବୀର ମୂଳୋତ୍ପାଟନ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଲୋକଙ୍କୁ ନିୟମିତ ରୋଜଗାର, ଆତ୍ମନିଯୁକ୍ତି ସୃଷ୍ଟି, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା ଏବଂ ସହରୀ ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ଚାଲୁଥିବା ଅନେକ ଯୋଜନା କୌଣସି ଆଇନ ପରିସରଭୁକ୍ତ ନୁହେଁ। ଜବାହର ଗ୍ରାମୀଣ ସମୃଦ୍ଧି ଯୋଜନା, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ଅନ୍ତ୍ୟୋଦୟ ଯୋଜନା, ସମନ୍ୱିତ ଗ୍ରାମୀଣ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ପାଇଁ କାମ ଯୋଜନା, ଗ୍ରାମୀଣ ଜୀବିକା ମିଶନ୍, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଇତ୍ୟାଦି ଆହୁରି ଅନେକ। ଏ ଭିତରୁ କିଛି ଚାଲୁଛି ତ କିଛି ନୂଆ ରୂପରେ ଆସିଛି। ଏହାର ମୂଳ ଉଦ୍ଦେଶ୍ୟ ନିଯୁକ୍ତି ସୃଷ୍ଟି ପାଇଁ ରିହାତି ଋଣ ବ୍ୟବସ୍ଥା, ଆର୍ଥିକ ସହିତ ସାମାଜିକ ଭିତ୍ତିକୁ ସୁଦୃଢ଼ କରିବା, ତାଲିମ ମାଧ୍ୟମରେ ଅଣକୁଶଳୀ ଶ୍ରମିକମାନଙ୍କୁ କୁଶଳୀ କରିବା, ଖାଦ୍ୟ ସୁରକ୍ଷା, ବାସୋପଯୋଗୀ ଗୃହ ବ୍ୟବସ୍ଥା ଏବଂ ନିଜ ଅଞ୍ଚଳରେ କର୍ମ ନିଯୁକ୍ତି ଇତ୍ୟାଦି।

ଲୋକଙ୍କର କ୍ରୟ କ୍ଷମତା ବଢ଼ାଇବା ପାଇଁ ୨୦୦୫ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ହେଲା। ଗାଁ ସ୍ତରରେ ଦୈନିକ ରୋଜଗାର ସୁନିଶ୍ଚିତ କରିବା ଉକ୍ତ ଆଇନର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ବାର୍ଷିକ ଅତି କମ୍‌ରେ ୧୦୦ ଦିନ ଗୋଟିଏ ପରିବାରର ଗୁଜରାଣ ମେଣ୍ଟାଇବା ପାଇଁ ସହାୟକ ହୋଇପାରିବ। ମାତ୍ର ଏହାଦ୍ୱାରା ବି ଲୋକେ ଉପକୃତ ହୋଇପାରୁ ନାହାନ୍ତି। ସରକାର କହୁଛନ୍ତି କାମ କରିବାକୁ ଲୋକ ମିଳୁନାହାନ୍ତି, ତେଣୁ ମେଶିନ୍‌ରେ କାମ କରାଯାଉଛି। ଲୋକେ କହୁଛନ୍ତି କାମ କଲେ ମଧ୍ୟ ଠିକ୍ ସମୟରେ ମଜୁରି ମିଳୁନାହିଁ। ସାପ୍ତାହିକ ମଜୁରି ବ୍ୟବସ୍ଥା, ଦାବି ଅନୁସାରେ ନିଜ ଅଞ୍ଚଳରେ କାମ କରିବାର ସୁଯୋଗ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଅଛି, କିନ୍ତୁ ଏସବୁ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ କାମ ଯୋଗାଇବା, ହେଲେ ସରକାର ନିଜେ କାମ କରି ଶତ ପ୍ରତିଶତ ସଫଳତା ରିପୋର୍ଟ ଦେଉଛନ୍ତି। ଲୋକ ନ ମିଳିବା ବାହାନା କରି ସରକାର ଚୁପ୍, ଆମେ ବି।

ଅଣସଙ୍ଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ୨୦୦୮ରେ ଏକ ଆଇନ କରିଛନ୍ତି। ଏହାଦ୍ୱାରା ନିଜ ଘରେ ଆତ୍ମନିଯୁକ୍ତି କିମ୍ବା ଦୈନିକ ମଜୁରି ଭାବରେ କାମ କରୁଥିବା ଲୋକେ ଉପକୃତ ହେବା ପାଇଁ ବ୍ୟବସ୍ଥା ଅଛି। ଏହି ଆଇନର ଫଳସ୍ୱରୂପ ଅଣସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ଜୀବନ ଏବଂ ଅକ୍ଷମତା ସହାୟତା, ସ୍ୱାସ୍ଥ୍ୟ ଏବଂ ମାତୃତ୍ୱଲାଭ ପରବର୍ତ୍ତୀ ସହାୟତା ତଥା ବୟସ୍କଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ମାତ୍ର ବ୍ୟବସ୍ଥାରେ ମଧ୍ୟସ୍ଥଙ୍କ ଦୌରାତ୍ମ୍ୟ ଯୋଗୁ ଏଥିରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି।

ଖାଦ୍ୟାଭାବୀ ପରିବାରକୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରୁ କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏଥିରେ ବି ରୂପାୟନ ସ୍ତରରେ ଅବହେଳା ହେଉଛି। ଏବେବି ଗ୍ରାମାଞ୍ଚଳରେ ଅନେକ ଲୋକଙ୍କ ରାଶନ କାର୍ଡ ବନ୍ଧା ପଡ଼ିଛି। ପ୍ରକୃତ ହିତାଧିକାରୀ ଚୟନରେ ଅନିୟମିତତା ହେଉଛି।

ସରକାରୀ ରିପୋର୍ଟ ଅନୁସାରେ ଗତ ଦଶବର୍ଷ ଭିତରେ ୫୪.୭%ରୁ ୩୩.୮% ଦାରିଦ୍ର୍ୟ କମିଛି। ଲୋକଙ୍କର ଜୀବନ ଧାରଣ ମାନ ସହ କ୍ରୟ କ୍ଷମତା ବଢ଼ିଛି। କେତେକେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅପେକ୍ଷା କରୁଛନ୍ତି। ଜଣେ ବ୍ୟକ୍ତି ନିଜର ୬ ମାଣ ଜମିରେ ଯେତେ ଖଟିଲେ ମଧ୍ୟ ଅଭାବୀ ବିକ୍ରିର ସାମ୍ନା କରୁଛି। ହଜାର ହଜାର ଯୁବତୀଯୁବକ କାମ ଅଭାବରୁ ଦାଦନ ଖଟୁଛନ୍ତି। ପିଲାଟିଏ ଯେତେ ପାଠ ପଢ଼ିଲେ ମଧ୍ୟ ରୋଜଗାରକ୍ଷମ ହୋଇପାରୁ ନାହିଁ। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁସାରେ ଭାରତର ବେରୋଜଗାରୀ ସଂଖ୍ୟା ଗତ ୪୫ ବର୍ଷର ରେକର୍ଡ ଭାଙ୍ଗିଛି।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ- ଏହାର କାରଣ କ'ଣ ? ତ୍ରୁଟି ରହିଛି କେଉଁଠି ? କାହିଁକି ଆଜି ଗାଁରେ ରହୁଥିବା ସାଧାରଣ ଲୋକଟିଏ ତା'ର ମୌଳିକ ଆବଶ୍ୟକତା ପୂରଣ କରିବାରେ ବିଫଳ? ଯେତେ ଯୋଜନା ଓ ଆଇନ କଲେ ମଧ୍ୟ ଦୁଃଖ ସରୁ ନାହିଁ କାହିଁକି? ଗରିବ ଲୋକଟିଏ ଯେତେ ଖଟିଲେ ମଧ୍ୟ ତା'ର ଲାଭ ଅନ୍ୟର ପକେଟ୍‌କୁ ଯାଉଛି କିପରି? ଏପରି କିଛି ମୌଳିକ ଏବଂ ଜଟିଳ ପ୍ରଶ୍ନକୁ ତର୍ଜମା କଲେ କେତୋଟି ବିଷୟ ଆମ ସାମ୍ନାକୁ ଆସିବ। ପ୍ରଥମତଃ ରାଜନେତାମାନେ ଲୋକଙ୍କର ଗରିବୀକୁ ରାଜନୀତି ସହିତ ଯୋଡ଼ିବା। ଦ୍ୱିତୀୟତଃ ସେବା କିମ୍ବା ବିକାଶ ବଦଳରେ ଅନ୍ୟାନ୍ୟ କ୍ଷେତ୍ରରେ ଅଧିକ ବିନିଯୋଗ। ତୃତୀୟତଃ ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବାରେ ବିଫଳ। ଚତୁର୍ଥତଃ ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଦୁର୍ନୀତି। ଏଗୁଡ଼ିକୁ ସମାଧାନ କଲେ ଦୁଃଖ କିଛି ଲାଘବ ହୋଇପାରନ୍ତା।

ଶଗଡ଼ା,ବୌଦ୍ଧ,ମୋ-୮୩୨୮୮୪୮୧୪୫

## ଏଇ ଭାରତରେ

ଭୋକିଲା ପିଲାର ପେଟକଥା ବୁଝିପାରୁଛନ୍ତି କୋଲକାତାର ମୈତ୍ରୀ ବାନାର୍ଜୀ। ସେ ଚାକିରି ଛାଡି ଅବହେଳିତ ପିଲାମାନଙ୍କ ମୁହଁରେ ହସ ଫୁଟାଉଛନ୍ତି। ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ଦକ୍ଷିଣେଶ୍ୱରର ମୈତ୍ରୀ ବିବାହ କରିବା ପରେ କୋଲକାତା ଆସି ଚାକିରି କରିଥିଲେ। ୪ ବର୍ଷ ତଳେ ସେ ଚାକିରି ଛାଡି ଶେଓରାଫୁଲି, ବଣ୍ଡେଲ୍ ଓ ରସୁଲ୍‌ପୁର ଅଞ୍ଚଳରେ ରାସ୍ତାରେ ବୁଲୁଥିବା ଅବହେଳିତ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ଆରମ୍ଭ କରିଥିଲେ। ପ୍ରଥମେ ସେ ଏକ ହ୍ୱାଟ୍ସଆପ୍ ଗ୍ରୁପ ଖୋଲି ଘର ଘର ବୁଲି ପୋଷାକ, ବ୍ୟାଗ, ଜୋତା ଏବଂ କମ୍ବଳ ଯୋଗାଡ କରି ପିଲାମାନଙ୍କୁ ଦେଉଥିଲେ। ମୈତ୍ରୀଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ 'ମହାଜୀବନ' ନାମକ ଏକ ବେସରକାରୀ ସଂସ୍ଥା ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛି। ଏହି ସଂସ୍ଥା ସହ ମିଶି ମୈତ୍ରୀ ପିଲାମାନଙ୍କ ପାଇଁ ଦୈନିକ ଭୋଜନ ବ୍ୟବସ୍ଥା କରିବା ସହ ଦିନବେଳା ଅନ୍ୟ ଜଣେ ଶିକ୍ଷକଙ୍କ ସହଯୋଗରେ ପଢାଉଛନ୍ତି। ହସ୍ତକଳା ସମ୍ପର୍କରେ ଶିକ୍ଷା ମଧ୍ୟ ଦେଉଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ପିଲା ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ଏବେ ସୁଦ୍ଧା ମୈତ୍ରୀ ୧୧୦ଜଣ ପିଲାଙ୍କୁ ଉଦ୍ଧାର କରିସାରିଛନ୍ତି।

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ-ପଥେ !
(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଫେବୃୟାରୀ ୧୯୯୫

- ଇସ୍ରାଏଲ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି (ଏନ୍.ପି.ଟି.)ରେ ସ୍ୱାକ୍ଷର ନ କରିବା ପର୍ଯ୍ୟନ୍ତ ଆରବ ରାଷ୍ଟ୍ରମାନେ ଏନ୍.ପି.ଟି. ସମ୍ପ୍ରସାରଣ କରିବା ଚୁକ୍ତିରେ ସ୍ୱାକ୍ଷର କରିବେ ନାହିଁ ବୋଲି ଆରବ ରାଷ୍ଟ୍ରମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି।
- ତାଇୱାନର ତାଇଚୁଙ୍ଗ ସହରଠାରେ ଥିବା ଏକ ରେସ୍ତୋରାଁ କୋଠା ଓ ବାରରେ ଏକ ବିସ୍ଫୋରଣ ଘଟିବା ପରେ ସେଥିରେ ନିଆଁ ଲାଗିଯିବା ଯୋଗୁ ୬୭ ଜଣଙ୍କ ମୃତ୍ୟୁ।

## ଆମ ସମସ୍ୟା

### ଦେବଗଡ଼ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଉ

ମହାଶୟ,

ଦେବଗଡ଼ ଦେବଭୂମି ଏକ ପବିତ୍ର କ୍ଷେତ୍ର। ସାହିତ୍ୟ, ସଂସ୍କୃତି, କଳା, ଭାବାପନ୍ନ ଲେଖକ ତଥା କବିପୂର୍ଣ୍ଣ ଏକ ପୁରାତନ କୀର୍ତ୍ତିରାଜିରେ ଭରା ଜିଲା। ଏହା ଏକ ଶିଳ୍ପବିହୀନ ଜିଲା। ଏଠାକାର ମୁଖ୍ୟ ରୋଜଗାର ପନ୍ଥା ଚାଷ ଏବଂ ଜଳବାୟୁ ଫଳଚାଷ ଉପଯୋଗୀ। ଜିଲାରେ ଅନେକ ପର୍ଯ୍ୟଟନ କ୍ଷେତ୍ର ଅଛି। ତା'ର ପୁନରୁଦ୍ଧାର ହୋଇପାରିଲେ ବାହାରୁ ଅନେକ ପର୍ଯ୍ୟଟକ ଆସିପାରନ୍ତେ ଏବଂ ଏହା ଏକ ଶିଳ୍ପର ମାନ୍ୟତା ପାଇପାରନ୍ତା। ଦେବଗଡ଼ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବାର ୨୬ ବର୍ଷ ଅତିବାହିତ ହୋଇଯାଇଛି। ହେଲେ ଅନ୍ୟ ଜିଲା ଅପେକ୍ଷା ଏହା ବହୁତ ପଛରେ। ପ୍ରଶାସନ ଯଦି ଏଠାକାର ଲୋକଙ୍କ ମତାମତକୁ ସମ୍ମାନ ଜଣାଇ କିଛି ନୂତନ କାମ କରନ୍ତେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ।

ସୁଶୀଲ କୁମାର କପରଦାର, ପ୍ରାକ୍ତନ ନଗରପାଳ, ଦେବଗଡ଼

### ମାଙ୍କଡ଼ ଓ ଷଣ୍ଢ ଉପଦ୍ରବ

କଟକ ସଦର ଆୟତପୁର ଏବଂ କନ୍ଦରପୁର ଗ୍ରାମପଞ୍ଚାୟତରେ ମାଙ୍କଡ଼ ଓ ଷଣ୍ଢ ଉପଦ୍ରବ ଫଳରେ ଚାଷୀମାନେ ହତାଶ ହେଉଛନ୍ତି। ଏପରିକି ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବାକୁ ଭୟ କରୁଛନ୍ତି। ଷଣ୍ଢମାନେ ବିଲରେ ପନିପରିବା, ମୁଗ, ବିରି ଏବଂ ଧାନ ଖାଇବା ସହିତ କ୍ଷତି କରୁଛନ୍ତି। ମାଙ୍କଡ଼ମାନେ ପନିପରିବା ଖାଇଯାଉଛନ୍ତି। ଜିଲା ପ୍ରଶାସନ ତରଫରୁ ପ୍ରତିକାର କରାଯାଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଷନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୯- ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ଗିରିରାଜ କିଶୋର (୮୨)ଙ୍କ ପରଲୋକ।
୧୦- ଆନ୍ଦୋଳନ କରିବା ଅଧିକାର ଜନସାଧାରଣଙ୍କର ରହିଛି। ମାତ୍ର ଆନ୍ଦୋଳନ ନାଁରେ ସର୍ବସାଧାରଣ ସ୍ଥାନ ଓ ରାସ୍ତାକୁ ଅବରୋଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।
୧୧- ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବିପୁଳ ବିଜୟ।
୧୨- ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜମାତ୍-ଉଦ୍-ଦାୱା ମୁଖ୍ୟ ହାଫିଜ ସୟିଦଙ୍କୁ ପାକିସ୍ତାନର ଏକ ଅଦାଲତ ୧୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ସମ୍ପର୍କିତ ଦୁଇଟି ମାମଲାରେ ହାଫିଜଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି।
୧୩- ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ମନ୍ତ୍ରିମଣ୍ଡଳରେ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ୍. ଆର୍. ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ରିଷି ସୁନକ ନୂଆ ଅର୍ଥମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଫେବୃୟାରୀ, ୨୦୨୦



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳିଆ ବାସ,**
**ନଈ ତଳିଆ ଚାଷ,**
**ଅନ୍ତୁଡି ପୁଅକୁ ଆଶ ।**

ନଈ ବନ୍ଧ ତଳେ ଘର କରିଥିଲେ ବଢ଼ି ହୋଇ ବନ୍ଧ ଭାଙ୍ଗିଗଲେ ଘରଦ୍ୱାର ଭାସି ଯିବାର ସମ୍ଭାବନା ରହିଥାଏ । ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ । ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ । ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହେଉ ନ ଥିବା ସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରି ବସିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ବଡ଼ଟି ବଣ ବିଛୁଆତି,**
**ସାନଟି ବାଇଡଙ୍କ ନାତି ।**

ବଣ ବିଛୁଆତି ଦେହରେ ଲାଗିଲେ ଭାରି କୁଣ୍ଡେଇ ହୁଏ । ଦେହରେ ଠା ଠା ହୋଇ ଫଳିଯାଏ । ସେହିପରି ବାଇଡଙ୍କ ଆଂଶୁ ଦେହରେ ବାଜିଲେ ଦେହହାତ କୁଣ୍ଡାଇ ହୁଏ ଏବଂ ଦେହ ଫଳିଯାଏ । ଦୁଷ୍ଟାମିରେ ଏକୁ ଆରେକ ବଳିୟାର । ଜଣେ ଦୁଷ୍ଟ ହେଲେ ଆଉ ଜଣେ ଭାରି ବାଲୁଙ୍ଗା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବେକାରି ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଭୁବନେଶ୍ୱର,୧୬।୨(ବ୍ୟୁରୋ): ବେକାରି ଏବଂ ନିଯୁକ୍ତି ସୃଷ୍ଟି ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବେକାରିରେ ଓଡ଼ିଶା ଏକ ନମ୍ବର ବୋଲି ଶନିବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିବା ପରେ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସ୍କିଲ୍ ମିଶନର କଥା କହି ସରକାର ସବୁବେଳେ ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି । ମିଛ ତଥ୍ୟ ଦେଇ ପୁରସ୍କାର ନେଉଛନ୍ତି ହେଲେ ନିଯୁକ୍ତି ସୃଷ୍ଟି ପ୍ରସଙ୍ଗରେ କୌଣସି ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି । ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସରକାର 'ଇଚ୍ଛାଶକ୍ତି ଅଭାବ' ଓ 'ଆନ୍ତରିକତା ଅଭାବ' ଭଳି ୨ଟି ରୋଗର ଶିକାର ହୋଇଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ସମ୍ପୂର୍ଣ୍ଣ ଫେଲ ହୋଇଛି। ଶସ୍ୟ ଅମଳ ପରେ ରୋଜଗାର ଅନ୍ୱେଷଣରେ ଚାଷୀମାନେ ଦାଦନ ଖଟିବା ପାଇଁ ବାହାରକୁ ପଳାୟନ କରୁଛନ୍ତି। ସରକାରଙ୍କ ପ୍ରୋତ୍ସାହନ ଅଭାବ, ଶିଳ୍ପମାରଣ ନୀତି ଓ ଉତ୍ପୀଡ଼ନ କାରଣରୁ କ୍ଷୁଦ୍ରଶିଳ୍ପୋଦ୍ୟୋଗୀ ମୃତ୍ୟୁଶଯ୍ୟାରେ ପଡ଼ିଲେଣି । ଏହି କାରଣରୁ ନୂଆ ଶିଳ୍ପୋଦ୍ୟୋଗୀମାନେ ନୂତନ ଶିଳ୍ପ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ କିପରି ନିଯୁକ୍ତି ସୃଷ୍ଟି କରାଯାଇପାରିବ ସରକାର କୁହନ୍ତୁ । ୫ ଲକ୍ଷ କୋଟି ନିବେଶ ଶିଳ୍ପାୟନର ସ୍ୱପ୍ନ ଦେଖାଇ ଭୁଆଁ ବୁଲାଉଥିବା ସରକାର ଗତ ୫ବର୍ଷରେ କେତେ ସଂଖ୍ୟାରେ ନୂତନ ଶିଳ୍ପ ଏବଂ ନୂତନ ନିଯୁକ୍ତି ସୃଷ୍ଟି କରିଛନ୍ତି କୁହନ୍ତୁ। ଏନେଇ ଶ୍ୱେତପତ୍ର ଜରିଆରେ ସମସ୍ତ ତଥ୍ୟ ପ୍ରକାଶ କରିବାକୁ ପୃଥ୍ୱୀରାଜ ଦାବି କରିଛନ୍ତି।

# ଡେମୋ ଦେଖାଇଲେ ଡ୍ରାଇଭର ବର୍ଦ୍ଧନ

ଝାରସୁଗୁଡ଼ା ଅଫିସ, ୧୬।୨

## କଳ୍ପନା ଦାଶ, ବବ୍‌ଲି ହତ୍ୟା ଘଟଣା

ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ୨୦୧୬ରେ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୋଲିସ ଏହି ଘଟଣାରେ ବହୁ ତଥ୍ୟ ପାଇଛି । ଶୁକ୍ରବାର ରାତିରେ ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ପୋଲିସ ଉଠାଇ ନେଇଥିଲା। ଅନୁପଙ୍କ ସମସ୍ତ କଳାକାରନାମାର ପେଡି ବର୍ଦ୍ଧନ ଖୋଲିଛନ୍ତି। ପ୍ରଥମେ ବର୍ଦ୍ଧନ ଦୋଷ ସ୍ୱୀକାର କରୁ ନ ଥିଲେ। ହେଲେ ପୋଲିସ ବର୍ଦ୍ଧନଙ୍କଠାରୁ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଛି। ସେ ଏହି ଘଟଣାରେ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। କି ଭଳି କଳ୍ପନା ଦାଶ ଓ ତାଙ୍କ ଝିଅ ବ୍‌ଲିଙ୍କୁ ଙ୍କୁ ହତ୍ୟା କରାଯାଇଥିଲା ତା'ର ଲାଇଭ୍ ଡେମୋ କରି ଦେଖାଇଛନ୍ତି। ରବିବାର ଚକ୍ରଧରନଗର ଥାନା ପୋଲିସର ଏକ ଟିମ୍ ବର୍ଦ୍ଧନଙ୍କୁ ନେଇ ମୃତଦେହ ମିଳିଥିବା ସ୍ଥାନକୁ ଯାଇଥିଲା। ସେଠାରେ ନଡ଼ାରେ ପ୍ରସ୍ତୁତ ମଣିଷ ଆକୃତିର ୨ ପ୍ରତିକୃତି (ଡେମୋ) ରଖାଯାଇଥିଲା। ଏହାପରେ ବର୍ଦ୍ଧନ ଡେମୋ କରି କିଭଳି ଗାଡି ଚଢାଇ ହତ୍ୟା କରାଯାଇଥିଲା ତାହା ଦେଖାଇଥିଲେ। ପୋଲିସ ଏହାର ଭିଡିଓ ପ୍ରସ୍ତୁତ କରିଛି। ସେହିପରି ଏହି ହତ୍ୟାକାଣ୍ଡରେ କେବଳ ଅନୁପ ଓ ବର୍ଦ୍ଧନ ନୁହନ୍ତି ବରଂ ଅନ୍ୟ ଜଣେ ସହଯୋଗୀ ଥିଲେ ବୋଲି ପୋଲିସକୁ ବର୍ଦ୍ଧନ ସୂଚନା ଦେଇଛନ୍ତି। ତାଙ୍କ ସମ୍ପର୍କରେ ମଧ୍ୟ ପୋଲିସକୁ ବର୍ଦ୍ଧନ ସୂଚନା ଦେଇଛନ୍ତି।




ଅନୁପ ସାଏଙ୍କ ଡ୍ରାଇଭରଙ୍କ ଦ୍ୱାରା ଲାଇଭ୍ ଡେମୋ କରିବାକୁ ଘଟଣାସ୍ଥଳରେ ପୋଲିସ କର୍ମଚାରୀ।

## ଯୋଜନା ରଚିଥିଲେ ଅନୁପଙ୍କ ଜଣେ ନିକଟ ସମ୍ପର୍କୀୟ

ବହୁ ଚର୍ଚ୍ଚିତ ମା' ଝିଅ ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ଏହି ଘଟଣାରେ ଅନୁପଙ୍କୁ ମୁଖ୍ୟ କୁହାଯାଉଥିବା ବେଳେ ଆଉ ଜଣେ ବ୍ୟକ୍ତି ଏହି ଘଟଣାର ସମ୍ପୂର୍ଣ୍ଣ ଯୋଜନା କରିଥିବା ପୋଲିସ ସୂଚନା ପାଇଛି। ତେବେ ପୋଲିସ କିନ୍ତୁ ଏ ସମ୍ପର୍କରେ କୌଣସି ସୂଚନା ଦେଉନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଅନୁପଙ୍କ ଜଣେ ଅତି ନିକଟ ସମ୍ପର୍କୀୟ ଏହି ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ମାଷ୍ଟର ପ୍ଲାନ ରଚିଥିଲେ। ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ମଧ୍ୟ ସେ ଚୟନ କରିଥିଲେ। ଘଟଣା ପୂର୍ବରୁ ସେଠାରେ ସେ ଉପସ୍ଥିତ ମଧ୍ୟ ଥିଲେ। ସନ୍ଧ୍ୟା ପରେ ଉକ୍ତ ସ୍ଥାନକୁ କେହି ଯିବା ଆସିବା କରୁ ନ ଥିବାରୁ ସେଠାରେ ହତ୍ୟାକାଣ୍ଡ ଭିଆଇବା ସୁରକ୍ଷିତ ଓ ସହଜେ ଖସି ଯାଇହେବ ବୋଲି ସେ ପରାମର୍ଶ ଦେଇଥିଲେ।

## କାହା ନାଁ ନ କହିବାକୁ ଅନୁପଙ୍କୁ ଧମକ

ଡବଲ ମର୍ଡର ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସମ୍ପୃକ୍ତି ପରେ ଜିଲାରେ ନାନା ଚର୍ଚ୍ଚା ହେଉଛି। ଅନୁପଙ୍କୁ କୋଳେଇ ନେଇଥିବା ଶାସକ ବିଜେଡି ଏବେ ହାତ ଛାଡି ଦେଇଛି। ସ୍ଥାନୀୟ କୌଣସି ନେତା ଏହି ଘଟଣାରେ ମୁହଁ ଖୋଲୁ ନାହାନ୍ତି। ଏହା ଜିଲା ରାଜନୀତିକୁ ସରଗରମ କରିଛି। ସହରର ବିଭିନ୍ନ ଛକ, ଦୋକାନ, ବଜାର, ଖଟି ଇତ୍ୟାଦି ସ୍ଥାନରେ ନାନା ଚର୍ଚ୍ଚା ହେଉଛି। ଅନୁପ ପୋଲିସ ନିକଟରେ ସବୁ ଦୋଷ ସ୍ୱୀକାର କରଛନ୍ତି। ସେ ନିଜେ ଓ ତାଙ୍କ ଡ୍ରାଇଭର ହତ୍ୟା କରିଥିବା କହିଛନ୍ତି। ହେଲେ ଆଉ କାହା ନାଁ କହୁ ନାହାନ୍ତି। ତାଙ୍କ ପଛରେ ଯେଉଁ ନେତା ଦ୍ୱୟଙ୍କ ଆଶୀର୍ବାଦ ଥିଲା ସେମାନେ ଏବେ ଚୁପ୍। ଅନୁପଙ୍କୁ ୬ ମାସ ହେବ ଛତିଶଗଡ ପୋଲିସ ସ୍କାନରରେ ରଖିଥିବା ସମ୍ପର୍କରେ ଖୋଦ ଅନୁପ ଓ ଜିଲାର ସମ୍ପୃକ୍ତ ୨ ଜଣ ପ୍ରତିଷ୍ଠିତ ଜନପ୍ରତିନିଧି ଜାଣିଥିଲେ। ଅନୁପ ଏହି ଘଟଣାରେ ନିଶ୍ଚୟ ବନ୍ଧା ହେବେ ବୋଲି ମଧ୍ୟ ଉକ୍ତ ଦୁଇ ନେତା ଜାଣିଥିଲେ। ହେଲେ ପୂର୍ବରୁ ଅନୁପଙ୍କୁ ଯେମିତି ପୋଲିସ ନ ବାନ୍ଧୁ ସେ ନେଇ ଏ ଦୁହେଁ ସହଯୋଗ କରୁଥିଲେ। କାଳେ ଅନୁପ ପୋଲିସକୁ ସମ୍ପୃକ୍ତ ନେତା ଦ୍ୱୟଙ୍କ ସମ୍ପର୍କରେ କହିଦେବେ ସେହି ଭୟରେ ଏବେ ଏହି ଦୁଇ ଜନ ପ୍ରତିନିଧି ଥରୁଛନ୍ତି। ଅନୁପ ଯେମିତି ଭୁଲରେ ବି ଏ ଦୁଇ ନେତାଙ୍କ ନାଁ ପୋଲିସ ଆଗରେ ନ ଧରନ୍ତି ସେନେଇ ଏ ଦୁହେଁ ଅନୁପଙ୍କୁ ଧମକ ଦେଇଛନ୍ତି।





## ଅନୁପଙ୍କ ପାଇଁ ଅଡୁଆ ବଢ଼ିଲା

କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟାକାଣ୍ଡରେ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ସାମିଲ ଥିବା ସ୍ୱୀକାର କରିବା ପରେ ଅନୁପଙ୍କ ପାଇଁ ଅଡୁଆ ବଢ଼ିଛି। ଗତ ୩ ଦିନ ଧରି ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ବର୍ଦ୍ଧନ ରାୟଗଡ ପୋଲିସର ଜେରା ପରେ ସବୁ ମାନି ଯାଇଛନ୍ତି। ଘଟଣା ଦିନ ବୋଲେରୋ ସହିତ ଅନୁପଙ୍କ ଆଉ ଏକ ଇନୋଭା ଗାଡି ମଧ୍ୟ ଘଟଣା ସ୍ଥଳକୁ ଯାଇଥିଲା। ଏଣୁ ଘଟଣାସ୍ଥଳକୁ ୨ଟି ଗାଡି ଯାଇଥିବା ପୋଲିସ ଜାଣିବା ପରେ ଆଉ କେଉଁମାନେ ଥିଲେ ତାହା ବାହାର କରିବାକୁ ଝାରସୁଗୁଡାରେ ଛତିଶଗଡ ପୋଲିସ ଡେରା ପକାଇଛି।

## ଓଡ଼ିଶା ପୋଲିସକୁ ବିଶ୍ୱାସ କରୁନି ଛତିଶଗଡ ପୋଲିସ

କଳ୍ପନା ଓ ବବ୍‌ଲି ହତ୍ୟା କାଣ୍ଡରେ ବ୍ୟବହୃତ ଲୁହାରଡ୍ ଓ ବୋଲେରୋ ଗାଡିର ସନ୍ଧାନ ନେବା ପାଇଁ ବ୍ରଜରାଜନଗର ଅଞ୍ଚଳରେ ଛତିଶଗଡ଼ର ଗୋଟିଏ ପୋଲିସ ଟିମ୍ ଛଦ୍ମବେଶରେ ବୁଲୁଛି। ଏହି ଟିମ୍ ଅନୁପ ସାଏଙ୍କ ଘର ପାଖ ଲୋକଙ୍କୁ ପଚରା ଉଚରା କରିଛି। ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ବୋଲେରୋ ଗାଡ଼ି ଅନୁପ ସାଏଙ୍କର କି ତାଙ୍କର କେଉଁ ସମ୍ପର୍କୀୟଙ୍କର ତାହାର ସନ୍ଧାନ ନେଉଛି। ତେବେ ଛତିଶଗଡ଼ ପୋଲିସ ବ୍ରଜରାଜନଗର ଅଞ୍ଚଳରେ ଥିବା ନେଇ ଥାନା ଅଧିକାରୀ ନଳିତା ମୋଦି ଅସ୍ୱୀକାର କରିଛନ୍ତି। ଛତିଶଗଡ଼ ପୋଲିସ ଆସିବା ତଥ୍ୟ ତାଙ୍କ ପାଖରେ ନାହିଁ। ଏପରିକି ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗିରଫ କରିବାକୁ ଆସିଥିବା ସମୟରେ ମଧ୍ୟ ତାଙ୍କୁ ଖବର ଦିଆଯାଇ ନ ଥିଲା ବୋଲି ପ୍ରକାଶ କରିଛନ୍ତି। ଏଥିରୁ ଛତିଶଗଡ଼ ପୋଲିସର ଓଡ଼ିଶା ପୋଲିସ ଉପରେ ଭରସା ନଥିବା ଭଳି ମନେ ହେଉଛି।

## କଳ୍ପନାଙ୍କ ଘର ତିଆରିରେ ଅନୁପ

ବ୍ରଜରାଜନଗରର ବଘରାଚକାଠାରେ ନିର୍ମିତ କଳ୍ପନାଙ୍କ ଘରେ ଏବେ ତାଲା ଝୁଲୁଛି। ୨୦୧୩ରେ ଉକ୍ତ ଜାଗାକୁ କଳ୍ପନା ନିଜ ନାମରେ କିଣିଥିଲେ। ୨୦୧୪ରେ ରାଜପୁର ପଞ୍ଚାୟତ ଦେଓଗାଁର ଠିକାଦାର ଗଣେଶ ସାହୁ ଏହି ଘର ତିଆରି କାମ ଆରମ୍ଭ କରିଥିଲେ। ଘର କାମ ଅଧା ପର୍ଯ୍ୟନ୍ତ ନେବା ଯାଏ ସେ ଅନୁପ ଓ କଳ୍ପନାଙ୍କ ହାତରୁ ଟଙ୍କା ନେଉଥିଲେ। ଏଣୁ ଏହି ଘର ତିଆରିରେ ଅନୁପ ଆର୍ଥିକ ସହାୟତା ଦେଉଥିବା ସ୍ପଷ୍ଟ ହୋଇଛି। ତେବେ କିଛି ଟଙ୍କା ବାକି ରହିବାରୁ ଘର କାମ ଛାଡ଼ି ଦେଇଥିଲେ। ପରେ ତାଙ୍କ ବାପା ରୁଦ୍ରାକ୍ଷ ଦାଶ ଅନ୍ୟ ଠିକାଦାର ଲଗାଇ ଘରକାମ କରିଥିଲେ। କଳ୍ପନା ଭୁବନେଶ୍ୱରରୁ ଯେତେବେଳେ ଫେରନ୍ତି ସେହି ଘରେ ରୁହନ୍ତି। ୨୦୧୫ରେ ଝିଅ ବବ୍‌ଲିର ଜନ୍ମଦିନ ସେହି ଘରେ ଧୁମ୍‌ଧାମ୍‌ରେ ପାଳନ ମଧ୍ୟ କରିଥିଲେ। କଳ୍ପନାଙ୍କ ମୃତ୍ୟୁ ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ବାପା, ସାବତ ମା', ବିଧବା ଭାଉଜ ସେହି ଘରେ ରହୁଥିଲେ। ହେଲେ ଅନୁପ ଗିରଫ ହେବା ପରଠାରୁ ଘରେ ତାଲା ପଡ଼ିଛି। ଏଣୁ ହଠାତ ପରିବାର ଲୋକେ ଅନ୍ତର୍ଦ୍ଧାନ ହୋଇଯିବା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି।


# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ତିଳୋତ୍ତମା ତ୍ରିପାଠୀ
ଆର୍ଯ୍ୟାଳୟ, ନୂଆପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୦୬।୦୨।୨୦୨୦
ଚାହୁଁ ଚାହୁଁ ୧୨ଦିନ ବିତିଗଲା। ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଆରପାରିକୁ ଚାଲିଗଲ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:-ଶୋକସନ୍ତପ୍ତ:-
ପୁତ୍ର: ବୁଢା ଓ ବାବୁଲି, ପୁତ୍ରବଧୂ: ସୁଷମା ଓ ବବିତା, ଝିଅ: ବୁଢୀ, ବେବି, ଟିକି, ଜ୍ୱାଇଁ: ଶ୍ରୀଧର, ପ୍ରମୋଦ, ରମେଶ, ମିଟୁ ଏବଂ ସମସ୍ତ ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୬୬୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦଣ୍ଡପାଣି ଡାକୁଆ
ରଣପୁର, ହାଟସାହି
ଆବିର୍ଭାବ: ୨୦।୦୬।୧୯୩୨
ତିରୋଧାନ: ୦୯।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଖରେ ଅବିସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।
:-ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୧୬୬୬୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରଶ୍ମି ବେହେରା
ସ୍ୱାମୀ: ମନୋଜ କୁମାର ବେହେରା
ରଘୁନାଥ ବିହାର, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୦୨।୦୯।୧୯୮୧
ତିରୋଧାନ: ୦୬।୦୨।୨୦୨୦
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ସବୁଦିନ ଆଦର୍ଶ ହୋଇ ରହିଥାଉ। ଆଜି ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ମନୋଜ, କନ୍ୟା: ଅନ୍ୱେଷା, ଅର୍ପିତା, ଅଦିତି ଓ ପରିବାରବର୍ଗ।
ଧ-୧୬୬୬୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିନୋଦୀନୀ ଦାଶ
ଭୁବନପୁର, ନିମାପଡା, ପୁରୀ
ତିରୋଧାନ: ୧୯।୦୨।୨୦୧୭
(ଫଗୁଣ କୃଷ୍ଣ ନବମୀ)
ଖୋଜୁଥାଇ ତୋର ସରାଗ ଆଦର
ପଣତର ଛତ୍ରଛାୟା।
କାହିଁ କେଉଁ ଦେଶେ ରହିଲୁ ଲୋ ଯାଇ
ତୁଟାଇ ମାଟିର ମାୟା।
କାଲିଯାହା ଥିଲା ଆଜିଆଉ ନାହିଁ
ନନାଙ୍କ ଆଖିରୁ ଲୁହ ସରୁନାହିଁ।
ଅସୁମାରି ଦୁଃଖ ସାଗରେ ଭସାଇ
ଛାଡିଗଲୁ ତୋର କାୟା।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୬୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ହେମନ୍ତ କୁମାର ରଥ
ରଥ ନିବାସ, ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୫।୦୫।୧୯୩୨
ତିରୋଧାନ: ୨୬।୦୨।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୬୬୮୫୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




√ଯଶଶ୍ରୀ ପାଢ଼ୀ
ବି-୮, ହାଉସିଂବୋଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩
ଆବିର୍ଭାବ : ୨୩.୦୩.୧୯୫୦
ତିରୋଧାନ : ୧୧.୦୨.୨୦୨୦
ବିଧିର ନିର୍ଦ୍ଦେଶେ ଛାଡ଼ି ଚାଲିଗଲ
ଭୁଲି ସ୍ନେହ ପ୍ରୀତି ଅଳି
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ମା' ତାରିଣୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
B-8, Housing Board Colony, Baramunda, BBSR-3
ଧ-୬୮୫୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



√ ପ୍ରଫୁଲ କୁମାର ମହାରଣା
(ବିଦ୍ୟୁତ୍ ପ୍ରତିଷ୍ଠାନ)
ନାଗେଶ୍ୱର ଟାଙ୍ଗି, ଭୁବନେଶ୍ୱର
ଆବିର୍ଭାବ : ୦୯/୦୯/୧୯୪୬ | ତିରୋଧାନ : ୦୭/୦୨/୨୦୨୦
ଆପଣଙ୍କ ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ତାରାମଣି, ଠୁକୁ, ତାପୁ, କଳି, ମାନା, ମାନସ, ମାମା, ଶିତେଶ, ରିତେଶ, ମାମୁନି, ଗୁଡ଼ୁଲି, ପିହୁଲି, ବସନ୍ତ, ସରକୁ, ରବି ବନ୍ଧୁ ଏବଂ ପରିବାର ବର୍ଗ।
ଧ-୬୯୨୧୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମହାଦେବ ଜେନା
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୦୮।୦୨।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ: ଶାନ୍ତିଲତା, ପୁଅ: ପଞ୍ଚାନନ, ରଞ୍ଜୁ, ରିଦ୍ଧି, ମୁନା, ପିଙ୍କି, ଲଭ୍‌ଲି, ସୁଧିର, ଲିପି, ସ୍ନେହା, ଜବାହରଲାଲ୍ ନେହୁରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କର୍ମଚାରୀ ବୃନ୍ଦ।
ଧ-୪୬୨୬୮

**Shradhanjali**



Late Nitasha Pattanaik (Lori)
DOD- 17.02.2010
Malipada, Bhubaneswar
A decade has passed since your departure from the mortal world. These ten years seem to be ten moments. We all cherish every while of your eternal sweetness and mirthful togetherness in our sweet memories. We all miss you and shall do the same in the years to come. May your divine soul rest in peace forever!
:-Yours:-
Gelu, Babu & Others
D-16744

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


# ଦନ୍ତା ଆକ୍ରମଣରେ ମହିଳା ଗୁରୁତର

**ଢେଙ୍କାନାଳ ଅଫିସ, ୧୬।୨:** ଢେଙ୍କାନାଳ ସଦର ଥାନା ବେଲଗୁଣ୍ଡା ଗ୍ରାମରେ ରବିବାର ଭୋର ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ସୀତା ଭୂୟାଁ (୩୫)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୀତା ତାଙ୍କର ଜଣେ ସମ୍ପର୍କୀୟ ମହିଳାଙ୍କ ସହ ଶୌଚ ହେବାକୁ ଗ୍ରାମ ନିକଟ ପଡ଼ିଆକୁ ଯାଉଥିବାବେଳେ ଦନ୍ତା ଆକ୍ରମଣ କରିଥିଲା। ମହିଳା ଜଣକ ଜୀବନ ବଞ୍ଚାଇ ଦୌଡ଼ି ପଳାଇଥିବାବେଳେ ସୀତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ରାଜପଥ ପାଲଟିଛି ମରଣଯନ୍ତା

ବାରିପଦା ଅଫିସ, ୧୬।୨

## ମନମାନି ଚଳାଇଛି ଠିକାସଂସ୍ଥା

ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଓଭରବ୍ରିଜ କାର୍ଯ୍ୟ ଚାଲୁରହିଛି। ହେଲେ ଠିକା ସଂସ୍ଥା ଯେଉଁଭଳି ପ୍ରତିଷେଧମୂଳକ ବ୍ୟବସ୍ଥା କରିବା କଥା ସେହିଭଳି କରି ନ ଥିବା ଦେଖିବାକୁ ମିଳିଛି। ରାସ୍ତା କାର୍ଯ୍ୟ ଚାଲୁ ରହିଛି ବୋଲି କେଉଁଠି ସୂଚନା ଫଳକ ମରାଯାଇଥିବା ଦେଖିବାକୁ ମିଳୁନାହିଁ। ସେହିଭଳି ଓଭରବ୍ରିଜ ପାଇଁ ଗାତ ଖୋଳାଯାଉଥିରୁ ଉକ୍ତ ସ୍ଥାନରେ ଫିତା ମାରି ସୂଚାଇବାକୁ ଥିବା ବେଳେ ଏହି କାର୍ଯ୍ୟ ମଧ୍ୟ ଭୁଲିଯାଇଛି ଠିକାସଂସ୍ଥା। ରାତ୍ରିରେ ଠିକା ସଂସ୍ଥା ପକ୍ଷରୁ କାମ ହେଉଥିବା ସ୍ଥାନରେ ଆଲୋକୀକରଣ କରାଯିବା ପାଇଁ ନିୟମ ଥିବା ବେଳେ ଠିକାସଂସ୍ଥା ଏହକୁ ଫୁ କରି ଉଡ଼ାଇ ଦେବା ସହ ମନମାନୀ ଚଳାଇଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ବାରିପଦା। ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣା ଘଟି ଲୋକମାନେ ପ୍ରାଣ ହରାଉଛନ୍ତି। ଠିକା ସଂସ୍ଥା ଦ୍ୱାରା ଜାତୀୟ ରାଜପଥ ନିର୍ମାଣ ଚାଲୁଥିବାରୁ ଭାରୀଯାନଗୁଡ଼ିକ ବେପରୁଆ ଭାବେ ଚାଲିଥିବାରୁ ଦୁର୍ଘଟଣାମାନ ଘଟୁଛି। ସେହିଭଳି ଠିକା ସଂସ୍ଥା ପକ୍ଷରୁ ଯେଉଁଭଳି ପ୍ରତିଷେଧମୂଳକ ବା ସୂଚନା ଦେବାର ବ୍ୟବସ୍ଥା କରାଯିବା କଥା ତାହା ହୋଇ ନ ଥିବା ଦେଖିବାକୁ ମିଳିଛି। ଶନିବାର ସକାଳେ ଏକ ଡ୍ରମ୍ପର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। କେବଳ ଶନିବାର ନୁହେଁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବାର ନଜିର ରହିଛି। ଗତ ଗୁରୁବାର ସନ୍ଧ୍ୟାରେ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଓଭରବ୍ରିଜ ପାଇଁ ହୋଇଥିବା ବିରାଟ ଗର୍ତ୍ତରେ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଗଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ରାସ୍ତା କାର୍ଯ୍ୟ ହେଉଥିବା ବେଳେ କୌଣସି ସୂଚନା ନ ଥିବାରୁ ଅନ୍ଧାରରେ ଦମ୍ପତି ଗର୍ତ୍ତରେ ଗଳି ପଡ଼ି ଆହତ ହୋଇଥିଲେ। ବିଭନ୍ନ ସମୟରେ ଦୁର୍ଘଟଣା ଘଟି ଲୋକମାନଙ୍କ ପ୍ରାଣ ଯାଉଛି ତ ଆଉ କିଛି ବ୍ୟକ୍ତି ଦୁର୍ଘଟଣାର ସମ୍ମୁଖୀନ ହୋଇ ଦିବ୍ୟାଙ୍ଗ ପାଲଟୁଛନ୍ତି।



ରାସ୍ତା କାର୍ଯ୍ୟ ହେଉଥିବା ବେଳେ କୌଣସି ସୂଚନା ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଫେବୃୟାରୀ, ୨୦୨୦



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ, ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ପୋଲିସକୁ ଆକ୍ରମଣ କରି ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ):** ଖାରବେଳନଗର ଥାନାକୁ ଅଭିଯୋଗ କରିବାକୁ ଆସି ପୋଲିସକୁ ଆକ୍ରମଣ କରି ଫେରାର ଥିବା ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ୟୁନିଟ-୩ ଶାନ୍ତିନଗର ବସ୍ତି ଅଞ୍ଚଳର ଶେକ୍ ମୁଜିବୁର ରେହମାନ(୨୮)। ପୋଲିସ ସୂଚନା ମୁତାବକ, ୨୦୧୯ ଜାନୁୟାରୀ ୩୧ରେ ଅଭିଯୁକ୍ତ ମୁଜିବୁର ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟେ ଅଭିଯୋଗ କରିବାକୁ ଆସି ଥାନା ପରିସରରେ ମୁହାଁମୁହିଁ ହୋଇଥିଲେ। ପାଟିତୁଣ୍ଡ କରିବା ସହ ଖରାପ ଭାଷାରେ କଥାକଟାକଟି ହୋଇଥିଲେ। ପୋଲିସ ତାଗିଦ କରିବାରୁ କିଛି ସମୟ ପାଇଁ ସେମାନେ ବାହାରକୁ ଚାଲିଆସିଥିଲେ। ହେଲେ ପୁଣି ଝଗଡ଼ା ଲାଗି ଥାନା ପରିସରକୁ ଚାଲିଯାଇଥିଲେ। ସେହି ସମୟରେ ଥାନାରେ ରିପୋର୍ଟ ଲେଖୁଥିବା ପୋଲିସ କର୍ମଚାରୀ ପ୍ରବୋଧ କୁମାର ଦାସ ସେମାନଙ୍କୁ ବାରଣ କରିଥିଲେ। ଫଳରେ ଅଭିଯୁକ୍ତ ମୁଜିବୁର ଏବଂ ତାଙ୍କର କେତେଜଣ ସହଯୋଗୀ ପ୍ରବୋଧଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରି ତଳେ ପକାଇବା ପରେ ମାଡ଼ମାରି ଫେରାର ହୋଇଯାଇଥିଲେ। ଏ ନେଇ ପ୍ରବୋଧ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଶନିବାର ପୋଲିସ ଫେରାର ମୁଜିବୁରଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଇପିଏଫ୍ କଲୋନୀରୁ ବାଇକ୍ ଚୋରି, ୨ ଗିରଫ

**ଭୁବନେଶ୍ୱର, ୧୬।୨(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଇପିଏଫ କଲୋନୀ ଫେଜ୍-୧ କ୍ୱାର୍ଟର ସମ୍ମୁଖରୁ ବାଇକ ଚୋରି ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ସତ୍ୟବ୍ରତ ପ୍ରଧାନ ଓରଫ ରାଜା ଓ ଶୈଳଶ୍ରୀବିହାର ଅଞ୍ଚଳର ବିଷ୍ଣୁ ଚରଣ ନାୟକ ଓରଫ ବାପି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କ ନିକଟରେ ଚୋରି ବାଇକ ରହିଥିବା ନେଇ ଗିରଫ ୨ ଅଭିଯୁକ୍ତ ପୋଲିସକୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଇପିଏଫ କଲୋନୀରେ ସୋମୁ ନାୟକ ରୁହନ୍ତି। ଗତ ୨୦ ତାରିଖ ଅପରାହ୍ନରେ ଘର ବାହାରେ ପଲସର ବାଇକ ରଖି ଘରକୁ ଖାଇବାକୁ ଯାଇଥିଲେ। ପରେ ଉକ୍ତ ବାଇକ୍‌ଟି ଚୋରି ହୋଇଥିବା ଜଣାପଡିବା ପରେ ସୋମୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୨/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ସଂପୃକ୍ତ ୨ଜଣ ଅଭିଯୁକ୍ତ ରାଜା ଓ ବାପିଙ୍କୁ ଗିରଫ କରିଥିଲା।

### ଲୁଟ୍ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୬।୨(ବ୍ୟୁରୋ):** ଖଣ୍ଡଗିରି ମେଳାରେ ମାଡମାରି ମୋବାଇଲ ଫୋନ୍ ଛଡାଇ ନେଇଥିବା ଅଣ ଓଡିଆ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ଚୋରି ମୋବାଇଲ ଫୋନ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଝାରଖଣ୍ଡ ଜିଲା ସାହେବଗଞ୍ଜ ଅଞ୍ଚଳର ଭୋଳ କୁମାର ଓରଫ ଭୋଲୁ। ସୂଚନା ମୁତାବକ, ଚନ୍ଦକା ଥାନା ଅଞ୍ଚଳରେ ରହୁଥିବା ଦୀପକ କୁମାର ଜେନା ଗତ ଶନିବାର ଖଣ୍ଡଗିରି ମେଳା ଦେଖିବାକୁ ସାଙ୍ଗଙ୍କ ସହ ଆସିଥିଲେ। ଘରକୁ ଫେରିଲାବେଳେ ଖଣ୍ଡଗିରି ପାହାଡ଼ ଉପରେ ଅଭିଯୁକ୍ତ ଭୋଳ ତାଙ୍କୁ ଗୋଇଠା ମାରି ମୋବାଇଲ ଫୋନ୍ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୧୧୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୋବାଇଲ ଫୋନକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଖଣ୍ଡଗିରି ଅଞ୍ଚଳରୁ ଧରିଥିଲା।

# ପରିବେଶ ପାଇଁ ସଚେତନ କଲେ ଓଡ଼ିଶାର ଗ୍ରୀଟା





ପରିବେଶ ସୁରକ୍ଷାକୁ ନେଇ ପାର୍କ ଉତ୍ସବରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ଓ ପ୍ରସ୍ତୁତ ହୋଇଥିବା ଭିନ୍ନ କଳାକୃତି।

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

କବିତା ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା। ପରିବେଶର ପୁନଃ ସଂରଚନା କରିବା, ଅଧିକରୁ ଅଧିକ ବୃକ୍ଷରୋପଣ ସହ ସଂରକ୍ଷଣ ଓ ଯତ୍ନ ନେଇ ବଡ଼ କରିବା ପାଇଁ ସଚେତନ କରୁଛନ୍ତି ଓଡ଼ିଶାର ଗ୍ରୀଟା। ସମଗ୍ର ବିଶ୍ୱକୁ ଏବେ ପରିବେଶ ସଚେତନତା ଆବଶ୍ୟକ ଥିବାବେଳେ ସ୍ୱିଡେନ୍‌ର ଗ୍ରୀଟା ପରିବେଶ ବଞ୍ଚାଇବା ପାଇଁ ସେଠାକାର ସଂସଦ ଆଗରେ ଧାରଣା ଦେଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ତୃତୀୟ ପାର୍କ ଉତ୍ସବରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଖାରବେଳ ପାର୍କରେ ଡିଏଭି ସ୍କୁଲରେ ୟୁକେଜି ଛାତ୍ରୀ ସାନ୍‌ଭି ସାମନ୍ତରାୟ କବିତା ମାଧ୍ୟମରେ ପରିବେଶ ଭିତ୍ତିକ ସଚେତନତା ବାର୍ତ୍ତା ବାଣ୍ଟି ଲୋକଙ୍କୁ ଆକର୍ଷିତ କରିଛନ୍ତି। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ସହ ସବୁଜିମାଭରା ପୃଥିବୀ ପାଇଁ ଏଭଳି ଅଣ୍ଟା ଭିଡିଛନ୍ତି ସାନ୍‌ଭୀ। ତାଙ୍କ କବିତା ଶୁଣି ପାର୍କରେ ଥିବା ଲୋକେ ପରିବେଶ ପ୍ରତି କିଛି ଭଲ କାମ କରିବା ପାଇଁ ଶପଥ ନେଇଛନ୍ତି।

**ପାର୍କ ଉତ୍ସବର ତୃତୀୟ ସପ୍ତାହ**

କହିବାକୁ ଗଲେ ତୃତୀୟ ପାର୍କ ଉତ୍ସବ ପରିବେଶ ପାଇଁ ହିଁ ଉତ୍ସର୍ଗ ଥିଲା। ଖାଲି ସାନ୍‌ଭି ନୁହେଁ, ବରଂ ସାର୍ବଜନୀନ କ୍ଷେତ୍ରରେ କଳାରେ ଅଧ୍ୟୟନ କରୁଥିବା ବିଶ୍ୱରଞ୍ଜନ କର ମଧ୍ୟ ଲୋକଙ୍କୁ ପରବେଶ ଭିତ୍ତିକ ବାର୍ତ୍ତା ବାଣ୍ଟିବା ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ପାଇଁ ସଚେତନ କରିଥିଲେ। ପ୍ରଦୂଷଣ ପାଇଁ ସାମୁଦ୍ରିକ କଇଁଛ ଓ ଅନ୍ୟ ଜୀବମାନେ କିପରି ବଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ବିଶ୍ୱରଞ୍ଜନ ନିଆରା ଭାବେ ଲୋକଲୋଚନକୁ ଆଣିଥିଲେ।

ଖାରବେଳ ଓ ମହାତ୍ମା ଗାନ୍ଧୀ ପାର୍କରୁ ଏହି ଉତ୍ସବ ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଏହା କରାଯାଉଛି। ସହରର ୭ଟି ମୁଖ୍ୟ ଓ ବଡ଼ ପାର୍କରେ ଆସନ୍ତା ମାର୍ଚ୍ଚ ୧୫ ଯାଏ ପ୍ରତ୍ୟେକ ରବିବାର ସକାଳ ୭ଟାରୁ ୯ଟା ଯାଏ ଏହି ଉତ୍ସବ କରାଯିବ। ତୃତୀୟ ପାର୍କ ଉତ୍ସବରେ ଦୁଇଟି ପାର୍କରେ ପାଖାପାଖି ୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବିଡିଏ ପକ୍ଷରୁ ପ୍ରକାଶ ପାଇଛି। ପାର୍କ ଉତ୍ସବରେ ଲୋକମାନେ ଆମୋଦପ୍ରମୋଦ କରିବା ସହ ପିଲାଙ୍କ ଖେଳକୁଦ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି। ଶିଳ୍ପୀମାନେ ନିଜ ଚିତ୍ରକଳା ଓ ହସ୍ତଶିଳ୍ପକୁ ପ୍ରଦର୍ଶନ କରିବା ସହ ସେମାନଙ୍କ ପ୍ରତିଭାକୁ ଲୋକାଭିମୁଖୀ କରିବେ ବୋଲି ବିଡିଏ ଆଶା ପ୍ରକାଶ କରିଛି। ପାର୍କରେ ଅସ୍ଥାୟୀ ଷ୍ଟେଜ୍ କରାଯାଇ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। ଓଲିଉଡ କଣ୍ଠଶିଳ୍ପୀମାନେ ଲୋକଙ୍କୁ ସଂଗୀତର ସ୍ୱରରେ ମୋହିତ କରିଥିଲେ। ଦୁଇଟି ପାର୍କରେ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଚିତ୍ରକଳା, କାହାଣୀ କହିବା, ଯୋଗ, ମାଟିରେ କାରୁକାର୍ଯ୍ୟ ନିର୍ମାଣ, ଆମୋଦପ୍ରମୋଦ କାର୍ଯ୍ୟକ୍ରମ କରାଯିବା ସହ ସହରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ସୂତା ବ୍ୟାଗ ବଣ୍ଟା ଯାଇଥିଲା। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଉଭୟ ପାର୍କରେ ୧୦ ଜଣ ଲେଖାଏ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଆସନ୍ତା ରବିବାର ୨୩ ତାରିଖରେ ନିକୋ ପାର୍କ ଓ ମଧୁସୂଦନ ଦାଶ ପାର୍କରେ ପାର୍କ ଉତ୍ସବ କରାଯିବ।

### କୁକୁଡାଘାଇପାଟଣାରେ ସଂକୀର୍ତ୍ତନ ମହୋତ୍ସବ



**ପୁରୁଣା ଭୁବନେଶ୍ୱର, ୧୬। ୨ (ଡି.ଏନ.ଏ.):** ଭୁବନେଶ୍ୱର ବ୍ଲକ ଅଧୀନ କୁକୁଡାଘାଇପାଟଣାରେ ସଂକୀର୍ତ୍ତନ ମହୋତ୍ସବ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୨ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। କୃତୀ ସଂକୀର୍ତ୍ତନ (ରାଣୀହାଟ)କୁ ପୁରସ୍କୃତ କରିଥିଲେ। ରାଜକିଶୋର ସାହୁ, ତ୍ରିଲୋଚନ ପରିଡା, କୁଞ୍ଜ ବିହାରୀ ଖଟୁଆ, ହେମନ୍ତ ପରିଡା, ରବୀନ୍ଦ୍ର ପ୍ରଧାନ, ଗୌରାଙ୍ଗ ଖଟୁଆ ସମେତ ଗ୍ରାମବାସୀ ଗ୍ରାମଦେବୀଙ୍କ ପୀଠରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣାରେ ୮ ଅଟକ



**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ଶହୀଦନଗର ଥାନା ୟୁନିଟ୍-୯ ଗ୍ରୀଡ୍‌କୋ କଲୋନୀରେ ଯୁବକ ପି.ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୮ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋଷ୍ଠୀ ବିବାଦରୁ ଏହି ଘଟଣା ଘଟିଥିବାବେଳେ ଏହା ଆଗକୁ ଭୟଙ୍କର ସଂଘର୍ଷର ରୂପ ନେଇପାରେ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ତେଣୁ ପୋଲିସ ଏବେଠୁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି କୁହାଯାଉଛି।

**ଭୟଙ୍କର ହୋଇପାରେ ଗୋଷ୍ଠୀ ସଂଘର୍ଷ**

ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଥିବା ଆକାଶଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି। ରବିବାର ସକାଳେ ଆକାଶଙ୍କ ବାପା ପି. ତାରକେଶ୍ୱ ଦୋରା ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୧୪୭, ୧୪୮, ୩୨୪, ୩୦୭, ୧୪୯ ଓ ୭ ଅନୁଯାୟୀ ମାମଲା ( ନଂ-୮୭/୨୦୨୦) ରୁଜୁ କରିଛି। ମାମଲାରେ ଗୁଲସନ୍, ଭବାନୀ, ଶୁଭମ୍ ଏବଂ ଅନ୍ୟ କେତେଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ରହିଛି। ପୋଲିସ ଶନିବାର ଘଟଣାସ୍ଥଳରୁ ଜଣଙ୍କୁ କାବୁ କରିଥିଲାବେଳେ ବିଳମ୍ବିତ ରାତିରେ ୮ ଜଣଙ୍କୁ ଉଠାଇ ନେଇଥିଲା। ମାମଲାରେ ସମ୍ପୃକ୍ତ ଅନ୍ୟ ୨୬ ଜଣଙ୍କୁ ପୋଲିସ ଖୋଜୁଛି। ସେମାନେ ରାଜଧାନୀ ପାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ରାଜଧାନୀ ବାହାରେ ଚଢାଉ ଜାରି ରଖିଛି। ଏହି ଆକ୍ରମଣ ପଛରେ ବାଣୀବିହାର କ୍ୟାମ୍ପସରେ ରହୁଥିବା କେତେଜଣ ଛାତ୍ର ଏବଂ ଭିଏସ୍‌ଏସ୍ ନଗରର କେତେଜଣ ଯୁବକ ସାମିଲ ଅଛନ୍ତି।

**ଏଥିରେ ବି ନାବାଳକଙ୍କ ସମ୍ପୃକ୍ତି**

ନାବାଳକଙ୍କ ପାଇଁ ଦଣ୍ଡ କଠୋର ନ ଥିବାରୁ ଅପରାଧୀମାନେ ଏକାଧିକ ମାମଲାରେ ନାବାଳକଙ୍କୁ ସାମିଲ କରୁଛନ୍ତି। ୟୁନିଟ-୨ ମାର୍କେଟ ବିଲ୍ଡିଂରେ ଆତଙ୍କ ମାମଲାରେ ୧୬ ଜଣ ନାବାଳକ ସମ୍ପୃକ୍ତ ଥିଲେ। ସେମାନେ ଦେଖୁ ଦେଖୁ ମାରପିଟ୍ ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଶନିବାର ରାତିରେ ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ହୋଇଥିବା ଆକ୍ରମଣରେ ମଧ୍ୟ ଏକାଧିକ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଆକ୍ରମଣ ପଛର ମାଷ୍ଟରମାଇଣ୍ଡ ନାବାଳକମାନଙ୍କୁ ବ୍ୟବହାର କରି ନିଜର ଫାଇଦା ହାସଲ କରିଥିବା ପୋଲିସ ଜାଣିବାକୁ ପାଇଛି।

**ବାଇକ୍ ଏକ୍ସିଲେଟର ମୋଡ଼ିବାରୁ ହୋଇଥିଲା ବିବାଦ**

ଶନିବାର ଆକାଶଙ୍କ ଉପରେ ହୋଇଥିବା ଆକ୍ରମଣର ମୂଳ କାରଣ ହେଲା ବାଇକର ଏକ୍ସିଲିଟର ମୋଡ଼ିବା। ଦୁଇ ସପ୍ତାହ ତଳେ ଶହୀଦନଗର ଦୁର୍ଗାମଣ୍ଡପ ପଛପଟରେ ୟୁନିଟ-୯ର କେତେଜଣ ପିଲା ବସିଥିଲେ। ଏହି ସମୟରେ ବାଣୀବିହାର କ୍ୟାମ୍ପସର ଦୁଇଜଣ ପିଲା ବାଇକରେ ଆସି ତାଙ୍କ ଆଗରେ ଏକ୍ସିଲିଟର ମୋଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ବିକଟାଳ ଶବ୍ଦ କରିଥିଲେ। ଏହାକୁ ଆକାଶ ଏବଂ ତାଙ୍କ ସାଙ୍ଗମାନେ ବିରୋଧ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଥାନାରେ ଆପୋସ ସମାଧାନ ହୋଇଥିଲା। କିନ୍ତୁ ବାଣୀବିହାର ପିଲା ରାଗ ରଖିଥିଲେ। ତଦନୁଯାୟୀ ଶନିବାର ଆକାଶଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଆକାଶ ଗ୍ରୀଡ୍‌କୋ କଲୋନୀରେ ୩ଜଣ ସାଙ୍ଗମାନଙ୍କ ସହ ବସିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଯୁବକ ମୁହଁରେ କପଡ଼ା ବାନ୍ଧି ଖଣ୍ଡା, ଭୁଜାଲି ଧରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ।

### ନିଆଁ ନ ଲିଭିଲେ ଡମ୍ପିଂୟାର୍ଡରେ ଅଳିଆ ପଡିବନି

**ବାରଙ୍ଗ, ୧୬।୨(ଡି.ଏନ୍.ଏ.):** ଦାରୁଠେଙ୍ଗ ଗ୍ରାମମୁଣ୍ଡରେ ଥିବା ଡମ୍ପିଂୟାର୍ଡରେ ନିଆଁ ନ ଲିଭିବା ପର୍ଯ୍ୟନ୍ତ ଆଉ ଅଳିଆ ପଡିବ ନାହିଁ ବୋଲି ଦାରୁଠେଙ୍ଗ ଗ୍ରାମବାସୀ ରବିବାର ଗ୍ରାମ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଗତ ୫ଦିନ ହେବ ଏହି ଡମ୍ପିଂୟାର୍ଡରେ ନିଆଁ ଜଳୁଥିଲେ ମଧ୍ୟ ଲିଭିବାର ନାମ ଧରୁନାହିଁ। ବିଏମସି ପକ୍ଷରୁ ୬/୭ଟି ପାଣିଟ୍ୟାଙ୍କରରେ ପାଣି ପକାଯାଉଥିଲେ ମଧ୍ୟ ନିଆଁ ଲିଭୁ ନାହିଁ। ଅନ୍ୟପଟେ ଏହି ନିଆଁର ଉତ୍ତାପ ବୃଦ୍ଧି ସାଙ୍ଗକୁ ଧୂଆଁମୟ ହୋଇ ଦାରୁଠେଙ୍ଗ, ଜୁଝଗଡ, ଭୁଆଶୁଣି, କୃଷ୍ଣନଗର, ଚୁଡଙ୍ଗ ଆଦି ଅଞ୍ଚଳର ଗ୍ରାମବାସୀ ଅସ୍ତବ୍ୟସ୍ତ ସାଙ୍ଗକୁ ଅତିଷ୍ଠ ହୋଇଗଲେଣି। ଯାହାର ପ୍ରତିବାଦରେ ରବିବାର ଦାରୁଠେଙ୍ଗ ଗ୍ରାମବାସୀ ଏକ ଜରୁରୀ ବୈଠକ କରିଥିଲେ। ଏହି ବୈଠକରେ ବିଏମସିର ବାରମ୍ବାର ଅବହେଳା ଯୋଗୁ ପ୍ରାୟ ସମୟରେ ଡମ୍ପିଂୟାର୍ଡରେ ନିଆଁ ଲାଗୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସର୍ତ୍ତକତାମୂଳକ ଭାବେ ବିଏମସି ପକ୍ଷରୁ କୌଣସି କର୍ମଚାରୀମାନେ ମୁତୟନ ନ ହେବା ସହ ଦମକଳ ମହଜୁଦ ରହୁନାହିଁ। ଏଠାରେ ଅଳିଆ ନ ପଡିବା ନେଇ ଗତ ଜାନୁୟାରୀ ମାସରେ ଗ୍ରାମବାସୀ ଦୁଇଥର ବିଏମସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଏହାଭିତରେ ଦୁଇଥର ଡମ୍ପିଂୟାର୍ଡରେ ନିଆଁ ଲାଗିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଉ ଡମ୍ପିଂୟାର୍ଡରେ ଅଳିଆ ନ ପକାଇବା ଓ ତୁରନ୍ତ ନିଆଁଲିଭାଇବା ପାଇଁ ପଦକ୍ଷେପ ନେବା ବିଷୟରେ ଆଲେଚାନା ପାଇଁ ବିଏମସି କର୍ତ୍ତୃପକ୍ଷଙ୍କ ନିକଟକୁ ଗ୍ରାମର ଏକ ପ୍ରତିନିଧିଦଳ ଯିବେ ବୋଲି ନିଷ୍ପତ୍ତି ନିଆଯାଇଛି।

### ଡ୍ରେନ୍ ନିଆଁରୁ ଜଳିଗଲା ୨ ଦୋକାନ



ଜଳୁଥିବା ଦୋକାନ।

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଷ୍ଟେଟ୍ ବ୍ୟାଙ୍କ ଛକ ନିକଟରେ ରବିବାର ଅପରାହ୍ନରେ ନିଆଁ ଲାଗି ୨ କ୍ୟାବିନ ଦୋକାନ ପୋଡିଯାଇଛି। କଳ୍ପନା ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ପ୍ରାୟ ଅଧଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଡ୍ରେନ୍ ଭିତରେ ଥିବା ଆବର୍ଜନାରେ ଲାଗିଥିବା ନିଆଁ ବ୍ୟାପିଯାଇ ଦୋକାନ ଜଳିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ ଷ୍ଟେଟ ବ୍ୟାଙ୍କ ଛକ ନିକଟରେ ଡ୍ରେନ ଉପରେ ଏହି ଦୁଇ ଦୋକାନ ରହିଥିଲା। ଗୋଟିଏ କ୍ୟାବିନ ବହୁଦିନ ହେବ ବନ୍ଦ ଅବସ୍ଥାରେ ରହିଥିବାବେଳେ ଅନ୍ୟଟିରେ ଚା ଦୋକାନ ଚାଲିଥିଲା। ରବିବାର ଅପରାହ୍ନ ସାଢେ ୪ଟାରେ ଦୋକାନରେ ନିଆଁ ଲାଗିଥିବା ଜଣାପଡିଥିଲା। ଘଟଣା ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ଡ୍ରେନରେ ଜମିଥିବା ଆବର୍ଜନାରେ କେହି ସିଗାରେଟ ଟାଣି ପକାଇଥିବା କିମ୍ବା କେହି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ଯତିନ୍ଦ୍ରୀନାଥ ସେଠୀ କହିଛନ୍ତି।

### ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୬।୨:** ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘ ଓଡିଶା ୟୁନିଟର ୩୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଉତ୍କଳ ଚାମ୍ବର ଅଫ୍ କମର୍ସଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର, କଟକ ଏବଂ ପୁରୀ କ୍ଲଷ୍ଟର କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଏଥିରେ ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍. ଦ୍ୱିବେଦୀ, ଉପଆଞ୍ଚଳିକ ପ୍ରବନ୍ଧକ ଭରତ ବରାଡ, ରିକଭରି ବିଭାଗ ଉପଆଞ୍ଚଳିକ ପ୍ରବନ୍ଧକ ବିମଳ ବିହାରୀ ତ୍ରିପାଠୀ, ଏସ୍.କେ. ମୋତାୟେଦ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ସ୍ମୃତି ରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଳଜିତ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବେତନ ସଂଶୋଧନ, ୫ ଦିନିଆ ବ୍ୟାଙ୍କ କାର୍ଯ୍ୟଦିବସ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ସାମାଜିକ ଉନ୍ନତୀମୂଳକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା।




ରବିବାର ଭାଷା ସଂସ୍କୃତି ସମାଜ ପକ୍ଷରୁ ରାଜଧାନୀ କଳା ସଂସଦରେ ଆୟୋଜିତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

### ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ

**ବାରଙ୍ଗ, ୧୬।୨(ଡି.ଏନ୍.ଏ.):** ପରମପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ୧୩୨ତମ ଜନ୍ମ ମହୋତ୍ସବ ଏବଂ ୧୭ତମ ଦାରୁଠେଙ୍ଗ ଗ୍ରାମ ବାର୍ଷିକୋତ୍ସବ ଯାତ୍ରାପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାରୁଠେଙ୍ଗ, ଚନ୍ଦକା, ବରିମୁଣ୍ଡ, ରଘୁନାଥପୁର, କଲ୍ୟାଣପୁର, କଳାରାହଙ୍ଗ, ଦାଢା ଆଦି ସପ୍ତପଞ୍ଚାୟତରୁ ରିତିକଭାଇମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସବୁ ସମ୍ପ୍ରଦାୟ, ଦୀକ୍ଷିତ, ଅଦୀକ୍ଷିତ ନିର୍ବିଶେଷରେ ବିଶ୍ୱପିତାଙ୍କର ଏହି ମଙ୍ଗଳପ୍ରସୁ ମହାମିଳନ ମାଙ୍ଗଳିକ ଲଗ୍ନରେ ଜୀବନପ୍ରେମୀ ଭକ୍ତ ଓ ଅନୁରାଗୀ ସପରିବାରେ ସାମିଲ ହୋଇ ପୁରୁଷୋତ୍ତମଙ୍କର ଅମୃତ ଆଶିଷ ଲାଭ କରିଥିଲେ। ପରେ ରଥାରୁଢ ଶ୍ରୀଶ୍ରୀଠାକୁରଙ୍କର ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗରକୀର୍ତ୍ତନ ଶୋଭାଯାତ୍ରା ପରିକ୍ରମା କରାଯାଇଥିଲା ଓ ଆତସବାଜି ପ୍ରତିଯୋଗୀତା ମୁଖ୍ୟ ଆକର୍ଷଣ ସାଜିଥିଲା।

# କୃତ୍ରିମ ସୌନ୍ଦର୍ଯ୍ୟକରଣ: ବଳିପଡ଼ିଲା ଗଛ

**ପୁରୁଣା ଭୁବନେଶ୍ୱର, ୧୬। ୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଆସନ୍ତା ୨୧ ତାରିଖରେ। ଏହି ଉପଲକ୍ଷେ ମିଳିତ ଉଚ୍ଛେଦ ଟିମ୍, ପୂର୍ତ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ସୌନ୍ଦର୍ଯ୍ୟକରଣ ନାଁରେ ଏକାମ୍ର କ୍ଷେତ୍ରରେ ଥିବା ପୁରୁଣା ଗଛକୁ କାଟିବାରେ ଲାଗି ପଡିଛନ୍ତି। ଯେଉଁସବୁ ମୌଳିକ ସମସ୍ୟା ରହିଛି ପ୍ରଶାସନ ସେଥିପ୍ରତି ଦୃଷ୍ଟି ନ ଦେଇ କୃତ୍ରିମ ସୌନ୍ଦର୍ଯ୍ୟକରଣରେ ମାତିଛି। ଦକ୍ଷିଣଦ୍ୱାର ନିକଟରେ ଐତିହ୍ୟ ମାନ୍ୟତା ଦେଇଥିବା ବହୁ ପୁରାତନ ହାଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପିଣ୍ଡି ଓ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ପୂର୍ତ୍ତ ବିଭାଗ କୃତ୍ରିମ ସୌନ୍ଦର୍ଯ୍ୟ ବୃଦ୍ଧିରେ ବାଧକ ସାଜିଥିବା ଭକ୍ତକବି ମଧୁସୂଦନ ବିଦ୍ୟାଳୟ ଓ ହାଟ ନିକଟରେ ଥିବା ଗଛଗୁଡିକୁ କାଟି ଦିଆଯାଇଛି। କଂକ୍ରିଟ ତାଡି ଟାଇଲ ବିଛାଇ, ସେଠାରେ ପ୍ଲାଷ୍ଟିକ କୁଣ୍ଡରେ ଗଛ ଥୋଇ ଲୋକଦେଖାଣିଆ ସୌନ୍ଦର୍ଯ୍ୟବରଣ ଚାଲିଛି। ହେଲେ ଆଗାମୀ ଗ୍ରୀଷ୍ମଋତୁରେ ପଥଚାରୀ କିମ୍ବା ଶ୍ରଦ୍ଧାଳୁଙ୍କୁ କୁଣ୍ଡରେ ଲାଗିଥିବା ଗଛ ଛାୟା ପ୍ରଦାନ କରିବ ନାହିଁ। ସେହିଭଳି ପୁରୁଣା ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲ ତାରସୁନ୍ଦରୀ ରୋଡକୁ ଲାଗିରହିଥିବା



କଟାଯାଉଥିବା ଗଛ।

**ଏକାମ୍ର କ୍ଷେତ୍ର**

ପାଚେରି ତାଡି ଏକ ବିପଦସଂକୁଳ ଅବସ୍ଥାରେ ନିର୍ମାଣ ଜାରି ରହିଛି। ଏଏସ୍‌ଆଇ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ କରିଥିବା ତାଗିଦ୍‌କୁ ଏଠାରେ କେହି ମାନୁନାହାନ୍ତି। ପୁରୁଣା ଗଛକୁ ସୁରକ୍ଷା ଦେବା ବଦଳରେ ଏଗୁଡିକୁ କାଟି ପଦା କରି ଦିଆଯାଉଛି। ହେଲେ କଂକ୍ରିଟ୍ ଜଙ୍ଗଲ ଓ କୃତ୍ରିମ ସୌନ୍ଦର୍ଯ୍ୟକରଣର ଯଥାର୍ଥତା କେତେ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ବାରମ୍ବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକାମ୍ରରେ ଯେଉଁସବୁ ଜମି ପ୍ରଶାସନ ନିଜ ଅକ୍ତିଆରକୁ ଆଣିସାରିଲାଣି ସେଠାରେ ସୁଚିନ୍ତିତ ଢଙ୍ଗରେ ଦୂରଦୃଷ୍ଟି ସହକାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ହିତକୁ ନଜରରେ ରଖି ନିର୍ମାଣ କାର୍ଯ୍ୟ କରିବାକୁ ଦାବି ହେଉଛି। ଏ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଆଗାମୀ ଦିନରେ କୌଣସି ବୃକ୍ଷ ଅନାବଶ୍ୟକ ଭାବେ କାଟିବାକୁ ବାରଣ କରିଛି। ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଏଥିପ୍ରତି ବାରଣ କରାଯାଇଛି ବୋଲି ମଞ୍ଚର ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଏଥିସହ ସୌନ୍ଦର୍ଯ୍ୟକରଣ ଲାଗି ଫାଙ୍କା ଥିବା ଜାଗାରେ ବୃକ୍ଷରୋପଣ କରିବାକୁ ଦାବି ହେଉଛି। ରବିବାର ସନ୍ଧ୍ୟାରେ ଗଛ କଟା ଯାଉଥିବା ବେଳେ ଭାଜପା ନେତ୍ରୀ ସୁବାଶିନୀ ପୃଷ୍ଟି ପହଞ୍ଚି ଗଛ କଟାକୁ ବନ୍ଦ କରିଥିଲେ।



ଆସନ୍ତା ବିହାର ନିର୍ବାଚନରେ ପ୍ରଚାର ବେଳେ ନେତାମାନେ ଭାଷା ସଂଯମ କରି ବିକାଶ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଉଚିତ।
-ରାମବିଳାସ ପାଶ୍ୱାନ,
କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି ଅଧ୍ୟକ୍ଷ



# ୨୭ ବର୍ଷରେ ୪ ମହିଳା ମନ୍ତ୍ରୀ

ନୂଆଦିଲ୍ଲୀ,୧୬।୨

## ଆତିଶୀଙ୍କୁ ମିଳିଲାନି ମନ୍ତ୍ରୀପଦ



ଏଏପି ବିଧାୟିକା ଆତିଶୀ ମର୍ଲେନା




ଦିଲ୍ଲୀର ରାମଲୀଲା ମଇଦାନରେ ଏଏପି ବିଧାୟକ ସୋମନାଥ ଭାରତୀଙ୍କ ସହ 'ବେବି କେଜ୍‌ରିୱାଲ' ଆଭ୍ୟାନ ତୋମାର।

କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ରମାଗତ ତୃତୀୟ ଥର ପାଇଁ କ୍ଷମତାସୀନ ହେଇଛି। ନିର୍ବାଚନ ପ୍ରଚାର ବେଳେ ଏହି ଦଳ ମହିଳା ସୁରକ୍ଷା ଓ ସଶକ୍ତୀକରଣ କଥା କହୁଥିବାବେଳେ ଏଥର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ କ୍ୟାବିନେଟରେ ଜଣେ ହେଲେ ମହିଳାଙ୍କୁ ସ୍ଥାନ ମିଳିନାହିଁ। ୧୯୯୩ରୁ ୨୦୨୦ ମଧ୍ୟରେ ୭ ଥର ବିଧାନସଭା ନିର୍ବାଚନ ହୋଇଥିବାବେଳେ ମହିଳାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସେହିପରି ଲୋକ ସଭା ନିର୍ବାଚନରେ ମଧ୍ୟ ମହିଳାମାନଙ୍କୁ ସେମିତି ଆଖିଦୃଶିଆ ସୁଯୋଗ ଦେଇନାହିଁ ଜାତୀୟ ରାଜଧାନୀ।

୭୦ ଆସନ ବିଶିଷ୍ଟ ସଦ୍ୟ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ପକ୍ଷରୁ ୯ ମହିଳାଙ୍କୁ ଟିକେଟ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ସରିତା ସିଂ (ରୋହତାସ ନଗର)ଙ୍କୁ ଛାଡ଼ିଦେଲେ ଅନ୍ୟ ୮ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେମାନେ ହେଲେ ଆତିଶୀ ମର୍ଲେନା, ରାକ୍ଷୀ ବିର୍ଲା, ରାଜକୁମାରୀ ଧିଲୋନ, ପ୍ରୀତି ତୋମାର, ଧନୱନ୍ତୀ ଚନ୍ଦେଲା, ପରମିଳା ଟୋକାସ, ଭାବନା ଗୌର ଓ ବନ୍ଦନା କୁମାରୀ। କିନ୍ତୁ କେଜ୍‌ରିୱାଲଙ୍କ ମନ୍ତ୍ରିମଣ୍ଡଳରେ ଜଣକୁ ହେଲେ ସାମିଲ କରାଯାଇନାହିଁ। ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ଆତିଶୀଙ୍କୁ ଏଥର ମନ୍ତ୍ରୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ରବିବାର ସେ କ୍ୟାବିନେଟ ସଦସ୍ୟ ଭାବେ ଶପଥ ନେଇନାହାନ୍ତି। ଦିଲ୍ଲୀ ବିଧାନସଭାରେ ୧୯୯୩ରୁ ଅଦ୍ୟାବଧି ମାତ୍ର ୪ ଜଣ ମହିଳାଙ୍କୁ ମନ୍ତ୍ରୀପଦ ମିଳିଛି। ସେମାନେ ହେଲେ ଭାଜପାର ପୂର୍ଣ୍ଣିମା ସେଠୀ(୧୯୯୮), କଂଗ୍ରେସର କ୍ରିଷ୍ଣା ତୀରଥ(୧୯୯୮-୨୦୦୧) ଓ କିରନ ୱାଲିଆ(୨୦୦୮-୧୩) ଏବଂ ଏଏପିର ରାକ୍ଷୀ ବିର୍ଲା(୨୦୧୩-୧୪)। ଏମାନଙ୍କ ମଧ୍ୟରୁ କେବଳ କିରନ ୱାଲିଆଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଥିଲା। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ କେବଳ କଂଗ୍ରେସ ଦୁଇଜଣ ବିଧାୟିକାଙ୍କୁ ମନ୍ତ୍ରୀ କରିଥିବାବେଳେ ଶୀଲା ଦୀକ୍ଷିତଙ୍କୁ ସର୍ବାଧିକ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେଇଥିଲା। କେଜ୍‌ରିୱାଲ ରବିବାର ତୃତୀୟ ଥର ପାଇଁ ଶପଥ ନେବା ସହ ଶୀଲାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ଜାତୀୟ ରାଜଧାନୀରେ ମୋଟ ୭ ଥର ବିଧାନସଭା ନିର୍ବାଚନ ହୋଇଛି। ତେବେ ଦିଲ୍ଲୀ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ଗୌଣ ରହିଛି। ୧୯୯୩ରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିବାବେଳେ ୨୦୨୦ ଫେବୃୟାରୀ ୮ରେ ସପ୍ତମ ଥର ପାଇଁ ଭୋଟଗ୍ରହଣ କରାଯାଇଥିଲା। ୧୯୯୩ରୁ ଅଦ୍ୟାବଧି ମୋଟ ୩୯ ମହିଳା ବିଧାନସଭାକୁ ନିର୍ବାଚିତ ହୋଇ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୨୦ ହେଉଛନ୍ତି କଂଗ୍ରେସର।

କେବଳ ବିଧାନସଭା ନୁହେଁ, ବରଂ ଲୋକ ସଭା ନିର୍ବାଚନରେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ଆଖିଦୃଶିଆ ନୁହେଁ। ସପ୍ତଦଶ ଲୋକ ସଭା ନିର୍ବାଚନରେ ଦିଲ୍ଲୀର ୭ ଆସନ ମଧ୍ୟରୁ ମାତ୍ର ଗୋଟିଏରେ ଜଣେ ମହିଳାଙ୍କୁ ନିର୍ବାଚନ ଲଢ଼ି ଜିତିବାର ସୁଯୋଗ ମିଳିଛି। ସେ ହେଉଛନ୍ତି ମୀନାକ୍ଷୀ ଲେଖି। ୧୯୯୯, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ମଧ ଲୋକସଭାରେ ମହିଳାଙ୍କ ପ୍ରତିନିଧିତ୍ୱର ଏହି ଧାରା ବଜାୟ ରହିଥିଲା। ରାଜଧାନୀ କେବେହେଲେ କୌଣସି ମହିଳାଙ୍କୁ ଷଷ୍ଠଥର ପାଇଁ ନିର୍ବାଚିତ କରିନାହିଁ। ସେହିପରି ମାତ୍ର ୩ ଥର ଏକାଧିକ ମହିଳାଙ୍କୁ ଲୋକ ସଭାରେ ପ୍ରତିନିଧିତ୍ୱର ସୁଯୋଗ ଦେଇଛି।




ଶପଥ ପରେ ରେଜିଷ୍ଟରରେ ଦସ୍ତଖତ ଦେଉଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

### ରାଜଧାନୀ ରାଜନୀତି

- ମହିଳାଙ୍କ ପ୍ରତିନିଧିତ୍ୱ ନଗଣ୍ୟ
- ଏଏପିରୁ ଜିତିଛନ୍ତି ୮ ପ୍ରାର୍ଥୀ
- କେଜ୍‌ରିୱାଲଙ୍କ କ୍ୟାବିନେଟରେ ନାହାନ୍ତି ଜଣେ ହେଲେ ମହିଳା
- ଲୋକ ସଭାରେ ଦିଲ୍ଲୀରୁ ମାତ୍ର ଜଣେ
- ଶୀଲା ଦୀକ୍ଷିତଙ୍କ ରେକର୍ଡ ଭାଙ୍ଗିଲେ କେଜ୍‌ରିୱାଲ

# ଟ୍ରମ୍ପ୍‌ଙ୍କ ଗସ୍ତ ପୂର୍ବରୁ ଧମକ

ନୂଆଦିଲ୍ଲୀ,୧୬।୨

## ଜୈଶ୍ ଜାରି କଲା ଭିଡିଓ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭାରତ ଗସ୍ତ ପୂର୍ବରୁ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଦେଇଛି ଆକ୍ରମଣ ଧମକ। ହତ୍ୟାକାରୀମାନଙ୍କୁ କ୍ଷମା ଦିଆଯିବ ନାହିଁ। ସେମାନଙ୍କ ଉପରେ ପ୍ରତିଶୋଧ ନିଆଯିବ ବୋଲି ଜୈଶ୍ ପକ୍ଷରୁ ଜାରି ଏକ ଭିଡିଓରେ ଧମକ ଦିଆଯାଇଛି। ଭାରତ ସରକାର, ମୁସଲିମମାନଙ୍କୁ ତୁମେ ଯେପରି ହଇରାଣ କରିଛ ଓ ସେମାନଙ୍କ ବସତିକୁ ଭାଙ୍ଗିଦେଇଛ, ତା'ର ପ୍ରତିଶୋଧ ନିଆଯିବ। ଶାନ୍ତିକୁ ନେଇ ଆମେ ଅନେକ କଥା ଶୁଣି ସାରିଛୁ। ଏବେ ଆଉ ବାହାନା ଚଳିବ ନାହିଁ ବୋଲି ଏଥିରେ କୁହାଯାଇଛି। ଭିଡିଓରେ ଜଣେ ବ୍ୟକ୍ତି କୋରାନ ଶରିଫ୍ ପାଠ କରୁଥିବା ଶୁଣିବାକୁ ମିଳୁଛି। ଆମେରିକା ରାଷ୍ଟ୍ରପତି ଓ ଫାର୍ଷ୍ଟ ଲେଡି ମାଲେନିଆ ଟ୍ରମ୍ପ୍ ଆସନ୍ତା ୨୪ରେ ଦୁଇଦିନିଆ ଗୁଜରାଟ ଗସ୍ତରେ ଆସୁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ପରେ କଶ୍ମୀରୀମାନେ କ୍ରୋଧିତ ହୋଇ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ଚଳାଇଛନ୍ତି ବୋଲି ଟ୍ରମ୍ପ୍ ଦମ୍ପତିଙ୍କ ଗସ୍ତ ପୂର୍ବରୁ ଦର୍ଶାଇବା ଲାଗି ପାକିସ୍ତାନର ଏହା ଏକ ଚାଲ୍ ବୋଲି କୁହାଯାଉଛି। ଇତିମଧ୍ୟରେ ସୁରକ୍ଷା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି ଯେ, ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଚଳିତ ମାସରେ ଆତଙ୍କବାଦୀଙ୍କ ଏକ ବୈଠକ ହୋଇଥିଲା। ସେଠାରେ ପାକିସ୍ତାନୀ ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ ମୁଜାହିଦ୍ଦିନକୁ ଅଧିକ ସକ୍ରିୟ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଲଶ୍କର ଓ ଜୈଶ୍‌ଠାରୁ ସମସ୍ତ ଦାୟିତ୍ୱ ହିଜ୍‌ବୁଲକୁ ଦିଆଯିବା ନେଇ ଏକ ନିର୍ଦ୍ଦେଶନାମା ମଧ୍ୟ ସେଠାରେ ଜାରି ହୋଇଥିଲା।

# ରାଜ୍ୟ ସଭା ଯିବେ ପ୍ରିୟଙ୍କା

ନୂଆଦିଲ୍ଲୀ,୧୬।୨(ଆଇଏଏନ୍ଏସ୍)



## ଜ୍ୟୋତିରାଦିତ୍ୟ ସିନ୍ଧିଆ, ମିଲିନ୍ଦ ଦେଓରା ଓ ଜିତିନ ପ୍ରସାଦଙ୍କ ନାଁକୁ ନେଇ ମଧ ଚର୍ଚ୍ଚା

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ କଂଗ୍ରେସରେ ଏକ ବଡ଼ଧରଣର ଅଦଳବଦଳ ପାଇଁ ଯୋଜନା ଚାଲିଛି। ଦଳର ସାଙ୍ଗଠନିକ ସ୍ତରରେ ନୂଆ ମୁହଁଙ୍କୁ ଅଣାଯିବା ସହ ରାଜ୍ୟ ସଭାରେ ମଧ୍ୟ ନୂଆ ନେତାଙ୍କୁ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦିଆଯିବ। ଏହିକ୍ରମରେ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ରାଜ୍ୟ ସଭାକୁ ପଠାଇବା ପାଇଁ କଂଗ୍ରେସ ଚିନ୍ତା କରୁଛି। ଏପ୍ରିଲରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ବେଳେ ତାଙ୍କୁ ଛତିଶଗଡ଼ରୁ ଉଚ୍ଚ ସଦନକୁ ପଠାଯିବ। ସେହିପରି ୨୦୧୯ ଲୋକ ସଭା ନିର୍ବାଚନରେ ଗୁନା ଆସନରେ ପରାଜିତ ହୋଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହଯୋଗୀ ମିଲିନ୍ଦ ଦେଓରା ଓ ରାଜୀବ ସତଭଙ୍କୁ ମହାରାଷ୍ଟ୍ରରୁ ରାଜ୍ୟ ସଭାକୁ ପଠାଯିବ। ସେହିପରି ଜିତିନ ପ୍ରସାଦଙ୍କୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହଯୋଗରେ ରାଜ୍ୟ ସଭା ପଠାଇବା ଲାଗି କଂଗ୍ରେସ ଉଦ୍ୟମ ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।




ତଫସିଲ୍‌ଭୁକ୍ତ ଜାତି (ଏସ୍‌ସି) ଓ ତଫସିଲ୍‌ଭୁକ୍ତ ଉପଜାତି(ଏସ୍‌ଟି) ବର୍ଗର ଲୋକଙ୍କ ସଂରକ୍ଷଣକୁ କେନ୍ଦ୍ର ସରକାର ବିମୁଦ୍ରୀକରଣ ଭଳି କୌଣସି ସମୟରେ ପ୍ରତ୍ୟାହାର କରିନେଇପାରନ୍ତି। ଏଭଳି ଅଭିଯୋଗ ଆଣି ଜୟପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଉପମୁଖ୍ୟମନ୍ତ୍ରୀ ସଚିନ୍ ପାଇଲଟ।

# କଂଗ୍ରେସ ନେତାଙ୍କୁ ୧.୦୪ କୋଟିର ନୋଟିସ

ମୋରାଦାବାଦ,୧୬।୨ (ପି.ଟି.): ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସାମ୍ବୋଧନ କରିଥିବା କଂଗ୍ରେସ ନେତା ଇମ୍ରାନ୍ ପ୍ରତାପଗଡ଼ୀଙ୍କୁ ପ୍ରଶାସନ ପକ୍ଷରୁ ୧.୦୪ କୋଟି ଟଙ୍କାର କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଇମ୍ରାନ୍ ଗତ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ମୋରାଦାବାଦରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ୧୪୪ ଧାରା ଭାଙ୍ଗି ସିଏଏ ବିରୋଧୀଙ୍କୁ ଉଦ୍‌ବୋଧନ ଦେବା କାରଣରୁ ଆଡିଶନାଲ ସିଟି ମାଜିଷ୍ଟ୍ରେଟ ରାଜେଶ କୁମାର ଏହି ନୋଟିସ ଜାରି କରିଛନ୍ତି। ଇଦ୍‌ଗା ମଇଦାନର ସୁରକ୍ଷା ସହ ଆଇନଶୃଙ୍ଖଳା ଲାଗି ୧.୦୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଅର୍ଥ ଇମ୍ରାନ୍‌ଙ୍କଠାରୁ କାହିଁକି ଆଦାୟ କରାଯିବନି ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ଭାଜପା ସରକାର ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରୁଛି ବୋଲି ଇମ୍ରାନ ଅଭିଯୋଗ କରିଛନ୍ତି। ଫେବୃୟାରୀ ୭ରେ ମୋରାଦାବାଦରେ ପହଞ୍ଚିଥିବା ବ୍ୟକ୍ତିଙ୍କୁ ଫେବୃୟାରୀ ୬ରେ ନୋଟିସ ଜାରି କରାଯାଇଛି। ଏନେଇ ସିଟି ଏସ୍‌ପିଙ୍କୁ ଜଣାଯାଇଥିବା ଇମ୍ରାନ ପ୍ରକାଶ କରିଛନ୍ତି।

# ତେଲଙ୍ଗାନା ବିଧାନସଭାରେ ଆସିବ ସିଏଏ ବିରୋଧୀ ସଂକଳ୍ପନାମା

**ହାଇଦ୍ରାବାଦ,୧୬।୨:** ଚାରିଟି ଅଣଭାଜପା ରାଜ୍ୟ ପରେ ତେଲଙ୍ଗାନା ବିଧାନସଭାରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସଂକଳ୍ପନାମା ଆସିବାକୁ ଯାଉଛି। ପାର୍ଲାମେଣ୍ଟରେ ସିଏଏକୁ ବିରୋଧ କରିବା ପରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କାହିଁକି ଚୁପ୍ ବସିଛି ବୋଲି ବିରୋଧୀ ଭାଜପା ପ୍ରଶ୍ନ କରିବା ପରେ ଶାସକ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ତୁରନ୍ତ ସିଏଏକୁ ପ୍ରତ୍ୟାହାର କରନ୍ତୁ ବୋଲି ରବିବାର ତେଲଙ୍ଗାନା ରାଜ୍ୟ କ୍ୟାବିନେଟ ଦାବି କରିଛି।



ଧର୍ମ ଆଧାରରେ ନାଗରିକତ୍ୱ ନିରୂପଣ ନ କରିବାକୁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଅଧ୍ୟକ୍ଷତାରେ ପ୍ରଗତି ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ ଅନୁରୋଧ କରାଯାଇଛି। ପ୍ରକାଶ ଯେ, ଏହା ପୂର୍ବରୁ କେରଳ, ପଞ୍ଜାବ, ପଶ୍ଚିମବଙ୍ଗ ଓ ରାଜସ୍ଥାନ ବିଧାନସଭାରେ ସିଏଏ ବିରୋଧରେ ପ୍ରସ୍ତାବ ଗୃହୀତ ହୋଇସାରିଛି।

## ଇତିହାସର ଆଇନାରେ
### ଫେବୃୟାରୀ ୧୭ର ପ୍ରମୁଖ ଘଟଣା

୧. ୧୯୭୯ ଫେବୃୟାରୀ ୧୭ରେ ଭିଏତ୍‌ନାମ ଉପରେ ଚାଇନା ଆକ୍ରମଣ କରିଥିଲା। ଚାଇନାର ୯୦,୦୦୦ ସୈନ୍ୟ ପ୍ରାୟ ମାସେ ଧରି ଭିଏତ୍‌ନାମରେ ରହିଥିଲେ।

୨. ୨୦୦୩ ଫେବୃୟାରୀ ୧୭ରେ ଆମେରିକାର ଶିକାଗୋସ୍ଥିତ ଏକ ନାଇଟ୍‌କ୍ଲବ୍‌ରେ ଦଳାଚକଟା ହୋଇଥିଲା। ଏଥିରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

# ୟେମେନରେ ସୌଦି ଆକ୍ରମଣ

ସାନା,୧୬।୨(ଆଇଏଏନ୍ଏସ୍)



ସୌଦି ଆରବ ନେତୃତ୍ୱାଧୀନ ସେନା ପକ୍ଷରୁ ୟେମେନରେ ଶନିବାର ରାତିଅଧିଆ ରକେଟ ମାଡ଼ କରାଯାଇଛି। ଏହି ଆକ୍ରମଣରେ ୟେମେନସ୍ଥିତ ଅଲ୍-ଜଫ୍ ପ୍ରଦେଶର ଅଲ୍-ହାୟଜା ଅଞ୍ଚଳରେ ଅନ୍ୟୁନ ୩୧ ନାଗରିକ ନିହତ ହୋଇଛନ୍ତି। ବିଦ୍ରୋହୀ ହୌଥିଙ୍କ ପକ୍ଷରୁ ସେହି ଅଞ୍ଚଳରେ ଏକ ଯୁଦ୍ଧବିମାନକୁ ଟାର୍ଗେଟ କରି ଖସାଇ ଦିଆଯାଇଥିବା ଦାବି କରାଯିବାର ଦିନକ ପରେ ଏହି ଆକ୍ରମଣ ହୋଇଛି। ଏହି ପ୍ରତିଶୋଧମୂଳକ

## ଆକାଶମାର୍ଗରୁ ରକେଟ ମାଡ଼: ୩୧ ନିହତ

କାର୍ଯ୍ୟାନୁଷ୍ଠାନରେ ୩୧ ନିହତ ହୋଇଥିବାବେଳେ ୧୨ ଆହତ ହୋଇଥିବା ରବିବାର ଜାତିସଂଘ ମାନବାଧିକାର ସଂଯୋଜକ ଲିସେ ଗ୍ରାଣ୍ଡେ ସ୍ପଷ୍ଟ କରିଛନ୍ତି। ଜାନୁୟାରୀ ମଧ୍ୟଭାଗରୁ ଅଦ୍ୟାବଧି ୟେମେନରେ ସଂଘର୍ଷ ଯୋଗୁ ବହୁ ଲୋକ ପ୍ରାଣ ହରାଇଥିବାବେଳେ ୪,୭୦୦ରୁ ଊର୍ଦ୍ଧ୍ୱ ପରିବାର ସେମାନଙ୍କ ଘର ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ମାନବାଧିକାର ସମ୍ପର୍କିତ ଅନ୍ତର୍ଜାତୀୟ ଆଇନ ଅନୁସାରେ ବର୍ତ୍ତମାନ ସମସ୍ତ ପକ୍ଷ ସଂଯମ ହେବା ଜରୁରୀ ବୋଲି ଜାତିସଂଘର ଏକ ବିବୃତିରେ ପରାମର୍ଶ ଦିଆଯାଇଛି।

# କଶ୍ମୀର ମଧ୍ୟସ୍ଥତାକୁ ଭାରତର ନା

ନୂଆଦିଲ୍ଲୀ,୧୬।୨



ଆଣ୍ଟୋନିଓ ଗୁଟେରେସ୍

## ଜାତିସଂଘ ମହାସଚିବଙ୍କ ପ୍ରସ୍ତାବକୁ ବିରୋଧ

କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପ୍ରସ୍ତାବ ଦେଇଥିବା ବେଳେ ଭାରତ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଇଛି। କଶ୍ମୀର ପ୍ରସଙ୍ଗରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଗୁଟେରେସ୍ ପାକିସ୍ତାନରେ ଚାଲିଥିବା ଭାରତ ବିରୋଧୀ ଷଡ଼ଯନ୍ତ୍ର ଓ ସୀମାପାର୍ ଆତଙ୍କବାଦକୁ ରୋକିବା ଲାଗି ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଆମ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆତଙ୍କବାଦ ଯୋଗୁ ମାନବାଧିକାର କ୍ଷୁଣ୍ଣ ହେଉଛି। ଆତଙ୍କବାଦ ଦ୍ୱାରା ପାକିସ୍ତାନ ଜମ୍ମୁ-କଶ୍ମୀରର କିଛି ଅଂଶ ବେଆଇନ ଭାବେ ମାଡ଼ିବସିଛି। ଆଲୋଚନା ମାଧ୍ୟମରେ ଏସବୁର ସମାଧାନ ଦ୍ୱିପାକ୍ଷିକ ଭାବେ ସମ୍ଭବ ହୋଇପାରିବ ବୋଲି ଭାରତ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ଚାରିଦିନିଆ ପାକିସ୍ତାନ ଗସ୍ତରେ ଯାଇ ଗୁଟେରେସ୍ ଖବରଦାତା ସମ୍ମିଳନୀରେ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ମନ ବଳାଇଥିଲେ।



## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART 1: OBJECTIVE

### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧× ୫=୫
(କ) କେଉଁ ବଡ଼ଲାଟ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତକୁ ମିତ୍ରଶକ୍ତିର ପକ୍ଷଭୁକ୍ତ କରିଥିଲେ ?
(ଖ) କେଉଁ କମ୍ପାନୀ ସହାୟତାରେ ଧାମରାଠାରେ ଏକ ବୃହତ୍ ବନ୍ଦର ନିର୍ମାଣ କରାଯାଇଛି ?
(ଗ) ୧୯୪୬ ରୁ ୧୯୬୪ ମସିହା ପର୍ଯ୍ୟନ୍ତ ସମୟକୁ ଭାରତରେ କେଉଁ ଯୁଗ ବୋଲି କୁହାଯାଏ ?
(ଘ) ଓଡ଼ିଶା ଓ ଛତିଶଗଡ଼ର କେତୋଟି ଦେଶୀୟ ରାଜା "ପୂର୍ବାଞ୍ଚଳ ଗଡ଼ଜାତ ସଂଘ" ଗଠନ କରିଥିଲେ ?
(ଙ) କେଉଁ ରାଜ୍ୟର କିଛି ଅଂଶକୁ ଅଲଗା କରାଯାଇ ଉତ୍ତରାଖଣ୍ଡ ରାଜ୍ୟ ଗଠିତ ହୋଇଛି ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧× ୫=୫
(କ) ଇଂରେଜ ସରକାରଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଜାତୀୟ ସ୍ତରୀୟ ଆନ୍ଦୋଳନର ନାମ କ'ଣ ଥିଲା ?
(ଖ) ସାଇମନ୍ କମିଶନ୍ କାହିଁକି ଭାରତ ଆସିଥିଲେ ?
(ଗ) ବ୍ୟକ୍ତିଗତ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ କିଏ ହୋଇଥିଲେ ?
(ଘ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାହିଁକି ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ ?
(ଙ) କେଉଁ ଦେଶର ନଗର ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟ କରୁଥିଲା ?

୩. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ________ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କୁ ଏକ ସାର୍ଟିଫିକେଟ୍ ପ୍ରଦାନ କରନ୍ତି।
(ଖ) ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଉପୁଜୁଥିବା କଳହର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ଉଦ୍ୟମ କରିବ ବୋଲି ଆମଦେଶର ସମ୍ବିଧାନର ଧାରା ________ ରେ କୁହାଯାଇଛି।
(ଗ) ଓଡ଼ିଶାରେ ପ୍ରଥମେ ________ ମସିହାରେ ରେଳଗାଡ଼ି ଚାଲିଥିଲା।
(ଘ) ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ________।
(ଙ) ଦକ୍ଷିଣ ଆଫ୍ରିକାର ________ କାରାଗାରରେ ଗାନ୍ଧିଜୀଙ୍କୁ ବନ୍ଦୀ କରି ରଖାଯାଇଥିଲା।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧× ୫=୫
(କ) ଦାଦା ଅବ୍ଦୁଲ୍ଲା 'ଇଣ୍ଡିଆନ୍ ଓପିନିୟନ୍' ପତ୍ରିକାର ସମ୍ପାଦକ ଥିଲେ।
(ଖ) ଭଞ୍ଜନଗରର ପୁରାତନ ନାମ ଥିଲା ରସୁଲକୋଣ୍ଡ।
(ଗ) ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିପୁନର୍ଗଠିତ ହୋଇଥିଲା।
(ଘ) ତୋଗଲକ୍‌ମାନଙ୍କ ସମୟରେ ଗୋଆ ମୁସଲମାନ ଶାସନ ଅଧୀନକୁ ଆସିଲା।
(ଙ) ରାଜ୍ୟସଭାର ସଦସ୍ୟମାନେ ପରୋକ୍ଷଭାବେ ନିର୍ବାଚିତ ହୋଇଥାନ୍ତି।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧× ୫=୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜାଲିଆନାୱାଲାବାଗ ହତ୍ୟାକାଣ୍ଡ | ତିଳକ ସ୍ୱରାଜ ପାଣ୍ଠି ଗଠନ |
| ତୁର୍କୀର ସୁଲତାନ | ସମାଜ |
| ଅସହଯୋଗ ଆନ୍ଦୋଳନ | କାଶ୍ମୀର |
| ସତ୍ୟ ହେଲେ ସାଂଘାତିକ | ହଣ୍ଟର କମିଟି |
| ସଦର - ଇ -ରିୟାସତ୍ | ଖଲିଫା |

### ଭୂଗୋଳ ଓ ଅର୍ଥନୀତି

୬. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ଚାଷଜମି ________ ସମ୍ବଳର ଅନ୍ତର୍ଗତ।
(ସ୍ଥାନୀୟ, ସର୍ବତ୍ର ସୁଲଭ, ବ୍ୟକ୍ତିଗତ, ଗଚ୍ଛିତ)
(ଖ) ଓଡ଼ିଶାର ________ ଠାରେ ବ୍ୟାଘ୍ର ପ୍ରକଳ୍ପ ରହିଛି।
(ଚନ୍ଦକା, ଶିମିଳିପାଳ, ନନ୍ଦନକାନନ, ଭିତରକନିକା)
(ଗ) ପୃଥିବୀର ସର୍ବାଧିକ ବୃଷ୍ଟିପାତ ଅଞ୍ଚଳର ନାମ ________।
(ଡିଗ୍‌ବୋଇ, ମାଇସିନରାମ, ନହରକାଟିଆ, ଶିଲଂ)
(ଘ) ଭାରତର ଗ୍ରାମାଞ୍ଚଳ ପାଇଁ ମୁଣ୍ଡପିଛା ମାସିକ ଖର୍ଚ୍ଚ ସର୍ବନିମ୍ନ ________ ଟଙ୍କାକୁ ବୃଦ୍ଧି କରାଯାଇଛି।
(୩୬୦, ୩୬୫, ୩୭୦, ୩୭୫)
(ଙ) ________ ମସିହାଠାରୁ ଭାରତରେ ଶିଳ୍ପାୟନ ପାଇଁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି।
(୧୯୪୮, ୧୯୪୯, ୧୯୫୦, ୧୯୫୧)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧× ୫=୫
(କ) ଅନାବାଦୀ ଭୂମି। (ଖ) କୃଷି
(ଗ) ଯୌଥ ଶିଳ୍ପ (ଘ) ମୁଣ୍ଡପିଛା ଆୟ
(ଙ) ଜାତୀୟ ଖାଉଟି କମିଶନ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧× ୫=୫
(କ) ଦାନ୍ତରେ ଛିଦ୍ର ନହେବା ପାଇଁ ପଟାସ ବ୍ୟବହାର କରାଯାଏ।
(ଖ) କୋର୍ବା ଆଲୁମିନିୟମ୍ କାରଖାନା ବିହାର ରାଜ୍ୟରେ ଅବସ୍ଥିତ।
(ଗ) ୨୦୧୦-୧୧ ରେ ଭାରତୀୟମାନଙ୍କର ମୁଣ୍ଡପିଛା ଆୟ ଥିଲା ୫୧,୩୩୧ ଟଙ୍କା।
(ଘ) ୧୯୮୮ ମସିହାରେ ଭାରତ ପାର୍ଲିଆମେଣ୍ଟରେ ଖାଉଟି ସୁରକ୍ଷା ଆଇନ ପ୍ରଥମ ଥର ପାଇଁ ସ୍ୱୀକୃତି ଲାଭ କରିଥିଲା।
(ଙ) ୧୯୯୧ -୯୨ ମସିହାର ରିପୋର୍ଟ ଅନୁଯାୟୀ ଜାପାନର ହେକ୍ଟର ପିଛା ଧାନ ଉତ୍ପାଦନ ୬୫.୭ କ୍ୱିଣ୍ଟାଲ ଥିଲା।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧× ୫=୫
(କ) ମୃତ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଶରୀରରୁ ଖାଦ୍ୟ ଶୋଷଣ କରି ବଞ୍ଚି ରହୁଥିବା ଅଣୁଜୀବ।
(ଖ) ଗର୍ତ୍ତକ୍ଷୟ ଦ୍ୱାରା ସୃଷ୍ଟି ହେଉଥିବା ଭୂମି।
(ଗ) ଭାରତର ମୁଖ୍ୟ ତୈଳବୀଜ ଫସଲ ।
(ଘ) ଖାଉଟି ସୁରକ୍ଷା ନିମନ୍ତେ ସରକାର ଗଠନ କରିଥିବା ତ୍ରିସ୍ତରୀୟ ସଂସ୍ଥା।
(ଙ) ପ୍ରାବିଧିକ ବେକାରୀ ଅଧିକ ଦେଖାଯାଉଥିବା ଅଞ୍ଚଳ।

୧୦.(କ) ମାନଚିତ୍ରରେ ନିମ୍ନଲିଖିତଗୁଡ଼ିକ ଦର୍ଶାଅ। [୧× ୩=୩
୧. କୋଏନା ନଦୀବନ୍ଧ ଯୋଜନା ୨. ବିଜୟପୁର ତୈଳଖଣି
୩. ନହରକାଟିଆ
(ଖ) ବାମପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦଲେଖି ଯୋଡ଼ି ସ୍ଥାପନ କର। [୨
୧. ଧାନ : ଖରିଫ : : ତରଭୁଜ : ________।
୨. ବିଶ୍ୱଖାଉଟି ଅଧିକାର ଦିବସ : ମାର୍ଚ୍ଚ ୧୫ : : ଜାତୀୟ ଉପଭୋକ୍ତା ଦିବସ : ________।

### PART 2: SUBJECTIVE

### ଇତିହାସ ଓ ରାଜନୀତି ବିଜ୍ଞାନ

11. ସଂକ୍ଷେପରେ ଉତ୍ତର ଦିଅ। [4
(A) ମିଶନ୍ ଶକ୍ତିର ଉଦ୍ଦେଶ୍ୟ ଓ ପ୍ରଧାନ କାର୍ଯ୍ୟଗୁଡ଼ିକ କ'ଣ ?
କିମ୍ବା, ସ୍ୱାଧୀନତା ପରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା କିପରି ବିକଶିତ ହେଲା ?
(B) ନୀଳଗିରି କିପରି ଓଡ଼ିଶାରେ ମିଶିଥିଲା ? [4
କିମ୍ବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ କିପରି ଭାବରେ ସହାୟତା ପ୍ରଦାନ କରାଯାଏ ?

12. ସଂକ୍ଷେପରେ ଉତ୍ତର ଦିଅ। [3
(A) ସ୍ୱାଧୀନତା ପରେ ଓଡ଼ିଶାରେ ରେଳପଥର ବିକାଶ ପାଇଁ ସରକାର କେଉଁସବୁ ବ୍ୟବସ୍ଥା ଗ୍ରହଣ କରିଥିଲେ ?
କିମ୍ବା, ଶିଳ୍ପ ବିକାଶର ଜୀବନରେଖା କାହାକୁ କୁହାଯାଏ ? ଏଥିପାଇଁ ଓଡ଼ିଶାରେ କେଉଁ ସବୁ ବ୍ୟବସ୍ଥା ରହିଛି ?
(B) କେବେ 'ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି' ପୁନର୍ଗଠିତ ହୋଇଥିଲା ଏବଂ କିଏ ଏହାର ଅଧକ୍ଷ ଥିଲେ ? ଏହି କମିଟିର ସମ୍ପାଦକ ଏବଂ ସଭ୍ୟ କିଏ ଥିଲେ ? [3
କିମ୍ବା, ଲର୍ଡ଼ କର୍ଜନଙ୍କୁ କିଏ ଓଡ଼ିଶା ଆଣିଥିଲେ ? କର୍ଜନ୍‌ଙ୍କ ଗସ୍ତ ଫଳରେ ଓଡ଼ିଶାର କ'ଣ ଲାଭ ହେଲା ?
(C) ସମ୍ବିଧାନ ପ୍ରଣୟନ ସଭା କିପରି ଗଠିତ ହୋଇଥିଲା ? ଏହା କେତେ ଦିନ କାର୍ଯ୍ୟ କରିଥିଲା ଓ ଏଥିରେ କିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ? [3
କିମ୍ବା, ପ୍ରାଚୀନ ଗ୍ରୀସ୍‌ର ନଗର ରାଜ୍ୟରେ କାହିଁକି ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନ ପ୍ରଚଳିତ ହୋଇଥିଲା ? ଭାରତରେ ପ୍ରତ୍ୟକ୍ଷ ଗଣତନ୍ତ୍ର ସମ୍ଭବ ନୁହେଁ କାହିଁକି ?

13. ସଂକ୍ଷେପରେ ଉତ୍ତର ଲେଖ।
(A) ମହାକାଶକୁ ପ୍ରେରଣ କରାଯାଇଥିଲା ଭାରତରେ ପ୍ରସ୍ତୁତ ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଏବଂ କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ କେଉଁ ଦୁଇଟି କ୍ଷେତ୍ରରେ ଉପଯୋଗୀ ହୋଇଛନ୍ତି ? [2
କିମ୍ବା, କେଉଁ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପ୍ରଚଳିତ ହୋଇଛି ?
(B) କିଏ ଓ କେବେ ପୂର୍ବତଟ ରେଳପଥର ଶୁଭ ଦେଇଥିଲେ ? [2
କିମ୍ବା, କେଉଁ ଆଇନ ବଳରେ ଓ କେଉଁଦିନ ଅନୁସୂଚୀତ ଜାତିର ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ ?
(C) ପର୍ତ୍ତୁଗୀଜ୍‌ମାନେ କେବେ ଓ କାହା ସାହାଯ୍ୟରେ ଗୋଆ ଅଧିକାର କରିଥିଲେ ? [2
କିମ୍ବା, ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଭାରତର କେଉଁ ଅଞ୍ଚଳରେ ଅବସ୍ଥିତ ଥିଲା ?
(D) କେଉଁ ପରିସ୍ଥିତିରେ ଉପନିର୍ବାଚନ କରାଯାଏ ? [2
କିମ୍ବା, ତାସକେଣ୍ଟ ଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ଏବଂ କେଉଁମାନେ ଏଥିରେ ସ୍ୱାକ୍ଷର କରିଥିଲେ ?

### ଭୂଗୋଳ ଓ ଅର୍ଥନୀତି

14. (A) ଭାରତରେ ଆଲୁମିନିୟମ୍ ଶିଳ୍ପର ଏକ ବିବରଣୀ ଦିଅ। [4
କିମ୍ବା, ମୃତ୍ତିକାକ୍ଷୟ ରୋକିବା ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କର।
(B) ଭାରତର ଲୁଣା ଓ କ୍ଷାରୀୟ ମୃତ୍ତିକା ସମ୍ବନ୍ଧରେ ଲେଖ। [4
କିମ୍ବା, ଅରଣ୍ୟର ୪ଟି ବ୍ୟବହାର ଓ ଉପକାରିତା ଉଲ୍ଲେଖ କର।

15. (A) ଲାଲ ତଥ୍ୟ ପୁସ୍ତକ କାହାକୁ କୁହାଯାଏ ? [3
କିମ୍ବା, କର୍ଣ୍ଣାଟକ ରାଜ୍ୟର ଗେଣ୍ଡାଥୁର ଗାଁ କ'ଣ ପାଇଁ ସୁପରିଚିତ ?
(B) ସଂକ୍ଷେପରେ ଉତ୍ତର ଲେଖ। [3
ମରୂଦ୍ୟାନ **କିମ୍ବା,** ଧାତବ ଖଣିଜ
(C) ୧୯୯୧ ମସିହାର ନୂତନ ଆର୍ଥିକ ନୀତି ପ୍ରଣୟନ ପରେ ଆମ ଦେଶରେ ଏହାର କି କି ପ୍ରଭାବ ପଡ଼ିଛି ଆଲୋଚନା କର। [3
କିମ୍ବା, ବିଶ୍ୱ ବାଣିଜ୍ୟ ସଙ୍ଗଠନ ଯେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି, ସେଗୁଡ଼ିକୁ ଉଲ୍ଲେଖ କର।

16. (A) ପାର୍ଥକ୍ୟ ଦର୍ଶାଅ : [2
କର୍ବେଟ୍ ଜାତୀୟ ପାର୍କ ଓ ଗୀର୍ ଜାତୀୟ ପାର୍କ।
କିମ୍ବା, ସବୁଜ ବିପ୍ଳବ ଓ ଶ୍ୱେତ ବପ୍ଳବ।
(B) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [2
ଜେଦ୍ **କିମ୍ବା,** ମିଳିତ ଶିଳ୍ପ
(C) କାରଣ ଦର୍ଶାଅ। [2
କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।
କିମ୍ବା, ଆସାମର ପାର୍ବତ୍ୟାଞ୍ଚଳରେ ବ୍ୟାପକ ଚହାଚଷ କରାଯାଏ।
(D) ପାର୍ଥକ୍ୟ ଦର୍ଶାଅ। [2
ନିମ୍ନମାନର ଦ୍ରବ୍ୟ ଓ ଦୋହରା ଦ୍ରବ୍ୟ
କିମ୍ବା, ମୋଟ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ

### ANSWERS- PART 1: OBJECTIVE

୧. (କ) ଲର୍ଡ଼ ଲିନ୍‌ଲିଥ୍‌ଗୋ (ଖ) ଟାଟା (ଗ) ନେହେରୁ (ଘ) ଅଣଚାଳିଶ (ଙ) ଉତ୍ତରପ୍ରଦେଶ

୨. (କ) ଇଂରେଜ ସରକାରଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଜାତୀୟ ସ୍ତରୀୟ ଆନ୍ଦୋଳନର ନାମ ଥିଲା ରାଓଲାଟ୍ ଆଇନ୍ ବିରୋଧୀ ଆନ୍ଦୋଳନ। (ଖ) ୧୯୧୯ ଭାରତ ଶାସନ ଆଇନର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ସାଇମନ୍ କମିଶନ୍ ଭାରତ ଆସିଥିଲେ। (ଗ) ବ୍ୟକ୍ତିଗତ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ ବିନୋବା ଭାବେ ହୋଇଥିଲେ। (ଘ) ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଓ ୧୯୭୧ର ଭାରତ ପାକିସ୍ତାନ ଯୁଦ୍ଧ ଯୋଗୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ। (ଙ) ଗ୍ରୀସ୍ ଦେଶର ନଗର ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟ କରୁଥିଲା।

୩. (କ) ରିଟର୍ଣ୍ଣିଂ ଅଫିସର (ଖ) ୫୧ (ଗ) ୧୮୯୭ (ଘ) ବିନୋବା ଭାବେ (ଙ) ଜୋହାନେସ୍‌ବର୍ଗ

୪. (କ) × (ଖ) ✓ (ଗ) ✓ (ଘ) × (ଙ) ✓

୫.

| 'କ'ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜାଲିଆନାୱାଲାବାଗ ହତ୍ୟାକାଣ୍ଡ | ହଣ୍ଟର କମିଟି |
| ତୁର୍କୀର ସୁଲତାନ | ଖଲିଫା |
| ଅସହଯୋଗ ଆନ୍ଦୋଳନ | ତିଳକ ସ୍ୱରାଜ ପାଣ୍ଠି ଗଠନ |
| ସତ୍ୟ ହେଲେ ସାଂଘାତିକ | ସମାଜ |
| ସଦର - ଇ -ରିୟାସତ୍ | କାଶ୍ମୀର |

୬. (କ) ବ୍ୟକ୍ତିଗତ (ଖ) ଶିମିଳିପାଳ (ଗ) ମାଇସିନରାମ (ଘ) ୩୬୫ (ଙ) ୧୯୪୮

୭. (କ) ଯେଉଁ କୃଷି ଭୂମିରେ ଦୁଇରୁ ପାଞ୍ଚବର୍ଷ ଧରି କୃଷି କାର୍ଯ୍ୟ ହୋଇନଥାଏ, ତାହାକୁ ଅନାବାଦୀ ଭୂମି କୁହାଯାଏ। (ଖ) ଭୂମିକୁ କର୍ଷଣ କରି ସେଥିରେ ବିଭିନ୍ନ ଶସ୍ୟ ଉତ୍ପାଦନ କରିବାକୁ କୃଷି କୁହାଯାଏ। (ଗ) ଯେଉଁ ଶିଳ୍ପ ଉଭୟ ସରକାର ଓ ବେସରକାରୀ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହୁଏ ସେହି ଶିଳ୍ପକୁ ଯୌଥ ଶିଳ୍ପ କୁହାଯାଏ। (ଘ) କୌଣସି ଦେଶର ମୋଟ୍ ଜାତୀୟ ଆୟକୁ ସେ ଦେଶର ଜନସଂଖ୍ୟା ଦ୍ୱାରା ଭାଗକଲେ ତାହାକୁ ମୁଣ୍ଡପିଛା ଆୟ କୁହାଯାଏ। (ଙ) ଜାତୀୟ ସ୍ତରରେ ପ୍ରତିଷ୍ଠା କରାଯାଇଥିବା ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ କୁହାଯାଏ।

୮. (କ) ଦାନ୍ତରେ ଛିଦ୍ର ନ ହେବା ପାଇଁ ଫ୍ଲୁରାଇଡ୍ ବ୍ୟବହାର କରାଯାଏ। (ଖ) କୋର୍ବା ଆଲୁମିନିୟମ୍ କାରଖାନା ଛତିଶଗଡ଼ ରାଜ୍ୟରେ ଅବସ୍ଥିତ। (ଗ) ୨୦୧୦-୧୧ ରେ ଭାରତୀୟମାନଙ୍କର ମୁଣ୍ଡପିଛା ଆୟ ଥିଲା ୫୩,୩୩୧ ଟଙ୍କା। (ଘ) ୧୯୮୬ ମସିହାରେ ଭାରତ ପାର୍ଲିଆମେଣ୍ଟରେ ଖାଉଟି ସୁରକ୍ଷା ଆଇନ ପ୍ରଥମଥର ପାଇଁ ସ୍ୱୀକୃତି ଲାଭ କରିଥିଲା। (ଙ) ୨୦୦୪-୦୫ ମସିହାର ରିପୋର୍ଟ ଅନୁଯାୟୀ ଜାପାନର ହେକ୍ଟର ପିଛା ଧାନ ଉତ୍ପାଦନ ୬୫.୭ କ୍ୱିଣ୍ଟାଲ ଥିଲା।

୯. (କ) ଅପଘଟକ (ଖ) ଦୁର୍ଗମ ଭୂମି (ଗ) ଚିନାବାଦାମ (ଘ) ଖାଉଟି ଟ୍ରିବ୍ୟୁନାଲ (ଙ) ସହରାଞ୍ଚଳ

୧୦. (କ)




(ଖ) ୧. ଯେଦ୍ ୨. ଡିସେମ୍ବର ୨୪

### ANSWERS- PART 2: SUBJECTIVE

୧୧. (A) (i) ମହିଳାମାନଙ୍କର ସାମାଜିକ ଓ ଆର୍ଥନୀତିକ ଅଭିବୃଦ୍ଧି ପାଇଁ ଯେଉଁ କେତେଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସେଗୁଡ଼ିକ ମଧ୍ୟରେ 'ମିଶନ୍ ଶକ୍ତି' ଏକ ପ୍ରଧାନ କାର୍ଯ୍ୟକ୍ରମ ଅଟେ। ଏହା ଏକ ମହିଳା ସଶକ୍ତୀକରଣ ଯୋଜନା ଓ ଏହା ୨୦୦୧ ମସିହା ମାର୍ଚ୍ଚ ୧ତାରିଖରୁ ଆରମ୍ଭ କରାଯାଇଛି।
(ii) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ସେଗୁଡ଼ିକର ଦୃଢ଼ୀକରଣ କରି ସେଗୁଡ଼ିକ ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ହେଉଛି ମିଶନ ଶକ୍ତିର ଉଦ୍ଦେଶ୍ୟ।
(iii) ମହିଳା ସ୍ୱୟଂ ସହାୟକ ଦଳର ସଂରକ୍ଷଣ ଓ ପ୍ରସାର ଦଳଗୁଡ଼ିକୁ ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ତାଲିମ ପ୍ରଦାନ କରି ସେମାନଙ୍କୁ ଦିଗ୍‌ଦର୍ଶନ ଦେବା ଏହାର ଏକ କାର୍ଯ୍ୟ।
(iv) ଏହା ମଧ୍ୟ ଋଣ ଯୋଗାଇବାର ବ୍ୟବସ୍ଥା କରିବା, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର କାର୍ଯ୍ୟକଳାପର ତଦାରଖ କରିବା ଏବଂ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନରେ ସହାୟତା କରିବା କାର୍ଯ୍ୟ କରିଥାଏ।
କିମ୍ବା, (i) ସ୍ୱାଧୀନତା ପରେ ପରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମହାତ୍ମା ଗାନ୍ଧିଙ୍କ ମୌଳିକ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ଶିଶୁଙ୍କୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ ହେବାର ବ୍ୟବସ୍ଥା କରାଯାଇଥିଲା।
(ii) ମୌଳିକ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ୧୯୪୭-୪୮ ଶିକ୍ଷା ବର୍ଷରେ ରାଜ୍ୟସରକାର ରସୁଲକୋଣ୍ଡା ଓ ଅନୁଗୁଳଠାରେ ଦୁଇଟି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଥିଲେ।
(iii) ସରକାର ପ୍ରାଥମିକ ଶିକ୍ଷା ଖସଡ଼ାର ବ୍ୟାପକ ପରିବର୍ତ୍ତନ କରି ଏହାକୁ କର୍ମାଭିମୁଖୀ ଶିକ୍ଷାରେ ପରିଣତ କଲେ। ୧୯୫୦ ମସିହା ବେଳକୁ ଆଉ ୬୦ଟି ମୌଳିକ ଶିକ୍ଷା ବିଦ୍ୟାଳୟ ଓ ଆଉ ଦୁଇଟି ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା।
(iv) ୧୯୫୦ ମସିହାରେ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ଥିଲା ୧୦,୧୬୫ ଓ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଥିଲା- ୪,୪୧,୯୬୭। ପରବର୍ତ୍ତୀ ସମୟରେ ପ୍ରାଥମିକ ଶିକ୍ଷା ପରିମାର୍ଜିତ ହେଲା ଓ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢ଼ିଲା।
(B) (i) ନୀଳଗିରିରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରିବାପାଇଁ ନୀଳଗିରି ରାଜା ତାଙ୍କର ପୋଲିସ୍ ବାହିନୀକୁ ଶକ୍ତିଶାଳୀ କଲେ ଓ ଗୁର୍ଖାମାନଙ୍କୁ ପୋଲିସ ବାହିନୀରେ ନିଯୁକ୍ତି ଦିଆଗଲା। ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରିର ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ।
(ii) ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟକୁ ନୀଳଗିରିର ଉଦ୍‌ବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ଉଲ୍ଲେଖ କରି ବିବରଣୀ ପ୍ରେରଣ କଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଦିଲ୍ଲୀରେ ପଟେଲଙ୍କ ସହିତ ବିଚାର ବିମର୍ଶ କଲେ।
(iii) ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିନେବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ।
(iv) ମହତାବଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ।
କିମ୍ବା, (i) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ସରକାର "ଟେଷ୍ଟରିଲିଫ" କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କଲେ। ଏହି ବ୍ୟବସ୍ଥା ସରକାରୀ ଅର୍ଥରେ କାର୍ଯ୍ୟକାରୀ ହୁଏ।
(ii) ରିଲିଫ୍ ଭଳି ଏହା ଏକ ମାଗଣା ପ୍ରାପ୍ତି ବ୍ୟବସ୍ଥା ନୁହେଁ।
(iii) ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାମ ଯୋଗାଇ ରୋଜଗାରର ବ୍ୟବସ୍ଥା କରନ୍ତି।
(iv) ଲୋକମାନେ ରାସ୍ତାଘାଟ, ପୋଖରୀ ଖୋଳା ପ୍ରଭୃତି କାମରେ ଶ୍ରମଦାନ କରନ୍ତି ଓ ଏହା ବଦଳରେ ସେମାନଙ୍କୁ ଅର୍ଥ ବା ଖାଦ୍ୟ ଶସ୍ୟ ମିଳେ।

୧୨. (A) (i) ରେଳପଥର ବିକାଶ ପାଇଁ ଓଡ଼ିଶା ସରକାର ୧୯୪୯-୫୦ ଆର୍ଥିକ ବର୍ଷରେ ୨୦ ଲକ୍ଷ ଟଙ୍କା ବ୍ୟବସ୍ଥା କଲେ।
(ii) ଭାରତ ସରକାରଙ୍କ ରେଳ ବିଭାଗ କେତେକ ରେଳପଥର ସର୍ଭେକାର୍ଯ୍ୟ ଆରମ୍ଭ କଲେ।
(iii) ସେଗୁଡ଼ିକ ମଧ୍ୟରୁ ସମ୍ବଲପୁର - ଟିଟିଲାଗଡ଼ ଓ ଜଗଦଲପୁର ରେଳପଥ ଓ ଖୋର୍ଦ୍ଧାରୁ ସୋନପୁର ଦେଇ ବଲାଙ୍ଗୀର ରେଳପଥ।
କିମ୍ବା, (i) ଶିଳ୍ପ ବିକାଶର ଜୀବନରେଖା ହେଉଛି ବିଦ୍ୟୁତ୍ ଶକ୍ତି।
(ii) ସ୍ୱାଧୀନତା ପାଇବା ବେଳକୁ ଚୌଦ୍ୱାର ଓ ବ୍ରହ୍ମପୁରଠାରେ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର ଥିଲା। ଏବେ ଇବ୍ ଏବଂ ତାଳଚେରଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଅଛି।
(iii) ୧୯୪୮ ମସିହାରେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ଆରମ୍ଭ ହେଲା ଓ ୧୯୭୫ ରେ ଏହା କାର୍ଯ୍ୟକ୍ଷମ ହେଲା। ସମୟ କ୍ରମେ ଓଡ଼ିଶାରେ ଆଉ ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା।
(B) (i) ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହୋଇଥିଲା।
(ii) ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ଏବଂ ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ ।
(iii) ଲାଲମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା ଏହି କମିଟିରେ ଦୁଇଜଣ ସଭ୍ୟ ଥିଲେ।
କିମ୍ବା, (i) ଲର୍ଡ଼ କର୍ଜନଙ୍କୁ ମଧୁବାବୁ ଓଡ଼ିଶା ଆଣିଥିଲେ।
(ii) ଓଡ଼ିଶା ଆସିବା ଯୋଗୁଁ ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣର ଆବଶ୍ୟକତାକୁ ଉପଲବ୍ଧ କଲେ।
(iii) ଫଳରେ ୧୯୦୩ ଜାନୁୟାରୀ ୧ ତାରିଖରୁ ପୁନର୍ବାର ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହେଲା।
(C) (i) କ୍ୟାବିନେଟ ମିଶନର ପ୍ରସ୍ତାବ ଅନୁଯାୟୀ ସ୍ୱାଧୀନ ଭାରତ ପାଇଁ ଏକ ନୂତନ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲ।
(ii) ଏହି ସଭା ୨ବର୍ଷ ୧୧ ମାସ ୧୮ ଦିନ କାର୍ଯ୍ୟ କରିଥିଲା।
(iii) ଏଥିରେ ଡଃ ଭୀମରାଓ ଆମ୍ବେଦକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।
କିମ୍ବା, (i) ପ୍ରାଚୀନ ଗ୍ରୀସ୍‌ର ନଗର ରାଜ୍ୟର ଆୟତନ କ୍ଷୁଦ୍ର ଓ ଲୋକସଂଖ୍ୟା ସୀମିତ ଥିବାରୁ ଲୋକମାନେ ଗୋଟିଏ ସ୍ଥାନରେ ସମବେତ ହୋଇ ଶାସନ କ୍ଷେତ୍ରରେ ଅଂଶଗ୍ରହଣ କରିପାରୁଥିଲେ।
(ii) ତେଣୁ ସେଠାରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନ ପ୍ରଚଳିତ ହୋଇଥିଲା।
(iii) ମାତ୍ର ଭାରତର ଜନସଂଖ୍ୟାର ଆୟତନ ଓ ବିସ୍ତୃତି ଯୋଗୁଁ ଭାରତରେ ଏହା ସମ୍ଭବପର ନୁହେଁ।

୧୩. (A) (i) ମହାକାଶକୁ ପ୍ରେରଣ କରାଯାଇଥିବା ଭାରତରେ ପ୍ରସ୍ତୁତ ପ୍ରଥମ କୃତ୍ରିମ ଉପଗ୍ରହର ନାମ ଆର୍ଯ୍ୟଭଟ୍ଟ।
(ii) କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ ଯୋଗାଯୋଗ ଓ ପାଣିପାଗର ପୂର୍ବାନୁମାନ କ୍ଷେତ୍ରରେ ଉପଯୋଗୀ ହୋଇଛନ୍ତି।
କିମ୍ବା, (i) ଉତ୍ତମ ଗୁଣବତ୍ତା ଭିତ୍ତିକ ଶିକ୍ଷାଦାନ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପ୍ରଚଳିତ ହୋଇଥିଲା।
(ii) ଏଥିରେ ୧୪ରୁ ୧୮ ବର୍ଷ ପିଲାମାନଙ୍କ ପାଇଁ ସୁଲଭ ଓ ସୁଶିକ୍ଷା ପ୍ରାପ୍ତିର ବ୍ୟବସ୍ଥା ଥିଲା।
(B) (i) ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବଗୌଡ଼ା ପୂର୍ବତଟ ରେଳପଥର ଶୁଭ ଦେଇଥିଲେ।
(ii) ୧୯୯୬ ମସିହା ଅଗଷ୍ଟ ୮ ତାରିଖ ଦିନ ସେ ଏହାର ଶୁଭ ଦେଇଥିଲେ।
କିମ୍ବା, (i) ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ, ୧୯୪୮ ବଳରେ ଅନୁସୂଚୀତ ଜାତିର ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ।
(ii) ୧୯୪୮ ମସିହା ମାର୍ଚ୍ଚ ମାସ ୧ ତାରିଖରେ ସେମାନେ ଏହି ମନ୍ଦିରରେ ପ୍ରବେଶ କରିଥିଲେ।
(C) (i) ପର୍ତ୍ତୁଗୀଜ୍‌ମାନେ୧୫୧୦ ଖ୍ରୀଷ୍ଟାବ୍ଦରେ ଗୋଆ ଅଧିକାର କରିଥିଲେ।
(ii) ବିଜୟନଗର ସମ୍ରାଟଙ୍କ ସହାୟତାରେ ସେମାନେ ଗୋଆ ଅଧିକାର କରିଥିଲେ।
କିମ୍ବା, (i) ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ର ପୁଦୁଚେରୀ, କରାଇକଲ ଓ ୟାନାମ୍ କରମଣ୍ଡଳ ଉପକୂଳରେ ଅବସ୍ଥିତ ଥିଲ।
(ii) ମାହେ ଅବସ୍ଥିତ ଥିଲା ମାଲବାର ଉପକୂଳରେ ଏବଂ ଚନ୍ଦନନଗର ଥିଲା ବଙ୍ଗଳାରେ।
(D) (i) କୌଣସି ନିର୍ବାଚିତ ସଦସ୍ୟଙ୍କ ଇସ୍ତଫା ପ୍ରଦାନ କିମ୍ବା ମୃତ୍ୟୁହେଲେ ଉପନିର୍ବାଚନ କରାଯାଏ।
(ii) ସଦସ୍ୟଙ୍କ ନିର୍ବାଚନ ଅସିଦ୍ଧ ଘୋଷିତ ହେଲେ ମଧ୍ୟ ଉପନିର୍ବାଚନ କରାଯାଏ।
କିମ୍ବା, (i) ତାସକେଣ୍ଟ ଚୁକ୍ତି ୧୯୬୬ ମସିହା ଜାନୁୟାରୀ ୧୦ ତାରିଖରେ ସ୍ୱାକ୍ଷରିତ ହୋଇଥିଲା।
(ii) ପାକିସ୍ଥାନରେ ତତ୍କାଳୀନ ରାଷ୍ଟ୍ରପତି ଆୟୁବ୍ ଖାଁ ଓ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଏଥିରେ ସ୍ୱାକ୍ଷର କରିଥିଲେ।

୧୪. (A) (i) ଆଲୁମିନିୟମ୍ ଶିଳ୍ପ ଭାରତର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଟେ। ଆମ ଦେଶରେ ପ୍ରାୟ ୬୦୦ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦିତ ହୁଏ।
(ii) ଏହା ମନନୀୟ, କଳଙ୍କିରୋଧକ ଓ ବିଦ୍ୟୁତ୍ ସୁପରିବାହୀ ଧାତୁ ହେତୁ ଲୁହା, ଦସ୍ତା, ତମ୍ବା ଓ ସୀସାର ବିକଳ୍ପ ଭାବରେ ଏହାର ଚାହିଦା ବୃଦ୍ଧି ପାଉଛି।
(iii) ବକ୍ସାଇଟ୍ ଖଣିଜ ପିଣ୍ଡରୁ ପ୍ରଥମେ ଆଲୁମିନା ଉତ୍ପାଦନ କରାଯାଏ ଓ ପରେ ସେଥିରୁ ଆଲୁମିନିୟମ୍ ପ୍ରସ୍ତୁତ ହୁଏ। ଏହାର ଉତ୍ପାଦନ ପାଇଁ ପ୍ରଚୁର ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେଉଥିବାରୁ ଅଧିକ ବିଦ୍ୟୁତ୍ ଶକ୍ତି ମିଳୁଥିବା ଅଞ୍ଚଳରେ ଏହି ଶିଳ୍ପ ସ୍ଥାପନ କରାଯାଏ।
(iv) ଓଡ଼ିଶାରେ ନାଲ୍‌କୋ ଓ ବାଲ୍‌କୋ ଦୁଇଟି ସଂସ୍ଥାର ଆଲୁମିନିୟମ୍ ଶିଳ୍ପ ରହିଛି। ଏହାବ୍ୟତୀତ ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ଛତିଶଗଡ଼ର କୋର୍ବା, ମହାରାଷ୍ଟ୍ର ଓ ତାମିଲନାଡୁ ରାଜ୍ୟରେ ଏହି ଶିଳ୍ପ ରହିଛି।
କିମ୍ବା, (i) କେତେକ ଦୁର୍ଗମ ଭୂମି ଓ ନଦୀକ୍ଷୟିତ ଭୂମିକୁ ବୃହତ୍ ଯୋଜନା ମାଧ୍ୟମରେ କୃଷି, ଶିଳ୍ପ ଆଦି କ୍ଷେତ୍ରରେ ବ୍ୟବହାର କରାଯାଇଛି।
(ii) ପୁନଃ ବନୀକରଣ ମାଧ୍ୟମରେ ନୂତନ ଅରଣ୍ୟ ସୃଷ୍ଟି କରିବା ଓ ଅତ୍ୟଧିକ ପଶୁଚାରଣକୁ ରୋକିବା ପାଇଁ ଆଇନ ପ୍ରଣୟନ କରାଯାଉଛି।
(iii) ବୁନ୍ଦା ଜଳସେଚନ ପ୍ରଚଳନ କରି ମୃତ୍ତିକା କ୍ଷୟ ରୋକାଯାଉଛି।
(iv) ନଦୀ ସଂଯୋଗ ଯୋଜନା ଦ୍ୱାରା ଓ ନଦୀ ଶଯ୍ୟାରେ ବନ୍ଧ ଓ ଜଳଭଣ୍ଡାର ସୃଷ୍ଟି କରି ବନ୍ୟା ନିୟନ୍ତ୍ରଣ କରିବା ସହିତ ମୃତ୍ତିକା କ୍ଷୟକୁ ରୋକାଯାଇ ପାରୁଛି।
(B) (i) ଭାରତର ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଲୁଣା ଓ କ୍ଷାରୀୟ ମୃତ୍ତିକା ଦେଖାଯାଏ। ଲୁଣା ମାଟିରେ ସୋଡ଼ିୟମ୍ କମ୍ ଥାଏ ଓ ଅନ୍ୟ ଲବଣ ଅଂଶ ଅଧିକ ରହିଥାଏ; ଲୁଣ ଓ କ୍ଷାରୀୟ ରାସାୟନିକ ପଦାର୍ଥ ଅଧିକ ଥାଏ।
(ii) ଏହାର ଜଳଧାରଣ କ୍ଷମତା ବହୁତ କମ୍ ହୋଇଥାଏ। ଭାରତର ବିଭିନ୍ନ ସ୍ଥାନରେ ଏହା ସ୍ଥାନୀୟ ନାମରେ ପରିଚିତ। ଉତ୍ତରପ୍ରଦେଶ ଓ ପଞ୍ଜାବରେ ଏହାର ନାମ ଉସର ମୃତ୍ତିକା।
(iii) ରାଜସ୍ଥାନ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ଏହି ମୃତ୍ତିକା ଦେଖାଯାଏ।
(iv) ଏହି ପ୍ରକାର ମୃତ୍ତିକାକୁ ଉତ୍ତମ ଜଳସେଚନ ଯୋଗାଇ କ୍ଷାର ଓ ଜିପ୍‌ସମ୍ ମିଶାଇ ଉତ୍ତମ କୃଷି ଭୂମିରେ ପରିଣତ କରାଯାଇଥାଏ। ଏଥିରେ ଧାନ, ଆଖୁ, ଗହମ, କପା, ଧୂଆଁପତ୍ର ଆଦି ଚାଷ କରାଯାଏ।
କିମ୍ବା, (i) ଅରଣ୍ୟ ସ୍ଥାନୀୟ ଓ ଆଞ୍ଚଳିକ ଜଳବାୟୁକୁ ନିୟନ୍ତ୍ରଣ କରିଥାଏ। ଏହା ଅମ୍ଳଜାନ ଓ ଅଙ୍ଗାରକାମ୍ଳ ମଧ୍ୟରେ ବାୟୁମଣ୍ଡଳର ସନ୍ତୁଳନ ରକ୍ଷା କରେ।
(ii) ଭୂ-ପୃଷ୍ଠରେ ବୃଷ୍ଟିଜଳ ପ୍ରବାହ ଓ ପବନର ବେଗକୁ ନିୟନ୍ତ୍ରଣ କରି ବନ୍ୟା ବାତ୍ୟାର ପ୍ରକୋପରୁ ରକ୍ଷା କରିଥାଏ।
(iii) ଭୂ-ଗର୍ଭସ୍ଥ ଜଳ ସଞ୍ଚୟରେ ସାହାଯ୍ୟ କରିଥାଏ ଏବଂ ମୃତ୍ତିକା ଅବକ୍ଷୟ ରୋକିଥାଏ। ଜଳ ଶୀର୍ଷର ଉଚ୍ଚତା ବୃଦ୍ଧି କରିଥାଏ।
(iv) ଏହା ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାଏ। ଅରଣ୍ୟର ବୃକ୍ଷ ଓ ପ୍ରାଣୀ ମନୁଷ୍ୟଙ୍କୁ କାଠ, ଔଷଧ, ମହୁ, ଝୁଣା, ଅଠା, ଚମଡ଼ା ଇତ୍ୟାଦି ଯୋଗାଇଥାଏ।

୧୫. (A) (i) ବିଶ୍ୱର ସଂକଟାପନ୍ନ ଜୀବମାନଙ୍କ ଉପରେ 'ବିଶ୍ୱ ସଂରକ୍ଷଣ ସଂଘ' ଦ୍ୱାରା ପ୍ରକାଶିତ ପୁସ୍ତକକୁ ଲାଲ ତଥ୍ୟ ପୁସ୍ତକ କୁହାଯାଏ।
(ii) ୧୯୬୬ ମସିହାରେ ଏହି ପୁସ୍ତକ ପ୍ରଥମେ ପ୍ରକାଶିତ ହୋଇଥିଲା।
(iii) ୩୦୦୦ ରୁ ଅଧିକ ପ୍ରାଣୀ ଓ ୨୦,୦୦୦ ରୁ ଊର୍ଦ୍ଧ୍ୱ ଉଦ୍ଭିଦମାନଙ୍କର ନାମ ଏହି ପୁସ୍ତକରେ ସ୍ଥାନ ପାଇଛି।
କିମ୍ବା, (i) କର୍ଣ୍ଣାଟକ ରାଜ୍ୟର ମହୀଶୂରରେ ଥିବା ଗେଣ୍ଡାଥୁର ଗାଁ ଅତ୍ୟନ୍ତ ଦୁର୍ଗମ ତଥା ପଛୁଆ ହୋଇଥିଲେ ମଧ୍ୟ ଏଠାକାର ଅଧିବାସୀମାନେ ସେମାନଙ୍କର ନିଜ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଘରର ଛାତ ଉପରେ ବୃଷ୍ଟିଜଳ ଅମଳ କରିବାର ବ୍ୟବସ୍ଥା କରିଛନ୍ତି।
(ii) ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ଏହି ବ୍ୟବସ୍ଥା ଗ୍ରହଣ କରିଛନ୍ତି।
(iii) ଏହି ଗ୍ରାମରେ ବୃଷ୍ଟିଜଳ ଅମଳ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥିବାରୁ ସୁପରିଚିତ ହୋଇପାରିଛି।
(B) (i) ବୃଷ୍ଟିବିରଳ ସୁବିସ୍ତୃତ ବାଲୁକାପୂର୍ଣ୍ଣ ମରୁଭୂମି ମଧ୍ୟରେ ଝରଓ ତା'ର ଚାରିପାଖରେ ଖଜୁରୀଗଛ ଓ ଗୁଳ୍ମ ଆଦି ଦେଖାଯାଉଥିବା କ୍ଷୁଦ୍ର ଅଞ୍ଚଳକୁ ମରୂଦ୍ୟାନ କୁହାଯାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ନିଷ୍କାମ ଓ ଅନାସକ୍ତ ଭାବନାରେ କର୍ମ କଲେ ଜନ୍ମ ମରଣର ଚକ୍ରରେ ଆଉ ପଡ଼ିବାକୁ ହୁଏ ନାହିଁ।
- ପଣ୍ଡିତ ନୀଳକଣ୍ଠ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଜଗଦୀଶ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଜଗଦୀଶ ଜୟନ୍ତୀ, ହୋଟେଲ କେଶରୀ, ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟାଭବନ ଓ ଇମ୍ଫୋସିସ ଫାଉଣ୍ଡେଶନ ପକ୍ଷରୁ ଲୋକକଳା, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ବ୍ଲକ କାର୍ଯ୍ୟାଳୟ ପରିସର, ଜଟଣୀ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ଅଷ୍ଟପ୍ରହର ନାମଯଜ୍ଞ, ଗେଣ୍ଡାମାଳିଆ, ଭିଙ୍ଗାରପୁର, ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ପ୍ରତାପରୁଦ୍ରପୁର, ଆଖଣ୍ଡଳେଶ୍ୱର ମନ୍ଦିର, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନୂଆ ଜୀବନ ପାଇଥିବା ନିବେଦିତା ଗଢ଼ିବେ ନୂଆ ସଂସାର

**ଭୁବନେଶ୍ୱର,୧୬।୨(ବ୍ୟୁରେ)**

ନୂଆ ଜୀବନ ପାଇଥିବା ରମାଦେବୀ ବିଶ୍ୱବିଦ୍ୟାଳୟର ଆଇଟି ଅଧ୍ୟାପିକା ନିବେଦିତା ସାହୁ ନୂଆ ସଂସାର ଗଢିବାକୁ ଯାଉଛନ୍ତି। ରବିବାର ନିବେଦିତାଙ୍କ ଗାଁ ଢେଙ୍କାନାଳ ମେରାମଣ୍ଡଳୀରେ ତାଙ୍କର ନିର୍ବନ୍ଧ ହୋଇଛି। ଶନିବାର ନିବେଦିତା ନିର୍ବନ୍ଧ ପାଇଁ ଘରକୁ ଯିବାକୁ ଭୁବନେଶ୍ୱର ରେଳ ଷ୍ଟେଶନରେ ଟ୍ରେନ୍‌କୁ ଚଢୁଥିବାବେଳେ ଖସିପଡ଼ିଥିଲେ। ଟ୍ରେନ୍ ତଳକୁ ଚାଲିଯାଉଥିବାବେଳେ ଦେବଦୂତ ସାଜି ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତ ମହାରଣା ତାଙ୍କୁ ଉଦ୍ଧାର କରିଥିଲେ। ନୂଆଜୀବନ ପାଇ ଫେରିଥିବା ନିବେଦିତା ଘରେ ପହଞ୍ଚିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଥିଲା। ଏପରିକି ତାଙ୍କୁ ବାପା, ମା ଓ ଅନ୍ୟମାନେ ଖୁସିରେ କୋଳେଇ ନେଇଥିଲେ। ରବିବାର ହସଖୁସିରେ ନିବେଦିତାଙ୍କ ନିର୍ବନ୍ଧ ସରିଥିବାବେଳେ ବରଘରେ ମଧ୍ୟ ନିଆରା ଆନନ୍ଦ ଦେଖିବାକୁ ମିଳିଛି।

ଘଟଣାକୁ ମନେ ପକାଇ ନିବେଦିତା କହିଛନ୍ତି, ଏହା ଏକ ବଡ଼ ଦୁର୍ଘଟଣା ଥିଲା। ଭଗବାନଙ୍କ ଦୟା ଓ ବଞ୍ଚାଇଥିବା ଆର୍‌ପିଏଫ୍ ଯବାନ ଭାଇଙ୍କ ପାଇଁ ମୁଁ ନୂଆ ଜୀବନ ପାଇଛି। ସେ ଭଗବାନଙ୍କ ଦୂତ ହୋଇ ଆସି ମୋତେ ବଞ୍ଚାଇଛନ୍ତି। ଟ୍ରେନରୁ ଗୋଡ଼ ଖସିଯିବା ପରେ କ'ଣ ହେଲା ମୋର ମନ ନାହିଁ। ମରିଗଲି ଭାବିଥିଲି। ପରେ ମୁଁ ବଞ୍ଚିଥିଲେ ମଧ୍ୟ ନିଜକୁ ବିଶ୍ୱାସ କରିପାରି ନ ଥିଲି। ମୁଁ ଭାବି ପାରିନଥିଲି ଯେ, ମୁଁ ଟ୍ରେନ୍ ତଳୁ ବର୍ଞ୍ଚିକି ଆସିଛି। ଘଟଣା ପରେ ମୋର ମାନସିକ ସ୍ଥିତି ଭଲ ନ ଥିଲା। ଆଜି ମୁଁ ଧନ୍ୟବାଦ ଜଣାଉଛି, ପ୍ରଣାମ କରୁଛି ସେହି ପୋଲିସ ଭାଇଙ୍କୁ। ନିର୍ବନ୍ଧ ପାଇଁ ତାଙ୍କୁ ଡାକି ପାରିନି। କିନ୍ତୁ ବିବାହ ପାଇଁ ନିଶ୍ଚିତ ଡାକିବି ବୋଲି ନିବେଦିତା କହିଛନ୍ତି। ଏହାସହ ସେ କହିଛନ୍ତି, ଚଳନ୍ତା ଟ୍ରେନରେ ଚଢନ୍ତୁ ନାହିଁ। ଟ୍ରେନ୍ ଛାଡିବାର ୧୫ ମିନିଟ ଆଗରେ ଷ୍ଟେଶନରେ ପହଞ୍ଚି ଟ୍ରେନ ଧରନ୍ତୁ ବୋଲି ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ଜୀବନ ବଞ୍ଚାଇଥିବା ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତଙ୍କୁ ପୁରସ୍କୃତ କରାଯିବ। ଏନେଇ ଆରପିଏଫ୍ ଅଧିକାରୀ କେ.ସେଠୀ ରେଲ୍‌ୱେ ଆଇଜିଙ୍କୁ ଘଟଣା ସଂକ୍ରାନ୍ତରେ ଅବଗତ କରାଇବା ପରେ ତାଙ୍କୁ ପୁରସ୍କାର ପାଇଁ ଡିଜି ଓ ଜିଏମ୍‌ଙ୍କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ସେହିଭଳି ସୁବ୍ରତଙ୍କ ଏଭଳି ମହାନ କାର୍ଯ୍ୟ ପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।



- ହସଖୁସିରେ ଘରେ ହେଲା ନିର୍ବନ୍ଧ
- ଜୀବନ ବଞ୍ଚାଇଥିବା ଭାଇଙ୍କୁ ବାହାଘରକୁ ଡାକିବି: ନିବେଦିତା
- କନ୍‌ଷ୍ଟେବଲ ସୁବ୍ରତଙ୍କୁ ପୁରସ୍କାର ପାଇଁ ଆର୍‌ପିଏଫ୍ ଡିଜିଙ୍କୁ ଚିଠି

### ବୋହୂ ଆମ ପାଇଁ ଲକ୍ଷ୍ମୀ

ଘଟଣା ସମ୍ପର୍କରେ ନିବେଦିତାଙ୍କ ଶ୍ୱଶୁର କହିଛନ୍ତି,ଆମ ବୋହୂ ଆମ ପାଇଁ ଲକ୍ଷ୍ମୀ। ବୋହୂର କର୍ମଫଳ ଭଲ ଥିଲା ବୋଲି ସେ ନୂଆ ଜୀବନ ପାଇଛନ୍ତି। ଆମ ବୋହୂ ଆମ ପାଇଁ ଲକି, ତେଣୁ ଆମେ ଗର୍ବ ଅନୁଭବ କରୁଛୁ। ଆମ ଘରକୁ ଗଲେ ଆମ ପାଇଁ ଭାଗ୍ୟବତୀ ହେବେ। ତାଙ୍କ ଜୀବନ ବଞ୍ଚାଇଥିବା ଯବାନ ଭାଇଙ୍କୁ ଧନ୍ୟବାଦ ଦେଉଛୁ।

### ଜୀବନ ବଞ୍ଚାଇଥିବାରୁ ଖୁସି ଲାଗୁଛି : ସୁବ୍ରତ



ଜୀବନ ବଞ୍ଚାଇଥିବା ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତ କୁମାର ମହାରଣା କହିଛନ୍ତି, ଟ୍ରେନ ଛାଡି ଦେଇଥିବାରୁ ଭାଇ,ଭଉଣୀ ଚଳନ୍ତା ଟ୍ରେନରେ ଚଢୁଥିଲେ। ଭାଇ ତଳେ ଥିବାବେଳେ ଭଉଣୀ ଆଗେ ଚଢିଥିଲେ। ହେଲେ ତାଙ୍କ ହାତ ଖସିଯାଇଥିଲା। ତାଙ୍କର ଅଧା ଶରୀର ପ୍ଲାଟଫର୍ମ ଓ ଟ୍ରେନ୍ ଫାଙ୍କରେ ପଶିଯାଉଥିଲା। ମୁଁ ଏହା ଦେଖି ଦୌଡି ଯାଇ ତାଙ୍କୁ ଟାଣି ଉପରକୁ ନେଇଆସିଥିଲି। ଏହା ଆମର କର୍ତ୍ତବ୍ୟ ଓ ଧର୍ମ। ମୁଁ ଅନ୍ୟର ଜୀବନ ବଞ୍ଚାଇଥିବାରୁ ମୋତେ ଖୁସି ଲାଗୁଛି ବୋଲି ସେ କହିଛନ୍ତି।

## ୧୯ରୁ କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ

**କୋଣାର୍କ,୧୬।୨(ଡି.ଏନ୍.ଏ.)**

କୋଣାର୍କସ୍ଥିତ ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟମଣ୍ଡପ ପରିସରରେ ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ୩୪ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର କୋଣାର୍କ ନାଟ୍ୟମଣ୍ଡପ ପରିସରରେ ସଭାପତି ରମଣି ରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ନାଟ୍ୟମଣ୍ଡପର ଯୁଗ୍ମସମ୍ପାଦକ ଗୁରୁପଦ ବଳିଆରସିଂ, ଉପସଭାପତି ପ୍ରସନ୍ନ ବେଉରିଆ, ଗୋଟିପୁଅ ନୃତ୍ୟଗୁରୁ ଜୟକୃଷ୍ଣ ନାୟକ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଉପଦେଷ୍ଟା ଜଟାଧାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଦ୍‌ଘାଟନୀ ସମାରୋହକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ନାଟ୍ୟମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ ପ୍ରକାଶ କରିଛନ୍ତି।

# କାଠଫାଳିଆରେ ପିଟି ଶାଶୁଙ୍କୁ ହତ୍ୟା

**କଟକ ଅଫିସ, ୧୬।୨**

- ମଦ ପିଇବା ପାଇଁ ଟଙ୍କା ଦେଇ ନ ଥିଲେ
- ଜ୍ୱାଇଁ ଗିରଫ

କଟକ ସହରର ଓଏମ୍‌ପି ଛକ ନିକଟସ୍ଥ ଗୋର୍ଖା କଲୋନୀରେ ରବିବାର ସକାଳେ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି। ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ଜ୍ୱାଇଁ ତାଙ୍କ ଶାଶୁଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ବୃଦ୍ଧା ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ସାଲଗି ହେମ୍ବ୍ରମ(୬୫)। ଖବରପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ଉକ୍ତ କାଠଫାଳିଆକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲକୁ ପଠାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ଘଟଣା ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ସାଲଗି ଗୋର୍ଖା କଲୋନୀରେ ଝିଅ ସୀତା ସୋରେନ ଓ ଜ୍ୱାଇଁ ସଞ୍ଜୟ ସୋରେନ(୪୦) ସହିତ ରହୁଥିଲେ। ଝିଅଜ୍ୱାଇଁଙ୍କ ସହ ରହୁଥିଲେ ବି ସାଲଗି କେବେ ସେମାନଙ୍କ ପାଇଁ ବୋଝ ହୋଇ ନ ଥିଲେ। ନିଜେ ଦିନମଜୁରିଆ ଭାବେ କାମ କରୁଥିଲେ। ସଞ୍ଜୟ ଅଟୋ ଚଳାଇ ଯାହାକିଛି ରୋଜଗାର କରୁଥିଲେ ତାହାକୁ ନିଶାଦ୍ରବ୍ୟରେ ଖର୍ଚ୍ଚ କରିଦେଉଥିଲେ। ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ସଞ୍ଜୟ ଘରକୁ ଫେରନ୍ତି। ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ସଞ୍ଜୟଙ୍କୁ ସୀତା ବାରମ୍ବାର ବୁଝାଉଥିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିଲେ। ଏଥିପାଇଁ ସବୁଦିନ ଘରେ ଉଭୟଙ୍କ ମଧ୍ୟରେ ଝଗଡା ହୁଏ। ଏପରି କି ସଞ୍ଜୟ ଅଧିକାଂଶ ସମୟରେ ସୀତାଙ୍କୁ ମାଡ଼ ମାରିଥାନ୍ତି। ସାଲଗି ଏହି ସବୁ ଘଟଣା ଦେଖି ମଧ୍ୟ ଚୁପ ରହୁଥିଲେ। ରବିବାର ସକାଳେ ସଞ୍ଜୟ ସୀତାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ମାତ୍ର ସୀତା ଟଙ୍କା ଦେବା ପାଇଁ ମନା କରିଦେଇଥିଲେ। ପାଖରେ ଥାଇ ଶାଶୁ ସାଲଗି ସବୁ ଦେଖୁଥିଲେ। ଟଙ୍କା ନ ଦେବାରୁ ସୀତାଙ୍କୁ ସଞ୍ଜୟ ପିଟିବାକୁ ଲାଗିଲେ। ପରେ ସାଲଗିଙ୍କୁ ମଧ୍ୟ ଟଙ୍କା ମାଗିଥିଲେ। ହେଲେ ଟଙ୍କା ନ ଦେବାରୁ ସଞ୍ଜୟ ଏକ କାଠଫାଳିଆରେ ସାଲଗିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସେ ଅଚେତ ହୋଇ ତଳେ ପଡିଯିବାରୁ ସଞ୍ଜୟ ତାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଫଳରେ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସାଲଗିଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ସୀତା କାନ୍ଦିକାନ୍ଦି ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟ ମଧ୍ୟରେ ସଞ୍ଜୟ ସେଠାରୁ ଖସି ପଳାଇଥିଲେ। ଖବରପାଇ ଜିଆରପି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ସୀତା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କୁ ଗିରଫ କରିଛି।



ରବିବାର ଭୋର ସମୟରେ ହଠାତ୍ ମାଡ଼ିଆସିଥିବା କୁହୁଡ଼ିରେ ଭୁବନେଶ୍ୱର ରାସ୍ତାର ଦୃଶ୍ୟ। ଫଟୋ: ବିକାଶ

# ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ



**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଫେବୃୟାରୀ ୭ରୁ ଚାଲିଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିକାଶ ପାଇଁ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ କରି ଆସୁଛନ୍ତି। ସେଥିମଧ୍ୟରୁ ବଜାର ସହାୟତା ଅନ୍ୟତମ। ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀ ମାଧ୍ୟମରେ ହସ୍ତଶିଳ୍ପ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ, ଉତ୍ପାଦିତ ସାମଗ୍ରୀଗୁଡ଼ିକର ବିକ୍ରିବଟା ହୋଇପାରୁଛି। ପ୍ରଦର୍ଶନୀରେ ୧୦୪ଟି ଷ୍ଟଲରେ ରାଜ୍ୟର ୨୩ଟି ଜିଲାର ୧୧୨ କାରିଗର ସେମାନଙ୍କ ହସ୍ତଶିଳ୍ପକୁ ପ୍ରଦର୍ଶନ କରିବା ସହ ବିକ୍ରିବଟା କରିଥିଲେ। ଏଥିରେ ୨୮ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ସ୍ଥାନ ପାଇଥିବା ବେଳେ ପଟ୍ଟଚିତ୍ର, ମୃତ୍ତିକା ଶିଳ୍ପ, ରୁପା ତାରକସି କାମ, କଂସା ବାସନ କାମ, ଢ଼ୋକ୍ରା କାମ, ଜନଜାତି ଅଳଙ୍କାର, ଆଧୁନିକ ଚାନ୍ଦୁଆ କାମ, ପଥର ବାସନ, ମାଟି କଣ୍ଢେଇ ଓ ଅନ୍ୟାନ୍ୟ ଗୃହ ସାମଗ୍ରୀ ଦର୍ଶକଙ୍କୁ ପ୍ରଦର୍ଶନୀ ପରିସରକୁ ଆକର୍ଷିତ କରିଥିଲା। ପ୍ରଦର୍ଶନୀରେ ୪୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପରିଦର୍ଶନ କରିଥିବା ବେଳେ ପ୍ରାୟ ୬୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ହସ୍ତ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ପ୍ରକାଶ କରିଛନ୍ତି।

# ପୋଲିସକୁ ଭୁଆଁ ବୁଲାଇ ଗିରଫ ହେଲେ ରାଜେଶ

**ଭୁବନେଶ୍ୱର,୧୬।୨(ବ୍ୟୁରେ)**

### ରୋମାନ୍ସବେଳେ ଗୁଳି ଫୁଟି ଯୁବତୀ ଆହତ ଘଟଣା



ଗିରଫ ଅଭିଯୁକ୍ତ ରାଜେଶ।

- ୫ ଦିନ ପରେ ବି ବନ୍ଧୁକ ଜବତ କରିପାରିଲାନି ପୋଲିସ
- ବନ୍ଧୁକ ଲୁଚାଇ ରଖିଥିବା ଯୁବକଙ୍କୁ ଖୋଜିବ ସ୍ପେଶାଲ ସ୍କ୍ୱାଡ୍

ଇନ୍‌ଫୋସିଟି ଥାନା ବଜରଙ୍ଗବିହାରରେ ଗତ ୧୦ ତାରିଖରେ ରୋମାନ୍ସବେଳେ ଗୁଳି ଫୁଟି ଯୁବତୀଙ୍କ ଜଙ୍ଘରେ ପଶିଯିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବନ୍ଧୁକ ଜବତ କରିପାରିନାହିଁ। ଏପରି କି ବନ୍ଧୁକ ଲୁଚାଇ ରଖିଥିବା ରାଜେଶ ତରାଇ ପ୍ରଥମ ଦିନରୁ ହିଁ ପୋଲିସକୁ ଭୁଆଁ ବୁଲାଇଥିଲେ। ତାଙ୍କର ଭିନ୍ନ ଭିନ୍ନ ବୟାନ ଆଧାରରେ ପୋଲିସ ରଘୁନାଥପୁର ଗଙ୍ଗୁଆନାଳରେ ବନ୍ଧୁକ ଖୋଜିଥିଲେ। ଏପରିକି ପୋଲିସ ରାଜେଶଙ୍କୁ ନେଇ ଉକ୍ତ ସ୍ଥାନ ବୁଲାଇଥିଲେ ମଧ୍ୟ ବନ୍ଧୁକ ପାଇ ନ ଥିଲେ। ପରେ ପୁଣି ସେ ବନ୍ଧୁକକୁ ଅନ୍ୟଜଣେ ସାଙ୍ଗଙ୍କୁ ଦେଇଦେଇଥିବା କହିଥିଲେ। ଏହିଭଳି ପୋଲିସ ତଦନ୍ତ ପାଇଁ ତାଙ୍କୁ ସକାଳେ ଥାନାକୁ ଡାକିବା ସହ ସନ୍ଧ୍ୟାରେ ଘରକୁ ଛାଡୁଥିଲେ। କିନ୍ତୁ ସେ ବନ୍ଧୁକ କେଉଁଠି ଲୁଚାଇ ରଖିଛନ୍ତି, ସେନେଇ ସତ କଥା କହୁ ନ ଥିବାବେଳେ ଶେଷରେ ରବିବାର ପୋଲିସ ରାଜେଶଙ୍କୁ ଗିରଫ କରିଛି। ରାଜେଶଙ୍କ ଘର ନିଆଳି ଅଞ୍ଚଳରେ ହୋଇଥିବାବେଳେ ସେ ରଘୁନାଥପୁର ମାରୁତିଭିଲା ଆପାର୍ଟମେଣ୍ଟରେ ରହୁଛନ୍ତି। ତେବେ ରାଜେଶ ଉକ୍ତ ବନ୍ଧୁକକୁ ତାଙ୍କର ଜଣେ ସାଙ୍ଗଙ୍କୁ ଦେଇଥିବା ପୋଲିସକୁ ଶେଷ ମୁହୂର୍ତ୍ତରେ କହିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। ବନ୍ଧୁକ ନେଇଥିବା ରାଜେଶର ସାଙ୍ଗ ଏବେ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍‌କୁ ଉକ୍ତ ମାମଲା ହସ୍ତାନ୍ତର କରାଯାଇପାରେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାଜେଶଙ୍କ ବିରୋଧରେ ପୋଲିସ ଦଫା ୩୦୭, ୨୦୧, ୩୪ ଏବଂ ୨୫, ୨୭ ଆର୍ମ୍ସ ଆକ୍ଟ ଲଗାଇ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଗୁଳିମାଡ଼ ମାମଲା ପୋଲିସ ଜଗତ୍‌ସିଂହପୁର ଜିଲାର ଆଶିଷ କୁମାର ନାୟକ ଏବଂ ପ୍ରଦୀପ ଅଗସ୍ତିଙ୍କୁ ଗିରଫ କରିଛି।

ତେବେ ଗିରଫ ରାଜେଶଙ୍କଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ପଚରାଉଚରାବେଳେ ଘଟଣା ସଂକ୍ରାନ୍ତରେ ସେ କହିଛନ୍ତି, ଗୁଳି ଫୁଟିବା ପୂର୍ବ ରାତିରେ ପ୍ରଦୀପ ଯୁବତୀଙ୍କ ରୁମ୍‌ରେ ରହୁଥିଲେ। ପରଦିନ ସକାଳ ୧୧ଟାରେ ପ୍ରଦୀପ ଫୋନ୍ କରି ଖାଇବା ଆଣିବା ପାଇଁ ଆଶିଷଙ୍କୁ କହିଥିଲେ। ଆଶିଷ ଖାଇବା ଆଣି ଉକ୍ତ ରୁମ୍‌କୁ ଯାଇଥିଲେ। ହେଲେ ତାଙ୍କ ଅଣ୍ଟାରେ ବନ୍ଧୁକ ଦେଖି ଯୁବତୀ ଜଣକ କିଭଳି ଫୁଟୁଛି ବୋଲି ପଚାରିଥିଲେ। ବନ୍ଧୁକ ଦେଖାଦେଖି ଭିତରେ ଅସାବଧାନତା ବଶତଃ ଟ୍ରିଗର ଉପରେ ହାତ ପଡିଯାଇଥିଲା। ଫଳରେ ଗୁଳିଟି ଫୁଟିଯିବା ସହ ସିଧା ଯୁବତୀଙ୍କ ଜଙ୍ଘରେ ପଶିଯାଇଥିଲା। ଯୁବତୀଙ୍କୁ ଉଦ୍ଧାର କରି ପ୍ରଦୀପ ଓ ଆଶିଷ ହସ୍ପିଟାଲ ନେଇଥିବା ବେଳେ ରାଜେଶ ଉକ୍ତ ରୁମ୍‌କୁ ଯାଇ ବନ୍ଧୁକ ନେଇ ଲୁଚାଇ ଦେଇଥିଲେ। ପରେ ଜଣେ ସାଙ୍ଗଙ୍କୁ ଉକ୍ତ ବନ୍ଧୁକ ଦେଇଥିଲେ ବୋଲି ପୋଲିସ ନିକଟରେ ରାଜେଶ ସ୍ୱୀକାର କରିଛନ୍ତି।

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) ଜନବିରଳ ମରୁଭୂମି ମଧ୍ୟରେ ଏହି କ୍ଷୁଦ୍ର ଅଞ୍ଚଳ, ସାଗର ମଧ୍ୟରେ ଦ୍ୱୀପ ସଦୃଶ ହୋଇଥିବାରୁ ଏହାକୁ ମରୁଦ୍ୱୀପ ମଧ୍ୟ କୁହାଯାଏ।
(iii) ଏଠାରେ ବାଜରା ଓ ଗହମ ଆଦି ଚାଷ କରାଯାଏ। ମାତ୍ର ଖଜୁରୀ ଗଛ ଅଧିକ ଥିବାରୁ ଖଜୁରୀ ଫଳ ଏଠାକାର ଅଧିବାସୀମାନଙ୍କ ଖାଦ୍ୟର ପ୍ରଧାନ ଅଂଶ ଅଟେ।

**କିମ୍ବା,** (i) ଧାତୁ ଥିବା ଖଣିଜକୁ ଧାତବ ଖଣିଜ କୁହାଯାଏ।
(ii) ଧାତବ ଖଣିଜକୁ ଲୌହ ଧାତୁର ଉପସ୍ଥିତି ଅନୁସାରେ ଲୌହ ମିଶ୍ରିତ ଖଣିଜ ଓ ଲୌହ ବିହୀନ ଖଣିଜ ଭାବରେ ବିଭକ୍ତ କରାଯାଇଛି।
(iii) ଲୌହ ମିଶ୍ରିତ ଖଣିଜ ମଧ୍ୟରେ ଲୁହାପଥର, ମାଙ୍ଗାନିଜ ପିଣ୍ଡ, କ୍ରୋମାଇଟ୍, ପାଇରାଇଟ୍, ନିକେଲ୍ ଆଦି ପ୍ରଧାନ। ଲୌହ ବିହୀନ ଖଣିଜ ମଧ୍ୟରେ ବକ୍‌ସାଇଟ୍, ତମ୍ବା, ସୀସା, ରୁପା ଅନ୍ୟତମ।

**(C)** (i) ବର୍ତ୍ତମାନ ଦେଶରେ ବହୁ ନାମୀ-ଦାମୀ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଉଟି ଦ୍ରବ୍ୟ ଅଧିକ ମିଳୁଅଛି। ଏଥିସହ ଦୂରସଂଚାର କ୍ଷେତ୍ରରେ ବେଶ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି।
(ii) ଦେଶର ବୈଦେଶିକ ମୁଦ୍ରାର ଗଚ୍ଛିତ ପରିମାଣ ୨୦୧୨ ଜୁଲାଇ ସୁଦ୍ଧା ୨୮,୮୭୭ କୋଟି ଡଲାରକୁ ବୃଦ୍ଧି ପାଇଛି।
(iii) ମୁଦ୍ରାସ୍ଫୀତିର ହାର ସ୍ଥିର ରହିଛି। କିନ୍ତୁ ନିଯୋଜନ କ୍ଷେତ୍ରରେ ନୂତନ ଅର୍ଥନୀତି ଏତେ ସହାୟକ ହୋଇ ନଥିବାରୁ ବେକାରୀ ସଂଖ୍ୟା ବୃଦ୍ଧି ପାଇଛି। ମୋଟାମୋଟି ଭାବେ ଜୀବନଧାରଣର ମାନ ନିଶ୍ଚିତ ଉନ୍ନତ ହୋଇଛି।

**କିମ୍ବା,** (i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ କରାଯାଇଛି।
(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରଚଳନ କରାଯାଇଛି।
(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**୧୬. (A)** (i) ବ୍ୟାଘ୍ରମାନଙ୍କ ସୁରକ୍ଷା ପାଇଁ କର୍ବେଟ୍ ଜାତୀୟ ପାର୍କ ନିର୍ମିତ ହୋଇଛି। ଏହା ଉତ୍ତରାଖଣ୍ଡ ରାଜ୍ୟରେ ଅବସ୍ଥିତ।
(ii) ସିଂହମାନଙ୍କର ସୁରକ୍ଷା ପାଇଁ ଗୀର ଜାତୀୟ ପାର୍କ ଉଦ୍ଦିଷ୍ଟ। ଏହା ଗୁଜରାଟ ରାଜ୍ୟରେ ଅବସ୍ଥିତ।

**କିମ୍ବା,** (i) ଷାଠିଏ ତଥା ସତୁରୀ ଦଶକରେ ଭାରତ ସରକାର କୃଷି କ୍ଷେତ୍ରର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପରିବର୍ତ୍ତନ ଆଣିଛନ୍ତି। ଆମଦେଶରେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଏହାକୁ ସବୁଜ ବିପ୍ଳବ ବୋଲି କୁହାଯାଏ।
(ii) ଷାଠିଏ ତଥା ସତୁରୀ ଦଶକରେ ଭାରତ ସରକାରଙ୍କ ଦ୍ୱାରା ସରକାରୀ ସ୍ତରରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଅଗ୍ରାଧିକାର ଦେଇ ଏହାକୁ ଶ୍ୱେତ ବିପ୍ଳବ ନାମରେ ନାମିତ କରାଯାଇଛି।

**(B)** (i) ଖରିଫ୍ ଓ ରବି ଫସଲ ବ୍ୟତୀତ ଉତ୍ତର ଭାରତରେ ଗ୍ରୀଷ୍ମଋତୁ ପ୍ରାରମ୍ଭରୁ ଏକ ଛୋଟ ଶସ୍ୟଋତୁ ଆରମ୍ଭ ହୁଏ ଯାହାକୁ ଜେଦ୍ କୁହାଯାଏ।
(ii) ଏହି ଶସ୍ୟ ଋତୁରେ ତରଭୁଜ, ଖରଭୁଜ, କାକୁଡ଼ି ଓ ପନିପରିବା ଚାଷ କରାଯାଏ। ଏଗୁଡ଼ିକୁ ନଦୀ ପଠାମାନଙ୍କରେ ଥିବା ବାଲିଆ ଜାଗା ଓ ଉଚ୍ଚ ଅନାବଶ୍ୟକ ଭୂମିରେ ଚାଷ କରାଯାଏ।

**କିମ୍ବା,** (i) ଯେଉଁ ଶିଳ୍ପ ଉଭୟ କେନ୍ଦ୍ର ବା ରାଜ୍ୟ ସରକାର ଓ ବେସରକାରୀ ସଂସ୍ଥା ବା ବ୍ୟକ୍ତିବିଶେଷ ଦ୍ୱାରା ପୁଞ୍ଜି ଲଗାଣ କରାଯାଇ ସ୍ଥାପିତ ଓ ପରିଚାଳିତ ହୋଇଥାଏ ତାହା ମିଳିତ ଶିଳ୍ପ କୁହାଯାଏ।
(ii) ମାରୁତି ଉଦ୍ୟୋଗ, ଅଏଲ ଇଣ୍ଡିଆ ଲିମିଟେଡ୍ ଆଦି ମିଳିତ ଶିଳ୍ପର ଉଦାହରଣ।

**(C)** (i) ଉଦ୍ଭିଦଗୁଡ଼ିକ ନିୟୁତ ନିୟୁତ ବର୍ଷଧରି ମାଟିତଳେ ଚାପି ହୋଇ ରହିବା ଫଳରେ ସଙ୍କୁଚିତ ହୋଇ ବାୟୁର ଅନୁପସ୍ଥିତିରେ ରାସାୟନିକ ବିଘଟନ ହେବା ଦ୍ୱାରା କୋଇଲାରେ ପରିଣତ ହୋଇଥାଏ।
(ii) ତେଣୁ କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।

**କିମ୍ବା,** (i) ଚହାଚାଷ ପାହାଡ଼ିଆ ଅଞ୍ଚଳର ଗଡ଼ାଣି ଅଂଶ ଓ ନିଗିଡ଼ା ମୃତ୍ତିକାରେ କରାଯାଏ ଓ ମୃତ୍ତିକାରେ ଜୈବାଂଶ ଅଧିକ ରହିବା ଆବଶ୍ୟକ।
(ii) ଚହାଚାଷ ପାଇଁ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ; ମାତ୍ର ଗଛ ମୂଳରେ ପାଣି ରହିବା କ୍ଷତିକାରକ। ଆସାମର ପାର୍ବତ୍ୟାଞ୍ଚଳରେ ଏହି ସବୁ ଅବସ୍ଥା ଥିବାରୁ ସେଠାରେ ଅଧିକ ଚହା ଚାଷ କରାଯାଏ।

**(D)** (i) ଖାଉଟିମାନେ ନିମ୍ନମାନର ଦ୍ରବ୍ୟ କ୍ରୟକରି ବହୁସମୟରେ ଅସୁବିଧାରେ ପଡ଼ିଥାନ୍ତି। ନକଲି ଔଷଧ ସେବନ, ନିମ୍ନମାନର ଷ୍ଟୋଭ ବା ଗ୍ୟାସ୍ ଚୁଲାର ବ୍ୟବହାର ଦ୍ୱାରା ମଣିଷ ମୃତ୍ୟୁମୁଖରେ ପଡ଼ିଥାଏ। ପୂରା ମୂଲ୍ୟ ଦେଇ ସେମାନେ କୌଣସି ଲାଭ ପାଇଁ ନଥାନ୍ତି।
(ii) ଦୋହରା ଦ୍ରବ୍ୟଗୁଡ଼ିକର ମାନ ନିମ୍ନ ଧରଣର। ଖାଉଟି ଏହାଦ୍ୱାରା ଶୋଷିତ ହୋଇଥାଏ। ଏଗୁଡ଼ିକ ନକଲି ଦ୍ରବ୍ୟ ହୋଇଥିବାରୁ ଖାଉଟି ଅସୁବିଧାରେ ପଡ଼ିଥାଏ।

**କିମ୍ବା,** (i) ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବହିରାଗତ ଆୟର ସମଷ୍ଟିକୁ ମୋଟ ଜାତୀୟ ଆୟ କୁହାଯାଏ।
(ii) ମୋଟ ଜାତୀୟ ଆୟକୁ ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ନିରୂପିତ ହେଉଥିବା ଆୟକୁ ମୁଣ୍ଡପିଛା ଆୟ କୁହାଯାଏ।



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ୪ ମହଲାରୁ ଖସିପଡ଼ି ନାବାଳିକାଙ୍କ ମୃତ୍ୟୁ

**କଟକ ରୋଡ,୧୬।୨(ଡି.ଏନ୍.ଏ.):** ବଡ଼ଗଡ଼ ଥାନା ଅଧୀନ ବିଜେବି ନଗରର ଏକ ଆପାର୍ଟମେଣ୍ଟରେ ୪ ମହଲାରୁ ଖସିପଡ଼ି ରବିବାର ଜଣେ ନାବାଳିକାଙ୍କୁ ମୃତ୍ୟୁ ଘଟିଛି। ମୃତକ ହେଲେ କୃତ୍ତିକା ମିଶ୍ର(୧୪)। ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟାରେ କୃତ୍ତିକା ଛାତକୁ ଯାଇଥିବାବେଳେ ହଠାତ୍ ଖସିପଡିଥିଲେ। ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଅନ୍ୟପଟେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୭/୨୦ ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### 'କଳାଭୂମି'ରେ ଝୁଲନ୍ତା ଟେରାକୋଟା ପ୍ରତିମୂର୍ତ୍ତି କର୍ମଶାଳା



**ଭୁବନେଶ୍ୱର,୧୬।୨(ବ୍ୟୁରୋ):** ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ପ୍ରଥମଥର ପାଇଁ ରବିବାର ଏକ ଝୁଲନ୍ତା ଟେରାକୋଟା ପ୍ରତିମୂର୍ତ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ଏହି କର୍ମଶାଳା ବର୍ତ୍ତମାନର ପିଢ଼ିଙ୍କ ମଧ୍ୟରେ ଟେରାକୋଟାକୁ ପୁଣିଥରେ ଲୋକପ୍ରିୟ କରିବାକୁ ଆୟୋଜିତ ହୋଇଥିଲା। କର୍ମଶାଳାରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ମାଟିକୁ ଚକଟି ସେଥିରୁ ଗୋଳା ପ୍ରସ୍ତୁତ କରି ବିଭିନ୍ନ ସାମଗ୍ରୀମାନ ପ୍ରସ୍ତୁତ କରିଥିଲେ। ମାଛ ଓ ପକ୍ଷୀ ଭଳି ବିଭିନ୍ନ ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ତିଆରି କରି ସାରିବା ପରେ ତାହାକୁ ଖରାରେ ଶୁଖାଇ ନିଜ ନିଜ ଘରକୁ ନେଇଥିଲେ। ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ କଳାଭୂମି ପକ୍ଷରୁ ପ୍ରତିମାସରେ ବିଭିନ୍ନ କର୍ମଶାଳାର ଆୟୋଜନ ହେଉଛି।

### ୧୮ରେ ନିଆରା ସଙ୍ଗୀତ ସନ୍ଧ୍ୟା
#### 'ଗୀତରେ ଗୀତରେ ପ୍ରଶାନ୍ତ ପାଢ଼ୀ'

**ଭୁବନେଶ୍ୱର,୧୬।୨(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଏବଂ ସଙ୍ଗୀତ ଜଗତର ଜଣେ ପରିଚିତ ଚେହେରା ତଥା କଣ୍ଠଶିଳ୍ପୀ ଓ ସଙ୍ଗୀତଜ୍ଞ ହେଉଛନ୍ତି ପ୍ରଶାନ୍ତ ପାଢ଼ୀ। ତାଙ୍କ ଉଦ୍ଦେଶ୍ୟରେ ଆସନ୍ତା ୧୮ ତାରିଖରେ ଆୟୋଜିତ ହେବ ନିଆରା ସଙ୍ଗୀତ ସନ୍ଧ୍ୟା 'ଗୀତରେ ଗୀତରେ ପ୍ରଶାନ୍ତ ପାଢ଼ୀ'। ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ଖ୍ୟାତନାମା କଣ୍ଠଶିଳ୍ପୀମାନେ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। କଣ୍ଠଶିଳ୍ପୀ ଗୁଡ୍‌ଲି ରଥ, ଅଭିଜିତ ମଜୁମ୍‌ଦାର, ସୌରଭ, କୁମାର ବାପି, ସ୍ୱସ୍ତିକ, ଲିପ୍ସା, ଶାନ୍ତିଲତା, ଇପ୍‌ସିତା, ଅର୍ପିତା, ରୋଜାଲିନ୍, ପ୍ରତିଭା, ପ୍ରଦୀପ ପଲେଇ ଯୋଗଦେଇ ପ୍ରମୁଖ ଦୀର୍ଘ ୩୫ ବର୍ଷ ଧରି ପ୍ରଶାନ୍ତ ଗାଇଥିବା ଏବଂ ତାଙ୍କ ନିର୍ଦ୍ଦେଶିତ ସଙ୍ଗୀତମାନ ପରିବେଷଣ କରିବେ। ଏହି ଅବସରରେ ଶାନ୍ତିଲତା ବାରିକ ଛୋଟରାୟ, ମନୋଜ ପଟ୍ଟନାୟକ, କବିତା ସାହୁ, ଡ. ମାଧୁରୀ ପଟ୍ଟନାୟକ, ପ୍ରତିଭାରାଣୀ ମହାନ୍ତି, ନାରାୟଣ ମହାପାତ୍ର, ରାସବିହାରୀ ମହାନ୍ତି ଏବଂ ଶ୍ୟାମାପ୍ରସାଦ ମିଶ୍ରଙ୍କୁ ସମ୍ମାନିତ କରାଯିବ।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଜଟଣୀ, ୧୬।୨(ଡି.ଏନ.ଏ.):** ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଟାଙ୍ଗୀସାହିରେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଚଢ଼ାଉ କରି ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାକୁ ବିକ୍ରି କରୁଥିବା ଟାଙ୍ଗୀସାହିର ରାଜକିଶୋର ସାମନ୍ତରାୟଙ୍କୁ ପୋଲିସ ଧରି ଆଦର୍ଶ ଥାନାକୁ ହସ୍ତାନ୍ତର କରିଛି।

# କାଠଯୋଡ଼ି କୂଳରେ ଗାନ୍ଧିଜୀଙ୍କ କାହାଣୀ

## ତିଆରି ଚାଲିଛି ଥ୍ରୀ-ଡି ଭାସ୍କର୍ଯ୍ୟକୃତି

**କଟକ ଅଫିସ,୧୬।୨**

କଟକ କାଠଯୋଡ଼ି କୂଳରେ ସ୍ଥାପନ ହେବ ବ୍ରୋଞ୍ଜରେ ତିଆରି ଏକ ଥ୍ରୀ-ଡି ଭାସ୍କର୍ଯ୍ୟକୃତି। ୨୦ଫୁଟ ଚଉଡା ଓ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଭାସ୍କର୍ଯ୍ୟକୃତିରେ ସ୍ଥାନ ପାଇବ ମହାତ୍ମା ଗାନ୍ଧୀଙ୍କ କଟକ ଗସ୍ତ ସମୟର ମୁହୂର୍ତ୍ତ। ଇତିହାସକୁ ରୋମନ୍ଥନ କରିବାକୁ ଯାଇ କଟକର ୧୮ଜଣ ଶିଳ୍ପୀ ଏହି ଥ୍ରୀ-ଡି ଭାସ୍କର୍ଯ୍ୟକୃତି ତିଆରି କରିବାରେ ଦିନରାତି ଏକାଠି କରିଦେଇଛନ୍ତି। କାଠଗଡ଼ାସାହିସ୍ଥିତ ଶିଳ୍ପରେଖା ଷ୍ଟୁଡିଓରେ ଏହାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଏହାର ଦାୟିତ୍ୱ ବହନ କରୁଛି। ଆସନ୍ତା ମାର୍ଚ୍ଚ ୨୩ରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ଶିଳ୍ପୀମାନେ କହିଛନ୍ତି।

୧୯୨୧ରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ଥିଲା। ପରାଧୀନ ଭାରତରେ ସାଧାରଣ ଲୋକଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ଏହି ଜନନେତା ବିଭିନ୍ନ ରାଜ୍ୟ ବୁଲୁଥିଲେ। ଓଡ଼ିଶା ଗସ୍ତ ସମୟରେ ସେହିବର୍ଷ ମାର୍ଚ୍ଚ ୨୩ରେ କଟକର କାଠଯୋଡ଼ି ପଠାରେ ହୋଇଥିଲା ଏକ ସାଧାରଣ ସଭା। ଏହି ସ୍ମରଣୀୟ ସଭା ୧୦୦ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଯାହାକୁ ଲକ୍ଷ୍ୟ ରଖି କଟକରେ ତିଆରି ଚାଲିଛି ଏହି ଭାସ୍କର୍ଯ୍ୟକୃତି। ସହରରେ ପ୍ରଥମଥର ପାଇଁ ଏଭଳି ଏକ ଶିଳ୍ପକଳା ଦେଖିବାକୁ ମିଳିବ। ଗତ ୧୧ ଦିନ ହେବ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏବେ କେବଳ ମାଟି କାମ ଶେଷ ହୋଇଛି। ପରେ ପ୍ଲାଷ୍ଟର, ମହମ ଓ ଶେଷରେ ଏଥିରେ ବ୍ରୋଞ୍ଜ ଲେପ ଦିଆଯିବ। ମୋଟ୍ ୩୨ଲକ୍ଷ ଟଙ୍କା ଏହି ଭାସ୍କର୍ଯ୍ୟକୃତି ପାଇଁ ବଜେଟ୍ କରାଯାଇଛି। ଶିଳ୍ପୀ ଶ୍ରୀକାନ୍ତ ରଣା ଓ ଲକ୍ଷ୍ମୀଧର ରଣା ଉକ୍ତ କାର୍ଯ୍ୟର ନେତୃତ୍ୱ ନେଉଛନ୍ତି। ତେବେ କାଠଯୋଡି କୂଳର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ କୃତିଟି ସ୍ଥାନ ପାଇବ ସେ ନେଇ ନିର୍ଦ୍ଧାରଣ ହୋଇନାହିଁ। ଆସନ୍ତା ସପ୍ତାହରେ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ୩ ଜଣିଆ କମିଟି କଟକ ଗସ୍ତରେ ଆସିବା ସହ ସ୍ଥାନ ଚିହ୍ନଟ କରିବ। ନେତାଜୀ ସେତୁ, ହାତୀଗଡ଼ା ସ୍ଥାନରେ ଏହାକୁ ସ୍ଥାନିତ କରାଯିବା ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି। ଏ ନେଇ ଶିଳ୍ପରେଖା ଷ୍ଟୁଡିଓରେ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ସଂଯୋଜକ ଡ. ବିଶ୍ୱଜିତ୍, କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପର ସମ୍ପାଦକ ଶଶିକାନ୍ତ ରାଉତ, ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟ, ଭାସ୍କର୍ଯ୍ୟ ଶିଳ୍ପୀ ପ୍ରଶାନ୍ତ ରଣା, ରାଜେନ୍ଦ୍ର ମୁଦୁଲି, ଅଜୟ ବେହେରା, ଅଜୟ ମୁଦୁଲି ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଭାସ୍କର୍ଯ୍ୟକୃତି କାର୍ଯ୍ୟ ସମାପନ ହୋଇ ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସମ୍ମିଳନୀରେ କୁହାଯାଇଥିଲା।



### ଦେଖିବାକୁ ମିଳିବ ଗାନ୍ଧିଜୀଙ୍କ ବିରଳ ବେଶଭୂଷା

ଏହି ଥ୍ରୀ-ଡି ଭାସ୍କର୍ଯ୍ୟକୃତିରେ ଗାନ୍ଧିଜୀଙ୍କର ବିରଳ ବେଶଭୂଷା ଦେଖିବାକୁ ମିଳିବ। ସବୁବେଳେ ଫୁଙ୍ଗୁଳା ଦେହରେ ବୁଲୁଥିବା ଗାନ୍ଧୀ ଏହି ସଭାରେ କୁର୍ତ୍ତି ପିନ୍ଧି ବସିଥିଲେ। ମୁଣ୍ଡରେ ଟୋପି ସାଙ୍ଗକୁ ଶରୀରକୁ ଘୋଡାଇ ରଖିଥିବା ଭଳି ପୋଷାକ ପିନ୍ଧିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ସଭାରେ ସଭାପତିତ୍ୱ କରିଥିଲେ। ଗାନ୍ଧିଜୀଙ୍କ ସହ ତାଙ୍କର ସ୍ତ୍ରୀ କସ୍ତୁରବା, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ କୃପାସିନ୍ଧୁ ମିଶ୍ରଙ୍କ ଭଳି ବହୁ ମନୀଷୀ ସଭାରେ ଉପସ୍ଥିତ ଥିବା ସମୟର ଦୃଶ୍ୟକୁ ଏହି ଭାସ୍କର୍ଯ୍ୟକୃତିରେ ସ୍ଥାନ ଦିଆଯାଇଛି। ଏହି ସଭା ପରେ ଗାନ୍ଧିଜୀ ୮ ଥର ଓଡ଼ିଶା ଆଗମନ କରିଥିଲେ।

# ବନ୍ଧୁକ ଡିଲରଙ୍କ ଠିକଣା ପାଇଲା ଏସ୍‌ଟିଏଫ୍

## ଦୁଇ ବେପାରୀଙ୍କୁ ଧରି ଓଡ଼ିଶା ସୀମାକୁ ଗଲା ଟିମ୍

**ଭୁବନେଶ୍ୱର,୧୬।୨(ବ୍ୟୁରେ)**

ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡାରେ ବନ୍ଧୁକ ବିକ୍ରି କରୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ ଝାଡ଼ଖଣ୍ଡର ବିବିଏ ଛାତ୍ର ସାନୁ ପାଦର ଓ ଖଣ୍ଡଗିରିର ସୁରେଶ ପାଣିଗ୍ରାହୀ। ଉଭୟଙ୍କୁ ଏସ୍‌ଟିଏଫ୍ ଶୁକ୍ରବାରଠାରୁ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ଦୁଇ ବନ୍ଧୁକ ବେପାରୀଙ୍କୁ ଏସ୍‌ଟିଏଫ୍ ଡିଆଇଜି ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରୁଥିଲେ। ଜେରାବେଳେ ଏସ୍‌ଟିଏଫ୍‌କୁ ଏକ ବଡ଼ ସୁରାକ ମିଳିଛି। ଦୁଇ ଅଭିଯୁକ୍ତ ବନ୍ଧୁକ ଆଣୁଥିବା ଡିଲରଙ୍କ ଠିକଣା ଏସ୍‌ଟିଏଫ୍ ହାତରେ ଲାଗିଛି। ଏହି ଆଧାରରେ ଏକ ଟିମ୍ ସେମାନଙ୍କୁ ଧରି ବନ୍ଧୁକ ଡିଲର ଓ ଅନ୍ୟଜଣେ ବନ୍ଧୁକ ବେପାରୀଙ୍କୁ ଧରିବାକୁ ଯୋଜନା ହୋଇଥିବା ସୂଚନା ମିଳିଛି।



ପୂର୍ବରୁ ଜବତ ହୋଇଥିବା ବନ୍ଧୁକ ଓ ଗୁଳି।

ସୂଚନା ଅନୁଯାୟୀ, ଏହି ଟିମ୍ ଉଭୟଙ୍କୁ ଓଡ଼ିଶା ଏବଂ ଛତିଶଗଡ଼ ସୀମାକୁ ନେବେ। ସୀମାରେ ଜଣେ ଡିଲର ସାନୁଙ୍କୁ ବନ୍ଧୁକ ଦେଇଥାନ୍ତି। ସାନୁ ଉକ୍ତ ବନ୍ଧୁକ ଓଡ଼ିଶା ଆଣି ବିକ୍ରି କରିଥାନ୍ତି। ତେଣୁ ଏସ୍‌ଟିଏଫ୍ ୨ଜଣଙ୍କୁ ରିମାଣ୍ଡରେ ଆଣିବା ପରେ ସାନୁ ବନ୍ଧୁକ ଆଣୁଥିବା ଡିଲର ସହ ଯୋଗାଯୋଗ କରିଥିଲେ। ଏପରି କି ଏସ୍‌ଟିଏଫ୍ ଅନ୍ୟ ଏକ ଫୋନ୍ ନମ୍ବର ସାହାଯ୍ୟରେ ଉକ୍ତ ଡିଲରଙ୍କୁ ବନ୍ଧୁକ ଦେବା ପାଇଁ ଡକାଇଛନ୍ତି। ଉକ୍ତ ଡିଲର ଜଣକ ସୋମବାର ବନ୍ଧୁକ ଆଣି ଓଡ଼ିଶା ଛତିଶଗଡ଼ ସୀମାରେ ଦେବେ। ତେଣୁ ଉକ୍ତ ଡିଲରଙ୍କୁ ଧରିବା ପାଇଁ ଏସ୍‌ଟିଏଫର ଏକ ଟିମ୍ ଜାଲ ବିଛାଇଛି। ସେଠାରୁ ପୁଣି ଏସ୍‌ଟିଏଫ୍ ଟିମ୍ ଦୁଇ ଅଭିଯୁକ୍ତଙ୍କୁ ଧରି କୋରାପୁଟ ଯାଇ ସମ୍ପୃକ୍ତ ଅନ୍ୟଜଣଙ୍କୁ ଧରିବାକୁ ଏସ୍‌ଟିଏଫ୍ ଯୋଜନା କରିଛି। ଯୋଜନା କାର୍ଯ୍ୟକାରୀ ହେଲେ ଏସ୍‌ଏଫ୍‌କୁ ବଡ ସଫଳତା ମିଳିବ ବୋଲି କୁହାଯାଉଛି।

### ନୂଆପିଢ଼ି କଣ୍ଠଶିଳ୍ପୀଙ୍କ କଣ୍ଠରେ ପ୍ରଫୁଲ୍ଲ ସଙ୍ଗୀତ

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

ବର୍ତ୍ତମାନ ସମୟର ଜଣାଶୁଣା କଣ୍ଠଶିଳ୍ପୀମାନେ ଓଡ଼ିଆ ସଙ୍ଗୀତ ଜଗତର କାଳଜୟୀ ଓ ଚିରସବୁଜ ଗୀତଗୁଡିକ ପରିବେଷଣ କରି ଶ୍ରୋତାଙ୍କ ହୃଦୟ ଜିତିଥିଲେ। ପ୍ରଫୁଲ୍ଲ କରଙ୍କ କଣ୍ଠରେ ଦିନେ ଶୋଭା ପାଉଥିବା ଏହି ଗୀତଗୁଡିକ ନୂତନ ପିଢିର କଣ୍ଠଶିଳ୍ପୀଙ୍କଠାରୁ ଶୁଣିବାକୁ ମିଳିଥିଲା। ଅବସର ଥିଲା ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ୮୧ତମ ଜନ୍ମ ଦିବସରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କମଳ ଦେଶ ରାଜକୁମାର'ର ଉଦ୍‌ଯାପନୀ ସନ୍ଧ୍ୟା। କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଦୁଃଖୀଶ୍ୟାମ ତ୍ରିପାଠୀ, ସୌରଭ ନାୟକ, ମହାପ୍ରସାଦ କର, ଭଗବାନ ଜେନା, ନାଜିଆ ଆଲମ, ଅର୍ପିତା ଚୌଧୁରୀ, ଛନ୍ଦା ମିଶ୍ର ଓ ସାରିକା ସିଂହ ପ୍ରମୁଖଙ୍କ ଗୀତ ଶ୍ରୋତାଙ୍କୁ ଆନମନା କରିଥିଲା। ସନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ସୀତାକାନ୍ତ ମହାପାତ୍ର, ସ୍ଥପତି ରଘୁନାଥ ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଓ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ପ୍ରଫୁଲ୍ଲଙ୍କ କାଳଜୟୀ ଗୀତ ତାଙ୍କୁ ପ୍ରତିଟି ଓଡ଼ିଆଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଦେଇ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ସାଲୁ ଜିନ୍ଦଲଙ୍କୁ ସଂସ୍କାର ପକ୍ଷରୁ 'ଉର୍ବଶୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରଫୁଲ୍ଲ କର ଫାଉଣ୍ଡେଶନର ଅଧ୍ୟକ୍ଷ ଦାଶ ବେନହୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଡ. ଜେନାମଣି ସଞ୍ଜୀବ କୁମାର, ସମ୍ପାଦକ ଚୌଧୁରୀ ଅମିତାଭ ଦାସ, ଆବାହକ ଗିରିଜା ଦାଶ ଓ 'ସଂସ୍କାର'ର ସାଧାରଣ ସମ୍ପାଦକ ମହାଦୀପ କର ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ପଶ୍ଚିମା କିରଣ ସଂଗଠନ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ରବିବାର ଅନୁଷ୍ଠିତ ପୁଷ୍‌ପୁନି ଭେଟ୍‌ଘାଟ୍‌ରେ ପରିବେଷିତ ଆଦିବାସୀ ନୃତ୍ୟ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବିଦ୍ୟୁତ୍



ସଂଗୀତା



ରାକେଶ



ନମ୍ରା



ସୁପ୍ରିୟା



ସମରେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା କଟକଣା ଜୋର ଧରିଲା

**ପୁରୀ ଅଫିସ,୧୬।୨**



- ପାନ ଖାଇ ୫୦୦ ଗଣିଲେ ସେବାୟତ
- ଅନ୍ୟଜଣେ ସ୍କ୍ୱାଡ୍‌କୁ ଦେଖି ପାନ ଢୋକିଦେଲେ

ଶ୍ରୀମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଲାଗି ଏକାଧିକ ନିଷ୍ପତ୍ତି ହେଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ମନ୍ଦିର ପରିସରରେ ପାନଛେପ, ଗୁଟ୍‌ଖା ଖୋଳ ପଡିଥିବା ଦେଖିବାକୁ ମିଳୁଛି। ଶନିବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ମନ୍ଦିର ପରିସରରେ ପାନଛେପ ପଡିଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରଠାରୁ ଶିଥିଳ ପଡ଼ିଥିବା ପାନ, ଗୁଟ୍‌ଖା କଟକଣାକୁ ପୁଣି ଜୋର୍‌ଦାର କରାଯାଇଛି। ରବିବାର ଶ୍ରୀମନ୍ଦିର ଭିତରେ ପାନ ଖାଉଥିବାବେଳେ ଜଣେ ସେବାୟତ ଧରାପଡି ୫୦୦ ଟଙ୍କା ଜରିମାନା ଗଣିଛନ୍ତି। ଅନ୍ୟ ଜଣେ ସେବାୟତ ସ୍କ୍ୱାଡ୍‌ଙ୍କୁ ଦେଖିବା ପରେ ପାନ ଢୋକିଦେବା ଚର୍ଚ୍ଚାର ବିଷୟ ହୋଇଛି।

ଶ୍ରୀମନ୍ଦିରରେ ସ୍ୱଚ୍ଛତା ଏବଂ ଶୁଦ୍ଧତା ରକ୍ଷା ଦିଗରେ ୫-ଟି ସଚିବଙ୍କ ତାଗିଦ ପରେ ଏବେ ଶ୍ରୀମନ୍ଦିର ସ୍କ୍ୱାଡ୍‌ଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀମାନେ ଚଳଚଞ୍ଚଳ ହୋଇପଡିଛନ୍ତି। ମନ୍ଦିର ପରିସର ଯଦି କୌଣସି ସ୍ଥାନରେ ପାନଛେପ ପଡିଛି, ସେଥିରେ ଚୂନ ମରାଯାଉଛି। ଏପରି କି ସ୍କ୍ୱାଡ୍ ସଦସ୍ୟମାନେ ବୁଲି ବୁଲି ପାନ, ଗୁଟ୍‌ଖା କିଏ ଖାଇଛି କି ନାହିଁ ତାହାର ଯାଞ୍ଚ କରୁଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଧରପଗଡ଼ ଶନିବାର ଦିନତମାମ୍ ଦେଖିବାକୁ ମିଳିଥିଲା।

ସୂଚନାଥାଉ କି, ଗତବର୍ଷ ଜୁଲାଇ ୨୯ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପାନ, ଗୁଟ୍‌ଖାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା, ପାନ ମସଲା ଖାଇ ବା ଧରି ମନ୍ଦିର ଭିତରକୁ ଯାଇପାରିବେ ନାହିଁ। ପ୍ରବେଶ ପଥରେ ଯାଞ୍ଚ ହେବ। ପାନ, ଗୁଟ୍‌ଖା, ପାନ ମସଲା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କଲେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ଲାଗି ନିଷ୍ପତ୍ତି ହୋଇଥିଲା। ଚାରିଦ୍ୱାରରେ ଭକ୍ତଙ୍କୁ ସଚେତନ କରିବା ଲାଗି ସୂଚନା ଫଳକ ଲଗାଯିବା ସହ ଗତବର୍ଷ ଅଗଷ୍ଟ ପହିଲାରୁ ଏହି କଟକଣାକୁ କଡାକଡି କରାଯାଇଥିଲା। କିନ୍ତୁ କିଛିଦିନ ପରେ ପୁଣି ଏହା ଶିଥିଳ ପଡି ଯାଇଥିଲା।

# ଓଡ଼ିଆ କବିତାର କୁଳପୁରୁଷ ଥିଲେ ରବି ସିଂ

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

ବିପ୍ଳବୀ କବି ରବି ସିଂ ଆଧୁନିକ ଓଡ଼ିଆ କବିତାର କୋଷମୁକ୍ତ କ୍ରୋଧର ଏକ କୋମଳ ଗାନ୍ଧାର, ସାମାଜିକ ଅସମାନତା ଅଭିଯାନର ନିଃସଙ୍ଗ ପଦାତିକ ଥିଲେ। ଓଡ଼ିଆ କବିତାର କୁଳପୁରୁଷ ଥିଲେ ରବି ସିଂ। କାର୍ଲ ମାର୍କ୍ସଙ୍କଠାରୁ ଆରମ୍ଭ କରି ମାଓଙ୍କ ପର୍ଯ୍ୟନ୍ତ, ବିଶ୍ୱ ବୈପ୍ଳବିକ ପରିବର୍ତ୍ତନ ଦର୍ଶନ ଏହି ବିପ୍ଳବୀ କବିଙ୍କ କାବ୍ୟ ଦର୍ଶନ ଥିଲା। ତାଙ୍କ ଜୀବନ କଠିନ ଓ କଠୋର କାବ୍ୟ ଚୈତନ୍ୟର ଏକ ଧାରା ଓ ପତିଆରା ଥିଲା ବୋଲି ଏଠାରେ ମତପ୍ରକାଶ ପାଇଛି।

ରବିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ବିପ୍ଳବୀ କବି ରବି ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ କବିଙ୍କ ଉଦ୍ଦେଶ୍ୟରେ ଏହି ମତବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କବି ପ୍ରମୋଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଭିଯାନର ସଂଯୋଜକ କିଶନ ବରାଇ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜନନେତା ଦାମୋଦର ରାଉତ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କବି ସହଦେବ ଜୟସିଂହ, କବି ଅମରେଶ ବିଶ୍ୱାଳ, କମାଣ୍ଡର ନନ୍ଦକିଶୋର ସାମଲ, ବରିଷ୍ଠ ଅଧିବକ୍ତା ବିଭୂପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ କବି ରବି ସିଂଙ୍କ କାବ୍ୟ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଯୁଗ୍ମ ସଂଯୋଜକ ନାରାୟଣ ଓଝା ଧନ୍ୟବାଦ ଦେଇଥିଲେ।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।

-କନ୍‌ଫୁସିୟସ



## ସଂକ୍ଷେପରେ

### ସ୍କୁଟି ଧକ୍କାରେ ସାଇକେଲ ଆରୋହୀ ମୃତ

ଯାଁଳା,୧୬।୨(ଡି.ଏନ.ଏ.): ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏକ ସ୍କୁଟି ଧକ୍କାରେ ପଦ୍ମଚରଣ ସାମନ୍ତରାୟ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ସ୍କୁଟି ଚାଳକ ମଧ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଜାତୀୟ ରାଜପଥର ପୁରୁଣା ଯାଁଳା ଫାଣ୍ଡି ନିକଟରେ ଶନିବାର ରାତିରେ ଏହା ଘଟିଥିଲା। ପଦ୍ମଚରଣ ସାଇକେଲରେ ରାସ୍ତା ପାର ହେଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଆହତ ହୋଇଥିଲେ। ଫାଣ୍ଡି ପୋଲିସ ଉଭୟଙ୍କୁ ଚିକିତ୍ସା ଲାଗି ଏମସରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ପଦ୍ମଚରଣଙ୍କ ମୃତ୍ୟୁ ଘଟିଥିଲା। ମୃତ ପଦ୍ମଚରଣଙ୍କର ନିଜ ଘର ଚନ୍ଦକା ଥାନା ମେଣ୍ଢାଶାଳ ଗ୍ରାମରେ ହୋଇଥିବା ବେଳେ ସେ ଯାଁଳାରେ ରହୁଥିଲେ।

### ମାରପିଟ କରି ୪ ଆହତ

ସାକ୍ଷୀଗୋପାଳ,୧୬।୨(ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ହଳଦୀଗୋରଡା ଗ୍ରାମରେ ମାରପିଟ ହୋଇ ୪ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଲତା ବେହେରା, ସର୍ବେଶ୍ୱର ବେହେରା, ଧ୍ରୁବ ବେହେରା ଓ ଶଙ୍କର ବେହେରା। ସେମାନେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେବା ସଙ୍ଗେ ଥାନରେ ପୃଥକ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୪୭ ଏବଂ ନଂ.୪୮ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସକାଳେ ପଡୋଶୀ ଧ୍ରୁବ ଘରେ ପାଣି ଦେଉଥିବାବେଳେ ଅଭିଯୋଗକାରୀ ଲତା ବେହେରାଙ୍କ ଅଗଣାରେ ପାଣି ଜମିଥିଲା। ପାଣି ନିଷ୍କାସନ କରିବାକୁ ଲତା କହିବାରୁ ଉଭୟଙ୍କ ମଧରେ ଝଗଡା ହୋଇଥିଲା। ଫଳରେ ଉଭୟ ପରିବାର ମଧରେ ଗଣ୍ଡଗୋଳ ହୋଇ ରକ୍ତାକ୍ତ ହୋଇଯାଇଥିଲେ।

### ୫ କେନ୍ଦ୍ରରେ ୧୦୫୯ ପରୀକ୍ଷାର୍ଥୀ

ବଲଙ୍ଗା,୧୬।୨(ଡି.ଏନ୍.ଏ.)-ବଲଙ୍ଗା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଗଣନା ହୋଇଯାଇଛି। ଦକ୍ଷିଣ ରାଡଶ ଉଚ୍ଚ ନୋଡାଲ ବିଦ୍ୟାଳୟର ୨୬୨ଜଣ, ବାଳିକା ଉଚ୍ଚ ବିଦ୍ୟାଳୟ ବଲଙ୍ଗାର ୧୯୨ଜଣ, ଭଗବତୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରୂପଦେଇପୁର ୨୭୦ଜଣ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାଣପୁର ୧୪୧ଜଣ, ଉତ୍କଳମଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନୂଆସନ୍ତ ୧୯୪ଜଣ ମାଟ୍ରିକ ପରୀକ୍ଷାର୍ଥୀ ସମ୍ପୃକ୍ତ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ପରୀକ୍ଷା ନିୟନ୍ତ୍ରକଙ୍କଠାରୁ ପ୍ରକାଶ। ଚଳିତବର୍ଷ ପ୍ରଥମକରି ଦକ୍ଷିଣ ରାଡଶ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହେବା ସହ ସିସିଟିଭି ଲାଗିବାର ନିର୍ଦ୍ଦେଶ ଅଛି।

# ଶ୍ରୀଲୋକନାଥ ପୀଠ: ରାତି ୩ରେ ଉଠିବ ମହାଦୀପ

ପୁରୀ ଅଫିସ,୧୬।୨ :

**ଜାଗର ଯାତ୍ରା ପ୍ରସ୍ତୁତି ବୈଠକ**

- **ପ୍ରବେଶ ପଥ ୨, ପ୍ରସ୍ଥାନ ଗୋଟିଏ**
- **ପଞ୍ଚୋଦ୍ଧାର ଏକାଦଶୀ ଓ ଜାଗର ପାଇଁ ୬୦୦୦ ଦର୍ଶନ ଟିକେଟ**

ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବପୀଠ ଲୋକନାଥ ମନ୍ଦିରରେ ଆସନ୍ତା ୧୯ ତାରିଖ ପଞ୍ଚୋଦ୍ଧାର ଏକାଦଶୀ ଏବଂ ୨୧ ତାରିଖ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଲାଗି ଶନିବାର ସର୍କିଟ ହାଉସ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୨ଟାରେ ମନ୍ଦିର ପହୁଡ଼ ଫିଟାଯିବ। ରାତି ୩ଟା ସୁଦ୍ଧା ମଙ୍ଗଳ ଆଳତି ଏବଂ ଅବକାଶ ନୀତି ଶେଷ ହେବ। ଭୋର ୪ଟାରୁ ସକାଳ ୬ଟା ମଧରେ ସକାଳ ଧୂପ ଏବଂ ସକାଳ ୮ଟା ମଧରେ ମଧ୍ୟାହ୍ନ ଧୂପ ସରିବ। ସକାଳ ୮ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ପଞ୍ଚୋଦ୍ଧାର ଓ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାଠାରୁ ପଞ୍ଚୋଦ୍ଧାର ଏକାଦଶୀ ଦର୍ଶନ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଜାଗର ଯାତ୍ରା ପାଇଁ ୨୦ ତାରିଖ ରାତି ସାଢେ ୧୨ଟାରେ ଦ୍ୱାର ଫିଟି ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ। ରାତି ୨ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଭକ୍ତଙ୍କ ଦର୍ଶନ ୨୧ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତି ୩ଟାରେ ମହାଦୀପ ଉଠିବା ଲାଗି ସ୍ଥିର କରାଯାଇଛି।

ଚଳିତବର୍ଷ ପଞ୍ଚୋଦ୍ଧାର ଏକାଦଶୀ ପାଇଁ ୨୦୦୦ ଏବଂ ଜାଗର ଯାତ୍ରା ପାଇଁ ୪୦୦୦ ଦର୍ଶନ ଟିକେଟ କରାଯିବ। ଗୋଟିଏ ଟିକେଟ୍‌ର ଦାମ ୧୦୦ ଟଙ୍କା ରହିବ। ଏଥିରୁ ମନ୍ଦିର ୪୫ ଟଙ୍କା ଏବଂ ପାଳିଆ ସେବାୟତ ୫୫ ଟଙ୍କା ପାଇବେ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତାହା ଉପରେ ବିଶେଷ ଆଲୋଚନା ହୋଇଥିଲା। ଦର୍ଶନ ଟିକେଟଧାରୀ ଏବଂ ଭିଆଇପି ବୃଷଭ ଦ୍ୱାର ଦେଇ ଏବଂ ଅନ୍ୟମାନେ ସିଂହଦ୍ୱାର ଲକ୍ଷ୍ମୀ ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। କିନ୍ତୁ ସମସ୍ତେ ବଉଳଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ରକ୍ଷା ଲାଗି ପୋଲିସକୁ ଦାୟିତ୍ୱ ଦିଆଯାଇଛି। ଆଲୋକୀକରଣ, ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚୋଦ୍ଧାର ଏକାଦଶୀ ଏବଂ ଜାଗରଯାତ୍ରା ଦିନ ୨ଟି ଆମ୍ବୁଲାନ୍ସ ରହିବା ସହିତ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଗତବର୍ଷ ଭଳି ଏ ବର୍ଷ ମଧ ଜାଗର ପଡ଼ିଆ, ଦୀପ, ଧୂପ ଓ ଫୁଲ ଦୋକାନ, ଚପଲ ଷ୍ଟାଣ୍ଡ, ବଗାୟତ ଟେଣ୍ଡର ଦିଆଯାଇଥିଲା। ଶନିବାର ଟେଣ୍ଡର ଖୋଲାଯାଇ ଏ ସବୁକୁ ନିଲାମ ଦିଆଯାଇଛି। ପାଦ ଧୋଇବା ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିପାଇଁ ପାର୍ବତୀ ସାଗରରେ ରେଲିଂ ତିଆରି କାମ ମଧ ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ, ପାଳିଆ ସେବାୟତ ପ୍ରମୁଖ ଯୋଗଦେଇଥିଲେ।



ବିଶ୍ୱ ଯୋଗ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଦୁଇ ଭଉଣୀ ଶ୍ରୀଲତା ଓ ରିକିପ୍ରଭା।

# ବିଶ୍ୱ ଯୋଗ ପ୍ରତିଯୋଗିତା: ଶ୍ରୀଲତା, ରିକିପ୍ରଭାଙ୍କୁ ସ୍ୱର୍ଣ୍ଣ

ପୁରୀ ଅଫିସ,୧୬।୨

ଦିଲ୍ଲୀସ୍ଥିତ ଆନନ୍ଦଧାମ ଆଶ୍ରମରେ ପ୍ରଥମଥର ଲାଗି ଆୟୋଜିତ ବିଶ୍ୱ ଯୋଗ ପ୍ରତିଯୋଗିତାରେ ଶ୍ରୀକ୍ଷେତ୍ର ମାଟିର ନାମକୁ ଗର୍ବ କରିଛନ୍ତି ଓଡ଼ିଶାର ଦୁଇ ଭଉଣୀ। ଶ୍ରୀଲତା ରାୟ ସିନିୟର ଓ ରିକିପ୍ରଭା ଜୁନିୟର ବର୍ଗରେ ଗୋଲ୍ଡ ହାସଲ କରି ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି। ୩ ରାଉଣ୍ଡବିଶିଷ୍ଟ ଏହି ଯୋଗ ଚାମ୍ପିୟନଶିପ୍‌ରେ ଉଭୟ ବର୍ଗରେ ୭ରୁ ୮ଟି ଦେଶରୁ ପ୍ରାୟ ୧ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ଶ୍ରୀଲତା ଓ ରିକିପ୍ରଭା ଏହି ସମ୍ମାନ ହାସଲ କରିଛନ୍ତି। ଏଥିଲାଗି ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମାଲଖମ୍ଭ ଏବଂ ଯୋଗ ଏକ୍ସପର୍ଟ ମଧୁସୂଦନ ରାୟ ଓ ମାତା ସ୍ୱର୍ଣ୍ଣଲତାଙ୍କ ଦୁଇ ଝିଅ ଶ୍ରୀଲତା ଓ ରିକିପ୍ରଭା ମାଲଖମ୍ଭ କୁଇନ ଭାବେ ପରିଚିତ। ପୂର୍ବରୁ ରାଜ୍ୟ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ମାଲଖମ୍ଭ ଓ ଯୋଗରେ ପ୍ରତିନିଧିତ୍ୱ କରି ଗୌରବ ହାସଲ କରିଛନ୍ତି ଏହି ଦୁଇ ଭଉଣୀ। ବିନା କୌଣସି ସରକାରୀ ପ୍ରୋତ୍ସାହନରେ ବାପା ମଧୁସୂଦନଙ୍କ ଗାଇଡସ୍‌ରେ ଏହି ଦୁଇ ଝିଅ ନିଜସ୍ୱ ଜ୍ଞାନକୌଶଳରେ ସଫଳତାର ପାହାଚ ଚଢିଚାଲିଛନ୍ତି। ମାଲଖମ୍ଭ ଓ ଯୋଗରେ ଉଭୟ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରତିଭା ସାଉଁଟିଛନ୍ତି। ମଧୁସୂଦନ ରାୟଙ୍କ ନେତୃତ୍ୱରେ ସୋନି ଟିଭିରେ ପ୍ରଦର୍ଶିତ 'ଏଣ୍ଟରଟେନମେଣ୍ଟ କେ ଲିଏ କୁଛ ଭି କରେଗା'ରେ ଉଚ୍ଚକୋଟୀର ମାଲଖମ୍ଭ ପୀରାମିଡ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଶ୍ରୀକ୍ଷେତ୍ର କୁଇନ୍ ଦୁଇ ଭଉଣୀ ନିଜ କଳା ପ୍ରଦର୍ଶନ କରି ଶ୍ରୀକ୍ଷେତ୍ର ଲାଗି ଗୌରବ ଆଣି ଦେଇଛନ୍ତି। ତାଙ୍କର ଏହି ସଫଳତା ଲାଗି ପୁରୀର ବିଭିନ୍ନ କ୍ରୀଡ଼ାନୁଷ୍ଠାନ, କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ : ମଞ୍ଜେଶ୍ୱର ଚାମ୍ପିୟନ

ବୋଲଗଡ,୧୬।୨(ଡି.ଏନ.ଏ.)



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ ।

ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ କୋଦୁଅବେରେଣୀ ଖେଳପଡିଆରେ ୧୦ ଦିନ ଧରି ଚାଲିଥିବା ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଯାଁଳା ବ୍ଲୁ ରକଷ୍ଟାର କ୍ରିକେଟ କ୍ଲବକୁ ୮୩ ରନରେ ହରାଇ ମଞ୍ଜେଶ୍ୱର କ୍ରିକେଟ ବ୍ଲକ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ମଞ୍ଜେଶ୍ୱର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୩୦୯ ରନ ସଂଗ୍ରହ କରିଥିଲା। ଜବାବରେ ୨ୟ ପାଳିରେ ଯାଁଳାର କ୍ରିକେଟ ଟିମ୍ ୧୯ ଓଭର ୩ଟି ଭଲ ଖେଳି ମୋଟ ୨୨୬ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ମଞ୍ଜେଶ୍ୱର ଦଳର ଉତ୍ତମ ମହାନ୍ତି ୪୯ ବଲରେ ୧୩୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାନ ଅଫ ଦି ସିରିଜ ଭାବେ ଯାଁଳା ଟିମ୍‌ର ଖେଳାଳି ସିଦ୍ଧାନ୍ତ ଜେନା ପୁରସ୍କୃତ ହୋଇଛନ୍ତି। ଅତିଥି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଯାଁଳା ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା, ସ୍ଥାନୀୟ ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି ଏବଂ ସମିତି ସଭ୍ୟ ମାୟାଧର କରଣ ପ୍ରମୁଖଙ୍କ ସମେତ ଆୟୋଜକମାନେ ଉପସ୍ଥିତ ଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

ନିମାପଡ଼ା,୧୬।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଡାକ୍ତରଖାନାରେ ରବିବାର ରୋଗୀ କଲ୍ୟାଣ ସମିତି(ଆରକେଏସ)ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର, ଖାଲିଥିବା ୯ ଆଶାକର୍ମୀ ପଦବୀ, ଅସ୍ତ୍ରୋପଚାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେବା, ରୋଗୀଙ୍କୁ ଶୁଖିଲା ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯିବା, ମେଡିକାଲରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରିବା, ଡାକ୍ତରଖାନାକୁ ଡିଜିଟାଲ ଏକ୍ସରେ ମେସିନ ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୪ମାସ ହେଲା ସିଜିରିଆନ ଅସ୍ତ୍ରୋପଚାର ବନ୍ଦ ଥିବା ଯୋଗୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ପ୍ରୋଗ୍ରାମ ଅଫିସର ଶିବନାରାୟଣ ନନ୍ଦ, ଆଶୁତୋଷ ମିଶ୍ର, ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ପ୍ରଧାନ, ଏବିଓ ହାଡୁ ସେଠୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ରୋଗୀ କଲ୍ୟାଣ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ।

# ପ୍ରାଚୀ ନଦୀର ସ୍ମୃତି ବଞ୍ଚାଇବାକୁ ପରିକ୍ରମା

କାକଟପୁର,୧୬।୨(ଡି.ଏନ୍.ଏ.):

ଭାରତବର୍ଷରେ ସ୍ୱତନ୍ତ୍ରତା ବହନ କରୁଥିବା ପ୍ରାଚୀ ନଦୀ ପୁରାତନ ସ୍ମୃତି ଉଜ୍ଜୀବିତ କରିବା ସହ ମନୁଷ୍ୟ ସମାଜରେ ତା'ର ପରମ୍ପରାକୁ ବଜାୟ ରଖିବା ପାଇଁ ନୀତିନିଷ୍ଠ ସାଧୁସନ୍ଥମାନେ ଦୀର୍ଘବର୍ଷ ଧରି ପ୍ରାଚୀ ପରିକ୍ରମା ଆରମ୍ଭ କରିଛନ୍ତି। ଏହି ପରିକ୍ରମା ଚଳିତବର୍ଷ ଫେବୃୟାରୀ ମାସ ୧୩ ତାରିଖରୁ କେତେକ ସାଧୁସନ୍ଥମାନେ ଅନ୍ଧମୁନି କପିଳେଶ୍ୱରଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ନିଆଳି ସୋଭନେଶ୍ୱର ମନ୍ଦିର, ମାଧବ ମାଧବାନନ୍ଦଜୀ ମନ୍ଦିର, କାକଟପୁରର ନିଗମାନନ୍ଦ ଆଶ୍ରମ, ମାମଙ୍ଗଳା ମନ୍ଦିର, ଦେଉଳୀମଠ,ସରିପୁର ଅପସରା କ୍ଷେତ୍ର, ବଙ୍ଗୋପସାଗର ସଙ୍ଗମସ୍ଥଳ ପ୍ରାଚୀ ନଦିର କେଳୁଣୀ ମୁହାଣ ଆଦି ବିଭିନ୍ନ ମଠ ବୁଲିଛନ୍ତି। ଏହି ପରିକ୍ରମାରେ ସହସ୍ରାଧିକ ସଂଖ୍ୟକ ଓଡ଼ିଶାର ସାଧୁସନ୍ଥଙ୍କ ସହ ୧୫ଟି ଦେଶର ବିଦେଶୀ ପରିବ୍ରାଜକ ଯୋଗଦେଇ ପ୍ରାଚୀ ପରିକ୍ରମାର ଗାରୀମା ବୃଦ୍ଧି କରାଉଥିବା ବ୍ରହ୍ମଚାରୀ ପ୍ରଦୀପ କହିଛନ୍ତି। ରବିବାର ଏହି ଦଳ ଦେଉଳୀମଠରେ ପହଞ୍ଚି ଏକ ସଭା ମାଧମରେ ପ୍ରାଚୀ ନଦୀ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଥିବା ପ୍ରାଚୀ ସୁରକ୍ଷା ସମିତିର ସଭାପତି ସ୍ୱପ୍ନେଶ୍ୱର ସାହୁ ଓ ସମ୍ପାଦକ ରମେଶ ଚନ୍ଦ୍ର ବିଶ୍ୱାଳ, ପ୍ରାଚୀକୁ ପ୍ରଦୂଷଣ ମୁକ୍ତ ପାଇଁ କଂଟାପଡା ସରପଞ୍ଚ ଗଗନ ବିହାରୀ ଦାଶଙ୍କୁ ସମ୍ମାନିତ କରିଥିଲେ। ଏହାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଦୃଷ୍ଟି ଦେଲେ ପ୍ରାଚୀ ସଂସ୍କୃତି ବିଶ୍ୱସ୍ତରରେ ପହଞ୍ଚିପାରିବ ବୋଲି ପରିକ୍ରମାର ପୁରୋଧା ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମତପ୍ରକାଶ କରିଛନ୍ତି।

# ଝାଡ଼ାବାନ୍ତିରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

କଟକ ଅଫିସ,୧୬।୨

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୮ନଂ. ୱାର୍ଡ ଗୋପାଳ ସାହିରେ କିଛିଦିନ ହେବ ଝାଡାବାନ୍ତି ଲାଗିରହିଛି। ଏହି ସାହିରେ ଥିବା ୮ଟି ପରିବାରର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଝାଡାବାନ୍ତିରେ ଆକ୍ରାନ୍ତ ହେବାରୁ ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୂଷିତ ପାଣି ପିଇବା ଦ୍ୱାରା ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ବବିତା ଦାସ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ କର୍ପୋରେଟର ଅରୁଣ ସେଠୀ କୁହନ୍ତି, ୭/୮ଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଡ୍ରେନ୍‌ପାର୍ଶ୍ୱ ଦେଇ ପାଣି ପାଇପ ଯାଇଛି। କେତେକ ସ୍ଥାନରେ ପାଇପ ଫାଟିଯିବା ଯୋଗୁ ନାଳପାଣି ସେଥିରେ ମିଶୁଛି। ଫଳରେ ଲୋକମାନେ ଏହି ପାଣି ପିଇବାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ କହିଥିଲେ।

# ପବ୍ଲିକ ହିରୋ କପ୍: ପୋଲିସ ଏକାଦଶ ଚାମ୍ପିୟନ

ପୁରୀ ଅଫିସ,୧୬।୨ :

- **ସୁନୀଲ ମ୍ୟାନ୍ ଅଫ ଦି ସିରିଜ୍**
- **୫ ପ୍ରତିଭାବାନ କ୍ରିକେଟ ଖେଳାଳି ସମ୍ବର୍ଦ୍ଧିତ**

ସାମାଜିକ ଅନୁଷ୍ଠାନ ପବ୍ଲିକ୍ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଦିବାରାତ୍ର ପବ୍ଲିକ୍ ହିରୋ କପ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୋଲିସ ଏକାଦଶ ପବ୍ଲିକ୍ ହିରୋ କପ୍ ଟାଇଟଲ ହାସଲ କରି ଚାମ୍ପିୟନ ହୋଇଛି। ସୁନୀଲ କୁମାର ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ହାସଲ କରିଛନ୍ତି। ଏହି ଅବସରରେ ପୁରାତନ କ୍ରିକେଟ ଖେଳାଳି ସରୋଜିତ ମହାପାତ୍ର, ଜଗଦିଶ ଚନ୍ଦ୍ର ରାଉତରାୟ, ବିମଳ ପ୍ରସଦା ମହାନ୍ତି, ଚିତ୍ତରଞ୍ଜନ ମିଶ୍ର ଏବଂ ଏମ୍ପାୟର ନିର୍ମଳ ମିଶ୍ର, ସତ୍ୟ ସାଗର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲାପାଳ ବଳୱନ୍ତ ସିଂ, ଏସପି ଉମାଶଙ୍କର ଦାଶ, ଡିଆରଡିଏ ବିଶାଳ ସିଂ,ପବ୍ଲିକ୍ ଅନୁଷ୍ଠାନ ସଭାପତି ଭକ୍ତ ଚରଣ ଦାଶ, ସମ୍ପାଦକ ଶକ୍ତି ନାୟକ, ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ବିଜୟୀ ପୋଲିସ ଟିମକୁ ଚାମ୍ପିୟନ ଟ୍ରଫି ଏବଂ ମିଡିଆ ଟିମକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ପ୍ରାଧାପକ ରବୀନ୍ଦ୍ର ପ୍ରଧାନ, ଦେବାଶିଷ ତ୍ରିପାଠୀ, ନବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପୋଲିସ ଖେଳପଡିଆରେ ପୂର୍ବାହ୍ନରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସେମିଫାଇନାଲରେ ମିଡ଼ିଆ ଏକାଦଶ ୫ ଉଇକେଟରେ ୨୦୦ରନ ସଂଗ୍ରହ କରିଥିବାବେଳେ ଜିଲାପ୍ରଶାସନ ୧୩୨ ରନ କରି ପରାସ୍ତ ହୋଇଥିଲା। ଅକ୍ଷୟ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲରେ ପୋଲିସ ଏକାଦଶ ୩ ଉଇକେଟରେ ୧୯୪ ରନ କରିଥିବାବେଳେ ସେବାୟତ ଟିମ ୧୪୯ ରନ କରି ପରାସ୍ତ ହୋଇଥିଲା। ସନ୍ଧ୍ୟାରେ ଫାଇନାଲ ମ୍ୟାଚରେ ପୋଲିସ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୮ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ମିଡିଆ ଏକାଦଶ ସମସ୍ତ ଉଇକେଟ ହରାଇ ୮୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଦଳର ଖେଳାଳିମାନେ।

# ମହାପ୍ରସାଦର ପ୍ରସ୍ତୁତି, ମହତ୍ତ୍ୱ ଶୁଣିଲେ ଛାତ୍ରୀଛାତ୍ର

ପୁରୀ ଅଫିସ,୧୬।୨:

**ମୋ ସହର ମୋ ଭବିଷ୍ୟତ କାର୍ଯ୍ୟକ୍ରମ**



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ପୁରୀ ମଠ ସମ୍ବନ୍ଧରେ ବୁଝାଉଛନ୍ତି ।

ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଚାଲିଛି ମୋ ସହର ମୋ ଭବିଷ୍ୟତ କାର୍ଯ୍ୟକ୍ରମ। ପ୍ରତି ରବିବାର ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାଇକେଲରେ ସହରର ବିଭିନ୍ନ ମଠ, ମନ୍ଦିର, ଐତିହ୍ୟସ୍ଥଳୀ ବୁଲାଇ ନିଆଯାଉଛି। ପିଲାମାନେ ଏସବୁ ପରିଦର୍ଶନ କରିବା ସହ ସହରର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଜ୍ଞାନ ହାସଲ କରୁଛନ୍ତି । ରବିବାର ଏହି କାର୍ଯ୍ୟକ୍ରମ ମାଧମରେ ବଳିଆପଣ୍ଡାସ୍ଥିତ ସୁଖଲତା ଉଚ୍ଚ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ ।

ଏହି ସାଇକେଲ ଯାତ୍ରାରେ ସେମାନେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଠ, ମନ୍ଦିର, ଆଶ୍ରମ, ମହାପ୍ରସାଦ, ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଆଦି ବିଭିନ୍ନ ପ୍ରସଙ୍ଗରେ ଶୁଣିଛନ୍ତି। ସକାଳ ୮ଟାରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଯୁଗବ୍ରତ କରଙ୍କ ତତ୍ତ୍ୱାବଧାନରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟଠାରୁ ଏହି ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା। ପିଲାମାନେ କବୀର ଚୌରା, କରାର ଆଶ୍ରମ, ବାଉଳିମଠ, ଭାରତ ସେବା ସଂଘ, ବିଦୁର ମଠ, ତୋଟା ଗୋପୀନାଥ, ଗୋବର୍ଦ୍ଧନ ମଠ ପ୍ରଭୃତି ସ୍ଥାନ ବୁଲିଥିଲେ। ଶେଷରେ ପାନ୍ଥ ନିବାସରେ ଆୟୋଜିତ ହୋଇଥିଲା ଏକ ଭାବବିନିମୟ କର୍ମଶାଳା। ଏଥିରେ ଶ୍ରୀମନ୍ଦିର ସେବାୟତ ବିଶ୍ୱନାଥ ସାମନ୍ତରା ପିଲାମାନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି, ମହାପ୍ରସାଦର ପ୍ରସ୍ତୁତି ଏବଂ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମହାପ୍ରସାଦ ସେବନରେ କୌଣସି ଜାତି, ଧର୍ମ ନ ଥାଏ। ଭାରତର ବିଭିନ୍ନ ମନ୍ଦିରକୁ ମହିଳାଙ୍କ ପ୍ରବେଶ ଉପରେ କଟକଣା ରହିଛି । ମାତ୍ର ମହିଳାଙ୍କ ପାଇଁ ଶ୍ରୀମନ୍ଦିରର ଦ୍ୱାର ଉନ୍ମୁକ୍ତ ବୋଲି ସାମନ୍ତରା କହିଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ, ଶିକ୍ଷା ଓ ସଂସ୍କୃତି ବିକାଶରେ ମଠର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରାଚୀନ ସମୟରେ ଆଜିକାଲି ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କାଗଜ, କଲମ, ଲାଇଟ୍, ଗମନା ଗମନ ଆଦି କୌଣସି ସୁବିଧା ନ ଥିଲା। ତଥାପି ମଠର ଗୁରୁ ଓ ମହନ୍ତମାନେ କଠୋର ତ୍ୟାଗ ବଳରେ ସମାଜରେ ଶିକ୍ଷାର ବିସ୍ତାର ପାଇଁ ଆବାସିକ ବ୍ୟବସ୍ଥା କରିଥିଲେ। ସେତେବେଳେ ମଧ ସେହି ମଠମାନରୁ ଅଧ୍ୟୟନ କରି ଭାରତରେ ଅନେକ ବିଦ୍ୟାର୍ଥୀ ପ୍ରସିଦ୍ଧି ଲାଭ କରିଥିଲେ। ଅନୁସନ୍ଧାନରୁ ଜଣାପଡିଛି ପୁରୀରେ ମଠ ପରିଚାଳିତ ୨୧ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ରହିଥିଲା। ଏବେ ବି ୧୧ଟି ସଂସ୍କୃତ ପାଠଶାଳା ମଠମାନଙ୍କରେ ଚଳଚଞ୍ଚଳ ଅଛି। ଏଣୁ ମଠର ସମାଜ ପ୍ରତି ଯେଉଁ ତ୍ୟାଗ ରହିଥିଲା ତାହା ହିଁ ଆମର ଗୌରବପୂର୍ଣ୍ଣ ଅଧ୍ୟାୟ। ସେହିପରି ପୂର୍ବରୁ ପୁରୀ ଏକ ତୀର୍ଥ ଥିଲା। ଆଦି ଶଙ୍କରାଚାର୍ଯ୍ୟ ଏହାକୁ ଧାମ ରୂପେ ଘୋଷଣା କରିଥିଲେ। ଧାମର ଦେବତା ଭାବେ ଶ୍ରୀଜଗନ୍ନାଥ, ଦେବୀ ରୂପେ ମା' ବିମଳା ଓ ତୀର୍ଥ ରୂପେ ମହୋଦଧିଙ୍କୁ ଆଦି ଶଙ୍କରାଚାର୍ଯ୍ୟ ସ୍ୱୀକାର କରିଥିଲେ ବୋଲି ଡ. ମିଶ୍ର ପିଲାମାନଙ୍କୁ ବୁଝାଇଥିଲେ। ଶାନ୍ତିରଞ୍ଜନ ମିଶ୍ର, ନଟବର ସାହୁ, ପ୍ରବୀଣ ଖଡ଼ିରତ୍ନ ଓ କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଫେବୃୟାରୀ ,୨୦୨୦





କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ନେପାଳ ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍‌କୁ ସଜାଗ ରଖାଯାଇଛି। ୫ଟି ଡାକ୍ତରୀ ଦଳକୁ ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟର ସୀମାରେ ରହି କାର୍ଯ୍ୟ ତଦାରଖ କରିବାକୁ କୁହାଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

# ‘୩୭୦, ସିଏଏ ନିଷ୍ପତ୍ତି ଠିକ୍’

ବାରାଣସୀ,୧୬।୨ (ପି.ଟି.)

ସମ୍ବିଧାନର ଧାରା ୩୭୦ ଓ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ସରକାର ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ ପୁନର୍ବିଚାର କରାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଆଡୁ ଚାପ ବଢୁଥିଲେ ହେଁ ସରକାର ଦୃଢ଼ ଥିବା ସେ କହିଛନ୍ତି। ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଠିକ୍ ଓ ଏଥିରୁ ଓହରିବାର ନାହିଁ ବୋଲି ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ ମୋଦି ସ୍ପଷ୍ଟ କରିଛନ୍ତି। ଦୀର୍ଘବର୍ଷ ଧରି ଦେଶ ଏଭଳି ନିଷ୍ପତ୍ତିକୁ ଅପେକ୍ଷା କରି ରହିଥିଲା ବୋଲି ଜନସଭାକୁ ସମ୍ବୋଧନ କରି ସେ ପ୍ରକାଶ କରିଛନ୍ତି। ଦେଶ ହିତ ଲାଗି ଏଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି।

ଗତବର୍ଷ ଅଗଷ୍ଟରେ ସମ୍ବିଧାନର ଧାରା ୩୭୦କୁ ହଟାଇ ଦିଆଯିବା ସହ ଜମ୍ମୁ-କଶ୍ମୀର ଓ ଲଦାଖକୁ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ କରାଗଲା। ଏହା ପରେ ସିଏଏକୁ ସ୍ୱୀକୃତି ମିଳିଲା। ବହୁ ଜଟିଳ ପରିସ୍ଥିତି ସତ୍ତ୍ୱେ ଦେଶ ହିତ ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାବାଦ୍ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ କରାଯାଇଛି। ଏହି ଟ୍ରଷ୍ଟ ଯୁଦ୍ଧକାଳୀନ ଭାବେ କାର୍ଯ୍ୟାରମ୍ଭ କରିବ। ଟ୍ରଷ୍ଟକୁ ୬୭ ଏକର ଜମି ପ୍ରଦାନକରିବା ଲାଗି ସରକାର ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହା ପୂର୍ବରୁ ମୋଦି ରବିବାର ନିଜ ନିର୍ବାଚନମଣ୍ଡଳୀରେ ୧,୨୫୪ କୋଟି ଟଙ୍କାର ୫୦ଟି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏଥିସହ ‘ଆଇଆର୍‌ସିଟିସି’ର ମହାକାଳ ଏକ୍ସପ୍ରେସକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଟ୍ରେନ ୩ ଜ୍ୟୋତିର୍ଲିଙ୍ଗକୁ ଯୋଡ଼ିବ। ଉତ୍ତରପ୍ରଦେଶର ବାରାଣସୀ, ମଧ୍ୟପ୍ରଦେଶର ଉଜ୍ଜୟିନୀ ଓ ଓଁକାରେଶ୍ୱରକୁ ଏକାଠି ବାନ୍ଧି ରଖିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ସ୍ମୃତିକେନ୍ଦ୍ର ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗକରିବା ସହ ଆର୍‌ଏସ୍‌ଏସ୍‌ର ଆଦର୍ଶଙ୍କ ୬୨ ଫୁଟର ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏଥିସହ ୪୩୦ ଶଯ୍ୟାବିଶିଷ୍ଟ ସୁପରସ୍ପେଶିଆଲିଟି ସରକାରୀ ହସ୍ପିଟାଲକୁ ମଧ୍ୟ ସେ ଉଦ୍‌ଘାଟନ କରିଥିଲେ। ଦମାମୀ ଗଙ୍ଗେ କାର୍ଯ୍ୟକ୍ରମର ସଫଳତାକୁ ସେ ପ୍ରଶଂସାକରିବା ସହ ପୁଣି ୨୧ ହଜାର କୋଟି ଟଙ୍କାର କାର୍ଯ୍ୟ କରାଯିବ ବୋଲି କହିଥିଲେ।



## ୧,୨୫୪ କୋଟିର ୫୦ ପ୍ରକଳ୍ପ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ଶାହିନବାଗ୍ ବିକ୍ଷୋଭକାରୀଙ୍କୁ ରୋକିଲା ପୋଲିସ

ନୂଆଦିଲ୍ଲୀ,୧୬।୨ (ପି.ଟି.)

ଦିଲ୍ଲୀର ଶାହିନବାଗ୍‌ରେ ସିଏଏ ବିରୋଧୀ ବିକ୍ଷୋଭ ବନ୍ଦହେବାର ନାଁ ନେଉନାହିଁ। ରବିବାର ସହସ୍ରାଧିକ ବିକ୍ଷୋଭକାରୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନ ଆଡ଼କୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ଅନେକ ମହିଳାଙ୍କ ସହ ଏହି ବିକ୍ଷୋଭକାରୀମାନେ ଅପରାହ୍ନ ୨ଟାରେ ଶୋଭାଯାତ୍ରା ଆରମ୍ଭ କରିଥିବାବେଳେ ସିଏଏକୁ ନେଇ ଶାହାଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିଲେ। ସିଏଏ, ଏନ୍‌ଆର୍‌ସି ପ୍ରତ୍ୟାହାର ଲାଗି ବିକ୍ଷୋଭକାରୀମାନେ ଶାହାଙ୍କ ସହ ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ହେଲେ ଏନେଇ ଅନୁମତି ମିଳି ନ ଥିବାରୁ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ପ୍ରକାଶଥାଉ କି, ଗତ ୨ ମାସ ହେବ ଶାହିନବାଗ୍ ବିକ୍ଷୋଭକାରୀଙ୍କ କେନ୍ଦ୍ରସ୍ଥଳୀ ପାଲଟିଛି।

## ଶାହାଙ୍କୁ ଭେଟିବା ଲାଗି ଜିଦ୍



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଅଭିମୁଖେ ବାହାରିଥିବା ବିକ୍ଷୋଭକାରୀ।

## କେମିତି ରହିବ ଆଜିର ପାଗ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ଶୁଖିଲା ରହିବ।

ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୨ | ୧୪.୧ |
| ଚାନ୍ଦବାଲି | ୩୧.୪ | ୧୬.୪ |
| କଟକ | -- | ୧୫.୦ |
| ପାରାଦୀପ | ୨୮.୩ | ୧୮.୨ |
| ଭୁବନେଶ୍ୱର | ୩୧.୮ | ୧୭.୧ |
| ଗୋପାଳପୁର | ୨୧.୨ | ୧୮.୫ |
| ପୁରୀ | ୨୮.୮ | ୧୮.୮ |
| ଅନୁଗୋଳ | ୩୨.୭ | ୧୦.୬ |
| ବାରିପଦା | ୩୦.୦ | ୧୫.୦ |
| ଝାରସୁଗୁଡ଼ା | ୩୧.୬ | ୧୨.୭ |
| କେନ୍ଦୁଝର | ୩୦.୦ | ୧୩.୪ |
| ସମ୍ବଲପୁର | ୩୧.୫ | ୧୩.୭ |
| ସୁନ୍ଦରଗଡ଼ | ୨୯.୫ | ୧୨.୫ |
| ହୀରାକୁଦ | ୩୧.୬ | ୧୪.୯ |
| ତାଳଚେର | ୩୨.୪ | ୧୩.୮ |
| ଭବାନୀପାଟଣା | ୩୩.୪ | ୧୪.୬ |
| ବଲାଙ୍ଗୀର | ୩୧.୫ | ୧୫.୦ |
| କୋରାପୁଟ | ୨୯.୮ | ୧୩.୮ |
| ଫୁଲବାଣୀ | ୨୯.୪ | ୧୧.୩ |
| ଟିଟିଲାଗଡ଼ | ୩୪.୨ | ୧୨.୧ |
| ମାଲକାନଗିରି | ୩୫.୨ | ୧୫.୪ |
| ସୋନପୁର | ୩୧.୨ | ୧୦.୪ |
| ଦାରିଙ୍ଗିବାଡ଼ି | ୨୮.୮ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍



ସିଏଏ–ଏନ୍‌ପିଆର୍–ଏନ୍‌ଆର୍‌ସିକୁ ବିରୋଧ କରି ତାମିଲନାଡୁରେ ୨ କୋଟି ଦସ୍ତଖତ ସଂଗ୍ରହ କରାଯାଉଛି। ଏହି ଅବସରରେ ଚେନ୍ନାଇରେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନଙ୍କ ନେତୃତ୍ୱରେ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟର ନେତାମାନେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ଯୁବତୀଙ୍କୁ ପୋଲିସର ଗଣବଳାତ୍କାର

**ଗୋରଖପୁର,୧୬।୨ (ପି.ଟି.):** ଉତ୍ତରପ୍ରଦେଶର ଗୋରଖପୁର ରେଲଷ୍ଟେଶନ ନିକଟ ଏକ ହଷ୍ଟେଲ ଭିତରେ ୨ ପୋଲିସ ଜଣେ ଯୁବତୀ(୨୦)ଙ୍କୁ ମାଡ଼ମାରିବା ସହ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏନେଇ ପରିବାର ଲୋକଙ୍କୁ ଜଣାଇବା ପରେ ପୋଲିସରେ ମାମଲା ରୁଜୁ କରାଯାଇଛି। ପୋଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଏହାକୁ ନେଇ କଂଗ୍ରେସ, ଏସ୍‌ପି, ବିଏସ୍‌ପି, ପୂର୍ବାଞ୍ଚଳ ସେନା ପକ୍ଷରୁ ବିକ୍ଷୋଭ କରାଯିବା ସହ ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏଥିସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଦାବି ହୋଇଛି। ପୀଡ଼ିତା ଏବେ ଗୋରଖପୁର ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହଷ୍ଟେଲର ସିସିଟିଭି ଯାଞ୍ଚ ସହ ପୋଲିସ ଗାର୍ଡଙ୍କୁ ପଚରା ଉଚରା କରିଥିବା ଗୋରଖପୁର ଏସ୍‌ଏସ୍‌ପି ସୁନୀଲ କୁମାର ଗୁପ୍ତା ପ୍ରକାଶ କରିଛନ୍ତି।

## ପୋଲରୁ ଏସ୍‌ୟୁଭି ଖସି ୭ ମୃତ



**ମୁମ୍ବାଇ,୧୬।୨:** ମହାରାଷ୍ଟ୍ରର ଯବତମାଲ ଜିଲାରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟି ୭ ଜୀବନ ଯାଇଛି। ସକାଳେ କଲାମ୍ବ-ଯୋଡ଼ମୋହା ରୋଡ୍ ନିକଟ ଏକ ପୋଲରୁ ଏସ୍‌ୟୁଭି ଖସିପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଅନ୍ୟ ୧୨ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୱାର୍ଦ୍ଧା ଜିଲା କୋଟେଶ୍ୱର ଅଞ୍ଚଳର ଯୋଡ଼ମୋହା ନିବାସୀ ଏକ ଶୁଦ୍ଧିକ୍ରିୟା ଲାଗି ଏସ୍‌ୟୁଭିରେ ଯାଇଥିଲେ ବୋଲି ପୋଲିସ କହିଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସିପଡ଼ିଥିଲା।

## ନିର୍ମାଣାଧୀନ ପୋଲ ଭୁଶୁଡ଼ି ୨ ମୃତ



**ମାଲ୍‌ଦା,୧୬।୨:** ପଶ୍ଚିମବଙ୍ଗର ମାଲ୍‌ଦାରେ ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ି ୨ ଜଣ ପ୍ରାଣ ହରାଇଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ମାଲ୍‌ଦା ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ମୃତକ ଦ୍ୱୟ ଶ୍ରମିକ ଓ ସେଠାରେ କାମ କରୁଥିବା ଅବସ୍ଥାରେ ପୋଲ ଭୁଶୁଡ଼ି ଚାପିହୋଇ ରହିଥିଲେ। ଉଦ୍ଧାରକାରୀ ସେମାନଙ୍କୁ ହସ୍ପିଟାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏନ୍‌ଏଚ୍‌ଏଆଇର ଏହି ପ୍ରକଳ୍ପ କାର୍ଯ୍ୟ ଏବେ ବନ୍ଦ ରହିଥିବା ଜଣାପଡ଼ିଛି।

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୂ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ ।
+ Agreement
ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୮୧, ୦୯୧୨୬୩୪୪୯୮୦

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

FINANCE

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

FINANCE
CAPITAL ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହାତୀକୁ ବୁଝିପାରୁନି ମଣିଷ

# ସାଥୀ ସହ ଶତ୍ରୁତା

ଦିନେଶ ଦେହୁରୀ
ଅନୁଗୋଳ ସହର, ୧୬।୨

ପ୍ରକୃତିର ପ୍ରକୃତିକୁ ଆଉ ବୁଝିପାରୁନି ମଣିଷ। ସବୁଠୁ ବୁଦ୍ଧିଆ, ବିବେକୀ ବୋଲାଉଥିବା ସତ୍ତ୍ୱେ ସୃଷ୍ଟିର ସୁରକ୍ଷା ନ କରି ସ୍ୱାର୍ଥକୁ ସାରଥି କରିବା ତାକୁ ଧୀରେ ଧୀରେ ପ୍ରକୃତିଛଡ଼ା କରିଦେଉଛି। ସୃଷ୍ଟିର ପ୍ରତିଟି ଶୃଙ୍ଖଳ ଭାଙ୍ଗି ମଣିଷ ଯେପରି ଜଳ, ସ୍ଥଳ ଓ ମହାକାଶ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବାକୁ ଅହେତୁକ ଆଗ୍ରହ ଦେଖାଉଛି ତାହାଦ୍ୱାରା ଅନେକ ଜୀବଜନ୍ତୁଙ୍କ ସାମାଜିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ବିଶେଷକରି ବିକାଶର ଦ୍ୱାହି ଦେଇ ଜଙ୍ଗଲ ସମ୍ପଦ ଉପରେ କ୍ରମାଗତ ନୀରବ ଆକ୍ରମଣ ଜାରି ରହିଥିବାରୁ ସୃଷ୍ଟିର ଏହି ସାଥୀ ଜୀବଜନ୍ତୁଙ୍କ ଜୀବନ ବିପଦାପନ୍ନ ହୋଇପଡୁଛି। ଫଳରେ ମଣିଷ ସେମାନଙ୍କ ଶତ୍ରୁ ସାଜି ଚାଲିଛି।

ମଣିଷର ଏପରି ଅବିବେକୀ ଆଚରଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି ସ୍ଥଳଭାଗର ସବୁଠୁ ବଳଶାଳୀ ଜୀବ ହାତୀ। ବନ ବିଭାଗର ସୂଚନା ଅନୁଯାୟୀ ଓଡ଼ିଶାର କେବଳ ଅନୁଗୋଳ ବନ ମଣ୍ଡଳରେ ଗତ ୫ ବର୍ଷ ମଧ୍ୟରେ ୧୬୨ ହାତୀଙ୍କ ମୃତ୍ୟୁ ମାନବିକ କାରଣ ଯୋଗୁ ହୋଇଛି।



୨୦୧୮ରେ ଢେଙ୍କାନାଳ ଜିଲା କମଳାଙ୍ଗଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ମରିଥିବା ୭ ହାତୀ।

- ୫ ବର୍ଷରେ ଅନୁଗୋଳ ବନମଣ୍ଡଳରେ ୧୬୨ ହାତୀ ମୃତ
- ମୁହାଁମୁହିଁରେ ଲିଭିଛି ୧୩୮ ମଣିଷଙ୍କ ଜୀବନ ଦୀପ
- ଢେଙ୍କାନାଳରେ ସର୍ବାଧିକ, ମହାନଦୀ ବନଖଣ୍ଡରେ ସର୍ବନିମ୍ନ

ଏହା ଯେତିକି ଚିନ୍ତାଜନକ ତାହାଠାରୁ ଅଧିକ ଉଦ୍‌ବେଗଜନକ ହେଲା ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ୧୩୮ ସଂଖ୍ୟକ ମଣିଷଙ୍କ ଜୀବନ ଯାଇଛି। କେବଳ ହାତୀ-ମଣିଷ ଯେ ମୁହାଁମୁହିଁ କ୍ଷେତ୍ରକୁ ଓହ୍ଲାଇଛନ୍ତି ତାହା ନୁହେଁ, ଭାଲୁ ଆକ୍ରମଣରେ ମଣିଷ ଆହତ କିମ୍ବା ମୃତ ହେବା ଏବେ ଆଉ ଏକ ନିତିଦିନିଆ ଘଟଣା ହୋଇଗଲାଣି। ସେହିପରି ହେଟା, ବାଘ୍ୱା ମଧ ଜଙ୍ଗଲ ଛାଡ଼ି ଗାଁରେ ପଶି ଆତଙ୍କ ଖେଳାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ଅନୁଗୋଳ ବନଖଣ୍ଡ, ଆଠମଲ୍ଲିକ, ଆଠଗଡ଼, କଟକ, ଢେଙ୍କାନାଳ, ସାତକୋଶିଆ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡକୁ ନେଇ ଗଠିତ ଅନୁଗୋଳ ବନମଣ୍ଡଳରେ ୨୦୧୭ ଗଣନା ଅନୁଯାୟୀ ସମୁଦାୟ ୬୬୫ ହାତୀ ରହିଛନ୍ତି। ସେଥିରୁ ଅନୁଗୋଳ ବନଖଣ୍ଡରେ ୪୫, ଆଠମଲ୍ଲିକରେ ୫୯, ଢେଙ୍କାନାଳରେ ୧୬୯, ଆଠଗଡ଼ରେ ୧୧୫, କଟକରେ ୩୭, ସାତକୋଶିଆରେ ୧୪୭ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୯୩ ହାତୀ ଥିବା ରିପୋର୍ଟରେ କୁହାଯାଇଛି। କିନ୍ତୁ ସମସ୍ୟା ହେଲା ଏତେ ସଂଖ୍ୟକ ହାତୀଙ୍କ ସହ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଅନୁଗୋଳ ବନମଣ୍ଡଳ ଆଉ ସୁରକ୍ଷିତ ନୁହେଁ। କାରଣ ଜଙ୍ଗଲ ମଧ୍ୟରେ ମଣିଷର ଅନଧିକାର ପ୍ରବେଶ, ଶିଳ୍ପସ୍ଥାପନ, ଖଣି ଖନନ, ରାସ୍ତା, କେନାଲ, ରେଳପଥ ବିଛାଯିବା ଦ୍ୱାରା ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ହେଉଛି। ହାତୀ ଚଳାପଥ (କରିଡର) ହ୍ରାସପାଇ ଚାଲିଛି। ଫଳରେ ହାତୀଙ୍କ ଯାତାୟାତ ରାସ୍ତା ପରିବର୍ତ୍ତନ ହେଉଛି। ଏଥିଯୋଗୁ ଖାଦ୍ୟ ଅନ୍ୱେଷଣରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ବେଳେ ଏହି ବିଶାଳ ଜୀବର ମୁହାଁମୁହିଁ ମଣିଷ ସହ ହେଉଛି। ଏହାଦ୍ୱାରା ମଣିଷର ବହୁମୂଲ୍ୟ ଜୀବନ ଯାଉଥିବା ବେଳେ ହାତୀମାନେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। କେତେବେଳେ ବିଦ୍ୟୁତ୍ ଫାଶ ତ କେବେ ଟ୍ରେନ୍, ଟ୍ରକ୍ ଧକ୍କାରେ ହାତୀର ଜୀବନହାନି ଘଟୁଛି। ଦାନ୍ତ ପାଇଁ ଶିକାରକୁ ରୋକାଯାଇ ପାରୁ ନ ଥିବା ବେଳେ ବିଲ ମାଳରେ ଥିବା ଅବ୍ୟବହୃତ ଖୋଲା କୂପ ମଧ୍ୟ ମୃତ୍ୟୁର ବାହକ ସାଜୁଛି। ଏସବୁ କାରଣରୁ ଅନୁଗୋଳ ବନଖଣ୍ଡରେ ଗତ ୫ ବର୍ଷରେ ୧୩ଟି ହାତୀ ମରିଛନ୍ତି। ହାତୀ ଆକ୍ରମଣରେ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ୬ଟି ହାତୀ ଓ ୪ ମଣିଷଙ୍କ ମୃତ୍ୟୁ ହୋଇଛି। ଆଠଗଡ଼ ବନଖଣ୍ଡରେ ୪୩ ହାତୀ ଓ ୧୧ ମଣିଷ, କଟକ ବନଖଣ୍ଡରେ ୯ ହାତୀ ଓ ୨ ମଣିଷ, ଢେଙ୍କାନାଳ ବନଖଣ୍ଡରେ ୬୯ଟି ହାତୀ ଓ ୮୬ ମଣିଷ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୧୯ ହାତୀ ଓ ୩ ମଣିଷ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ହାତୀ ଓ ମଣିଷଙ୍କ ଜୀବନ ଯିବା ବନ୍ୟପ୍ରାଣୀପ୍ରେମୀ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି।

### ହସ୍ତୀ ପ୍ରକଳ୍ପ ସୀମା ବଢ଼ାଯାଉ



ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ଓଡ଼ିଶା ଭଲସ୍ଥିତିରେ ଅଛି। ତେବେ ରେଙ୍ଗାଳିର ଲେଫ୍ଟ ଓ ରାଇଟ୍ କେନାଲ, ମୟୂରଭଞ୍ଜର ସୁବର୍ଣ୍ଣରେଖା କେନାଲ ପାଇଁ ହାତୀ ଚଲାପଥ ଖଣ୍ଡବିଖଣ୍ଡିତ ହୋଇଛି। ତାହାକୁ ଯୋଡ଼ାଯିବା ସହ ମହାନଦୀ ହସ୍ତୀ ପ୍ରକଳ୍ପକୁ ବଢ଼ାଇବା ପାଇଁ ୨୦୦୫ର ପ୍ରସ୍ତାବକୁ କାର୍ଯ୍ୟକ୍ଷମ କରାଯାଉ। ସମ୍ବଲପୁର ରିଜର୍ଭକୁ ବଢାଯାଉ। ହାତୀ ଚଳପ୍ରଚଳ ସମ୍ପର୍କରେ ସାଧାରଣରେ ସୂଚନା ଦିଆଯାଉ।

**–ଡ. ଲାଲା ଅଶ୍ୱିନ କୁମାର ସିଂହ**
**ଅବସରପ୍ରାପ୍ତ ବରିଷ୍ଠ ବନ୍ୟପ୍ରାଣୀ ବିଶେଷଜ୍ଞ, ଓଡ଼ିଶା ସରକାର**

### ସ୍ୱତନ୍ତ୍ର କମିଟି ଗଠନ କରାଯାଉ



୧୪ଟି ହାତୀ କରିଡର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସୁରକ୍ଷା ପଦଯାତ୍ରାରୁ ଜଣାପଡିଛି। ପିସିସିଏଫ୍ ବନ୍ୟପ୍ରାଣୀ, ଡିଏଫ୍ଓ, ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ, ପ୍ରକୃତି ପରିବେଶ ସମିତି, ପିପୁଲସ ଫର ଆନିମଲ, ଆକ୍ଟିଭ ଭଲେଣ୍ଟିୟର, କମ୍ୟୁନିଟି ପାଟିସିପେଣ୍ଟ, ଗଜବନ୍ଧୁ ଭଲେଣ୍ଟିୟରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉ। ଜଙ୍ଗଲ ସଚିବ ଏହାର ମନିଟରିଂ କଲେ ଅଧିକ ସୁଫଳ ମିଳିପାରିବ।

**–ସଞ୍ଜୀବ କୁମାର ଦାସ,**
**ପିପୁଲ୍‌ସ ଫର୍ ଆନିମଲ ଓଡ଼ିଶା ସଦସ୍ୟ ସଚିବ**

### ୧୪ ଚଲାପଥ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ



ରାଜ୍ୟରେ ୧୪ଟି ହସ୍ତୀ ଚଲାପଥ ସ୍ଥାପନ ପାଇଁ ୨୦୧୦ରେ ସରକାର ନେଇଥିବା ନିଷ୍ପତ୍ତି ଉପରେ ଯଥାଶୀଘ୍ର ପଦକ୍ଷେପ ଆବଶ୍ୟକ। ହାତୀ ଚଲାପଥରେ ଥିବା ମାନବ ବସତିକୁ ଉପଯୁକ୍ତ ଥଇଥାନ ନୀତି ମାଧ୍ୟମରେ ବନାଞ୍ଚଳ ବାହାରକୁ ସ୍ଥାନାନ୍ତର କରାଯାଉ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା, ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭାଗ ଓ ସଙ୍ଗଠନକୁ ଅଧିକ ସହାୟତା ଦିଆଯାଉ।

**–ଡ. ଜୟକୃଷ୍ଣ ପାଣିଗ୍ରାହୀ,**
**ବନ୍ୟପ୍ରାଣୀ ବିଶେଷଜ୍ଞ**

### ସୁରକ୍ଷା ପାଇଁ ସଂଗ୍ରାମ ଜାରି ରହିଛି



ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ବଡ଼ ଚିନ୍ତାର କାରଣ ସାଜିଛି। ଏହାକୁ ଏଡ଼ାଇବା ପାଇଁ ହାତୀ ସ୍କ୍ୱାଡ୍, ହାତୀ ଟ୍ରାକର, ବନ ସଂରକ୍ଷଣ ସମିତି ଓ ଇଡିସିମାନଙ୍କ ଜରିଆରେ ଗଜବନ୍ଧୁ ଯୋଜନା ପରି କାର୍ଯ୍ୟକ୍ରମ କରାଯାଉଛି। ହାତୀ ଚଲାପଥ ରାସ୍ତାରେ ସୂଚନା ଫଳକ ଲାଗିଯାଇଛି। ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଓ ଦିନରାତି ପାଟ୍ରୋଲିଂ ବଢାଯାଇଛି। ଜଙ୍ଗଲ ଦେଇ ଯାଇଥିବା ବିଦ୍ୟୁତ୍ ତାରକୁ କେବୁଲକରଣ କରାଯାଉଛି। ବନ୍ୟଜନ୍ତୁ ଶିକାରୀଙ୍କୁ ଧରିବା ପାଇଁ ଗୋପନରେ ତଥ୍ୟ ସଂଗ୍ରହ ସହ ସୂଚନାଦାତାଙ୍କୁ ଆର୍ଥିକ ପୁରସ୍କାର ଦିଆଯାଉଛି।

**–ଡ. ପ୍ରଦୀପ ରାଜ କରାଟେ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ**

### ସତର୍କତା ବତି ଲଗାଯାଉ



ହାତୀ ଚଲାପଥ ଦେଇ ଯାଇଥିବା ରାଜପଥ ଓ ରେଳପଥରେ ନିର୍ମିତ ଅଣ୍ଡର ପାସ୍‌ଗୁଡିକର ଡିଜାଇନ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରାଯାଉ। ଚଲାପଥଗୁଡ଼ିକରେ ସତର୍କତା ବତି ଲଗାଯିବା ସହ ରାତିରେ ବନକର୍ମଚାରୀଙ୍କ ଦ୍ୱାରା ପରିଚାଳନା କରାଯାଉ। ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡିକରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ।

**–ଡ. ପ୍ରକାଶ ଜେନା, ବନ୍ୟପ୍ରାଣୀ ବିଶେଷଜ୍ଞ**

### ଖାଦ୍ୟ, ସଚେତନତା ଲୋଡ଼ା



ହାତୀ କେବଳ ଖାଦ୍ୟ ଅନ୍ୱେଷଣରେ ଦୈନିକ ୨୦ ଘଣ୍ଟା ଚାଲିଥାଏ। କିନ୍ତୁ ଆମେ ତାହାର ଦୈନନ୍ଦିନ ଜୀବନଚର୍ଯ୍ୟା କିମ୍ବା ପ୍ରକୃତି କରିଥିବା ନିୟମକୁ ବୁଝି ପାରିନେ। କାହା ଉପରେ ଅଧିକାର ସାବ୍ୟସ୍ତ କରିବାକୁ ହାତୀ ଗ୍ରାମକୁ ପଶେନାହିଁ। ଚଲାପଥ ନ ପାଇ ବାଟବଣା ହୋଇ ଖୋଜିବା ବେଳେ ଯାହାକୁ ଦେଖେ ଡରାଏ। ଚଲାପଥ ସୁରକ୍ଷିତ ଓ ଜଙ୍ଗଲ ମଧ୍ୟରେ ପ୍ରଚୁର ଖାଦ୍ୟ ସମସ୍ୟାର ସମାଧାନ କରିପାରିବ।

**–ଡ. ରଜନୀକାନ୍ତ ଜେନା, ଚେୟାରମ୍ୟାନ, ଓଡ଼ିଶା ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ**

### ସାଧାରଣଙ୍କ ସହଯୋଗ ଲୋଡ଼ା



ହାତୀ-ମଣିଷ ସଂଘର୍ଷ ଏକ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଫଳରେ ହାତୀ ପ୍ରତି ଏକ ପ୍ରତିଶୋଧ ପରାୟଣ ମନୋବୃତ୍ତି ସୃଷ୍ଟି ହୋଇଛି। ଏହାକୁ ରୋକିବା ପାଇଁ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ 'ହାତୀ ଆମର ସାଥୀ' ନାମରେ ଏକ ସଚେତନତା କାର୍ଯ୍ୟକ୍ରମ ଚଳାଇଛି। ଜନସାଧାରଣଙ୍କ ସହଯୋଗ ମିଳିଲେ ଏ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ।

**–ଡ. ଜିତୁଶତ୍ରୁ ମହାନ୍ତି, ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ**

## ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାହାନଗା,୧୬।୨(ଡି.ଏନ.ଏ.):** ଖନ୍ତାପଡା ଥାନା ଅଧୀନ ଶ୍ରୀଜଙ୍ଗ ଛକଠାରେ ରବିବାର ଏକ ଜେସିବି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାସ୍ତା କଡ ବିଲରେ ପଡିଥିବା ମାଟିକୁ ଜେସିବି ଦ୍ୱାରା ସମତୁଲ କରାଯାଉଥିବା ବେଳେ ବଡକିଆ ଗ୍ରାମର ଦିପୁ ଦେ ପଛପଟୁ ପିଟି ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା।

## ବନ୍ଦ ହେଲା ନାବାଳିକାଙ୍କ ବିବାହ

**ଧର୍ମଶାଳା,୧୬।୨(ଡିଏନଏ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତୋଟାକଣ ଗ୍ରାମର ଜଣେ ନାବାଳିକାଙ୍କ ବିବାହକୁ ବନ୍ଦ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ଏହି ବିବାହ ସ୍ଥଗିତ ରଖାଯାଇଥିବା ଜଣାଯାଇଛି। ତୋଟାକଣ ଗ୍ରାମର ଜଣେ ନାବାଳିକାଙ୍କର ଧର୍ମଶାଳା ବ୍ଲକ କାଳିକାଗୁଡା ଗ୍ରାମର ବାଇନ ବରାଳଙ୍କ ସହ ମିସ୍‌କଲରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ପରିବାରର ସମ୍ମତିକ୍ରମେ ନିର୍ବନ୍ଧ କାର୍ଯ୍ୟ ଶେଷ ହୋଇଥିଲାବେଳେ ରବିବାର ବିବାହ ହୋଇଥାନ୍ତା। ମାତ୍ର କନ୍ୟା ବୟସ ମାତ୍ର ୧୬ ବର୍ଷ ହୋଇଥିବାରୁ ଧର୍ମଶାଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ରବିବାର ଜିଲା ଶିଶୁ ମଙ୍ଗଳ ଅଧିକାରୀ ନିରଞ୍ଜନ କର ଜିଲା ଶିଶୁ ସୁରକ୍ଷା ଲିଗାଲସେଲ ଅଧିକାରୀ ତପନ କୁମାର ପଣ୍ଡା, ଜେନାପୁର ପୋଲିସ ଏସଆଇ ସଂଯୁକ୍ତା ବେହେରା ଓ ଅନ୍ୟ ସହଯୋଗୀଙ୍କ ସହାୟତାରେ ତୋଟାକଣ ଗ୍ରାମରେ ପହଞ୍ଚି ବିବାହ କାର୍ଯ୍ୟ ସ୍ଥଗିତ ରଖିବାକୁ ନାବଳିକାଙ୍କ ମା'ଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ପରେ ନାବଳିକାଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଜିଲା ଶିଶୁ ବିକାଶ ଅଧିକାରୀଙ୍କ ନିକଟରେ ହାଜର କରିଥିଲେ। ନାବାଳିକାଙ୍କ ମା' ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚି ୧୮ ବର୍ଷ ପରେ ଝିଅକୁ ବିବାହ କରାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇ ଘରକୁ ଆଣିଥିଲେ। ଏହି ନାବାଳିକା ୧୮ ବର୍ଷ ପରେ ବିବାହ ହେଲେ ତାଙ୍କୁ ଶିଶୁ ସୁରକ୍ଷାରେ ସାମିଲ କରାଯାଇ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଲିଗାଲସେଲ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

## 'ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର ଲାଗି ଉଦ୍ୟମ ଜାରି ରହିଛି'



ଭକ୍ତ ସମ୍ମିଳନୀରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

**ରାଜନଗର,୧୬।୨(ଡି.ଏନ.ଏ.)**

ସନାତନ ଧର୍ମକୁ ସମଗ୍ର ବିଶ୍ୱ ଦରବାରରେ ଦେବଭୂମି ଭାରତବର୍ଷ ହିଁ ସୁରକ୍ଷା ଦେଇ ଆସୁଛି ବୋଲି ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ କହିଛନ୍ତି। ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ଚଳିତମାସ ୧୩ ତାରିଖ ଠାରୁ ଜୁଣପାଙ୍ଗରା ଗ୍ରାମରେ ଆରମ୍ଭ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପରମହଂସର ପ୍ରତିଟି ଆଧାତ୍ମିକ ଭାବଧାରାକୁ ଅତି ନିଖୁଣ ଭାବେ ବର୍ଣ୍ଣନା କରିବା ସହ ଉପରୋକ୍ତ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଏବେ ସନାତନ ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ ସବୁ ସ୍ତରରୁ ଉଦ୍ୟମ ଜାରି ରହିଛି। ବାବାଜୀ ବିଶ୍ୱନାଥ ବାବାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଦିବ୍ୟ ବାଣୀ ଉପରେ ଆଲୋଚନା କରିଥିଲେ। ସେବକ ଅଭୟ ବାବା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦେବରାଜ ସେନାପତି ଧନ୍ୟବାଦ ଦେଇଥିଲେ।

## ନିଜ ଉଦ୍ୟମରେ ମନ୍ଦିର ତୋଳିଲେ ମହିଳା

**ରତ୍ନଗିରି,୧୬।୨(ଡି.ଏନ୍.ଏ)**




ଯାଜପୁର ଜିଲା ବରୀ ବ୍ଲକ ବାଲିବିଲିଠାରେ ଏକ କପିଳେଶ୍ୱର ମନ୍ଦିର ତିଆରି କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା। ମହିଳା ଜଣକ ହେଉଛନ୍ତି ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତ ପାଲଟପୁର ଗ୍ରାମରକାକଳୀ ମହାପାତ୍ର। ବୈଦିକ ରୀତିରେ ବିବାହ କରିବା ପରେ ପାରିବାରିକ ବିଶୃଙ୍ଖଳା ଯୋଗୁ ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। କିନ୍ତୁ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ। ରବିବାର ସେ ବାଲିବିଲିଠାରେ ଏକ ଶିବ ମନ୍ଦିର ନିଜ ଉଦ୍ୟମରେ ପ୍ରତିଷ୍ଠା କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ମନ୍ଦିର ପ୍ରତିଷ୍ଠା ପାଇଁ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଶନିବାର ମଧ୍ୟ ରାତ୍ରିରୁ ଏହି କପିଳେଶ୍ୱର ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ମନ୍ଦିର ତୋଳିବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇଥିଲେ ବି ଦୃଢ଼ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

**PARADIP PORT TRUST**
**e-TENDER CALL NOTICE**
Name of the work : **"Supply, Installation & Commissioning of one Oceanographic Wave Rider Buoy fitted meteorological & oceanographic sensors and 5 years AMC"**. Estimated cost : **₹ 3,04,50,000/-** Plus GST, Last date & time of submission of tender through on-line bidding is **1500 hrs.** on **Dt.07.03.2020**. For further details, please log on to the Website: https://eprocure.gov.in/eprocure/app.
**Dy. Conservator**
**PPT/PR/674/19-20, DT.14.02.2020**

## ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସଚିବଙ୍କ ନିର୍ଦ୍ଦେଶ

**ବୈତରଣୀ ନଦୀ ବନ୍ଧୁମହାନ୍ତିନଗର ମୌଜାରୁ ବେଆଇନ ବାଲି ଲୁଟ**

**ଯାଜପୁର ଅଫିସ,୧୬।୨**



ଯାଜପୁର ଜିଲାରେ ଲଘୁ ଖଣିଜ ଲୁଟ ଉପରେ ଅଙ୍କୁଶ ଲଗାଇବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଯାଜପୁର ତହସିଲ ଅନ୍ତର୍ଭୁକ୍ତ ୟୁନିଟ-୧୦ ବନ୍ଧୁମହାନ୍ତିନଗର ମୌଜାସ୍ଥିତ ଜିଲା ମୁଖ୍ୟ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ବୈତରଣୀ ନଦୀଶଯ୍ୟାରୁ ଦିନ ଦ୍ୱିପ୍ରହରରେ ବାଲି ଲୁଟ ଚାଲିଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୨କି.ମି. ଦୂରତାରେ ଥିବା ବେସରକାରୀ ଜମି ଉପରେ ରାସ୍ତା ନିର୍ମାଣ କରି ବୈତରଣୀ ନଦୀରୁ ବାଲି ଲୁଟ ହେଉଛି। ଜିଲା ପ୍ରଶାସନ ନିକଟରେ ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ୬।୧।୨୦୨୦ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଯାଜପୁର ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପରିଚାଳନା ବିପର୍ଯ୍ୟୟ ବିଭାଗର ଅତିରକ୍ତ ସଚିବ ବି.ବି. ଦାସ ତାଙ୍କ ପତ୍ରସଂଖ୍ୟା ୭୮୩୮/୧୫।୨।୨୦୨୦ରେ ତୁରନ୍ତ ଅଭିଯୋଗର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯାଜପୁର ଜିଲାପାଳ ଏହି ନିର୍ଦ୍ଦେଶ ଉପରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
**Letter No. 219 / (DMF)** **Dated the 12.02.2020**
**RFP NO:- DMF/SNG/15-2019-20**


| | | | |
|---|---|---|---|
| 1 | Nature of Work | :- | **Supply of Smart Class Room Furniture in Primary, Upper Primary & High Schools of Sundargarh District out of DMF Fund.** |
| 2 | Availability of bid document in the website | : | From 11.00 AM of 13.02.2020 to 04.03.2020 upto 5.00 PM |
| 3 | Last date of receipt of Bid | : | 04.03.2020 upto 5.00 PM |
| 4 | Mode of Receipt of Bids | : | Through Speed Post/ Registered Post (India Post)/ and by no other means |
| 5 | Date of opening of Technical Bid and Commercial Bid | : | 06.03.2020 at 11.00 AM |
| 6 | The bidders have to participate OFF-LINE bidding only. Further details can be seen from the Sundargarh District website **(www.sundergarh.nic.in).** Any addendum/ corrigendum/ cancellation of tender can also be seen in the said websites. If any query then contact E-mail ID- **dmfsundergarh@gmail.com** | | |

**Sd./- Collector & Chairperson, DMF, Sundargarh**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଫେବୃୟାରୀ, ୨୦୨୦



# ମୁଣ୍ଡବ୍ୟଥାର ଘରୋଇ ଉପଚାର



**ମୁଣ୍ଡବ୍ୟଥା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାଦ୍ୱାରା ଏଥିରୁ ଅନେକାଂଶରେ ଉପଶମ ମିଳିପାରିବ। ସେ ସମ୍ପର୍କରେ ଟିପ୍ସ...**

- ଡାଲଚିନି ଗୁଣ୍ଡକୁ ପାଣିରେ ମିଶାଇ ମଥାରେ ଲେପ ଦେଲେ ମୁଣ୍ଡ ବିନ୍ଧାରୁ ଉପଶମ ମିଳିଥାଏ।
- ଖରାଦିନରେ ମୁଣ୍ଡ ବିନ୍ଧିଲେ ମଥାରେ ଚନ୍ଦନର ଲେପ ଦେଲେ ଏଥିରୁ ଆରାମ ମିଳେ।
- ମୁଣ୍ଡରେ ନଡ଼ିଆ ତେଲ ଭଲ ଭାବରେ ମାଲିସ କଲେ ତାହା ମୁଣ୍ଡ ବିନ୍ଧା ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ।
- ଗ୍ଲାସେ ପାଣିରେ ଅଳ୍ପ ଲେମ୍ବୁରସ ମିଶାଇ ପିଅନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧାରୁ ଉପଶମ ମିଳିଥାଏ।
- ଯଦି ଥଣ୍ଡା ଯୋଗୁ ମୁଣ୍ଡବିନ୍ଧା ହେଉଥାଏ ତେବେ ମିଶ୍ରି ଏବଂ ଧନିଆକୁ ପାଣିରେ ମିଶାଇ ଫୁଟାନ୍ତୁ। ଏହି ପାଣିକୁ ପିଇଲେ ମୁଣ୍ଡବିନ୍ଧାରୁ କେତେକାଂଶରେ ଲାଘବ ମିଳିଥାଏ।
- ଯଦି ମାନସିକ ଚାପରୁ ମୁଣ୍ଡ ବିନ୍ଧୁଛି ତେବେ ୨-୩ଟି ଲବଙ୍ଗ ଏବଂ ଅଳ୍ପ ଲୁଣକୁ ଭଲ ଭାବରେ ବାଟି ଏହି ମିଶ୍ରଣକୁ କ୍ଷୀରରେ ମିଶାଇ ପିଅନ୍ତୁ।

# ଭାରତୀୟ ବୈଜ୍ଞାନିକଙ୍କ ନାମରେ ନକ୍ଷତ୍ର





ଇଂ. ମାୟାଧର ସ୍ୱାଇଁ



ବିଭା ଚୌଧୁରୀ

ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୨୦୧୯ ମସିହା ଡିସେମ୍ବର ୧୭ ତାରିଖରେ ବିଶେଷ ଭାବେ ଜଣା ନ ଥିବା ଜଣେ ଭାରତୀୟ ପଦାର୍ଥ ବିଜ୍ଞାନୀଙ୍କ ନାମରେ ଗୋଟିଏ ନକ୍ଷତ୍ରର ନାମକରଣ କରି ତାଙ୍କୁ ଗୌରବାନ୍ୱିତ କରିଛି। ସେକ୍‌ଟାନ୍‌ସ ନକ୍ଷତ୍ର ମଣ୍ଡଳରେ ଥିବା ଏହି ନକ୍ଷତ୍ର ହେଉଛି HD 86081 ଏବଂ ଏହା ଆମଠାରୁ ୩୧୦ ଆଲୋକବର୍ଷ ଦୂରରେ ଅଛି। ଏହାର ଆକାର ହେଉଛି ସୂର୍ଯ୍ୟ ଆକାରର ୧.୫୫ ଗୁଣ। ଏହାର ବସ୍ତୁତ୍ୱ ହେଉଛି ସୂର୍ଯ୍ୟ ବସ୍ତୁତ୍ୱର ୧.୨୧ ଗୁଣ। ଏହା ସୂର୍ଯ୍ୟଠାରୁ ୧.୭୫ ଗୁଣ ଉଜ୍ଜ୍ୱଳ। ଏହାର ପୃଷ୍ଠ ତାପମାତ୍ରା ହେଉଛି ୬୦୦୦ କେଲ୍‌ଭିନ୍। ଏହାକୁ କେବଳ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହୁଏ।

ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୧୯୧୯ ଜୁଲାଇ ୨୮ ତାରିଖରେ ଗଠିତ ହୋଇଥିଲା। ଏହା ଗତବର୍ଷ ତାହାର ଶତବାର୍ଷିକୀ ଉତ୍ସବ ପାଳନ କରିଥିଲା। ଏହି ଉପଲକ୍ଷେ ଏହା କେତୋଟି ନିର୍ବାଚିତ ନକ୍ଷତ୍ର ଓ ସେଗୁଡ଼ିକର ଗ୍ରହଗୁଡ଼ିକର ନାମକରଣ କରିବାକୁ ଚାହିଁଲା। ଏଥିପାଇଁ ଏହା ପ୍ରତିଯୋଗିତା ମାଧ୍ୟମରେ ନାମ ସ୍ଥିର କରିବାକୁ ବିଭିନ୍ନ ଦେଶକୁ କହିଥିଲା। ଆମ ଭାରତ ଭାଗରେ HD 86081 ନକ୍ଷତ୍ର ଓ ଏହାକୁ ପରିକ୍ରମଣ କରୁଥିବା ଗ୍ରହ HD 86081ରେ ନାମକରଣ କରିବାକୁ ପଡ଼ିଲା। ବିଭିନ୍ନ ପ୍ରସ୍ତାବ ଆସିବା ପରେ ଶେଷରେ ନକ୍ଷତ୍ରର ନାମ ଭାରତର ଜଣେ ପଦାର୍ଥ ବିଜ୍ଞାନୀ ବିଭା ଚୌଧୁରୀଙ୍କ ନାମାନୁଯାୟୀ 'ବିଭା' ରଖାଗଲା। ଏହି ନାମକୁ ସୁରଟସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାର ୨୨ ବର୍ଷର ଛାତ୍ରୀ ଅନନ୍ୟା ଭଟ୍ଟାଚାର୍ଯ୍ୟ ପ୍ରସ୍ତାବ ଦେଇଥିଲେ। ସେହିପରି ଗ୍ରହର ନାମକୁ ପୁଣେର ଜଣେ ୧୩ ବର୍ଷର ଛାତ୍ର ବିଦ୍ୟାସାଗର ଦାଉଦାଙ୍କ ପ୍ରସ୍ତାବ ଅନୁଯାୟୀ 'ସନ୍ତାମାସ' ରଖାଯାଇଛି। ଏହା ଗୋଟିଏ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ଅନ୍ଧକାର। ଏହି ଗ୍ରହଟିର ଆକାର ହେଉଛି ବୃହସ୍ପତି ଆକାରର ୧.୪୮ ଗୁଣ ଏବଂ ଏହା ବୃହସ୍ପତି ପରି ହେଉଛି ଗୋଟିଏ ଗ୍ୟାସୀୟ ଗ୍ରହ। ଏହାକୁ ୨୦୦୬ ମସିହାରେ ଆବିଷ୍କାର କରାଯାଇଥିଲା।

ବିଭା ଚୌଧୁରୀଙ୍କୁ ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ଦ୍ୱାରା ସ୍ୱୀକୃତି ମିଳିବା ପୂର୍ବରୁ ଅଳ୍ପ ଭାରତୀୟ ତାଙ୍କ ବିଷୟରେ ଜାଣିଥିବେ, ଯଦିଓ ସେ ଜଣେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଥିଲେ। ସେ ୧୯୧୩ ମସିହାରେ କଲିକତାଠାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୩୬ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ସେହିବର୍ଷ ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି. ଡିଗ୍ରୀ ପାଇବାରେ ସେ ଏକମାତ୍ର ମହିଳା ଥିଲେ। ସେ ଏହାପରେ ସେଠାରେ ଦେବେନ୍ଦ୍ର ମୋହନ ବୋଷଙ୍କ ଅଧୀନରେ ଗବେଷଣା କଲେ। ବୋଷ ସେଠାରେ ପାଳିତ ପ୍ରଫେସର ଥିଲେ। ବୋଷ ଏହାପରେ ନିର୍ଦ୍ଦେଶକ ଭାବେ କଲିକତାର 'ବୋଷ ଅନୁଷ୍ଠାନ'ରେ ଯୋଗଦେବା ପରେ ବିଭା ମଧ୍ୟ ସେହି ଅନୁଷ୍ଠାନରେ ଯୋଗଦେଲେ। ସେ ସେଠାରେ ବୋଷଙ୍କ ସହ ମିଶି ମେସନ୍ କଣିକା ଆବିଷ୍କାର କରିଥିଲେ ଏବଂ ୧୯୩୮ରୁ ୧୯୪୨ ମସିହା ମଧ୍ୟରେ 'ନେଚର' ପତ୍ରିକାରେ ଏହା ଉପରେ ତିନୋଟି ନିବନ୍ଧ ପ୍ରକାଶ କରିଥିଲେ। ସେ ୧୯୪୫ ମସିହାରେ ଇଂଲଣ୍ଡର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ନୋବେଲ ବିଜ୍ଞାନୀ ପି.ଏମ୍.ଏସ୍. ବ୍ଲାକେଟ୍‌ଙ୍କ ମହାକାଶ ରଶ୍ମି ଗବେଷଣାଗାରରେ ପିଏଚ୍.ଡି. କରିବା ପାଇଁ ଗଲେ। ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହେବାପରେ ସେ ୧୯୪୯ ମସିହାରେ ବମ୍ବେସ୍ଥିତ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ଯୋଗଦେଇ ହୋମି ଭାବାଙ୍କ ସହିତ କାର୍ଯ୍ୟ କଲେ। ସେ ଅହମ୍ମଦାବାଦଠାରେ ପଦାର୍ଥ ବିଜ୍ଞାନ ଗବେଷଣା ପରୀକ୍ଷାଗାରଠାରେ ବିକ୍ରମ ସରାଭାଇଙ୍କ ସହିତ ମଧ୍ୟ କାର୍ଯ୍ୟ କରିଥିଲେ। ଏମ୍.ଜି.କେ. ମେନନ୍‌ଙ୍କ ନେତୃତ୍ୱରେ କୋଲାର ସୁନାଖଣିରେ କରାଯାଇଥିବା 'ପ୍ରୋଟୋନ୍ କ୍ଷୟ ପରୀକ୍ଷା' ପ୍ରକଳ୍ପ ଦଳରେ ସେ ମଧ୍ୟ ସାମିଲ ହୋଇଥିଲେ। ସେ ୧୯୯୧ ମସିହା ଜୁନ୍ ଦୁଇ ତାରିଖରେ ପ୍ରାଣତ୍ୟାଗ କରିଥିଲେ। ବିଭା ଚୌଧୁରୀ ଉଚ୍ଚସ୍ତରର ଗବେଷଣା କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ବିଶିଷ୍ଟ ବୈଜ୍ଞାନିକଙ୍କ ସହ କାର୍ଯ୍ୟ କରିଥିଲେ ସୁଦ୍ଧା ଭାରତୀୟ ବିଜ୍ଞାନରେ ସେ ସ୍ୱୀକୃତି ପାଇ ନ ଥିଲେ ଏବଂ ଜନସାଧାରଣଙ୍କ ପାଖରେ ଜଣେ ଅଜଣା ବୈଜ୍ଞାନିକ ଭାବେ ରହିଗଲେ। ସୂଚନାଯୋଗ୍ୟ ଯେ, ସେ ମେସନ୍ ଆବିଷ୍କାର କରିବାର ସାତବର୍ଷ ପରେ ଇଂଲଣ୍ଡର ବୈଜ୍ଞାନିକ ସେସିଲ୍ ଫ୍ରାଙ୍କ୍ ପୋୱେଲ୍ ସମାନ ଉପାୟରେ ଗବେଷଣା କରି ସେହି ଆବିଷ୍କାର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ୧୯୫୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ମାତ୍ର ବିଭାଙ୍କ ଅବଦାନକୁ କୌଣସି ସ୍ୱୀକୃତି ମିଳିଲା ନାହିଁ।

ଭାରତରେ ଥିବା ତିନୋଟି ବଡ଼ ବିଜ୍ଞାନ ଏକାଡେମୀକୁ ମଧ୍ୟ ସେ ନିର୍ବାଚିତ ହୋଇ ନ ଥିଲେ କିମ୍ବା ତାଙ୍କୁ କୌଣସି ଉଲ୍ଲେଖନୀୟ ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଏପରି କି ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ଏକାଡେମୀ ଭାରତର ୧୦୦ ଜଣ ବିଶିଷ୍ଟ ମହିଳା ବୈଜ୍ଞାନିକଙ୍କ କୃତିକୁ ନେଇ ପ୍ରକାଶ କରିଥିବା ପୁସ୍ତକରେ ବିଭାଙ୍କ ନାମ ନାହିଁ। ଯାହାହେଉ, ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ତାଙ୍କ ନାମକୁ ନେଇ ଆକାଶରେ ରଖିଲା ଏବଂ ଭାରତୀୟମାନେ ତାଙ୍କୁ ଜାଣିବାକୁ ପାଇଲେ।

**"ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୧୯୧୯ ଜୁଲାଇ ୨୮ରେ ଗଠିତ ହୋଇଥିଲା। ଏହା ଗତବର୍ଷ ତାହାର ଶତବାର୍ଷିକୀ ଉତ୍ସବ ପାଳନ କରିଥିଲା। ଏହି ଉପଲକ୍ଷେ ଏହା କେତୋଟି ନିର୍ବାଚିତ ନକ୍ଷତ୍ର ଓ ସେଗୁଡ଼ିକର ଗ୍ରହଗୁଡ଼ିକର ନାମକରଣ କରିବାକୁ ଚାହିଁଲା। ଏଥିପାଇଁ ଏହା ପ୍ରତିଯୋଗିତା ମାଧ୍ୟମରେ ନାମ ସ୍ଥିର କରିବାକୁ ବିଭିନ୍ନ ଦେଶକୁ କହିଥିଲା। ଆମ ଭାରତ ଭାଗରେ HD 86081 ନକ୍ଷତ୍ର ଓ ଏହାକୁ ପରିକ୍ରମଣ କରୁଥିବା ଗ୍ରହ HD 86081ରେ ନାମକରଣ କରିବାକୁ ପଡ଼ିଲା। ବିଭିନ୍ନ ପ୍ରସ୍ତାବ ଆସିବା ପରେ ଶେଷରେ ନକ୍ଷତ୍ରର ନାମ ଭାରତର ଜଣେ ପଦାର୍ଥ ବିଜ୍ଞାନୀ ବିଭା ଚୌଧୁରୀଙ୍କ ନାମାନୁଯାୟୀ 'ବିଭା' ରଖାଗଲା।"**

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ବ୍ୟାକ୍ଟେରିଆକୁ ରୋକିବ ଲାଳ

ସାଧାରଣତଃ ବ୍ୟାକ୍ଟେରିଆ ଯୋଗୁ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ପ୍ରତିହତ କରିବାରେ ଲାଳର ଭୂମିକା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ବିଶେଷଭାବରେ ଆମେ ଖାଇବା ପରେ ଭଲ ଭାବରେ ପାଟି ସଫା ନ କଲେ ତା' ଭିତରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ହେଲେ ଆମ ପାଟିରୁ କ୍ଷରଣ ହେଉଥିବା ଲାଳରେ ଏପରି ତତ୍ତ୍ୱ ରହିଛି, ଯାହା ଏପରି ବ୍ୟାକ୍ଟେରିଆଙ୍କ ବଂଶବୃଦ୍ଧିକୁ ସହଜରେ ରୋକି ପାରିବ। ପରୀକ୍ଷାମୂଳକ ଭାବରେ ଏ କ୍ଷେତ୍ରରେ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସଫଳ ହୋଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ବନାମ ବିବର୍ତ୍ତନ

ମନୋରଞ୍ଜନ ମହାନ୍ତି

(ଶେଷ ଭାଗ)

ଏହି ଜଳବାୟୁ ପରିବର୍ତ୍ତନ ଏକ ସମୟରେ ହୁଏତ ଗୋଟିଏ ଜିଲା, ଦୁଇଟି ରାଜ୍ୟ, ତିନୋଟି ଦେଶ, ଚାରୋଟି ମହାଦେଶରେ ହୋଇପାରେ; ମାତ୍ର ସାରା ପୃଥିବୀରେ ଘଟି ନ ପାରେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ଥାନିକ (ସମୀମ/ଅସୀମ) କିମ୍ବା ଲୌକିକ ଘଟିଥିଲା। ପୁନଶ୍ଚ ବ୍ରିଟେନ, ୟୁରୋପ, ଉତ୍ତର ଆମେରିକା ଓ ଜାପାନରେ ୧୮୫୦-୧୯୩୦ ମଧ୍ୟରେ ୨ୟ ଶିଳ୍ପ ବିପ୍ଳବ ହୋଇଥିଲା। ପୁନଶ୍ଚ ବାତଚକ୍ରର ଇତିହାସକୁ ଅନୁଧ୍ୟାନ କଲେ ୧୬୪୩ରୁ ୧୮୫୧ ମଧ୍ୟରେ ଆମେରିକାରେ ବର୍ଷକୁ କାଁ ଭାଁ ଗୋଟିଏ ଲେଖାଏଁ ଟର୍ଣ୍ଣାଡ଼ୋ (ପ୍ରଳୟ) ଘଟୁଥିଲା, କିନ୍ତୁ ୧୯୨୧-୧୯୩୦ ଏବଂ ୨୦୦୦-୨୦୧୦ ମଧ୍ୟରେ ବର୍ଷକୁ ହାରାହାରି ଭାବରେ ଯଥାକ୍ରମେ ୧.୩ ଏବଂ ୭.୨ ଟର୍ଣ୍ଣାଡ଼ୋ ହୋଇଛି। ଅତୀତରେ ଭାରତରେ ବିଶେଷକରି ଉପକୂଳ ଅଞ୍ଚଳରେ ଝଡ଼ କିମ୍ବା ତୋଫାନ ଦୈବାତ୍ ଘଟୁଥିଲା। ସେତେବେଳେ ଲୋକମାନେ ଏହାକୁ ପ୍ରକୃତିର ମର୍ଜି ବୋଲି କହୁଥିଲେ।

**ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ପରିଣାମ**

ତାପମାତ୍ରାରେ ବୃଦ୍ଧି ଘଟିବ। ପ୍ରାଣୀ ବିଶେଷକରି ସରୀସୃପମାନଙ୍କର ଲିଙ୍ଗ ଅନୁପାତରେ ବିଷମତା ଘଟି ପ୍ରଜାତି ନିଶ୍ଚିହ୍ନ ହୋଇଯିବେ। ଉଦ୍ଭିଦମାନଙ୍କର ଋତୁକାଳୀନ ଚେହେରାରେ ପରିବର୍ତ୍ତନ ଆସିବ। ଅଙ୍ଗୀୟ ବୃଦ୍ଧି ସମୟରେ ହ୍ରାସ ଘଟି ହଠାତ୍ ପ୍ରଜନନ ପର୍ଯ୍ୟାୟ ଆସିବାରୁ ଉତ୍ପାଦନରେ ହ୍ରାସ ଘଟିବ। ଏହା ଦର୍ଶାଯାଉଅଛି ଯେ ଗ୍ରୀନ୍‌ଲ୍ୟାଣ୍ଡର ଗଚ୍ଛିତ ବରଫରାଶି ବାର୍ଷିକ ୨୮୦ ବିଲିୟନ ଟନ୍ ହାରରେ ତରଳୁଅଛି; ଫଳରେ ଆସନ୍ତା ଦଶନ୍ଧିରେ ସମୁଦ୍ର ଜଳ ପତ୍ତନ ୩.୨ ମିଟର ବୃଦ୍ଧି ପାଇବ। ସମୁଦ୍ର ଜଳ ଅଧିକ ଅମ୍ଳ ହେବ। ଅତଏବ ଜଳଚରମାନଙ୍କର ଖାଦ୍ୟ ଏବଂ ବାସସ୍ଥାନ ଆଶଙ୍କିତ ହେବ। ସ୍ଥଳରେ ଏବଂ ନଭଶ୍ଚର ଜୀବମାନଙ୍କର ଖାଦ୍ୟଶୃଙ୍ଖଳ ମଧ୍ୟ ପ୍ରଭାବିତ ହେବ। ଉଭୟ ଜଳମିତ୍ର ଉଦ୍ଭିଦ ଯଥା- ବିଲାତିଦଳ, ବ୍ରାହ୍ମୀ ଇତ୍ୟାଦି ଏବଂ ଜଳଅଇରୀ ଉଦ୍ଭିଦ ଯଥା- ସାରୁ, ପଦ୍ମ ଇତ୍ୟାଦି ଆଶଙ୍କିତ ହେବେ। ପ୍ରକ୍ରିୟାକରଣ ଖାଦ୍ୟ ଖାଉଥିବା ସଜୀବ ଅଧିକ ତିଷ୍ଠି ରହିବେ। ପର୍ବତ ଏବଂ ଉପକୂଳଠାରୁ ମାଳଭୂମି ମନୁଷ୍ୟ ପାଇଁ ନିରାପଦ ହେବ।

ଧରିନିଅନ୍ତୁ ଆମେ ବିବର୍ତ୍ତନତତ୍ତ୍ୱରେ ବିଶ୍ୱାସକରୁ; ସୃଷ୍ଟିତତ୍ତ୍ୱ, ବିଚାର ବାହାରେ ରହୁ। ବିବର୍ତ୍ତନରେ ଅନେକ ଜୀବ ପ୍ରଜାତି କାଳକ୍ରମେ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଛନ୍ତି, ହେଉଛନ୍ତି ମଧ୍ୟ (ଡାଏନୋସର, କଟକୀଧାନ ଇତ୍ୟାଦି) ଏବଂ ଅନେକ ବସ୍ତୁ/ପଦ୍ଧତି ଦୀର୍ଘ ସମୟ ଧରି ଅବ୍ୟବହୃତ ହୋଇପଡ଼ିଛନ୍ତି (ପରକଲମ, ଝରକଲମ, ଢିଙ୍କି, ଦାଉଁଶୀ, ବେଙ୍ଗଳା ଇତ୍ୟାଦି)। ଏହି ଧାରା ବହୁତ ମନ୍ଥର ଥିଲା ଏବଂ ସଜୀବ/ନିର୍ଜୀବଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ବୋଲି କହିପାରିବା। ବର୍ତ୍ତମାନ ମନୁଷ୍ୟର ହସ୍ତକ୍ଷେପ ଯୋଗୁ ଏହି ପରିବର୍ତ୍ତନ ଦ୍ରୁତଗତିରେ ଘଟୁଛି ଏବଂ ତାହାର ପରିଣାମକୁ ସମସ୍ତେ ସମ୍ମୁଖୀନ ହେଉଛନ୍ତି। ଏହି ପରିବର୍ତ୍ତନ କିମ୍ବା ବିବର୍ତ୍ତନ କିମ୍ବା ଜୈବ ହସ୍ତକ୍ଷେପଜନିତ ବିବର୍ତ୍ତନ କିମ୍ବା ମନୁଷ୍ୟକୃତ ବିବର୍ତ୍ତନ (କୃତ୍ରିମ ବିବର୍ତ୍ତନ); କ'ଣ କୁହାଯିବ? ଶ୍ରୀକୃଷ୍ଣଙ୍କର ଉନ୍ନତ ଶୌର୍ଯ୍ୟ ଯଦୁବଂଶ କାଦମ୍ବରୀ ପାନ କରି ଧ୍ୱଂସ ହେବା, ନେପୋଲିୟନ୍‌ଙ୍କର ୫,୮୦,୦୦୦ ସୈନ୍ୟ ରୁଷିଆର ଶୀତରେ ପ୍ରାଣ ହାରିବା, ପୃଥିବୀ ପୃଷ୍ଠରୁ ପ୍ରଗତି ନାମରେ ବନସ୍ପତିକୁ ଧ୍ୱଂସ କରିବା କ'ଣ ସମାନ କଥା? ପ୍ରଥମରେ କର୍ତ୍ତା ଜ୍ଞାତ ଥିଲେ, ୨ୟରେ କର୍ତ୍ତା ଅଜ୍ଞାତ ଥିଲେ, ୩ୟରେ ସାମ୍ୟବାଦ/ସମାଜବାଦ/ପୁଞ୍ଜିବାଦ/ଏକଛତ୍ରବାଦ ଇତ୍ୟାଦି ଜ୍ଞାତ ହୋଇ ମଧ୍ୟ ଅଜ୍ଞାତ ରହୁଛନ୍ତି। ଉଦ୍ଭିଦ ବାୟୁମଣ୍ଡଳରୁ ବାର୍ଷିକ ୩୬୭ ଗିଗାଟନ୍ (ମତାନ୍ତରରେ ୪୩୯ ଗିଗାଟନ୍) ଅଙ୍ଗାରକାମ୍ଳ ଗ୍ରହଣ କରି, ସମତୁଲ ମାତ୍ରାରେ ଖାଦ୍ୟ, ତନ୍ତୁ ଏବଂ ଅମ୍ଳଜାନ ଦେଇଥାଏ। ଏହା ସତ୍ୟ ଯେ, ଦିନକୁ ଦିନ କଳକାରଖାନା, ମୋଟରଯାନ ଇତ୍ୟାଦିରୁ ଅଙ୍ଗାରକାମ୍ଳ ଗ୍ୟାସ୍‌ର ନିର୍ଗମନ ବଢ଼ିବଢ଼ି ଚାଲିଛି। ଅନ୍ୟପକ୍ଷରେ ବୃକ୍ଷଲତା ସଂଖ୍ୟା ହ୍ରାସ ପାଉଛି। ଫଳରେ ବାୟୁମଣ୍ଡଳରେ ବୃଦ୍ଧିପାଉଥିବା ଅଙ୍ଗାରକାମ୍ଳ ଗ୍ୟାସ୍ (ଉଦାହରଣ ସ୍ୱରୂପ ୦.୦୪୦%ରୁ ୦.୦୪୫% ବୃଦ୍ଧି, ଅର୍ଥାତ୍ ୪୦୦ ପିପିଏମ୍‌ରୁ ୪୫୦ ପିପିଏମ୍‌କୁ ବୃଦ୍ଧି) ବିଶ୍ୱ ତାପମାତ୍ରା ତଥା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇଅଛି। ତେଣୁ ନୀତି ପ୍ରଣୟନକାରୀମାନେ ପରମାଣୁ ଅସ୍ତ୍ର ନିରସ୍ତ୍ରୀକରଣ ସନ୍ଧି ପରି ପ୍ରଥମେ ରାଜିହୋଇ କାର୍ବନ ଛାଡୁଥିବା ୟୁନିଟ୍‌ଗୁଡ଼ିକର ସଂଖ୍ୟାରେ କାଟ୍‌ଛାଣ୍ଟ କରି ବହୁଳମାତ୍ରାରେ ବୃକ୍ଷରୋପଣ ପାଇଁ ନିଷ୍ପତ୍ତି ନେବେ। ଦ୍ରୁତ ବୃଦ୍ଧି (ଗ୍ରୋଥ୍ ରିଙ୍ଗର ମୋଟେଇ ୫-୨୫ ମିମି) ତଥା ବହୁମୁଖୀ ପ୍ରତ୍ୟକ୍ଷ ଉପଯୋଗିତା ସହିତ ଧାର୍ଯ୍ୟ ଅମଳ ସମୟ ବୃକ୍ଷ ପ୍ରଜାତିକୁ ସହଜଗମ୍ୟ ସମସ୍ତ ପତିତ ଜମିରେ ଏବଂ ମନ୍ଥରବୃଦ୍ଧି (ଗ୍ରୋଥ୍‌ରିଙ୍ଗ୍‌ର ମୋଟେଇ ପ୍ରାୟ ୧ ମିମି) ତଥା ପରୋକ୍ଷ ଉପକାର ଦେଉଥିବା ସହିତ ଦୀର୍ଘଜୀବୀ ବୃକ୍ଷ ପ୍ରଜାତିକୁ ଅଗମ୍ୟ ପତିତ ଜମିରେ ରୋପଣ କରାଯିବ। ଉତ୍ତରଦାୟିତ୍ୱ ଧାର୍ଯ୍ୟ ହେବା ଉଚିତ ମଧ୍ୟ।



-ବୈଜ୍ଞାନିକ, କୃଷିବିଜ୍ଞାନ କେନ୍ଦ୍ର,
ଢେଙ୍କାନାଳ (ଓୟୁଏଟି), ମହିଷାପାଟ
ମୋ : ୯୪୩୭୬୭୧୪୦୨

# ପାଠପଢ଼ା ଆଗ୍ରହକୁ ସକ୍ରିୟ କରେ ବ୍ୟାୟାମ



ଆଜିକାଲି ନିଜକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ଅନେକ ବ୍ୟାୟାମକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରୁଛନ୍ତି। ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କଲେ ତାହାର କେତେ ସୁଫଳ ମିଳେ ତାହା ଅନୁଭବୀ ହିଁ ଜାଣେ। ଏବେ ତ ଅନେକ ଯୁବପିଢ଼ି ତଥା ପାଠପଢ଼ା ସହ ସଂପୃକ୍ତ ପିଲା ମଧ୍ୟ ବ୍ୟାୟାମ କରୁଛନ୍ତି। ଏହାଦ୍ୱାରା ପାଠ ପଢ଼ିବା ପ୍ରତି ସେମାନଙ୍କର ଆଗ୍ରହ ବଢ଼ିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହାର ପରିସରଭୁକ୍ତ ପିଲାମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ବ୍ୟାୟାମ କରୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଇଥିଲା ବୋଲି ଟୋକିଓ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ବ୍ୟକ୍ତିତ୍ୱ ବଢ଼ାଏ ଖାଇବା ଶୈଳୀ

ଖାଇବା ଶୈଳୀ ଯୋଗୁ ବ୍ୟକ୍ତିତ୍ୱ ବଢ଼ିଥାଏ-ଏପରି ରୋଚକ କଥାକୁ ଅନେକ ହୁଏତ ବିଶ୍ୱାସ କରି ନ ପାରନ୍ତି। ହେଲେ ଏହା ଉପରେ ଦୃଢ଼ୋକ୍ତି ବକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ। 'ବ୍ୟକ୍ତିତ୍ୱ ଓ ଖାଇବା ଶୈଳୀ' ବିଷୟ ଉପରେ ସେମାନେ ନିକଟରେ ଏକ ସର୍ଭେ କରି ଏଭଳି କଥା ଜାଣିପାରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଖାଇବା ଶୈଳୀ ଉପରେ ନଜର ରଖାଯିବା ସହ ଏହାଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ କିପରି ପ୍ରଭାବିତ ହେଉଛି ତାହା ଲକ୍ଷ୍ୟ କରାଯାଇଥିଲା। ବିଶେଷଭାବରେ ଶୃଙ୍ଖଳିତ ଖାଇବା ଶୈଳୀକୁ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ତୁଳନାରେ ପ୍ରଶଂସିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ।








❝ ସାଧାରଣ ବଜେଟରେ ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ ପରିଚାଳନା ଆଇନର ଉର୍ଦ୍ଧ୍ୱକୁ ଯାଇ କୌଣସି କାର୍ଯ୍ୟକ୍ରମ ଜାରି କରାଯାଇନାହିଁ।

– ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



❝ କେବଳ ପ୍ରମୁଖ ବଜାର ଅଂଶୀଦାର ହୋଇ ରହିନାହୁଁ। ବଜାରରେ ନୂଆ ଉଦ୍ଭାବନ ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ।

– କେନିଚି ଆୟୁକାୱା, ମାରୁତି ସୁଜୁକି ଇଣ୍ଡିଆ ସିଇଓ

## ସଂକ୍ଷେପରେ

- ୨୦୧୭-୧୮ ଆର୍ଥିକ ବର୍ଷରେ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର କରୁଥିବା ପ୍ରାୟ ୯୨% ବୃହତ୍ତ ଟିକସଦାତା ବାର୍ଷିକ ରିଟର୍ନ ଫାଇଲ କରିଛନ୍ତି: ଜିଏସ୍‌ଟିଏନ୍
- ଦେଶର ଅଣ ଜୀବନବୀମା କମ୍ପାନୀଗୁଡିକର ଜାନୁୟାରି ମାସ ପ୍ରିମିୟମ ଆୟ ୭.୨% ବୃଦ୍ଧି ଘଟି ୧୭,୨୬୬ କୋଟି ଟଙ୍କା ରହିଛି।
- ରାଷ୍ଟ୍ରାୟତ୍ତ ଇମ୍ପୋର୍ଟ-ଏକ୍ସପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଣିଜ୍ୟ ଅଭିବୃଦ୍ଧି ଲାଗି ସରକାର ୧୩୦୦ କୋଟି ପୁଞ୍ଜି ପ୍ରଦାନ କରିବେ।
- ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ବିକ୍ରି ବିଡ୍ ଦସ୍ତାବିଜକୁ ଆନ୍ତମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ମଞ୍ଜୁରୀ ପ୍ରଦାନ କରିଛି।
- ଏପ୍ରିଲ-ଜାନୁୟାରୀ ସମୟରେ ଦେଶର ସୁନା ଆମଦାନୀ ୯% ହ୍ରାସ ଘଟି ୨୪.୬୪ ବିଲିୟନ ଡଲାର ରହିଛି।
- ଫେବୃୟାରୀ ମାସ ପ୍ରଥମାର୍ଦ୍ଧରେ ବିଦେଶୀ ପୁଞ୍ଜି ନିବେଶକ(ଏଫ୍ ପିଆଇ) ମାନେ ଦେଶର ପୁଞ୍ଜି ବଜାରରେ ୨୪,୬୧୭ କୋଟି ଟଙ୍କା ନିବେଶ କରିଛନ୍ତି।

## ନୂଆ ଏସ୍‌ୟୁଭି ଆଣିବ ନିଶାନ



ନୂଆଦିଲ୍ଲୀ,୧୬-୨: ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ନିଶାନ ୨୦୨୦-୨୧ର ପ୍ରଥମାର୍ଦ୍ଧରେ ନୂଆ କମ୍ପାକ୍ଟ ବି-ଏସ୍‌ୟୁଭି ବଜାରକୁ ଆଣିବା ଲାଗି ଯୋଜନା ରଖିଛି। କମ୍ପାନୀ ଏଥି ଲାଗି ଦ୍ୱିତୀୟ ଟିଜରକୁ ଉନ୍ମୋଚନ କରିଛି। ମେକ୍ ଇନ ଇଣ୍ଡିଆ, ମେକ୍ ଫର ଇଣ୍ଡିଆ ଆଧାରରେ ନୂଆ ଏସ୍‌ୟୁଭିକୁ ଏହା ପ୍ରସ୍ତୁତ କରୁଛି। ଏହା କମ୍ପାନୀର ପ୍ରଥମ ମେଡ୍ ଫର ଇଣ୍ଡିଆ କମ୍ପାକ୍ଟ ଏସ୍‌ୟୁଭି ହେବ ବୋଲି ନିଶାନ ମତ ରଖିଛି। ନିଶାନର ବିଶ୍ୱ ସ୍ତରୀୟ ପରମ୍ପରା ଏବଂ ଟେକ୍ନୋଲୋଜି ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ରୋଡରେ ଏକ ସ୍ୱତନ୍ତ୍ର ଉପସ୍ଥିତି ଜାହିର କରିବା ଲାଗି ଷ୍ଟାଇଲିଶ ଡିଜାଇନ ଏବଂ ପ୍ରିମିୟମ ଅଫରିଂ ଭଳି ବୈଶିଷ୍ଟ୍ୟକୁ ଏଥିରେ ସାମିଲ କରାଯାଇଛି।

## ଆକାଶର ଜାତୀୟ ସ୍କଲାରଶିପ ପରୀକ୍ଷା

Aakash
Medical | IIT-JEE | Foundations

ଭୁବନେଶ୍ୱର,୧୬-୨: ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ ପକ୍ଷରୁ ଜାତୀୟ ସ୍ତରର ସ୍କଲାରଶିପ ପରୀକ୍ଷା ସ୍ୱାର୍କ ସମ୍ପର୍କରେ ଘୋଷଣା କରାଯାଇଛି। ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗ୍ୟ ଛାତ୍ରୀଛାତ୍ର ସେମାନଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଏହି ସ୍କଲାରଶିପ ପରୀକ୍ଷା ସୁଯୋଗ ପ୍ରଦାନ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଚଳିତ ବର୍ଷ ପ୍ରଥମ ଥର ଲାଗି ଏଭଳି ପରୀକ୍ଷା ଆସିଛି। ସପ୍ତମରୁ ଅଷ୍ଟମକୁ, ଅଷ୍ଟମରୁ ନବମକୁ ଏବଂ ନବମରୁ ଦଶମକୁ ଯାଉଥିବା ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇ ପାରିବେ। ଆସନ୍ତା ୧୫ ମାର୍ଚ୍ଚରେ ଏହା ଦେଶର ୨୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ। ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ୯୦% ପର୍ଯ୍ୟନ୍ତ ଟ୍ୟୁଶନ ଫି ହାସଲ କରିବାର ସୁବିଧା ପ୍ରଦାନ କରିବ। ବିନା କୌଣସି ଆର୍ଥିକ ପ୍ରତିବନ୍ଧକରେ ଆକାଶରେ କୋଚିଂ ପ୍ରଦାନ ସହ ଶସକ୍ତ କରିବା ଲାଗି ସ୍ୱାର୍କ ଜରିଆରେ ଲକ୍ଷ୍ୟ ରଖାଯାଇଛି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

## ଶପିଂକୁ ସହଜ କରୁଛି ବଜାରଓନେଟ୍

ଭୁବନେଶ୍ୱର,୧୬-୨: ନୂତନ ପିଢିର ଶପିଂ ପ୍ଲାଟଫର୍ମ ବଜାରଓନେଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ସଞ୍ଜୟ ମହାପାତ୍ର, ସିଏମ୍‌ଡି ପ୍ରଦୀପ କୁମାର ଦାସ, ଅପରେଶନ ଏମ୍‌ଡି ସୁଶାନ୍ତ ମହାପାତ୍ର ଏହାର ଉନ୍ମୋଚନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ କଟକ ଗ୍ରାହକଙ୍କ ଲାଗି ଏହା ଶୁଭାରମ୍ଭ କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଅନ୍ୟ ସ୍ଥାନଗୁଡିକୁ ସେବା ଉପଲବ୍ଧ ହେବ ବୋଲି କୁହାଯାଇଛି। ଏହା ଦ୍ୱାରା କେବଳ ଫିଙ୍ଗରପ୍ରିଣ୍ଟରେ ଶପିଂର ମଜା ଗ୍ରାହକ ଉଠାଇ ପାରିବେ। ବଜାରଓନେଟ ଆପ୍ ଡାଉନଲୋଡ କରି ଗ୍ରାହକ କ୍ରୟ ଅଭିଜ୍ଞତା ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ପ୍ରାୟ ୧୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସିଏମ୍‌ଡି ଦାସ କହିଛନ୍ତି।

# କମ୍ପାନୀ ସୋମବାର ପୈଠ କରିପାରନ୍ତି ଏଜିଆର ଦେୟ

ନୂଆଦିଲ୍ଲୀ,୧୬-୨

- ୩ କମ୍ପାନୀ ସାମିଲ ଅଛନ୍ତି
- ସମୁଦାୟ ଅର୍ଥ ପ୍ରଦାନ କରିପାରିବେନି କମ୍ପାନୀ
- ୧.୧୩ ଲକ୍ଷ କୋଟି ଆଦାୟ ସମ୍ଭାବନା
- ବ୍ୟବସାୟ ଛାଡ଼ିଛନ୍ତି କିଛି କମ୍ପାନୀ
- ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଉପରେ ୨.୬୫ ଲକ୍ଷ କୋଟି ବାକି



ଭାରତୀ ଏୟାରଟେଲ, ଭୋଡାଫୋନ-ଆଇଡିଆ, ଟାଟା ଟେଲିସର୍ଭିସେସ ଭଳି ଟେଲିକମ୍ କମ୍ପାନୀଗୁଡିକ ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ବାବଦ ବକେୟା ଅର୍ଥ ସୋମବାର ପ୍ରଦାନ କରିପାରନ୍ତି। ଦେୟ ପ୍ରଦାନ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ଥିବାରୁ କମ୍ପାନୀଗୁଡିକ ଶୀଘ୍ର ଅର୍ଥ ପ୍ରଦାନ କରିପାରନ୍ତି ବୋଲି ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏହି ୩ କମ୍ପାନୀଙ୍କ ଉପରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ହେଲେ କମ୍ପାନୀଗୁଡିକ ସମୁଦାୟ ଅର୍ଥ ଏକାଥରକେ ପ୍ରଦାନ କରିପାରିବେ ନାହିଁ। ଆଂଶିକ ଭାବେ ଅର୍ଥ ପ୍ରଦାନ କରିବାକୁ ସେମାନେ ଟେଲିକମ ବିଭାଗ(ଡିଓଟି)କୁ ସୂଚନା ଦେଇଥିବା ଅଧିକାରୀ ଜଣକ କହିଛନ୍ତି। କେଉଁ କମ୍ପାନୀ କେତେ ଅର୍ଥ ପଇଠ କରୁଛନ୍ତି ତାହା ଦେଖିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଡିଓଟିର ଏହି ଅଧିକାରୀ ଜଣକ ମତବ୍ୟକ୍ତ କରିଛନ୍ତି।

ଆସନ୍ତା ୨୦ ତାରିଖ ସୁଦ୍ଧା ୧୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଭାରତୀ ଏୟାରଟେଲ ଗତ ଶୁକ୍ରବାର ଦିନ ପ୍ରସ୍ତାବ ଦେଇଛି। କିନ୍ତୁ ଟେଲିକମ ବିଭାଗ କମ୍ପାନୀ ଗୁଡିକୁ ଅଧିକ ଦିନ ମହଲତ ଦେବା ସପକ୍ଷରେ ଆଉ ନାହିଁ। ଏଭଳି ସ୍ଥିତିରେ କେତେ ପରିମାଣର ଏଜିଆର୍ ବକେୟା ପ୍ରଦାନ କରାଯିବ ସେ ସମ୍ପର୍କରେ ବିଚାର କରାଯାଉଥିବା ଭୋଡାଫୋନ ଶନିବାର କହିଛି। ଏହାବାଦ ଭାରତ ବଜାରରେ ନିଜ ବ୍ୟବସାୟର ଆଗାମୀ ସ୍ଥିତି କ'ଣ ରହିବ ସେ ନେଇ କମ୍ପାନୀ ଆଶଙ୍କାରେ ରହିଛି। ଟେଲିକମ କମ୍ପାନୀଙ୍କ ଉପରେ ଏବେ ମୋଟ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ଜାନୁୟାରୀ ମାସ ୨୩ ସୁଦ୍ଧା ବକେୟା ରାଶି ପଇଠ କରିବାକୁ କମ୍ପାନୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ରିଲାଏନ୍ସ ଜିଓ ବାଦ କୌଣସି କମ୍ପାନୀ ଏହା ପାଳନ କରିନାହାନ୍ତି। ଯାହାକୁ ନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ସବୁ ଟେଲିକମ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ମାର୍ଚ୍ଚ ୧୭ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିଜ କମ୍ପାନୀ ବିଏସ୍‌ଏନଏଲ୍ ଏବଂ ଏମ୍‌ଟିଏନଏଲ୍ ମଧ୍ୟ ବକେୟା ରାଶି ପ୍ରଦାନ କରିପାରିନାହିଁ।

ଏୟାରଟେଲ ଉପରେ ଏବେ ପ୍ରାୟ ୩୫,୫୮୬ କୋଟି, ଭୋଡାଫୋନ ଉପରେ ୫୩ ହଜାର କୋଟି ପଡି ରହିଛି। ଏହା ମଧ୍ୟରୁ ପ୍ରାୟ ୧.୧୩ ଲକ୍ଷ କୋଟି ଆଦାୟ ହେବାର ସମ୍ଭାବନା ରହିଛି। ବଳକା ଅର୍ଥ ଦେବାକୁ ଥିବା କମ୍ପାନୀଗୁଡିକ ଏବେ କାରବାର ବନ୍ଦ କରି ଦେଇଛନ୍ତି। ଟେଲିକମ ବିଭାଗକୁ ସୁପ୍ରିମକୋର୍ଟ ତାଗିଦ କରିବା ପରେ ଶୁକ୍ରବାର ମଧ୍ୟରାତ୍ରି ସୁଦ୍ଧା ଦେୟ ପଇଠକରିବାକୁ ଏହା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲା। କିଛି କମ୍ପାନୀ ଦେୟର ଆକଳନ ଲାଗି ସମୟ ମାଗିଥିବାବେଳେ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଥିବା ଅଧିକାରୀ ଜଣକ କହିଛନ୍ତି। ସେହିଭଳି ଟେଲିକମ ସେବାରେ ନ ଥିବା କିଛି ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଉପରେ ମଧ ୨.୬୫ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ଏହି ଅର୍ଥ ମଧ୍ୟରେ ଗେଲ୍‌ର ବକେୟା ପ୍ରାୟ ୬୫% ହେବ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ଏ ନେଇ ଆଇନର ଧାରା ଆପଣାଇବା ସହ କୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ-ପାଇନ୍ ଲ୍ୟାବ ଚୁକ୍ତି



ନୂଆଦିଲ୍ଲୀ,୧୬-୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରମୁଖ ମର୍ଚ୍ଚାଣ୍ଟ କମର୍ସ ପ୍ଲାଟଫର୍ମ ପାଇନ୍ ଲ୍ୟାବସ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ହୋଣ୍ଡାର ସମସ୍ତ ଡିଲରଶିପଗୁଡିକରେ ପାଇନ ଲ୍ୟାବସର ପିଓଏସ୍ ମେଶିନ ସ୍ଥାପନ କରାଯିବ। ଏହା ଦ୍ୱାରା ଗ୍ରାହକମାନେ ସୁବିଧାଜନକ ଓ ସୁଲଭ ମାସିକ କିସ୍ତି ଜରିଆରେ ଡେବିଟ କାର୍ଡ ଓ କ୍ରେଡିଟ କାର୍ଡ ମାଧ୍ୟମରେ କ୍ରୟ କରିବାର ସୁବିଧା ପାଇପାରିବେ। ୧୪ ପ୍ରକାରର କ୍ରେଡିଟ କାର୍ଡ ଏବଂ ୬ ପ୍ରକାରର ଡେବିଟ କାର୍ଡ ଗ୍ରାହକମାନେ ଏହି ସୁବିଧାର ଲାଭ ଉଠାଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କୁ ଶୂନ ଡାଉନପେମେଣ୍ଟ, ଗାଡି କିଣିବା କିମ୍ବା ଋଣ ବୃତ୍ତାନ୍ତ ବେଳେ ଶୂନ ହାଇପୋଥିକେଶନ ଫି'ର ସୁବିଧା ପାଇପାରିବେ। କୌଣସି କାଗଜପତ୍ର କିମ୍ବା ବ୍ୟାଙ୍କରୁ ଏନ୍‌ଓସି ଦରକାର ପଡିବନି। ଋଣ ମଞ୍ଜୁରୀ ଲାଗି କୌଣସି ଅପେକ୍ଷା କରିବାକୁ ପଡିବ ନାହିଁ। ଡେଲିଭରି ଶୀଘ୍ର ଉପଲବ୍ଧ ହେବ। ହୋଣ୍ଡାର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ, ପାଇନ ଲ୍ୟାବସର ମୁଖ୍ୟ ବ୍ୟବସାୟ ଅଧିକାରୀ କୁଶ ମେହରା, ଉତ୍ପାଦ ଅଧିକାରୀ ଭେଙ୍କଟ ପୁରୁଚୁରୀଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପାଇନ୍ ଲ୍ୟାବସ ସହ ଏହି ସହଯୋଗିତା ଦ୍ୱାରା ଗ୍ରାହକଙ୍କ ଲାଗି ଗାଡି କିଣିବା ସହଜ ହେବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ହିରୋର ନୂଆ କ୍ଲାଉଡ ସଲ୍ୟୁଶନ

ଭୁବନେଶ୍ୱର,୧୬-୨



ହିରୋ ମୋଟୋକର୍ପ ପକ୍ଷରୁ ନୂଆ କ୍ଲାଉଡ ସଲ୍ୟୁଶନ ହିରୋ କନେକ୍ଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଗାଡି ଚାଳନାର ଏକ ସ୍ମାର୍ଟ ଅଭିଜ୍ଞତା ପ୍ରଦାନ କରିବା ଦିଗରେ କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ହିରୋର ୪ ମଡେଲ ଯଥା:-ଏକ୍ସପଲ୍‌ସ ୨୦୦, ପ୍ଲେଜର ପ୍ଲସ, ପ୍ୟାଶନ ଏକ୍ସ ପ୍ରୋ, ଏଚ୍‌ଏଫ୍ ଡିଲକ୍ସରେ ଗ୍ରାହକ ଏହାର ଲାଭ ଉଠାଇ ପାରିବେ। ଏହି ସଲ୍ୟୁଶନରେ ଗ୍ରାହକଙ୍କ ଲାଗି ନିରାପତ୍ତା ଏବଂ ସୁରକ୍ଷା ପଦକ୍ଷେପ ଅଫର କରାଯାଉଛି। ଏହା ଦ୍ୱାରା ଲାଇଭ ଟ୍ରାକିଂ, ଟପଲ ଆଲର୍ଟ, ଟାଓ ଆୱେ ଆଲର୍ଟ, ଜିଓ ଫେନସ ଆଲର୍ଟ,ସ୍ପିଡ ଆଲର୍ଟ ଭଳି ସୁବିଧା ରହିଛି। ଏହାର ଆରମ୍ଭ ମୂଲ୍ୟ ୪,୯୯୯ ଟଙ୍କା ରହିଛି। କମ୍ପାନୀର କେତେକ ବଛା ବଛା ଡିଲରଶିପରେ ଏହା ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଛି। ପର୍ଯ୍ୟାୟ କ୍ରମେ ଏହି ମଡେଲକୁ ଅନ୍ୟ ମଡେଲ ଏବଂ ସହରକୁ ସମ୍ପ୍ରସାରଣ କରାଯିବ। ଗ୍ରାହକଙ୍କ ଯାତ୍ରାକୁ ସୁରକ୍ଷିତ ଏବଂ ସ୍ମାର୍ଟ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ହିରୋ ମୋଟୋକର୍ପର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି।



ସାହାରା ଗ୍ରୁପ୍ ଅଧ୍ୟକ୍ଷ ସୁବ୍ରତ ରୟ (ମଝି) ନିକଟରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ପି.ଭି. ସିନ୍ଧୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ପଟିଆରେ ଟୋନି ଆଣ୍ଡ ଗାୟ ଇସେନ୍‌ସୁଆଲ




ଭୁବନେଶ୍ୱର,୧୬-୨

ହେୟାର ଡ୍ରେସିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ବ୍ରାଣ୍ଡ ଟୋନି ଆଣ୍ଡ ଗାୟ ଇସେନସୁଆଲ ହେୟାର ଡ୍ରେସିଂ ସେଣ୍ଟର ପଟିଆରେ ଶୁଭାରମ୍ଭ ହୋଇଛି। ଓଡିଆ ଅଭିନେତ୍ରୀ ଭୂମିକା ଦାସ, ଟୋନି ଆଣ୍ଡ ଗାୟର କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ଲେସିଂ ଏ.ମଣିକନ୍ଦନ, ଉପସଭାପତି ଜେ.ଡି. ଧନଲକ୍ଷ୍ମୀ ଏସ୍. ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର ଶାଖାର ପରିଚାଳନା ନିର୍ଦ୍ଦେଶକ ୟୁ.ବି.ସିଂ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଗ୍ରାହକମାନେ ହେୟାର କଟିଂ, କଲର, କରମିଂ, ର ବଣ୍ଡିଂ, ହେୟାର ସ୍ପା, ଷ୍ଟାଇଲିଂ, ଫେସିଆଲ, ପେଡିକ୍ୟୁୟର, ବ୍ରାଇଡାଲ, ମେକଅପ ଏବଂ ଅନ୍ୟାନ୍ୟ ହେୟାର ଡ୍ରେସିଂ ସେବା ଉପଲବ୍ଧ ହେବ। ଏହି ଅବସରରେ ଗ୍ରାହକଙ୍କ ଲାଗି ଇନାଗୁରାଲ ଅଫର ମଧ୍ୟ ରହିଛି।

## ଏମ୍‌ଏସ୍‌ଏମ୍‌ଇ ଆର୍ଥିକ ସାକ୍ଷରତା ସପ୍ତାହ

ଭୁବନେଶ୍ୱର,୧୬-୨

ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆର୍ଥିକ ସାକ୍ଷରତା ସପ୍ତାହ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଆଞ୍ଚଳିକ ପ୍ରବନ୍ଧକ କେ.ଭି.ଏନ୍.ଏନ୍.ଏସ୍.ରାମମୂର୍ତ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୁଳଭୂଷଣ ଜୈନ, ଆର୍‌ବିଆଇ ସହାୟକ ମହାପ୍ରବନ୍ଧକ ନିର୍ମଳ ପଟ୍ଟନାୟକ, ମହାପ୍ରବନ୍ଧକ ବଦ୍ରି ନାରାୟଣ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପିଏସ୍‌ବି ୫୯ ମିନିଟ ଲୋନ, ଏମ୍‌ଏସ୍‌ଏମ୍‌ଇ ରିଷ୍ଟ୍ରକଚରିଂ, ମୁଦ୍ରା ଲୋନ, ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ସମ୍ପର୍କରେ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ପୁରୀ, ଶ୍ରୀକ୍ଷେତ୍ର, ଡେଲାଙ୍ଗ ଏବଂ ସାତଶଙ୍ଖ ଶାଖାର ଗ୍ରାହକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।


# ଆମ୍ରି ପକ୍ଷରୁ କର୍କଟ ସଚେତନତା

ଭୁବନେଶ୍ୱର,୧୬-୨



ଆମ୍ରି ହସ୍ପିଟାଲ୍‌ସ ଭୁବନେଶ୍ୱର ପକ୍ଷରୁ କର୍କଟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ରବିବାର ସକାଳେ ଏକ ବାଇକେଥନ ଆୟୋଜନ କରାଯାଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ମୋଟର ସାଇକେଲ ଆରୋହୀ ଯୋଗ ଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଡାକ୍ତର ଅରୁଣ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ଆମ୍ରିର ମାର୍କେଟିଂ ମୁଖ୍ୟ ମହେନ୍ଦ୍ର ପାଲା, ମେଡିକାଲ ସର୍ଭିସେସ ମୁଖ୍ୟ ଡା.ମନିଷ କୁମାର, ସହ ଉପାଧ୍ୟକ୍ଷ ସୁଶ୍ରୀ ନିରଞ୍ଜନା ମୁଖାର୍ଜୀ, ମାନବ ସମ୍ବଳ ମୁଖ୍ୟ ସୁଶ୍ରୀ ରାଜଶ୍ରୀ ଉପାଧ୍ୟାୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବାଇକେଥନ ଟିମ୍ ୧୫ କିମି ଯାତ୍ରା କରି ପୁଣି ହସ୍ପିଟାଲ ଫେରିଥିଲା। ଏହି ଅବସରରେ କ୍ୟାନସର ବିରୋଧରେ ଲଢି ଜିତିଥିବା ବ୍ୟକ୍ତି ବିଶେଷ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। କର୍କଟ ରୋଗର ବଢୁଥିବା ଭୟାବହତାକୁ ଧ୍ୟାନରେ ରଖି ହସ୍ପିଟାଲ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ମୁଖ୍ୟ ମାର୍କେଟିଂ ଅଧିକାରୀ ମହେନ୍ଦ୍ର ପାଲା କହିଛନ୍ତି। ଏହି ଆଧାରରେ ହସ୍ପିଟାଲ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି।

## ସାମସଙ୍ଗ ଆଣିଲା ନୂଆ ଏୟାର କଣ୍ଡିଶନର




ଭୁବନେଶ୍ୱର,୧୬-୨

ସାମସଙ୍ଗ ପକ୍ଷରୁ ନୂଆ ଏୟାର କଣ୍ଡିଶନର ଓଡ଼ିଶା ବଜାରରେ ପ୍ରବେଶ କରିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟରେ ୪୧ ମଡେଲ କମ୍ପାନୀ ବଜାରକୁ ଛାଡିଛି। ଏଥିରେ ଆକର୍ଷଣୀୟ ଫ୍ଲୋରାଲ ପ୍ଲାଟଫର୍ମ ଏବଂ ପ୍ରିମିୟମ ଷ୍ଟ୍ରିପ ଡିଜାଇନ ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି କମ୍ପାନୀ କପର କଣ୍ଡେନ୍ସର ରେଞ୍ଜକୁ ୩୨ ମଡେଲକୁ ବୃଦ୍ଧି କରିଛି। ୨୦୨୦ ଏସି ଲାଇନ ଅପ୍‌ରେ ୱିଣ୍ଡ ଫ୍ରି ଏସି ୨.୦, ୱାଇଫାଇ କାପାବିଲିଟି, ହ୍ୟୁମାନ ଡିଟେକ୍ସନ, ଗ୍ରୀନ ଦ ୩୨ ଗ୍ୟାସ, ପ୍ରିମିୟମ ଟ୍ରିପଲ ଇନଭର୍ଟର ଏବଂ ଇକୋ ଇନଭର୍ଟର ସିରିଜ ସାମିଲ ରହିଛି। ଓଡ଼ିଶା ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବା ଲାଗି ଏସି ଇନଷ୍ଟାଲେଶନ ଟିମ୍‌କୁ କମ୍ପାନୀ ଦୁଇଗୁଣ ବଢାଇଛି। ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିବାରୁ ଏଠାରେ ଅଭିବୃଦ୍ଧି ୨ ଗୁଣ ବୃଦ୍ଧି କରିବାକୁ ଯୋଜନା ରହିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜୀବ ଭୂତାନୀ ସୂଚନା ଦେଇଛନ୍ତି।

# 'ପରିବର୍ତ୍ତିତ ସ୍ଥିତିରେ ଲୋକ ସମ୍ପର୍କ ଚ୍ୟାଲେଞ୍ଜିଂ ହୋଇଛି'

ଭୁବନେଶ୍ୱର,୧୬-୨




ବର୍ତ୍ତମାନର ପରିବର୍ତ୍ତିତ ସ୍ଥିତିରେ ଲୋକ ସମ୍ପର୍କ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିବା ଏଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ମତ ରଖିଛନ୍ତି। ପବ୍ଲିକ ରିଲେଶନ କାଉନସିଲ ଅଫ ଇଣ୍ଡିଆ (ପିଆର୍‌ସିଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜନସମ୍ପର୍କ ବିଶ୍ଳେଷଣ ଏବଂ ଆଗାମୀ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ରେଳ ସଦନଠାରେ ଅନୁଷ୍ଠିତ ଶନିବାର ହୋଇଯାଇଛି। ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଏସମ୍ପର୍କିତ ଆହ୍ୱାନକୁ ସାମ୍ନା କରିବା ଲାଗି ଅର୍ଥ ସବୁକିଛି ନୁହେଁ। ଅର୍ଥ ଆସିବ କିନ୍ତୁ ସାମାଜିକ କଲ୍ୟାଣ, ବ୍ୟକ୍ତି ତଥା କର୍ମଚାରୀଙ୍କ କଲ୍ୟାଣ, ଉପଭୋକ୍ତାଙ୍କ ସୁବିଧା ଦେଖିବା ନିଗମ ଏବଂ ସଙ୍ଗଠନ ମାନଙ୍କର ଦର୍ଶନ ହେବା ବିଧେୟ। କାର୍ଯ୍ୟକ୍ରମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଇଶାନ ପାତ୍ରୋ ଲୋକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା, କାର୍ଯ୍ୟକାରୀ ଅଧ୍ୟକ୍ଷ ଦିଲ୍ଲୀପ କୁମାର ବିଶୋଇ, ରେଳପଥ ଟ୍ରାଫିକ ସେବାର ଅବସରପ୍ରାପ୍ତ ଅଧିକାରୀ ବିଜୟ କୁମାର ଜୋଶୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ଲୋକସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପୂର୍ବତଟ ରେଳପଥର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଜୟନ୍ତ ସ୍ୱାଇଁ, ନାଲ୍‌କୋ ଉପମହାପ୍ରବନ୍ଧକ ଲଲାଟେନ୍ଦୁ ଦାସ, ପୂର୍ବତନ କେନ୍ଦ୍ର ବୟନ ସଚିବ ସଞ୍ଜୟ ପଣ୍ଡା, ବିଜେବି ସାମ୍ବାଦିକତା ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ନଳିନୀ ପାତ୍ର, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସହକାରୀ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ପ୍ରମୁଖ ଏଥିରେ ଉପସ୍ଥିତ ରହି ମତ ରଖିଥିଲେ। ପୂର୍ବତଟ ରେଳପଥର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ ଧନ୍ୟବାଦ ଦେଇଥିବା ବେଳେ ବିଭାଗୀୟ ଅଧିକାରୀ ନୀହାର ରଞ୍ଜନ ମହାନ୍ତି, ବିକାଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପିଆର୍‌ସିଆଇ ଭୁବନେଶ୍ୱର ଚାପ୍ଟରର ଆଲୋଚନାଚକ୍ର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଫେବୃୟାରୀ, ୨୦୨୦





ଲିଆଣ୍ଡର ପେସ୍ ବର୍ତ୍ତମାନ ଯେପରି ଖେଳୁଛନ୍ତି, ସେ ଆଉ ଏକ ବର୍ଷ ପର୍ଯ୍ୟନ୍ତ ଖେଳ ଜାରି ରଖିପାରିବେ।
–ମହେଶ ଭୂପତି, ଅଭିଜ୍ଞ ଟେନିସ ଖେଳାଳି



ଟେନିସ୍‌କୁ ଦ୍ୱିତୀୟ ଥର ପ୍ରତ୍ୟାବର୍ତ୍ତନରେ ବିଶ୍ୱର ୮ ନମ୍ବର ଖେଳାଳି କିକି ବର୍ଟେନ୍‌ଙ୍କୁ ସାମ୍ନା କରିବା ମୋତେ ସହଜ ହେବନି।
–କିମ୍ କ୍ଲାଇଷ୍ଟର୍ସ, ବେଲଜିୟମ ଟେନିସ ଖେଳାଳି

## ସଂକ୍ଷେପରେ

### ମୋହନବାଗାନକୁ ୩ ଲକ୍ଷ ଟଙ୍କା ଜରିମାନା

କୋଲକାତା, ୧୬।୨ (ପି.ଟି.): ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଶୃଙ୍ଖଳା କମିଟି ଆଇ-ଲିଗ୍ ହେଭିୱେଟ୍ ମୋହନବାଗାନକୁ ୩ ଲକ୍ଷ ଟଙ୍କା ଜରିମାନା କରିଛି। ୪ଜଣ ପୂର୍ବତନ ଖେଳାଳିଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରି ନ ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ୧୫ଦିନ ମଧ୍ୟରେ ଜରିମାନା ଜମା କରିବା ସହ ଏକ ମାସ ମଧ୍ୟରେ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ପ୍ରଦାନ ଲାଗି ଶୃଙ୍ଖଳା କମିଟି କହିଛି। ନିର୍ଦ୍ଦେଶ ଅମାନ୍ୟ କଲେ ଏଆଇଏଫ୍‌ଏଫ୍ ଅଧୀନ ସମସ୍ତ ଟୁର୍ନାମେଣ୍ଟ ଲାଗି ଏହି ଫୁଟ୍‌ବଲ କ୍ଲବ ବିରୋଧରେ ଖେଳାଳି ବଦଳି କଟକଣା ଜାରି କରାଯିବ। ଖବର ଅନୁସାରେ କେରଳ ବ୍ଲାଷ୍ଟର୍ସର ଦୁଇ ମିଡ୍‌ଫିଲ୍ଡର ରାଜୁ ଗାଏକ୍ୱାଡ ଏବଂ ଡାରେନ କାଲ୍‌ଡେରାଙ୍କ ଉପରେ ଯଥାକ୍ରମେ ୧୧ ଲକ୍ଷ ଟଙ୍କା ଏବଂ ୮, ୭୦, ୬୦୧ ଟଙ୍କା ଦେବାକୁ ମୋହନବାଗାନକୁ କୁହାଯାଇଛି। ସେହିପରି ଅଭିଷେକ ଆମ୍ବେଡକର (ବର୍ତ୍ତମାନ ଇଷ୍ଟବେଙ୍ଗଲ ଲେଫ୍‌ଟବ୍ୟାକ୍) ଏବଂ ରିକାର୍ଡୋ କାର୍ଡୋଜଙ୍କ ଉପରେ ୨୦୧୭ରୁ ମୋହନବାଗାନର ଯଥାକ୍ରମେ ୫,୬୦,୦୦୦ ଟଙ୍କା ଏବଂ ୭,୬୦,୦୦୦ ଟଙ୍କା ବାକି ପଡ଼ିଛି। ପୂର୍ବତନ ମୋହନବାଗାନ କୋଚ୍ ଖଲିଦ ଜମିଲ ମଧ୍ୟ ତାଙ୍କ ପୂରା ବେତନ ପାଇ ନାହାନ୍ତି। କ୍ଲବ ମାସକ ମଧ୍ୟରେ ତାଙ୍କ ପାଉଣା ଦେଇଦେବ ବୋଲି ପ୍ରତିଶ୍ରୁତି ଦେଇଛି। ଶୃଙ୍ଖଳା କମିଟି କିନ୍ତୁ ଜମିଲଙ୍କୁ ତାଙ୍କ ଅବଶିଷ୍ଟ ପ୍ରାପ୍ୟ ୮,୨୦,୦୦୦ ଟଙ୍କା ଏକମାସ ମଧ୍ୟରେ ଦେଇଦେବା ଲାଗି କହିଛି। ଖଲିଦ ଜମିଲ ସୂଚନା ଦେଇଛନ୍ତି ଯେ, ମୋହନବାଗାନ ଇତିମଧ୍ୟରେ ତାଙ୍କୁ ୪,୦୦,୦୦୦ ଟଙ୍କା ପ୍ରଦାନ କରିସାରିଛି। ଅନ୍ୟ ଖେଳାଳିମାନେ କିନ୍ତୁ କହିଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ମିଳିନାହିଁ। ଜମିଲଙ୍କ ରେକର୍ଡିଂ ଷ୍ଟେଟ୍‌ମେଣ୍ଟରୁ ଯାହା ଜଣାପଡୁଛି, ମୋହନ ବାଗାନ ଦେଇଥିବା ଏହାର ପ୍ରତିଶ୍ରୁତି ପାଳନ କରିବ।

### ଆଇସିଏ ପାଇଁ ୨ କୋଟି ଟଙ୍କା ମଞ୍ଜୁର କଲା ବିସିସିଆଇ

ନୂଆଦିଲ୍ଲୀ, ୧୬।୨ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରବିବାର ଭାରତୀୟ କ୍ରିକେଟର ଆସୋସିଏଶନ (ଆଇସିଏ) ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛି। ଆଇସିଏ ଦେଶର ପ୍ରଥମ ଖେଳାଳିଙ୍କ ସଂଘଠନ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା ପ୍ୟାନେଲ ସୁପାରିସ କ୍ରମେ ଆଇସିଏ ଗଠନ କରାଯାଇଛି। ଆଇସିଏ କର୍ମକର୍ତ୍ତା ଗତବର୍ଷ ଅକ୍ଟୋବରରେ ନିର୍ବାଚିତ ହୋଇଥିଲେ। ଆସୋସିଏଶନ ୧୫ରୁ ୨୦ କୋଟି ଟଙ୍କାର ଅସ୍ଥାୟୀ ବଜେଟ ପ୍ରସ୍ତୁତ କରିଛି। ପ୍ରାଥମିକ ଭାବେ ବିସିସିଆଇଠାରୁ ୫ କୋଟି ଟଙ୍କା ସହାୟତା ରାଶି ମାଗିଥିଲା। କିନ୍ତୁ ବିସିସିଆଇଠାରୁ ୨ କୋଟି ମିଳିଛି। ଏହି ଅର୍ଥ ମୁମ୍ବାଇରେ କାର୍ଯ୍ୟାଳୟ ପାଇଁ ଜମି କିଣାଯିବାରେ ଖର୍ଚ୍ଚ କରାଯିବ। ଟ୍ୟାକ୍ସ ସମ୍ପର୍କିତ କିଛି ବିବାଦ ରହିଛି, ଯାହାର ସମାଧାନ କରାଯିବା ଦରକାର। ଏଥିଯୋଗୁ ଆଇସିଏକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭବିଷ୍ୟତରେ ଆହୁରି ଅର୍ଥ ଦରକାର ଥିଲେ ମଞ୍ଜୁର କରିବୁ ବୋଲି ବିସିସିଆଇ ଅଫିସିଆଲ କହିଛନ୍ତି। ଏହି ନିଷ୍ପତ୍ତି ବିସିସିଆଇର ଆପେକ୍ସ କାଉନ୍ସିଲ ବୈଠକରେ ନିଆଯାଇଛି।

# ଫର୍ମକୁ ଫେରିଲେ ପନ୍ତ, ମୟଙ୍କ

ହାମିଲଟନ, ୧୬।୨(ପି.ଟି.)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଭାରତ ଓ ନ୍ୟୁଜିଲାଣ୍ଡ ଏକାଦଶ ମଧ୍ୟରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଜନ୍ମଦିନରେ ଓପ୍‌ନର ମୟଙ୍କ ଅଗ୍ରୱାଲ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେହିପରି ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦ୍ୱିତୀୟ ଇନିଂସ୍‌ରେ ଉନ୍ନତ ବ୍ୟାଟିଂ କରି ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି। ପ୍ରଥମ ଇନିଂସ୍‌ରେ ପନ୍ତ ଓ ମୟଙ୍କ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳି ଭଲ ଅଭ୍ୟାସ କରିଛନ୍ତି। ତୃତୀୟ ତଥା ଅନ୍ତିମ ଦିବସ ଲଞ୍ଚ୍‌ର ଠିକ୍ ଅଧଘଣ୍ଟା ପରେ ମ୍ୟାଚ୍ ଶେଷ ହେଲା ବୋଲି ଘୋଷଣା କରାଯାଇଥିଲା। ସେତେବେଳକୁ ଭାରତ ୪୮ ଓଭରରେ ୪ ଉଇକେଟ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଅଭିଜ୍ଞ ଋଦ୍ଧିମାନ ଶାହ ୩୦ ଓ ରବିଚନ୍ଦ୍ରନ ଅଶ୍ୱିନ ୧୬ ରନ୍ କରି ଅପରାଜିତ ରହିଥିଲେ।

ଶନିବାରର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୫୯/୦ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପ୍‌ନର ପୃଥ୍ୱୀ ଶ' ୩୫ ରନ୍‌ରୁ ଖେଳ ଆରମ୍ଭ କରି ଆଉ ମାତ୍ର ଅଧିକ ୪ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ୬ ଚୌକା ଓ ୧ ଛକା ସହ ୩୧ ବଲରୁ ୩୯ ରନ୍ କରି ସେ ଡାରିଲ ମିଚେଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ୨୩ ରନ୍‌ରୁ ଖେଳ ଆରମ୍ଭ କରି ମୟଙ୍କ ୮୧ ରନ୍‌ର ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ସେ ପ୍ୟାଭିଲିୟନ ଫେରିବା ପୂର୍ବରୁ ୯୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପରେ ମୟଙ୍କ ଦୁର୍ବଳ ଫର୍ମ ଦେଇ ଗତି କରିଆସୁଥିଲେ। ମୟଙ୍କଙ୍କ ଫୁଟ୍‌ୱାର୍କରେ ବେଶ୍ ଉନ୍ନତି ଦେଖିବାକୁ ମିଳିଥିଲା ଓ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଏହା ପୂର୍ବରୁ ମୟଙ୍କ ୧୦ଟି ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳିଥିଲେ। ଏଥିରେ ପ୍ରଥମ ଶ୍ରେଣୀ, ଦିନିକିଆ ଓ ଲିଷ୍ଟ ଏ ମ୍ୟାଚ୍ ସାମିଲ ଥିଲା। ତେବେ ସେ କୌଣସି ମ୍ୟାଚ୍‌ରେ ୪୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିପାରି ନ ଥିଲେ। ମୟଙ୍କ ଓ ପନ୍ତ ୧୪.୩ ଓଭରରେ ୧୦୦ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରଥମ ଉଇକେଟରେ ମୟଙ୍କ ଓ ପୃଥ୍ୱୀ ୭୨ ରନ୍ ସଂଗ୍ରହ କରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ପୁଣିଥରେ ବିଫଳ ହୋଇଛନ୍ତି। ସେ ମାତ୍ର ୮ ରନ୍ କରିଥିବା ବେଳେ ମିଚେଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ପନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ। ୬୫ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହ ୭୦ ରନ୍‌ର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପନ୍ତ ଫର୍ମକୁ ଫେରିବା ପରେ ଟିମ୍ ମ୍ୟାନେଜ୍‌ମେଣ୍ଟ ସାମାନ୍ୟ ଆଶ୍ୱସ୍ତି ହୋଇଛି। ସେ ଲେଗ୍ ସ୍ପିନର ଇଶ୍ ସୋଧି ଓ ଅଫ୍ ସ୍ପିନର ହେନେରୀ କୁପରଙ୍କ ବଲ୍‌ରେ ଦୁଇଟି ଲେଖାଏ ଛକା ମାରିଥିଲେ। ପନ୍ତ ଆକ୍ରମଣାତ୍ମକ ଶୈଳୀରେ ଖେଳିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ଏକାଦଶ ତରଫରୁ ମିଚେଲ ୩ଟି ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡର ୯ ଜଣ ଖେଳାଳି ବୋଲିଂ କରିଥିଲେ ମଧ୍ୟ କେବଳ ମିଚେଲ ହିଁ ସଫଳ ହୋଇଥିଲେ।

### ଅଭ୍ୟାସ ମ୍ୟାଚ୍ ଅମୀମାଂସିତ

ପୂର୍ବରୁ ଟସ୍ ଜିତି ଭାରତ ପ୍ରଥମ ଇନିଂସ୍‌ରେ ହନୁମା ବିହାରୀଙ୍କ ୧୦୧ ରନ୍‌ର ଶତକୀୟ ପାଳି ବଳରେ ୭୮.୫ ଓଭରରେ ୨୬୩ ରନ୍ କରି ଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଏକାଦଶ ୭୪.୨ ଓଭରରେ ୨୩୫ ରନ୍ କରି ଅଲଆଉଟ ହୋଇ ୨୮ ରନ୍ ପଛରେ ପଡ଼ିଥିଲା। ୨୧ ତାରିଖରୁ ୱେଲିଂଟନରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଭାରତ ଏହାପୂର୍ବରୁ ଟି୨୦ ସିରିଜରେ ୫–୦ରେ ବିଜୟୀ ହୋଇଥିଲେ ମଧ୍ୟ ଦିନିକିଆ ସିରିଜରେ ୩–୦ରେ ପରାସ୍ତ ହୋଇଥିଲା। ତେବେ ଆଗାମୀ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୭୮.୫ ଓଭରରେ ୨୬୩ରେ ଅଲଆଉଟ
- ନ୍ୟୁଜିଲାଣ୍ଡ ଏକାଦଶ ପ୍ରଥମ ଇନିଂସ- ୭୪.୨ ଓଭରରେ ୨୩୫ ଅଲଆଉଟ।
- ଭାରତ ଦ୍ୱିତୀୟ ଇନିଂସ- ୪୮ ଓଭରରେ ୨୫୨/୪ (ମୟଙ୍କ- ୮୧, ପନ୍ତ- ୭୦, ପୃଥ୍ୱୀ- ୩୯, ଋଦ୍ଧିମାନ- ୩୦*, ମିଚେଲ ୩/୩୩)।



ବ୍ୟାଟିଂ ଅବସରରେ ମୟଙ୍କ ଅଗ୍ରୱାଲ

# ଅଷ୍ଟ୍ରେଲିଆରେ ଦିବାରାତ୍ର ଟେଷ୍ଟ ଖେଳିବ ଭାରତ

ନୂଆଦିଲ୍ଲୀ, ୧୬।୨(ପି.ଟି.)

ଚଳିତ ବର୍ଷ ଶେଷଆଡ଼କୁ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଭାରତ ଏକ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ରବିବାର ଏ ନେଇ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆର ଯେକୌଣସି ପିଚ୍‌ରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ଆମେ ପ୍ରସ୍ତୁତ ବୋଲି ଅଧିନାୟକ ବିରାଟ କୋହଲି କହିବା ପରେ ଗାଙ୍ଗୁଲି ଏ ନେଇ ଘୋଷଣା କରିଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ଔପଚାରିକ ଭାବେ ଘୋଷଣା କରାଯିବ। ଇଂଲଣ୍ଡ ବିପକ୍ଷ ପରବର୍ତ୍ତୀ ସିରିଜରେ ମଧ୍ୟ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଦିବାରାତ୍ର ଭିତ୍ତିକ ହେବ ବୋଲି ଗାଙ୍ଗୁଲି କହିଛନ୍ତି। ଆଗକୁ ପ୍ରତ୍ୟେକ ସିରିଜରେ ଅତିକମ୍‌ରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଦିବାରାତ୍ରଭିତ୍ତିକ ହେବ ଓ ବୋର୍ଡ ଏ ନେଇ ପ୍ରୟାସ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଗତ ନଭେମ୍ବରରେ ଇଡେନ ଗାର୍ଡେନରେ ଭାରତ ବାଂଲାଦେଶ ବିପକ୍ଷରେ ତା'ର ପ୍ରଥମ ଓ ଏକମାତ୍ର ଦିବାରାତ୍ର ଟେଷ୍ଟ ଖେଳି ବିଜୟୀ ହୋଇଥିଲା। ତେବେ ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ର ଭେନ୍ୟୁ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏହି ମ୍ୟାଚ୍ ଆଡିଲେଡ୍ କିମ୍ବା ପର୍ଥରେ ଖେଳାଯିବାର ସମ୍ଭାବନା ରହିଛି। ପୂର୍ବରୁ ୨୦୧୮–୧୯ରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ଅଷ୍ଟ୍ରେଲିଆ ଭାରତକୁ ପ୍ରସ୍ତାବ ଦେଇଥିଲା। ତେବେ ଅଭିଜ୍ଞତା ନ ଥିବାର ଆଳ ଦେଖାଇ ଭାରତ ଏହି ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ଏଥର କିନ୍ତୁ କଥା ଅଲଗା ହୋଇଛି। ଅତିକମ୍‌ରେ ଏହି ଗସ୍ତରେ ଭାରତ ଗୋଟିଏ ଦିବାରାତ୍ର ଟେଷ୍ଟ ଖେଳିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ଆଶା ପ୍ରକାଶ କରିଛି।

# ଚର୍ଚ୍ଚାରେ କୋହଲିଙ୍କ ନୂଆ ପୋଷ୍ଟ୍

ହାମିଲଟନ୍, ୧୬।୨

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଟି୨୦ ଓ ଦିନିକିଆ ସିରିଜ ଖେଳିସାରିବା ପରେ ଏବେ ଟେଷ୍ଟ ଲାଗି ପ୍ରସ୍ତୁତ ହେଉଛି। ସ୍ଥାନୀୟ ସେଡନ ପାର୍କରେ ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସମୂଳକ ମ୍ୟାଚ୍ ରବିବାର ଡ୍ର'ରେ ଶେଷ ହୋଇଛି। ତେବେ ଏହି ଅବସରରେ ଅଧିନାୟକ ବିରାଟ କୋହଲି ସାଥୀ ଖେଳାଳି ମହମ୍ମଦ ସାମି ଓ ଯୁବ ଓପନର୍ ପୃଥ୍ୱୀ ଶ'ଙ୍କ ସହ ତାଙ୍କ ଟୁଇଟର୍ ଆକାଉଣ୍ଟରେ ପୋଷ୍ଟ କରିଥିବା ଏକ ଫଟୋ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫଟୋରେ ତିନି କ୍ରିକେଟର୍ ବ୍ୟଙ୍ଗାତ୍ମକ ଶୈଳୀରେ ଅନେଇ ରହିଥିବାବେଳେ ଜିଭକୁ ବାହାରକୁ କାଢ଼ିଛନ୍ତି। ସେହିଭଳି କ୍ୟାପ୍‌ଶନରେ 'ନୂଆ ପୋଷ୍ଟ, ସୁନ୍ଦର ଦୋସ୍ତ' ବୋଲି ଲେଖାଯାଇଛି। ଏହାକୁ ନେଇ ଟୁଇଟର୍‌ରେ ଅନେକ ପ୍ରଶଂସକ ନାନା ମତ ରଖିଛନ୍ତି। ଫଟୋଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ୫୨ ହଜାରରୁ ଊର୍ଦ୍ଧ୍ୱ ମଧ୍ୟ ପସନ୍ଦ କରିଛନ୍ତି। ପ୍ରକାଶଯୋଗ୍ୟ, ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୧ରୁ ୱେଲିଂଟନରେ ଆରମ୍ଭ ହେବ।



ମହମ୍ମଦ ସାମି, ବିରାଟ କୋହଲି ଓ ପୃଥ୍ୱୀ ଶ'

# ଟି୨୦ ସିରିଜ ଜିତିଲା ଇଂଲଣ୍ଡ

ସେଞ୍ଚୁରିଆନ, ୧୬।୨

ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୫ଟି ବଲ ବାକି ରଖି ଘରୋଇ ଦକ୍ଷିଣ ଆଫ୍ରିକାକୁ ୫ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ ୬ ଉଇକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୯.୧ ଓଭରରେ ୫ ଉଇକେଟ ହରାଇ ୨୨୬ ରନ କରି ବିଜୟୀ ହୋଇଥିଲା। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୨–୧ରେ ବିଜୟୀ ହୋଇଛି। ୨୨ଟି ବଲର ସମ୍ମୁଖୀନ ହୋଇ ୭ ଛକା ସହ ୫୭ ରନ କରି ଅପରାଜିତ ରହିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରି ମୋର୍ଗାନ ମଧ୍ୟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଜନି ବେୟାରଷ୍ଟୋ ୬୪ (୩୪ ବଲ, ୭ ଚୌକା, ୩ ଛକା), ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୫୭ (୨୯ ବଲ, ୯ ଚୌକା, ୨ ଛକା), ବେନ୍ ଷ୍ଟୋକ୍ସ ୨୨ (୧୨ ବଲ, ୧ ଚୌକା, ୨ ଛକା)ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୨ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଓପନର ଟେମ୍ବା ବଭୁମା ୨୪ ବଲରୁ ୪ ଚୌକା ଓ ୩ ଛକା ସହ ୪୯, ହେନରିଚ୍ କ୍ଲାସେନ ୩୩ ବଲରୁ ୪ ଚୌକା, ୪ ଛକା ସହ ୬୬, ଅଧିନାୟକ କ୍ୱିଣ୍ଟନ ଡିକକ ୨୪ ବଲରୁ ୧ ଚୌକା, ୪ ଛକା ସହ ୩୫, ଡେଭିଡ ମିଲର ୨୦ ବଲରୁ ୩ ଚୌକା, ୨ ଛକା ସହ ଅପରାଜିତ ୩୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଟମ୍ କୁରାନ ଓ ଷ୍ଟୋକ୍ସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୨୨/୬ (କ୍ଲାସେନ–୬୬, ବଭୁମା– ୪୯, ଡିକକ– ୩୫, ମିଲର– ୩୫*, କୁରାନ– ୨/୩୩, ଷ୍ଟୋକ୍ସ– ୨/୩୩)।
ଇଂଲଣ୍ଡ ୧୯.୧ ଓଭରରେ ୨୨୬/୫ (ମୋର୍ଗାନ– ୫୭*, ବେୟାରଷ୍ଟୋ– ୬୪, ବଟଲର– ୫୭, ଷ୍ଟୋକ୍ସ– ୨୨, ଏନ୍‌ଗିଡି– ୨/୫୫)।

# ନଜରରେ ନବାଗତ: ତିଆରି ହେଉଛି ଭବିଷ୍ୟତ

**ଓଡ଼ିଶା ରଣଜୀ**

କଟକ ଅଫିସ, ୧୬।୨

ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳର ନବାଗତ ତଥା ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ରହିଛି। ପ୍ରତି ମ୍ୟାଚ୍‌ରେ କୌଣସି ନା କୌଣସି ଯୁବ ଖେଳାଳିଙ୍କ ପ୍ରଦର୍ଶନ ସମସ୍ତଙ୍କୁ ଆକୃଷ୍ଟ କରିଛି। ଲିଗ ପର୍ଯ୍ୟାୟକୁ ନଜର ପକାଇଲେ ନବାଗତମାନେ ଅଭିଜ୍ଞଙ୍କଠାରୁ ଆଗରେ ରହିଛନ୍ତି। ଉଭୟ ବୋଲିଂ ଓ ବ୍ୟାଟିଂରେ ଯୁବ ପ୍ରତିଭାଙ୍କ ଅବଦାନକୁ ଶ୍ରେୟ କରି ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିଛି ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ତିଆରି ହେଉଛି ବୋଲି କୁହାଯାଇପାରେ।

### ଦେବାଶିଷ ସାମନ୍ତରାୟ

ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ଲିଗ୍ ପର୍ଯ୍ୟାୟରେ ରାଜ୍ୟ ପକ୍ଷରୁ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେ ୭ଟି ମ୍ୟାଚ୍‌ରୁ ୫୧.୮୮ ଆଭରେଜରେ ୪୬୭ ରନ କରିଛନ୍ତି। ଏହା ମଧ୍ୟରେ ରହିଛି ଦୁଇଟି ଶତକୀୟ ଇନିଂସ। ସିଜନରେ ଦେବାଶିଷ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଦୁଇଟି ଶତକ ହାସଲ କରିଛନ୍ତି। ପୂର୍ବରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଏହି ୨୪ବର୍ଷୀୟ ବ୍ୟାଟ୍ସମ୍ୟାନ ୧୯୫ ରନର ଇନିଂସ ଖେଳିଥିଲେ। ମୋଟ୍ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୩ଟି ଶତକ ହାସଲ କରି ସାରିଲେଣି। ପିତା ଅଶୋକ କୁମାର ସାମନ୍ତରାୟ ଓ ମା କବିତା ସାମନ୍ତରାୟଙ୍କ ପୁଅ ଦେବାଶିଷ ଭୁବନେଶ୍ୱରରେ ରୁହନ୍ତି। ତାଙ୍କ ନିଜ ଘର ଢ଼େଙ୍କାନାଳର ମହାବୀର ବଜାରରେ। ନିଜର ପଦାର୍ପଣ ମ୍ୟାଚ୍‌ରେ ରାଜସ୍ଥାନ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଗତ ସିଜିନରେ ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଏକ ଶତକ ହାସଲ କରିଥିଲେ।



ଦେବାଶିଷ ସାମନ୍ତରାୟ
ଶାନ୍ତନୁ ମିଶ୍ର
ଦେବବ୍ରତ ପ୍ରଧାନ
ରାଜେଶ ଧୂପର

### ରାଜେଶ ଧୂପର

ଚଳିତ ସିଜନରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଉଇକେଟକିପର ବ୍ୟାଟ୍ସମ୍ୟାନ ରାଜେଶ ଧୂପର। ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସମସ୍ତ ଅଭିଜ୍ଞ ଖେଳାଳି ବ୍ୟାଟିଂରେ ଫେଲ୍ ହୋଇଥିବାବେଳେ ଦୀର୍ଘ ସମୟ ଧରି କ୍ରିଜରେ ତିଷ୍ଠି ରହି ୨୦ବର୍ଷୀୟ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ଜଣଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ(୧୧୦ରନ) କରିଥିଲେ। ଓଡ଼ିଶା ବ୍ୟାଟିଂ ସଙ୍କଟରେ ପଡ଼ିଥିବା ବେଳେ ବ୍ୟାଟିଂ କ୍ରମ ୬ ନମ୍ବରେ କ୍ରିଜକୁ ଆସି ସ୍ମରଣୀୟ ଇନିଂସ ଖେଳିଥିଲେ। ଚଳିତ ସିଜନରେ ୫ ମ୍ୟାଚ୍‌ରୁ ସେ ୨୨୩ ରନ କରିଛନ୍ତି। ପିତା ରାଜୀବ କୁମାର ଧୂପର ଓ ମା ଭାରତୀ ଧୂପରଙ୍କ ସାନ ପୁଅ ରାଜେଶଙ୍କ ଘର କଟକ ଜଗତପୁରରେ।

### ଦେବବ୍ରତ ପ୍ରଧାନ

ଏହି ସିଜନରେ ଓଡ଼ିଶାକୁ ମିଳିଛି ଜଣେ ଭରସାଯୋଗ୍ୟ ଅଲରାଉଣ୍ଡର। ସେ ହେଲେ ହେଲେ ଦେବବ୍ରତ ପ୍ରଧାନ। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ସମ୍ବଲପୁରରେ ଜନ୍ମିତ ଏହି ଖେଳାଳି। ୬ ମ୍ୟାଚ୍‌ରୁ ୧୮୧ ରନ କରିଥିବା ବେଳେ ୨୨ଟି ଉଇକେଟ ଦଖଲ କରିଛନ୍ତି। ଆସାମ ଓ ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ସେ ଦୁଇଟି ଅର୍ଦ୍ଧଶତକ ଇନିଂସ ଖେଳିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ୭୯ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିବା ସହ ଉଭୟ ଇନିଂସରେ ମୋଟ ୭ଟି ଉଇକେଟ ହାସଲ କରିଥିଲେ।

### ଶାନ୍ତନୁ ମିଶ୍ର

ସିଜନ ପ୍ରାରମ୍ଭରୁ ଓପନିଂ ଖେଳାଳିଙ୍କ ଉପରେ ଆଘାତଜନିତ ସମସ୍ୟା ସଙ୍କଟ ହୋଇ ଛିଡ଼ା ହୋଇଥିଲା। ଦୁଇ ପ୍ରମୁଖ ଖେଳାଳି ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ। ଏହି ପରିସ୍ଥିତିରେ ଶାନ୍ତନୁ ମିଶ୍ରଙ୍କୁ ଓପନିଂ ଭାର ଦିଆଯାଇଥିଲା। ଏହି ସିଜନରେ ଶାନ୍ତନୁ ନିଜକୁ ସଫଳ ଓପନର ଭାବେ ପ୍ରମାଣିତ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ ଶାନ୍ତନୁ ୮ ମ୍ୟାଚ୍‌ରୁ ୪୬୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକୀୟ ଇନିଂସ ରହିଛି। ଉତ୍ତରାଖଣ୍ଡ ବିପକ୍ଷରେ ସେ ଏହି ସ୍ମରଣୀୟ ଇନିଂସ ଖେଳିଥିଲେ। ଏହାଛଡ଼ା ଶାନ୍ତନୁ ୨ଟି ଅର୍ଦ୍ଧଶତକୀୟ ଇନିଂସ ମଧ୍ୟ ଚଳିତ ସିଜନରେ ହାସଲ କରିଛନ୍ତି।

## ସଂକ୍ଷେପରେ

### ୫କିମି ରେସ୍‌ରେ ନୂଆ ବିଶ୍ୱ ରେକର୍ଡ

**ମୋନାକୋ, ୧୬।୨ (ଏଏଫ୍‌ପି):** ଉଗାଣ୍ଡାର ଜୋଶୁଆ ଚେପ୍‌ଟେଗି ୧୨ ମିନିଟ ୫୧ ସେକେଣ୍ଡ ଟାଇମିଂରେ ୫ କିଲୋମିଟର ରେସ୍ ଶେଷକରି ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ କେନିଆର ରୋନେକ୍ସ କିପ୍ରୁଟୋଙ୍କ ନାମରେ ଥିଲା। ଭାଲେନ୍‌ସିଆରେ ସେ ୧୩ ମିନିଟ ୧୮ ସେକେଣ୍ଡ ଟାଇମିଂରେ ବିଶ୍ୱ ରେକର୍ଡ କରିଥିଲେ। ୨୩ ବର୍ଷୀୟ ଚେପ୍‌ଟେଗି ହେଉଛନ୍ତି ୧୦,୦୦୦ ମିଟର ବିଶ୍ୱ ଚାମ୍ପିୟନ। ଏଠାରେ ୧୩ ମିନିଟ୍‌ରୁ କମ୍ ସମୟରେ ରେସ୍ ଶେଷ କରିବା ଲାଗି ସେ ଲକ୍ଷ୍ୟ ରଖିଥିଲେ ବୋଲି କହିଛନ୍ତି। ଚେପ୍‌ଟେଗି ୨୦୧୬ ରିଓ ଅଲିମ୍ପିକ୍ସରେ ଉଭୟ ୫୦୦୦ ଏବଂ ୧୦,୦୦୦ ମିଟର ରେସ୍‌ରେ ଭାଗନେଇ ଯଥାକ୍ରମେ ୮ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।

### ଗୌଡ଼ାଙ୍କ ପାଇଁ ଟ୍ରାଏଲ ତାରିଖ ଧାର୍ଯ୍ୟ ହୋଇନି

**ନୂଆଦିଲ୍ଲୀ, ୧୬।୨ (ପି.ଟି.):** କାମ୍ବାଲା ରେସର୍ ଶ୍ରୀନିବାସ ଗୌଡ଼ାଙ୍କ ଟ୍ରାଏଲ ପାଇଁ ପ୍ରକୃତ ଦିନ ଧାର୍ଯ୍ୟ ହୋଇନାହିଁ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟରଠାରେ ତାଙ୍କର ଦକ୍ଷତା ଆକଳନ କରାଯିବ। ଖବର ଅନୁସାରେ, ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରଠାରେ ସେ ସୋମବାର ପହଞ୍ଚିବେ ବୋଲି ଆଶା କରାଯାଉଛି। ପ୍ରକୃତ ଟ୍ରାଏଲ ପୂର୍ବରୁ ଗୌଡ଼ାଙ୍କୁ ଦିନେ ଅବା ଦୁଇଦିନ ବିଶ୍ରାମ ସହିତ ଅଭ୍ୟାସ ପାଇଁ ସମୟ ଦିଆଯିବ। କର୍ନାଟକରେ ପାରମ୍ପରିକ ମଇଁଷି ଦୌଡ଼ ପ୍ରତିଯୋଗିତାରେ ୨୮ ବର୍ଷୀୟ କାମ୍ବାଲା ଜକି ଗୌଡ଼ା ୧୦୦ ମିଟର ଦୂରତାକୁ ୯.୫୫ ସେକେଣ୍ଡ ଟାଇମିଂରେ ଅତିକ୍ରମ କରିଥିଲେ। ଏହାର ଭିଡିଓ କ୍ଲିପିଂ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛି। ମୁଦାବିଦ୍ରି ବାସିନ୍ଦା ଗୌଡ଼ା ହେଉଛନ୍ତି ଜଣେ କନଷ୍ଟ୍ରକଶନ ୱାର୍କର। ମାଙ୍ଗାଲୁରୁ ନିକଟବର୍ତ୍ତୀ ଆଇକାଲା ଗ୍ରାମରେ ଅନୁଷ୍ଠିତ କାମ୍ବାଲାରେ ସେ ମାତ୍ର ୧୩.୬୨ ସେକେଣ୍ଡରେ ୧୪୫ ମିଟର ଦୂରତା ଅତିକ୍ରମ କରିଥିଲେ। ସେ ତାଙ୍କର ପ୍ରଥମ ୧୦୦ ମିଟରକୁ ୯.୫୫ ସେକେଣ୍ଡରେ ଶେଷ କରିଥିଲେ। ସୋସିଆଲ ମିଡିଆରେ କେତେଜଣ ଗୌଡ଼ାଙ୍କୁ ଏକାଧିକଥର ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥିବା ଉସେନ ବୋଲ୍ଟଙ୍କ ସହିତ ତୁଳନା କରିଥିଲେ। ବୋଲ୍ଟଙ୍କ ନାମରେ ୯.୫୮ ସେକେଣ୍ଡ ଟାଇମିଂରେ ୧୦୦ ମିଟର ବିଶ୍ୱ ରେକର୍ଡ ରହିଛି।

### ଏସିଆନ ରେସ୍‌ଲିଂରେ ଭାଗନେବ ପାକିସ୍ତାନ

**ନୂଆଦିଲ୍ଲୀ,୧୬।୨(ପି.ଟି.):** ଏଠାରେ ଆସନ୍ତା ୧୮ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବା ନେଇ ଅନିଶ୍ଚିତତା ଦୂର ହୋଇଛି। ଭାରତ ସରକାର ପାକିସ୍ତାନ ପ୍ରତିଯୋଗୀଙ୍କୁ ଭିଜା ପ୍ରଦାନ କରିଛନ୍ତି। ଫଳରେ ପାକିସ୍ତାନ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ନିଶ୍ଚିତ ହୋଇଛି। ତେବେ ଚାଇନାର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ କି ନା, ସେ ସଂକ୍ରାନ୍ତରେ ସୋମବାର ନିଷ୍ପତ୍ତି ନିଆଯିବ। ପାକିସ୍ତାନର ଅଂଶଗ୍ରହଣ ନେଇ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସମ୍ପାଦକ ବିନୋଦ ତୋମାର ସ୍ପଷ୍ଟ କରିଛନ୍ତି। ସବୁ ପାକିସ୍ତାନ ଖେଳାଳିଙ୍କୁ ଶନିବାର ଭିଜା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଏହି ଭିଜା ପ୍ରଦାନ ପ୍ରକ୍ରିୟାରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଅଧ୍ୟକ୍ଷ ନରିନ୍ଦର ବାତ୍ରା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ୪ ଜଣ ପାକିସ୍ତାନ ଫ୍ରି ଷ୍ଟାଇଲ ରେସ୍‌ଲର, ଜଣେ କୋଚ୍ ଓ ଜଣେ ରେଫରି ଏହି ପ୍ରତିଯୋଗିତାରେ ଭାଗନେବେ।

"ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୱାର୍ମଅପ୍ ମ୍ୟାଚରେ ୮୧ ରନ ସଂଗ୍ରହ ଦ୍ୱାରା ଫର୍ମକୁ ନେଇ ମୋ ଆଶଙ୍କା ଦୂର ହୋଇଛି।
**–ମୟଙ୍କ ଅଗ୍ରୱାଲ, ଭାରତୀୟ ବ୍ୟାଟ୍ସମ୍ୟାନ**



"ଶ୍ରୀଲଙ୍କା ବିପକ୍ଷରେ ଭଲ ଖେଳିଥିବାରୁ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଆମ ଦଳ ଅନୁରୂପ ପ୍ରଦର୍ଶନ କରିବ ବୋଲି ଆଶା।
**–ବ୍ରେଣ୍ଡନ ଟେଲର, ଜିମ୍ବାୱେ ବ୍ୟାଟ୍ସମ୍ୟାନ**





କଳିଙ୍ଗ ଷ୍ଟାଡିୟମରେ ଫେବୃୟାରୀ ୨୧ ଓ ୨୨ରେ ଭାରତ ବିପକ୍ଷରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଅଷ୍ଟ୍ରେଲିଆ ଦଳ।

# କୋଚ୍ ନିଯୁକ୍ତିକୁ ଓସିଏର ଗୁରୁତ୍ୱ

**କଟକ ଅଫିସ,୧୬।୨**

ଚଳିତ ସିଜନରେ ଓଡ଼ିଶା ରଣ୍‌ଜୀ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨ ବର୍ଷର ବ୍ୟବଧାନ ପରେ ରାଜ୍ୟ ଦଳ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଏବେ ସେମିଫାଇନାଲକୁ ନେଇ ଓସିଏରେ ଚର୍ଚ୍ଚା ଚାଲିଛି। କ୍ୱାର୍ଟର ପ୍ରବେଶ ଯୋଗୁ ଓସିଏ ପ୍ରତ୍ୟେକ ଖେଳାଳି, କୋଚ୍ ଓ ସହକାରୀ ଷ୍ଟାଫ୍‌ଙ୍କୁ ୫୦ହଜାର ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରିଥିବା ବେଳେ ସେମିରେ ପ୍ରବେଶ କଲେ ପୁନର୍ବାର ୭୫ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ତେବେ ରାଜ୍ୟ କ୍ରିକେଟକୁ ସୁଦୃଢ଼ କରିବା ପାଇଁ ଏକାଧିକ କୋଚ୍ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛି ଓସିଏ। ପ୍ରତ୍ୟେକ ବୟସବର୍ଗ ଦଳରେ ଜଣେ ନୁହେଁ, ଆଗାମୀ ଦିନରେ ଏକାଧିକ କୋଚ୍ ନିଯୁକ୍ତି ପାଇବେ। ରାଜ୍ୟ ସିନିୟର ଦଳର ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ୧୯ ବର୍ଷରୁ କମ୍ ଦଳର ଖେଳାଳି ଚଳିତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଜୁନିୟର ବର୍ଗରେ ଭଲ ଖେଳାଳି ସୃଷ୍ଟି କରିବାରେ ଓସିଏ ଲଗାତର ବିଫଳ ହେଉଛି। ଗତ ସିଜନରେ ମଧ୍ୟ ରାଜ୍ୟ ୧୯ ବର୍ଷରୁ କମ୍ ଦଳ ଖରାପ ପ୍ରଦର୍ଶନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ଜୁନିୟର ବର୍ଗରେ ନାମୀଦାମୀ କୋଚ୍‌ଙ୍କୁ ନିଯୁକ୍ତ କରାଯିବ ବୋଲି କୁହାଯାଉଛି। ଏପରି କି ରାଜ୍ୟ ବାହାରୁ ଆସିବେ ଦକ୍ଷ କୋଚ୍। ଏତଦ୍ ବ୍ୟତୀତ ଜଣେ କୋଚ୍‌ଙ୍କୁ ନେଇ ପ୍ରତ୍ୟେକ ଦଳ ସିଜନ ଆରମ୍ଭ କରୁଥିବା ପ୍ରକ୍ରିୟାକୁ ବନ୍ଦ କରାଯିବ। ଦଳରେ ବୋଲିଂ ଓ ଫିଲ୍ଡିଂ କୋଚ୍ ଭାବେ ଜଣେ ଲେଖାଏ ରହିବେ। ଭିଜନ-୨୦୨୪ ଆଧାରରେ ଓସିଏର ଏହି ନିଷ୍ପତ୍ତିକୁ ଗୁରୁତ୍ୱ ଦିଆଯିବ ବୋଲି ସଞ୍ଜୟ କହିଛନ୍ତି।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଓସିଏ ଭିଜନ ୨୦୨୪**

**ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଭିଜନ-୨୦୨୪ ଅନ୍ତର୍ଗତ ଜୁନିୟର ଆନ୍ତଃ ଜିଲା କ୍ଲବ ଲିଗ୍(ଭୁବନେଶ୍ୱର)ରେ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟାଉନ୍ କ୍ଲବ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ୫ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୮୨, ସୁଦର୍ଶନ ସ୍ୱାଇଁ ୬୫ ଓ ସାଇ ଶୁଭମ୍ ୪୧ ରନ କରିଥିଲେ। ଆଶୁତୋଷ ସାହୁ, ସମ୍ପିତ ବରାଳ ଓ ପ୍ରତୀକ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୪୦ ଓଭରରେ ୫ ଉଇକେଟ ହରାଇ ୨୧୪ ରନ କରି ନେଇଥିଲା। ଆଶୁତୋଷ ସାହୁ ୮୬, ମଣିତେଜ ମହାନ୍ତି ୫୫ ଓ ସମ୍ପିତ ବରାଳ ୩୫ ରନ କରି ଦଳକୁ ବିଜୟୀ କରାଇଥିଲେ। ପାରାମାଉଣ୍ଟର ଆଶୁତୋଷ ନାୟକ ୨ଟି ଉଇକେଟ ନେଇଥିଲେ। ବିଜୟୀ ଦଳର ଆଶୁତୋଷ ସାହୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟର ସୁଦର୍ଶନ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଆଶୁତୋଷ ନାୟକ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଭାଜପା ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ (ଇନ୍‌ଚାର୍ଜ) ଅଭିଜିତ ପାଲ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଟାଉନ୍ କ୍ଲବ ସମ୍ପାଦକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳ ଅତିଥିଙ୍କ ସହ ।

# ଫାଓ ଦାୟିତ୍ୱ ଗ୍ରହଣ କଲେ ଆଶୀର୍ବାଦ

**କଟକ ଅଫିସ,୧୬।୨**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସାଧାରଣ ପରିଷଦ ବୈଠକ ରବିବାର ପୂର୍ବାହ୍ନରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ। ନିର୍ଦ୍ୱନ୍ଦ୍ୱରେ ସମସ୍ତ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ଉପେନ୍ଦ୍ର କୁମାର ଦାସ ସୌଜନ୍ୟମୂଳକ ଭାବେ କେବଳ ଫଳାଫଳ ଘୋଷଣା କରିଥିଲେ। ସଭାପତି ଭାବେ ପୂର୍ବତନ ବିଧାୟକ ତଥା ଫାଓର ପୂର୍ବତନ ସଭାପତି ଦେବାଶିଷ ସାମନ୍ତରାୟ ପଦବୀ ବଜାୟ ରଖିଛନ୍ତି। ଦେବାଶିଷଙ୍କର ଏହା ଲଗାତାର ୩ୟ କାର୍ଯ୍ୟକାଳ। ଅନ୍ୟପକ୍ଷରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ପ୍ରଥମ ଥର ପାଇଁ ଫୁଟବଲ ସଂଘ (ସମ୍ପାଦକ) ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି ଭାବେ ବିଜୟ ଦାସ, ଦିଲ୍ଲୀପ ସାହୁ, ପ୍ରଦୀପ କିଶୋର ମହାନ୍ତି, ରବି ନାରାୟଣ ପଣ୍ଡା, ହୃଦୟ ରଞ୍ଜନ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ଭାବେ ଅଭିଜିତ ପାଲ, ସାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, କୋଷାଧ୍ୟକ୍ଷ ଭାବେ ଭକ୍ତବଲ୍ଲଭ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫୁଟବଲ କ୍ରୀଡ଼ାର ଉଲ୍ଲେଖନୀୟ ବିକାଶ ନିମନ୍ତେ ଫାଓର ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଶାରେ ଫୁଟବଲର ବିକାଶ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଆଶୀର୍ବାଦ ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

### ଓଡ଼ିଶା ସିନିୟର ହ୍ୟାଣ୍ଡବଲ ଦଳ ଘୋଷିତ

**ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)**

କାନପୁରରେ ଚଳିତମାସ ୧୮ରୁ ୨୩ ପର୍ଯ୍ୟନ୍ତ ହେବାକୁଥିବା ୪୮ତମ ଜାତୀୟ ସିନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। **ଓଡ଼ିଶା ଦଳ:** ସେକ୍ ଅଶ୍ରଫ ଅଲୀ, ସଞ୍ଜୟ ସିଂ, ବିଶ୍ୱନାଥ ବିଶ୍ୱାଳ, ଦିବ୍ୟରଞ୍ଜନ ପାତ୍ର, ଅନୀଲ କୁମାର ଜେନା, ବିକାଶ ସେଠୀ, ନିହାର ରଞ୍ଜନ ଜେନା, ରଶ୍ମିରଞ୍ଜନ ପାଣିଗ୍ରାହୀ, ଏ.ତେଜେଶ୍ୱର, ବାଳକୃଷ୍ଣ ବିଶ୍ୱାଳ, ବିକାଶ କୁମାର ସାମଲ, ବିକାଶ ସାହୁ, ନିତ୍ୟାନନ୍ଦ ମାଝି, ବିଶ୍ୱଜିତ ମହାପାତ୍ର, ଅଞ୍ଜନ ମହାନ୍ତି। କୋଚ୍: ସି.ଏସ. ବେହେରା, ମ୍ୟାନେଜର: ସତ୍ୟବ୍ରତ ବିଶ୍ୱାଳ।

### ହ୍ୟାକ୍ ହେଲା ଅଲିମ୍ପିକ୍ସ, ଆଇଓସି ଆକାଉଣ୍ଟ

**ଟୋକିଓ,୧୬।୨**

ଅଲିମ୍ପିକ୍ସ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଅଫିସିଆଲ ଟୁଇଟର ଆକାଉଣ୍ଟ ହ୍ୟାକ ହୋଇଯାଇଛି। ଏଥିଯୋଗୁ ଆକାଉଣ୍ଟକୁ ସାମୟିକ ଭାବେ ଲକ୍ କରିଦିଆଯାଇଛି। ଏ ନେଇ ଟୁଇଟର ପକ୍ଷରୁ ସ୍ପଷ୍ଟ କରାଯାଇଛି। ତୃତୀୟ ପ୍ଲାଟଫର୍ମ ଦ୍ୱାରା ହ୍ୟାକ ହୋଇଥିବା ସୋସିଆଲ ମିଡିଆର ପ୍ରବକ୍ତା ଇମେଲ ଜରିଆରେ କହିଛନ୍ତି। କିନ୍ତୁ ଅଧିକ ତଥ୍ୟ ଦିଆଯାଇନାହିଁ। ଆମେ ଏ ସମ୍ପର୍କରେ ଜାଣିବା ପରେ ଦୁଇ ଆକାଉଣ୍ଟକୁ ଲକ୍ କରି ଦେଇଛୁ। ହ୍ୟାକରଙ୍କଠାରୁ ମୁକ୍ତ କରିବା ପାଇଁ ଆମେ ପ୍ରୟାସ କରୁଛୁ ବୋଲି ଟୁଇଟର ପ୍ରବକ୍ତା କହିଛନ୍ତି।

# ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସିର ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍ ଟିମ୍ ଓଡ଼ିଶା ଏଫସିର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ୧୮ ବର୍ଷରୁ କମ୍ ବୟସ ବର୍ଗରେ ଓଡ଼ିଶା ଏଫସିର ଏହା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଅନ୍ତିମ ରାଉଣ୍ଡ କଳିଙ୍ଗ ଷ୍ଟାଡିୟମର ଟ୍ରେନିଂ ଗ୍ରାଉଣ୍ଡରେ ଆୟୋଜିତ ହୋଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚୟନ ହୋଇଥିବା ପିଲାମାନଙ୍କୁ ନେଇ ଆଉ ଏକ ଟ୍ରାଏଲ ଅନୁଷ୍ଠିତ ହେବ। ମନୋନୀତ ପ୍ରତିଭାମାନେ ଓଡ଼ିଶା ଏଫସିର ୧୮ ବର୍ଷରୁ କମ୍ ଦଳରେ ସାମିଲ ହୋଇ ଆସନ୍ତ ସିଜନରେ ହିରୋ ଏଲିଟ୍ ଲିଗ୍‌ରେ ଭାଗନେବେ। କଟକ, ଭୁବନେଶ୍ୱର ଓ ରାଉରକେଲାରେ ପ୍ରଥମ ପର୍ଯ୍ୟାୟ ଟ୍ରାଏଲରେ ଯୋଗ୍ୟ ବିବେଚିତ ହୋଇଥିବା ଫୁଟବଲ ପ୍ରତିଭା ମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଡକା ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ଓଡ଼ିଶା ଏଫସି ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ, ଗ୍ରାସ୍‌ରୁଟ୍ କୋଚ୍ ମହାବୀର ନାଥ, ଐଶ୍ୱରନ ପିଲାଇ, ଗ୍ରାସ୍‌ରୁଟ୍ ମ୍ୟାନେଜର ଶୁଭମ୍ ଦାସ ପ୍ରମୁଖ ପରିଚାଳନା କରିଥିଲେ। "ଏକ ଶକ୍ତିଶାଳୀ ଯୁବ ଦଳ ଗଠନ ପାଇଁ ଆମେ ତୃଣମୂଳ ସ୍ତରର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛୁ। ଓଡ଼ିଶା ସରକାର ବିଭିନ୍ନ କ୍ରୀଡ଼ାକୁ ସମର୍ଥନ କରି ଆସୁଛନ୍ତି। ଓଡ଼ିଶା ଏଫସି ପାଇଁ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ପିଲାମାନଙ୍କୁ ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଭୁବନେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହେଲା ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରିବା ପର୍ଯ୍ୟନ୍ତ ଏହା ଜାରି ରହିବ" ବୋଲି ସିଙ୍ଗଟୋ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଏକ କ୍ଲବ ଭାବେ ଆମେ ତୃଣମୂଳ ସ୍ତରରୁ ଶ୍ରେଷ୍ଠ ପ୍ରତିଭାଙ୍କୁ ଠାବକରି ସେମାନଙ୍କୁ ଯୁବ ଦଳ ଚୟନ ପ୍ରକ୍ରିୟାରେ ସାମିଲ କରିବାରେ ବିଶ୍ୱାସ କରୁ। ଏହା ଯେପରି ସ୍ଥାନୀୟ ଖେଳାଳିଙ୍କୁ ନେଇ ହୋଇପାରିବ ଏବଂ କ୍ୟାଚମେଣ୍ଟ ଏରିଆରେ ସେମାନଙ୍କୁ ଅନ୍ୟମାନଙ୍କ ସହ ପେସାଦାର ଟ୍ରେନିଂ ମିଳିପାରିବ ତା ଉପରେ ଧ୍ୟାନ ଦିଆ ଯାଉଛି। ପ୍ରତିଦ୍ୱନ୍ଦ୍ୱିତା ମୂଳକ ମ୍ୟାଚ ସେମାନଙ୍କ ଉନ୍ନତିରେ ସହାୟକ ହେବ" ବୋଲି ଓଏଫସିର ଫୁଟବଲ ଡେଭଲପମେଣ୍ଟ ମୁଖ୍ୟ ଆକାଶ ନରୁଲା ପ୍ରକାଶ କରିଛନ୍ତି।

# ମୁମ୍ବାଇ-ଚେନ୍ନାଇ ଉଦ୍‌ଘାଟନୀ ମ୍ୟାଚ୍

**ଆଇପିଏଲ୍ ୧୩**

**ନୂଆଦିଲ୍ଲୀ,୧୬।୨(ପି.ଟି.)**

ଆସନ୍ତା ମାର୍ଚ୍ଚ ୨୯ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରନର୍ସଅପ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଆଇପିଏଲ-୧୩ର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାରତ ଓ ଦକ୍ଷିଣ ଆଫ୍ରିକା ସିରିଜ୍ ଆସନ୍ତା ମାସ ୧୮ ତାରିଖରେ ଶେଷ ହେବ। ଏହାର ୧୧ ଦିନ ପରେ ଆଇପିଏଲ ଆରମ୍ଭ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ନକଆଉଟ୍ ପର୍ଯ୍ୟାୟର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ। କିନ୍ତୁ ମେ ୨୪ ତାରିଖରେ ଫାଇନାଲ ଖେଳାଯିବ ଧାର୍ଯ୍ୟ ହୋଇସାରିଛି। ପୂର୍ବ ସଂସ୍କରଣଗୁଡ଼ିକ ଭଳି ଶନିବାର ଡବଲ ହେଡର (ଦୁଇଟି ମ୍ୟାଚ୍) ଖେଳାଯିବ ନାହିଁ। ଫଳରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ପାଇଁ ଅଧିକ ଗୋଟେ ସପ୍ତାହ ଲାଗିବ। ପୂରା ସିଜନରେ ମାତ୍ର ୬ଟି ଡବଲ ହେଡର ପ୍ରତ୍ୟେକ ରବିବାର ଖେଳାଯିବ। ରାଜସ୍ଥାନ ରୟାଲ୍ସ ବ୍ୟତୀତ ଅନ୍ୟ ୭ ଫ୍ରାଞ୍ଚାଇଜ ସେମାନଙ୍କ ମୂଳ ଘରୋଇ ଭେନ୍ୟୁ ବଜାୟ ରଖିଛନ୍ତି।



ଉତ୍କଳ କରାଟେ ସ୍କୁଲରେ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରକୁ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଭାଗର ଉପ ସଚିବ ସୁରେଖା ସୁନ୍ଦରୀ ସ୍ୱାଇଁ ଉପସ୍ଥିତ ଥିଲେ।

# ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଚାମ୍ପିୟନ

**ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ**

**ବାଙ୍କୀ, ୧୬।୨ (ସ୍ୱ.ପ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ମହାବେରଣା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୨ତମ ହରିଶ୍ଚନ୍ଦ୍ର ମିଶ୍ର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବୈଦେଶ୍ୱର ଦିଶା କ୍ଲବକୁ ହରାଇ ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବାଙ୍କୀ ସବିର ବେହେରାଙ୍କ ୭୫ ଓ ସରୋଜ ମନ୍ତ୍ରୀଙ୍କ ୩୧ରନ୍ ସହାୟତାରେ ୨୦ଓଭରରେ ୯ ଉଇକେଟ ହରାଇ ୨୪୬ରନ୍ କରିଥିଲା। ବିପକ୍ଷ ଦଳର କାଲୁ ଜେନା ୪, ମାନସ ନାୟକ ୩ଟି ଉଇକେଟ ନେଇଥିଲେ। ଜବାବରେ ବୈଦେଶ୍ୱର ଦଳ ୧୪.୬ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କାଲୁ ଜେନା ସର୍ବାଧିକ ୪୮, ଗିରିଶ ନାୟକ ୨୬ ଓ ଗଣେଶ ମହାପାତ୍ର ୨୨ରନ୍ କରିଥିଲେ। ବିଜୟୀ ଦଳର ସନ୍ତୋଷ ସ୍ୱାଇଁ, ଅସୀମାନନ୍ଦ ଦଳ ବେହେରା ଓ ଅନୁ ପାଣି ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଧି ରଞ୍ଜନ ପଣ୍ଡା ଓ ପ୍ରଦୀପ ସାହୁ ମ୍ୟାଚ ପରିଚାଳନା କରିଥିଲେ। ବାଙ୍କୀର ସବିର ବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଦିଶା କ୍ଲବର ସୁଶାନ୍ତ ସୁବୁଦ୍ଧି ମ୍ୟାନ ଅଫ୍ ଦି ସିରିଜ୍ ପୁରସ୍କାର ପାଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି, ତ୍ରିଲୋଚନ ଦାସ ସମ୍ମାନିତ ଅତିଥି, ବାଙ୍କୀ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ, ସିନେତାରକା ମଧୁସ୍ମିତା ମହାନ୍ତି, ଅଚିନ୍ତ ବିକାଶ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ମହାବେରଣା କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ସହିତ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ବାଙ୍କୀର ୫ଜଣ ରତ୍ନପୂର୍ଣ୍ଣା ମହାପାତ୍ର, ବୀରେନ୍ଦ୍ର ତ୍ରିପାଠୀ, ଧୀରେନ ନାୟକ, ପୁଷ୍ପଲତା ସେଠୀ, ପ୍ରଜ୍ଞାପ୍ରିୟଦର୍ଶିନୀ ଏବଂ ଅଂଶୁପା କଲେଜର ଅଧ୍ୟକ୍ଷ ପ୍ରଦୀପ୍ କୁମାର ବେଉରା, ଗିରିଶ ପଟ୍ଟନାୟକ, ଗଣେଶ୍ୱର ପରିଡା, ବେଣୁଧର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ସଂପାଦକ ସଦାଶିବ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଦଳ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଅଲିମ୍ପିକ୍ସରୁ ଭାରତକୁ ୬ ପଦକ ସମ୍ଭାବନା

**ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି)**

ଟୋକିଓରେ ହେବାକୁଥିବା ଅଲିମ୍ପିକ୍ସରେ ଭାରତକୁ ଅତିକମ୍‌ରେ ୬ ପଦକ ମିଳିବା ସମ୍ଭାବନା ରହିଛି ବୋଲି ଓଡ଼ିଶାର କ୍ରୀଡ଼ା ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ 'ଓଡ଼ିଶା ଓ ଅଲିମ୍ପିକ୍ସ' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସମୀକ୍ଷକ ସମ୍ପିତ ମହାପାତ୍ର, ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ଅଧିନାୟିକା ଗୀତାଞ୍ଜଳି ସାମନ୍ତରାୟ ଓ ଗ୍ଲୋବାଲ ଫିଜିଓଥେରାପି ସେଲ୍‌ର ମୁଖ୍ୟ ମୁକ୍ତି ପ୍ରସାଦ ଦାଶ ଭାଗନେଇ ଭାରତୀୟ କ୍ରୀଡ଼ାର ବିଭିନ୍ନ ଦୃଶ୍ୟପଟ ଉପରେ ଆଲୋଚନା କରିଥିଲେ। ୧୯୮୬ରୁ କ୍ରୀଡ଼ା ଛାତ୍ରାବାସ ହେବାପରଠାରୁ ବହୁ ଖେଳରେ ଓଡ଼ିଆ ଖେଳାଳି ସୃଷ୍ଟି ହୋଇଛନ୍ତି ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ କ୍ରୀଡ଼ାର ଭିତ୍ତିଭୂମି ପାଇଁ ଓଡ଼ିଶା ସରକାର ଅଧିକ ଧ୍ୟାନଦେବାକୁ ଗୀତାଞ୍ଜଳି ପ୍ରକାଶ କରିଥିଲେ।



ଆଲୋଚନାଚକ୍ରରେ ଭାଗନେଇଥିବା ଓଡ଼ିଶାର କ୍ରୀଡ଼ା ସମୀକ୍ଷକମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୭/୨୦୨୦ Bhubaneswar, Monday, February 17/2020







# ୪୦ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୧୬।୨(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ଲେଭଲ କ୍ରସିଂ ନିକଟରେ ପୋଲିସ ରବିବାର ଚଢ଼ାଉ କରି ବ୍ରାଉନସୁଗାର ବିକ୍ରି କରୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୦.୫ ଗ୍ରାମର ବ୍ରାଉନସୁଗାର, ଗୋଟିଏ ପଲ୍‌ସର ବାଇକ, ୩ ମୋବାଇଲ ଫୋନ୍ ଓ ୬ ହଜାର ୪ଶହ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଥରବନ୍ଧବସ୍ତି ଅଞ୍ଚଳର ଶୈଳେନ୍ଦ୍ର କୁମାର ପଣ୍ଡା ଓରଫ ରିଙ୍କୁ, ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳର ଅଜୟ କୁମାର କର ଓରଫ ଅଜୁ ଓ ସାମନ୍ତରାପୁର ଅଞ୍ଚଳର ସତ୍ୟନାରାୟଣ ବେହେରା ଓରଫ ନିଲୁ। ସେମାନେ ବିଭିନ୍ନ ଅଞ୍ଚଳରେ ଅତି ଚତୁରତାର ସହ ବାଇକ ଓ ଅଟୋରେ ବୁଲି ଖୁଚୁରା ବେପାରୀଙ୍କୁ ବ୍ରାଉନସୁଗାର ବିକ୍ରି କରନ୍ତି। କମିଶନରେଟ ପୋଲିସର ଡ୍ରଗ୍ ଟାସ୍କଫୋର୍ସ ଖବର ପାଇବା ପରେ ଅଭିଯୁକ୍ତଙ୍କୁ ଧରିବାକୁ ଯୋଜନା ହୋଇଥିଲା। ଏ ନେଇ ଶହୀଦନଗର ଥାନା ପୋଲିସ ଏନ୍‌ଡିପିଏଓ ୨୧–ବି ଆକ୍ଟ ଅନୁଯାୟୀ ମାମଲା (ନଂ. ୮୮/୨୦) ରୁଜୁ କରିଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିରଞ୍ଚି ପତି ସୂଚନା ଦେଇଛନ୍ତି।






# ବଢ଼ିଲା ଖରା: ୩୦ ଡିଗ୍ରୀ ଉପରେ ୧୭ ସହର

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

## ମାଲକାନଗିରିରେ ସର୍ବାଧିକ ୩୫.୨ ଡିଗ୍ରୀ

ରାଜ୍ୟରେ ଆଉ ଶୀତ ଅନୁଭବ ହେବ ନାହିଁ। ଚଳିତମାସର ବାକି ଦିନଗୁଡ଼ିକରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ଦିନବେଳା ୩୫ଡିଗ୍ରୀ ଏବଂ ରାତିରେ ୧୭ଡିଗ୍ରୀ ଉପରେ ରହିବ। ବିଶେଷ କରି ୨ରୁ ୩ ଦିନ ମଧ୍ୟରେ ଦିନ ଓ ରାତିର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଲୋକେ ଦିନରେ ଟାଣ ଖରା ଏବଂ ରାତିରେ ଗରମ ଅନୁଭବ କରିବେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରବିବାର ୧୭ ସ୍ଥାନରେ ତାପମାତ୍ରା ୩୦ଡିଗ୍ରୀ ଉପରେ ରହିଥିବା ବେଳେ ୩ ସହରରେ ତାପମାତ୍ରା ୩୦ଡିଗ୍ରୀ ରହିଥିଲା। ରବିବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ରହିଥିଲା। ଏଠାରେ ସର୍ବାଧିକ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡିରେ ତାପମାତ୍ରା ୩୫.୧ ଡିଗ୍ରୀ ରହିଥିଲା। ସେହିପରି ଟିଟିଲାଗଡ଼ରେ ୩୪.୨, ଭବାନୀପାଟଣାରେ ୩୩.୪, ବୌଦ୍ଧରେ ୩୨.୫, ତାଳଚେରରେ ୩୨.୪, ନୟାଗଡ଼ରେ ୩୨, ଭୁବନେଶ୍ୱରରେ ୩୧.୮, ହୀରାକୁଦ ଓ ଝାରସୁଗୁଡ଼ାରେ ୩୧.୬, ବଲାଙ୍ଗୀର ଓ ସମ୍ବଲପୁରରେ ୩୧.୫, ଚାନ୍ଦବାଲିରେ ୩୧.୪, ସୋନପୁର ଓ ଗୋପାଳପୁରରେ ୩୧.୨, ବାଲେଶ୍ୱରରେ ୩୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବାରିପଦା, କେନ୍ଦୁଝର, ଛତ୍ରପୁରରେ ତାପମାତ୍ରା ୩୦ଡିଗ୍ରୀ ରହିଥିଲା। ରବିବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୦.୬ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ କୌଣସି ସ୍ଥାନରେ ବର୍ଷା ହେବାର ସମ୍ଭାବନା ନାହିଁ। ୨ରୁ ୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ନୟାଗଡ଼ ଆଦି ଜିଲାରେ ଘନ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, କୋରାପୁଟ ଓ ରାୟଗଡ଼ା।

# ଭିଜିଲାନ୍ସ ଜାଲରେ ଥାନା ଏଏସ୍‌ଆଇ

**ପୁରୀ ଅଫିସ,୧୬।୨:** ଏକ ମାମଲାରେ ଚାର୍ଜଶିଟ୍‌ରୁ ନାମ ବାଦ ଦେବା ଲାଗି ଟାଉନ ଥାନା କାର୍ଯ୍ୟରତ ଏଏସ୍‌ଆଇ ବିରଞ୍ଚି ରାଉଳ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ତାଙ୍କଠାରୁ ଟଙ୍କା ଜବତ କରିବା ସହ ଗିରଫ କରି ଭୁବନେଶ୍ୱର ନେଇଛନ୍ତି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ ନଂ. ୭/୨୦୨୦.୭/ପିସି ସଂଶୋଧନ ଆକ୍ଟ ପ୍ରକାରେ ମାମଲା ରୁଜୁ ହୋଇଛି।


ମିଳିଥିବା ସୂଚନା ଅନୁଯାୟୀ, ରାଧାଗୋବିନ୍ଦ ଲେନ୍‌ର ବିଜୟ କୁମାର ଖୁଣ୍ଟିଆ ଟାଉନ ଥାନାରେ ଏକ କେସ ନଂ ୬/୨୦ରେ ସମ୍ପୃକ୍ତ ଥିଲେ। ଏହି କେସର ଚାର୍ଜଶିଟ୍‌ରୁ ନାମ ବାଦ ଦେବାକୁ ବିଜୟ ତଦନ୍ତ ଅଧିକାରୀ ଏଏସ୍‌ଆଇ ରାଉଳଙ୍କୁ ଅନୁରୋଧ କରିଥିଲେ। ନାମ ବାଦ ଦେବା ଲାଗି ରାଉଳ ପ୍ରଥମେ ୫ହଜାର ପରେ ୩ହଜାର ଟଙ୍କାରେ ରାଜି ହୋଇଥିଲେ। ଏ ସମ୍ପର୍କରେ ବିଜୟ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ପୂର୍ବରୁ ସଜାଗ ରହିଥିଲେ। ଶୁକ୍ରବାର ରାତିରେ ଥାନା ନିକଟରେ ଏଏସ୍‌ଆଇ ରାଉଳ ଲାଞ୍ଚ ଟଙ୍କା ନେଉଥିବାବେଳେ ଛକିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଘଟଣାସ୍ଥଳରେ ଧରିଥିଲେ। ରଙ୍ଗ ପ୍ରଲେପ ଦିଆ ଲାଞ୍ଚ ଟଙ୍କା ଜବତ କରିଥିଲେ। ଚଢ଼ାଉବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଏସପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସରିତା ତ୍ରିପାଠୀ, ମଦନ ପ୍ରଧାନ ଏବଂ ୪ଜଣ ଷ୍ଟାଫ ସାମିଲ ଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ, ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କଟକ ଅଫିସ, ୧୬।୨:** ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ ଗବେଷକଙ୍କ ପାଇଁ ସହାୟକ ହେବ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଆଇଏମ୍‌ଆଇଟିର ଅଧ୍ୟକ୍ଷ ଡ. ପ୍ରଦ୍ୟୁତ କୁମାର ପାଢ଼ୀ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବୈଷୟିକ ମହାବିଦ୍ୟାଳୟର ଶତାଧିକ ଅଧାପକ ଓ ଛାତ୍ର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଧିବେଶନରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ସୁପ୍ରୀତମ ଗୁପ୍ତା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଦିଲ୍ଲୀପ କୁମାର ସେନାପତି, ଟ୍ରିପିଲ ଆଇଟି ଭୁବନେଶ୍ୱରର ପ୍ରଫେସର ପ୍ରଦ୍ୟୁତ କୁମାର ବିଶ୍ୱାଳ, ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ଅଧ୍ୟକ୍ଷ ଡ. ଦେବୀ ପ୍ରସାଦ ଦାସ ଅଂଶଗ୍ରହଣ କରି ଗବେଷଣାଧର୍ମୀ ତଥ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆବାହକ ଡ. ଜୀବନାନନ୍ଦ ମେହେନା ସ୍ୱାଗତ ଭାଷଣ ଦେଇଥିଲେ। ଡ. ନୟନ ରଞ୍ଜନ ସାମଲ, ସଂଯୋଜକ ଡ. ସଚ୍ଚିଦାନନ୍ଦ ସାମଲ, ଡ. ସତ୍ୟପ୍ରକାଶ ରାଉତ, ପ୍ରାଧାପିକା ଶୀତଲ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ବାର୍ଷିକ ଉତ୍ସବ ପାଳିତ

**କଟକ ଅଫିସ, ୧୬।୨:** ମହମ୍ମଦିଆ ବଜାରସ୍ଥିତ ନାଳନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ, ସମ୍ମାନିତ ଅତିଥି ପୂର୍ବତନ କର୍ପୋରେଟର ବିଜୟ ଦଳାଇ, ବକ୍ତା ଭାବେ କାନନବାଳା ଦାସ ଯୋଗଦେଇଥିଲେ। ସଞ୍ଜୀବ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବନ୍ଧୁମିଳନ କାର୍ଯ୍ୟକ୍ରମ

**କଟକ ସଦର, ୧୬।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳସ୍ମୃତି ବିଦ୍ୟାପୀଠ ୧୯୮୩ କନିଷ୍ଠ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଲକ୍ଷ୍ମୀନାରାୟଣପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ପରିବେଶ ସୁରକ୍ଷା ଉପରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ପୀୟୁଷ ରଞ୍ଜନ ପରିଡ଼ା, ପ୍ରଦୀପ ରାଉତରାୟ, ଭରତ ଚନ୍ଦ୍ର ବେହେରା, ପ୍ରମୋଦ ପ୍ରଧାନ, ରମେଶ ବେହେରା, ସୁରେନ୍ଦ୍ର ପାତ୍ର ଓ ରମେଶ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣା: ୮ ଅଟକ

**ଭୁବନେଶ୍ୱର, ୧୬।୨(ବ୍ୟୁରେ)**

ଶହୀଦନଗର ଥାନା ୟୁନିଟ୍-୯ ଗ୍ରୀଡ୍‌କୋ କଲୋନୀରେ ଯୁବକ ପି.ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୮ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋଷ୍ଠୀ ବିବାଦରୁ ଏହି ଘଟଣା ଘଟିଥିବାବେଳେ ଏହା ଆଗକୁ ଭୟଙ୍କର ସଂଘର୍ଷର ରୂପ ନେଇପାରେ ବୋଲି

### ଭୟଙ୍କର ହୋଇପାରେ ଗୋଷ୍ଠୀ ସଂଘର୍ଷ

ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ତେଣୁ ପୋଲିସ ଏବେଠୁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଥିବା ଆକାଶଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି। ରବିବାର ସକାଳେ ଆକାଶଙ୍କ ବାପା ପି. ତାରକେଶ୍ୱ ଦୋରା ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୧୪୭, ୧୪୮, ୩୨୪, ୩୦୭, ୧୪୯ ଓ ୭ ଅନୁଯାୟୀ ମାମଲା (ନଂ-୮୭/୨୦୨୦) ରୁଜୁ କରିଛି। ମାମଲାରେ ଗୁଲସନ୍, ଭବାନୀ, ଶୁଭମ୍ ଏବଂ ଅନ୍ୟ କେତେଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ରହିଛି। ପୋଲିସ ଶନିବାର ଘଟଣାସ୍ଥଳରୁ ଜଣଙ୍କୁ କାବୁ କରିଥିଲାବେଳେ ବିଳମ୍ବିତ ରାତିରେ ୮ ଜଣଙ୍କୁ ଉଠାଇ ନେଇଥିଲା। ମାମଲାରେ ସମ୍ପୃକ୍ତ ଅନ୍ୟ ୨୬ ଜଣଙ୍କୁ ପୋଲିସ ଖୋଜୁଛି। ସେମାନେ ରାଜଧାନୀ ପାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ରାଜଧାନୀ ବାହାରେ ଚଢ଼ାଉ ଜାରି ରଖିଛି। ଏହି ଆକ୍ରମଣ ପଛରେ ବାଣୀବିହାର କ୍ୟାମ୍ପସ ରହୁଥିବା କେତେଜଣ ଛାତ୍ର ଏବଂ ଭିଏସ୍‌ଏସ୍ ନଗରର କେତେଜଣ ଯୁବକ ସାମିଲ ଅଛନ୍ତି।



### ଏଥିରେ ବି ନାବାଳକଙ୍କ ସମ୍ପୃକ୍ତି

ନାବାଳକଙ୍କ ପାଇଁ ଦଣ୍ଡ କଠୋର ନ ଥିବାରୁ ଅପରାଧୀମାନେ ଏକାଧିକ ମାମଲାରେ ନାବାଳକଙ୍କୁ ସାମିଲ କରୁଛନ୍ତି। ୟୁନିଟ-୨ ମାର୍କେଟ ବିଲ୍ଡିଂରେ ଆତଙ୍କ ମାମଲାରେ ୧୬ ଜଣ ନାବାଳକ ସମ୍ପୃକ୍ତ ଥିଲେ। ସେମାନେ ଦେଖୁ ଦେଖୁ ମାରପିଟ୍ ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଶନିବାର ରାତିରେ ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ହୋଇଥିବା ଆକ୍ରମଣରେ ମଧ ଏକାଧିକ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଆକ୍ରମଣ ପଛର ମାଷ୍ଟରମାଇଣ୍ଡ ନାବାଳକମାନଙ୍କୁ ବ୍ୟବହାର କରି ନିଜର ଫାଇଦା ହାସଲ କରିଥିବା ପୋଲିସ ଜାଣିବାକୁ ପାଇଛି।

### ବାଇକ ଏକ୍ସିଲିଟର ମୋଡ଼ିବାରୁ ହୋଇଥିଲା ବିବାଦ

ଶନିବାର ଆକାଶଙ୍କ ଉପରେ ହୋଇଥିବା ଆକ୍ରମଣର ମୂଳ କାରଣ ହେଲା ବାଇକର ଏକ୍ସିଲିଟର ମୋଡ଼ିବା। ଦୁଇ ସପ୍ତାହ ତଳେ ଶହୀଦନଗର ଦୁର୍ଗାମଣ୍ଡପ ପଛପଟରେ ୟୁନିଟ-୯ର କେତଜଣ ପିଲା ବସିଥିଲେ। ଏହି ସମୟରେ ବାଣୀବିହାର କ୍ୟାମ୍ପସର ଦୁଇ ଜଣ ପିଲା ବାଇକରେ ଆସି ତାଙ୍କ ଆଗରେ ଏକ୍ସିଲିଟର ମୋଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ବିକଟାଳ ଶବ୍ଦ କରିଥିଲେ। ଏହାକୁ ଆକାଶ ଏବଂ ତାଙ୍କ ସାଙ୍ଗମାନେ ବିରୋଧ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଥାନାରେ ଆପୋସ ସମାଧାନ ହୋଇଥିଲା। କିନ୍ତୁ ବାଣୀବିହାର ପିଲା ରାଗ ରଖିଥିଲେ। ତଦନୁଯାୟୀ ଶନିବାର ଆକାଶଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଆକାଶ ଗ୍ରୀଡ୍‌କୋ କଲୋନୀରେ ୩ଜଣ ସାଙ୍ଗମାନଙ୍କ ସହ ବସିଥିବାବେଳେ ୩୦ରୁ ଉର୍ଦ୍ଧ୍ୱ ଯୁବକ ମୁହଁରେ କପଡ଼ା ବାନ୍ଧି ଖଣ୍ଡା, ଭୁଜାଲି ଧରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ।

## ନିତ୍ୟାନନ୍ଦ କଲେଜର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ନିଆଳି, ୧୬।୨(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ ଏରଞ୍ଚସ୍ଥିତ ଦେବୀ-କନ୍ଦଳରେ ଥିବା ନିତ୍ୟାନନ୍ଦ କଲେଜର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ରାସବିହାରୀ ମଠର ମହନ୍ତ ମହାରାଜ ବୃନ୍ଦାବନ ଦାସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପ୍ରଦୀପ୍ତ ମୋହନ କାନୁନ୍‌ଗୋ ଯୋଗଦେଇ ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ଅଧ୍ୟକ୍ଷ ପ୍ରଭାକର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ କଲେଜର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧାପକ ଗୋପାଳ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ, ଅଧାପିକା ମଧୁସ୍ମିତା ସାହୁ ବିବରଣୀ ପାଠ ଓ ଅଧାପକ ଅମୂଲ୍ୟରତ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ଡ. ଚିତ୍ତରଞ୍ଜନ ସାହୁ, ଅଧାପିକା ସନ୍ଧ୍ୟାରାଣୀ ଦାସ, ନିରଞ୍ଜନ ସାହୁ, ଗଜେନ୍ଦ୍ର ମିଶ୍ର, ଅଶୋକ ସାହୁ, ପବିତ୍ର କୁମାର ନାୟକ, ସାମାଜିକ କର୍ମୀ ତ୍ରିଲୋଚନ ମହାନ୍ତି, କବିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ମଣିମାଣିକ ଜାତୀୟ ଶିଶୁ ପ୍ରତିଷ୍ଠାନର ବାର୍ଷିକ ଶିଶୁ ମହୋତ୍ସବ ଓ ସମ୍ମାନ ପ୍ରଦାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବୃନ୍ଦ।

### ପୂର୍ବତନ ସାହି ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁଙ୍କ ପରଲୋକ

**କଟକ ଅଫିସ, ୧୬।୨**

ରାଣୀହାଟ ମାଳିସାହି ପୂଜା କମିଟି ତଥା ପୂର୍ବତନ ସାହି ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ(୬୮)ଙ୍କ ଶନିବାର ପରଲୋକ ଘଟିଛି। ସେ କିଛିଦିନ ଧରି ରୋଗରେ ଆକ୍ରାନ୍ତ ଥାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ପରେ ତାଙ୍କ ମରଶରୀରକୁ ରାଣୀହାଟସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ମହେନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସେ ଜଣେ ସମାଜିକ କର୍ମୀ ଓ ସଫଳ ବ୍ୟବସାୟୀ ଭାବେ ଖ୍ୟାତିଲାଭ କରିଥିଲେ। ତାଙ୍କ ଜୀବନକାଳ ମଧ୍ୟରେ ସାହିର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ।

## ଉରାଳୀ କପ: ଉଇଣ୍ଡ କ୍ଲବ ଚାମ୍ପିୟନ




ଚାମ୍ପିୟନ ଉଇଣ୍ଡ କ୍ଲବ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**କଣ୍ଟାପଡା, ୧୬।୨(ଡି.ଏନ୍.ଏ.)**

ଉରାଳୀ ଖେଳପଡିଆରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଫାଇନାଲରେ ମର୍ନିଂଷ୍ଟାର କ୍ରିକେଟ କ୍ଲବକୁ ୯ ଉଇକେଟରେ ହରାଇ ଉଇଣ୍ଡ କ୍ଲବ ଚାମ୍ପିୟନ ହୋଇଛି। ଟସ ଜିତି ଉଇଣ୍ଡ ଟିମ ପ୍ରତିପକ୍ଷଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ମର୍ନିଂଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଉଇଣ୍ଡ ୨ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଡାକ୍ତର ସୁଭାଶିଷ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବିକ୍ରମ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗୋପେଶ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ୱାସିମ ରେହମାନଙ୍କୁ ମ୍ୟାନ ଅଫ ଦ ସିରଜ ପୁରସ୍କାର ପ୍ରଦାନ କରାଯାଇଥିଲା। ମନୋଜ ମିଶ୍ର ଓ ବୁବୁନା ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

# ଅସ୍ତ୍ରୋପଚାର ପରେ ରହିବାକୁ ନେଇ ପ୍ରଶ୍ନବାଚୀ

**କଣ୍ଟାପଡା, ୧୬।୨(ଡି.ଏନ୍.ଏ.)**

### ନ୍ୟୁରୋ ଫାଇବ୍ରୋମେଟୋସିସ୍ ରୋଗରେ ଆକ୍ରାନ୍ତ କହ୍ନେଇ

କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ଗ୍ରାମର କହ୍ନେଇ ପ୍ରଧାନ(୧୬) ନ୍ୟୁରୋ ମେଟୋଫେବ୍ରାସିସ ରୋଗରେ ଆକ୍ରାନ୍ତ। ତାଙ୍କ ଡାହାଣ ଗୋଡର ଓଜନ ୪୫ କେଜି ହୋଇଯାଇଥିବାବେଳେ ଚିକିତ୍ସାଲାଗି ତାଙ୍କୁ ଓଲଟପୁର ଏସ୍‌ଭି ନିରତାରରେ ଭର୍ତ୍ତି କରାଯାଇଛି। ସୋମବାର ସେଠାରେ ତାଙ୍କ ଗୋଡର ଅସ୍ତ୍ରୋପଚାର କରାଯିବ। ଏଥିପାଇଁ ନିରତାର କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ସବୁ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କହ୍ନେଇଙ୍କ ପାଇଁ ସାଧାରଣ ଲୋକଙ୍କ ମନରେ ସମବେଦନା ପ୍ରକାଶ ପାଇଥିବାବେଳେ ବିଭିନ୍ନ ସ୍ଥାନରେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଦୀପ ଦାନ ଓ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି। ଏପରିସ୍ଥଳେ କହ୍ନେଇଙ୍କ ସ୍ଥାୟୀଜମି କିମ୍ବା ଘର ନ ଥିବାରୁ ଅସ୍ତ୍ରୋପଚାର ପରେ ସେ କେଉଁଠି ରହିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୫୦ବର୍ଷ ହେବ କହ୍ନେଇଙ୍କ ପରିବାର ନାହାଳପୁର ଗ୍ରାମର ଏକ ସରକାରୀ ଜମିରେ ଝୁମ୍ପୁଡି ଘର କରି ରହୁଛନ୍ତି। ଦେହ ଖରାପ ଯୋଗୁ କହ୍ନେଇଙ୍କ ବାପାଙ୍କ କିଛିବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ଏବେ ସେ ତାଙ୍କ ମାଆ ଢ଼ୁକୁନି ପ୍ରଧାନଙ୍କ ସହିତ ରହୁଛନ୍ତି। ଦିନ ମଜୁରିଆ ଭାବେ ଢ଼ୁକୁନି କାମ କରି ଯାହାକିଛି ରୋଜକାର କରନ୍ତି ସେଥିରେ ତାଙ୍କର ପରିବାର ପ୍ରତିପୋଷଣ ହୋଇଥାଏ। ହେଲେ ଏହି ରୋଗର ଚିକିତ୍ସା ପାଇଁ ତାଙ୍କ ପକ୍ଷେ ଅର୍ଥ ଯୋଗାଡ କରିବା କଷ୍ଟକର। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଚିନ୍ମୟ ପାତ୍ର ନାହାଳପୁର ଗ୍ରାମରେ ପହଞ୍ଚି କହ୍ନେଇଙ୍କୁ ଭେଟିଥିଲେ। ପରେ ତାଙ୍କୁ ଚିକିତ୍ସାପାଇଁ ଏସ୍‌ଭି ନିରତାରରେ ଗତ ମଙ୍ଗଳବାର ଭର୍ତ୍ତି କରିଥିଲେ। ଏହାପରଠାରୁ ସେଠାରେ ସେ ଚିକିତ୍ସିତ ହୋଇଆସୁଛନ୍ତି। ଅସ୍ତ୍ରୋପଚାର ପରେ ଯଦି କହ୍ନେଇଙ୍କୁ ଉକ୍ତ ଝୁମ୍ପୁଡି ଘରକୁ ନିଆଯାଏ ତେବେ ସଂକ୍ରମଣ ହେବାର ଶତ ପ୍ରତିଶତ ସମ୍ଭାବନା ରହିଛି ବୋଲି ନିରତାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ କହିଛନ୍ତି। ସମାଜରେ କେହି ଭୂମିହୀନ ରହିବେ ନାହିଁ ବୋଲି ସରକାର ନିୟମ କରିଥିବାବେଳେ ନାହାଳପୁର ରାଜସ୍ୱ ସର୍କଲର ଅଧିକାରୀମାନେ କାହିଁକି ଏହି ପରିବାରଙ୍କୁ ଭୂମିହୀନ ଭାବେ ଚିହ୍ନଟ କରି ଘରପଟ୍ଟା ଯୋଗାଇ ଦେଇନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କହ୍ନେଇ ପରିବାରର ନିଜସ୍ୱ ଜମି ନ ଥିବାରୁ ବ୍ଲକ ପ୍ରଶାସନ କୌଣସି ଆବାସ ଯୋଜନାରେ ସାମିଲ କରି ନ ଥିବା କଣ୍ଟାପଡା ବିଡିଓ କେ. ଅଶୋକ କୁମାର କହିଛନ୍ତି।

# ବିଜେଡି କର୍ମୀ ସମାବେଶ


**କଟକ ସଦର, ୧୬।୨(ଡି.ଏନ୍.ଏ.)**

ଜିଲା ପରିଷଦ ମଧ୍ୟବର୍ତ୍ତୀକାଳିନ ନିର୍ବାଚନ ପରିପ୍ରେକ୍ଷୀରେ କଟକ ସଦର ବ୍ଲକର ୭ନଂ. ଜୋନ୍ ବିଜେଡି କର୍ମୀ ସମାବେଶ ରବିବାର ଗିରିଧାରୀ କ୍ରୋଟରେ ଅନୁଷ୍ଠିତ ହୋଇଥିଲା। କଟକ ସଦର ବ୍ଲକ ଯୁବ ବିଜେଡି ସଭାପତି ଚିତ୍ତରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ କର୍ମୀମାନେ ଦଳୀୟ ପ୍ରାର୍ଥୀ ମନୋନୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମୁଖ ବିରୋଧୀ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ଶାସକ ଦଳ ମଧ୍ୟ ଅନୁରୂପ ପନ୍ଥା ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଦଳର ସୁଖଦୁଃଖରେ ଜଡିତ ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବା ପାଇଁ କେତେଜଣ କର୍ମୀ କହିଥିଲେ। ପ୍ରଶାନ୍ତ ପ୍ରଧାନ, ଇଲାବତୀ ବିଶୋୟୀ, ଶ୍ରୀଧର ଲେଙ୍କା, ମନୋରଞ୍ଜନ ପଟ୍ଟାୟତ ଓ ଗଗନ ବିହାରୀ ମହାପାତ୍ର ପ୍ରମୁଖ ଦଳର ପ୍ରାର୍ଥୀ ଭାବେ ବିଳାସ ଚନ୍ଦ୍ର ମଲ୍ଲିକଙ୍କ ନାମକୁ ବିଚାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଦଳୀୟ ଚିହ୍ନରେ ନିର୍ବାଚନ ହେଉଥିବାରୁ ଅନ୍ୟ ଆଶାୟୀଙ୍କ ଭଳି ଏକଥାକୁ ମଧ୍ୟ ବିଚାରକୁ ନିଆଯିବ ବୋଲି କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଆଶ୍ୱାସନା ଦେଇଥିଲେ। ଦୀପକ ମହାନ୍ତି, ସୋମନାଥ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ମହାନ୍ତି, ରତ୍ନାକର ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଟକ ସଦର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ହିମାଂଶୁ ଦାସ ଧନ୍ୟବାଦ ଦେଇଥିଲେ।

# ଝାଡ଼ାବାନ୍ତିରେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**କଟକ ଅଫିସ, ୧୬।୨**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୮ନଂ. ୱାର୍ଡ ଗୋପାଳ ସାହିରେ କିଛିଦିନ ହେବ ଝାଡାବାନ୍ତି ଲାଗିରହିଛି। ଏହି ସାହିରେ ଥିବା ୮ଟି ପରିବାରର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଝାଡାବାନ୍ତିରେ ଆକ୍ରାନ୍ତ ହେବାରୁ ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୂଷିତ ପାଣି ପିଇବା ଦ୍ୱାରା ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ବବିତା ଦାସ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ କର୍ପୋରେଟର ଅରୁଣ ସେଠୀ କୁହନ୍ତି, ୭/୮ଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଡ୍ରେନ୍‌ପାର୍ଶ୍ୱ ଦେଇ ପାଣି ପାଇପ ଯାଇଛି। କେତେକ ସ୍ଥାନରେ ପାଇପ ଫାଟିଯିବା ଯୋଗୁ ନାଳପାଣି ସେଥିରେ ମିଶୁଛି। ଫଳରେ ଲୋକମାନେ ଏହି ପାଣି ପିଇବାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ କହିଥିଲେ।



ରେଭେନ୍‌ଶା କଲିଜିଏଟ୍ ସ୍କୁଲ ନେତାଜୀ ଅଡ଼ିଟୋରିୟମ୍‌ରେ ଜଷ୍ଟିସ ଯୁଗଳ କିଶୋର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

### ପୁରାତନ ଛାତ୍ର ସମାବେଶ

**କଟକ ଅଫିସ, ୧୬।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗର ପୁରାତନ ଛାତ୍ର ସମାବେଶ ରବିବାର ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଗଠନ କରାଯିବା ସହ ସଂସଦର କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଥିଲା। ଡ. ସନ୍ତୋଷ କୁମାର ରଥ କାର୍ଯ୍ୟକାରୀ ସଭାପତି, ସ୍ମୃତି ରଞ୍ଜନ ଦାସ ସଧାରଣ ସମ୍ପାଦକ, ଡ. ଆଦିତ୍ୟ କେଶରୀ ମିଶ୍ର ଏବଂ ନିଶାନ୍ତ ମାଝିଥିଆ ଉପସଭାପତି, ସାରଦା ପ୍ରସନ୍ନ ଦାସ ଏବଂ ନାରାୟଣ ସାହୁ ଯୁଗ୍ମ ସମ୍ପାଦକ, ସୋନିଆ ସରକାର କୋଷାଧ୍ୟକ୍ଷ ଏବଂ ବିଭାଗର ମୁଖ୍ୟ ଡ. ବିକ୍ରମ କେଶରୀ ମିଶ୍ର ଆବାହକ ଭାବେ ମନୋନିତ ହୋଇଥିଲେ। ଏଥିସହିତ ପ୍ରତିବର୍ଷ ଜାତୀୟସ୍ତରୀୟ ସମ୍ମିଳନୀ, ଆଲୋଚନାଚକ୍ର ,ବିଭାଗର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ଓ ରୋଜଗାର ସମ୍ପର୍କୀୟ ପ୍ରଶିକ୍ଷଣ, ପୋଷ୍ୟଗ୍ରାମ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ମୁଖ୍ୟ ଡ. ମିଶ୍ର କହିଛନ୍ତି। ଏହି ସମାବେଶରେ ବହୁ ପୁରାତନ ଛାତୀଛାତ୍ର ଯୋଗଦେଇଥିଲେ।

# ସୁପର ଓଭରରେ ଜିତିଲା କୁଳପତି ଏକାଦଶ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**କଟକ ଅଫିସ, ୧୬।୨**

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ରବିବାର ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ରେ କୁଳପତି ଏକାଦଶ ବିଜୟୀ ହୋଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କୁଳପତି ଏକାଦଶ ୧ରନରେ ମିଡ଼ିଆ ଏକାଦଶକୁ ପରାସ୍ତ କରିଥିଲା। କୁଳପତି ଏକାଦଶର ଶିବ ଶଙ୍କର ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ପୂର୍ବତନ କ୍ରିକେଟର କୁଳମଣି ପରିଡ଼ା, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱାଧୀନ ମିଡ଼ିଆ ଏକାଦଶ ୧୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ରତ୍ନାକର ବେହେରା ଦଳ ପକ୍ଷରୁ ସର୍ବାଧିକ ୩୩ରନ କରିଥିବାବେଳେ ପ୍ରଭୁ କଲ୍ୟାଣ ୧୮ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। କୁଳପତି ଏକାଦଶର ଶିବଶଙ୍କର ୩ ଓଭର ବୋଲିଂ କରି ୮ ରନ୍ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଧର୍ମବ୍ରତ ମହାପାତ୍ରଙ୍କ ନେତୃତ୍ୱାଧୀନ କୁଳପତି ଏକାଦଶ ଦଳ ନିର୍ଦ୍ଧାରିତ ୧୫ଓଭରରେ ୭ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ସୁପରଓଭର ଜରିଆରେ ମ୍ୟାଚ୍ ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କୁଳପତି ଏକାଦଶ ୯ରନ କରିଥିବାବେଳେ ମିଡ଼ିଆ ଏକାଦଶ ୮ରନ କରି ପରାଜିତ ହୋଇଛି। ମ୍ୟାଚକୁ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଓ ଅକ୍ଷୟ ମହାନ୍ତି ପରିଚାଳନା କରିଥିଲେ।



"୧୩-ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।"
-କନ୍‌ଫୁସିୟସ



## ସଂକ୍ଷେପରେ

### ଗୋଟିଏ ରାତିରେ ୨ ଦୋକାନରୁ ଚୋରି

ସାଲେପୁର, ୧୬।୨(ଡି.ଏନ୍.ଏ.): ସାଲେପୁର ବ୍ଲକ ସପନପୁର ଗ୍ରାମ ନିକଟରେ ଥିବା ଏକ ହୋଟେଲ ଓ ଜଳଖିଆ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ କବାଟ ଭାଙ୍ଗି ସାମଗ୍ରୀ ଓ ନଗଦ ଟଙ୍କା ଲୁଟି ନେଇଥିବାନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଟକ ସାଲେପୁର ରାସ୍ତାର ସପନପୁର ଗ୍ରାମ ନିକଟ ଜଗନ୍ନାଥ ହୋଟେଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୫ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୩ ଗ୍ୟାସ୍ ସିଲିଣ୍ଡର ଓ ବହୁ ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ଗ୍ରାମ ନିକଟରେ ଥିବା ଏକ ଜଳଖିଆ ଦୋକାନର କବାଟ ଭାଙ୍ଗି ୨ ଗ୍ୟାସ୍ ସିଲିଣ୍ଡର, ନଗଦ ୨ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି।

### ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

ସାଲେପୁର, ୧୬।୨(ଡି.ଏନ୍.ଏ.): ସାଲେପୁର ବ୍ଲକ ଅନ୍ତର୍ଗତ ଭାମଦାସପୁର ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ନବନିର୍ମିତ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବ୍ୟାପୀ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ପୂଜକ ଜୀବନାନନ୍ଦ ଶତପଥୀ, କେଶବ ଚନ୍ଦ୍ର ପଣ୍ଡା ଓ କମଳାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ବିରଞ୍ଚି ନାରାୟଣ ରାଉତ ଓ ତାଙ୍କ ସ୍ତ୍ରୀ ସଲଲା ରାଉତ କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଅବସରରେ ଡାଳପଡା ଗ୍ରାମସ୍ଥିତ ଝାରେଶ୍ୱର ମହାଦେବଙ୍କ ବଡପୋଖରୀରୁ ୧୦୮ କଳସ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ଏଥିସହ ବିଭିନ୍ନ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ହାରଣ ପୂଜା, ବିଷ୍ଣୋୟାଗ୍ନୀ ମହାସ୍ନାନ, ବଡସିଂହାର ବେଶ, ନବଯୌବନ ଦର୍ଶନ ଇତ୍ୟାଦି ଆୟୋଜନ କରାଯାଇ ଶେଷରେ ପୂର୍ଣ୍ଣାହୁତି ହୋଇଥିଲା। ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିବେକାନନ୍ଦ ରାଉତ, କ୍ଷୀରୋଦ ଚନ୍ଦ୍ର ଦାସ, ମୁରଲୀଧର ବେହେରା, ପ୍ରେମାନନ୍ଦ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିବା ବେଳେ ବିନାୟକ ଯୁବ ପରିଷଦର ସଭାପତି ବିରଞ୍ଚି ନାରାୟଣ ମହାନ୍ତି, ସାଧାରଣ ସମ୍ପାଦକ ମନୋଜ ଦାସ, ମାନସ, ହେମନ୍ତ, ମଳୟ, ଲୁଲୁ, ଜଗା ଦାସ ପ୍ରମୁଖ ସହଯୋଗ କରିଥିଲେ।

# 'ସାହିତ୍ୟ ହେଉଛି ରାଜନୀତିର ଉତ୍ସ'

## ମାହାଙ୍ଗା ସାହିତ୍ୟ ମହୋତ୍ସବ

ମାହାଙ୍ଗା, ୧୬।୨(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ କୋଠପଦାସ୍ଥିତ ଗଣକବି ବୈଷ୍ଣବ ପାଣି ସ୍ମୃତି ମଣ୍ଡପ ପରିସରରେ ରବିବାର ମାହାଙ୍ଗା ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ କବି ଡ. ହରପ୍ରସାଦ ଦାସ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧିରେ ମାହାଙ୍ଗାର ବରପୁତ୍ରମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାହିତ୍ୟ ହେଉଛି ରାଜନୀତିର ଉତ୍ସ ଏଣୁ ରାଜନେତାମାନେ ସାହିତ୍ୟ ଅନୁରାଗୀ ହେବା ଉଚିତ । ଏପରିକି ପ୍ରଶାସକମାନେ ରାଜନେତାଙ୍କୁ ସାହିତ୍ୟ ଜ୍ଞାନ ଦେବା ଆବଶ୍ୟକ। ସାହିତ୍ୟକୁ ନେଇ ସଭ୍ୟତା ଓ ଜାତି ଦୀର୍ଘଦିନ ପର୍ଯ୍ୟନ୍ତ ବଞ୍ଚି ରହେ। ଏଣୁ ଏହାକୁ ଉଜ୍ଜୀବିତ କରି ରଖିବା ଜରୁରୀ ବୋଲି ଦାସ ମତବ୍ୟକ୍ତ କରିଥିଲେ। ମହୋତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ବେହେରା, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି, ସମ୍ମାନିତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ଆବାହକ ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ମାହାଙ୍ଗା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ କବି ରବି ସିଂହ, ବ୍ରଜବନ୍ଧୁ ବିଶ୍ୱାଳ ଓ କୁଳମଣି ସାମଲଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। କବି ଡ. ଏକାଦଶୀ ପ୍ରଧାନଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଦ୍ୱନ୍ଦ୍ୱ' ଓ 'ଅଶାନ୍ତିର ଶେଷ ନାହିଁ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କୁଳମଣି ମେହେର ସଭା ସଂଯୋଜନା କରିଥିଲେ। ଗାଡ଼ିକାର ତଥା ସୁସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁରେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ଶରତ ନାୟକ, ଅଶୋକ ଓଝା, ଶରତ ମହାପାତ୍ର, ହୃଷୀକେଶ ସ୍ୱାଇଁ, ଅକ୍ଷୟ କୁମାର ଷଡ଼ଙ୍ଗୀ, ପନଙ୍ଗ ଭୂଷଣ ଦାଶ, ରାଜକିଶୋର ଜେନା, ସରୋଜ କଳ୍ପନା ଜେନା, ଲକ୍ଷ୍ମୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମାହାଙ୍ଗାର ସାହିତ୍ୟ ସମ୍ଭାର ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ଡ. ଭୁବାନନ୍ଦ ସାହୁ ସଭାପତିତ୍ୱ କରିଥିବାବେଳେ କବି ନାରାୟଣ ପୁଲୁଲ୍ଲ,ଡ. ନିଖିଳେଶପଦ ମହାନ୍ତି,ପ୍ରାଧ୍ୟାପକ ପ୍ରଶାନ୍ତ ବିଶ୍ୱାଳ,ଶିଶୁ ସାହିତ୍ୟିକ ବସନ୍ତ କିଶୋର ସାହୁ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ପରେ କବି ଅଖିଳେଶପଦ ମହାନ୍ତି, ଜ୍ୟୋତିର୍ମୟୀ ଓ ସ୍ୱାଗତିକା ମହାନ୍ତିଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।


ସାହିତ୍ୟ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଜଟେଶ୍ୱର କ୍ରିକେଟ: ଦାରୁଠେଙ୍ଗ ବିଜୟୀ

ନରାଜ,୧୬।୨(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ରତାଗଡ ଖେଳପଡ଼ିଆରେ ଜୟ ଜଟେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିବଶକ୍ତି କ୍ରିକେଟ କ୍ଲବ ଦାରୁଠେଙ୍ଗ ଚାମ୍ପିୟନ ହୋଇଛି। ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମଦନମୋହନ ସ୍ପୋର୍ଟ୍ସ କ୍ଲବ ବାଲିପଡା ଓ ଶିବଶକ୍ତି କ୍ରିକେଟ କ୍ଲବ ଦାରୁଠେଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଲିପଡା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଦାରୁଠେଙ୍ଗ କୌଣସି ଉଇକେଟ ନ ହରାଇ ୭ ଓଭର ୩ବଲ ଖେଳି ୧୨୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦାରୁଠେଙ୍ଗ ଦଳର ନିଲୁ ମ୍ୟାନ ଅଫ ଦି ମ୍ୟାଚ ଓ ବାଲିପଡାର ଲଲି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଡିସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ରତାଗଡ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୧,୦୦୧ ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଅପ୍ ଟ୍ରଫି ସହ ୮,୦୦୧ ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଅମ୍ପାୟାର ଭାବେ ଅଭିମନ୍ୟୁ ପଣ୍ଡା ଓ ପ୍ରଦୋଷ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ କ୍ଲବର କାଳନ୍ଦୀ ବେହେରା, ଚିନ୍ତାମଣି ବେହେରା, ଆନନ୍ଦ ବେହେରା, ସୌମ୍ୟରଞ୍ଜନ ନାୟକ ଓ ପ୍ରମୋଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ବିଜୟୀ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

# ଜୁନିୟର ୟୁନାଇଟେଡ୍ କ୍ଲବ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳି।

## କାନପୁର ରାଜ୍ୟସ୍ତରୀୟ ଫୁଟବଲ୍

ନରସିଂହପୁର,୧୬।୨ (ଡି.ଏନ୍.ଏ.): ନରସିଂହପୁର ବ୍ଲକ କାନପୁର ମିନି ଷ୍ଟାଡିୟମରେ ଆଥଲେଟିକ ଆସୋସିଏଶନ କାନପୁରଙ୍କ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜୁନିୟର ୟୁନାଇଟେଡ୍ କ୍ଲବ, କଟକ ଚାଉଳିଆଗଞ୍ଜ ବଜରଙ୍ଗୀ କ୍ଲବ ଘାଟିକିଆକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। କୌଣସି ଦଳ କାହାରିକୁ ଗୋଲ୍ ଦେବାରେ ସକ୍ଷମ ହୋଇ ନ ଥିଲେ। ଦ୍ୱିତୀୟାର୍ଦ୍ଧର ୧୫ ତମ ମିନିଟ୍ ରେ ବଜରଙ୍ଗୀ ଘାଟିକିଆ ଦଳର ଲୁନା ନାୟକ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ କରାଇଥିଲେ। ୨୫ ତମ ମିନିଟ୍‌ରେ ଜୁନିୟର ୟୁନାଇଟେଡ୍ କ୍ଲବର ବିକି ସେଠୀ ଗୋଲ୍ ପରିଶୋଧ କରି ମ୍ୟାଚକୁ ୧-୧ ସ୍ଥିତିରେ ପହଞ୍ଚାଇଥିଲେ। ମ୍ୟାଚ ଡ୍ର ରହିବାରୁ ନିୟମ ମୁତାବକ ଟାଇବ୍ରେକର ପଦ୍ଧତିରେ ଜୁନିୟର ୟୁନାଇଟେଡ୍ କ୍ଲବ ୪-୩ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି, ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସମ୍ପାଦକ ସରୋଜ ଚନ୍ଦ୍ର ସାହୁ, ଯୁବ ସମ୍ପାଦକ ସନାତନ ପ୍ରଧାନ, ବ୍ଲକ ବିଜେଡି ସଭାପତି କୃପାସିନ୍ଧୁ ଦାସ, ସରପଞ୍ଚ ମନମୋହନ ନାୟକ, ସୂର୍ଯ୍ୟମଣି ଜେନା, ସଭାପତି ପ୍ରଜ୍ଞୟ କୁମାର ପଣ୍ଡା, ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ପଣ୍ଡା, ଅଲେଖ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଡ୍ରେନ୍ ନିଆଁରୁ ଜଳିଗଲା ୨ ଦୋକାନ

ଭୁବନେଶ୍ୱର,୧୬।୨(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଷ୍ଟେଟ୍ ବ୍ୟାଙ୍କ ଛକ ନିକଟରେ ରବିବାର ଅପରାହ୍ନରେ ନିଆଁ ଲାଗି ୨ କ୍ୟାବିନ ଦୋକାନ ପୋଡିଯାଇଛି। କଳ୍ପନା ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ପ୍ରାୟ ଘଣ୍ଟାଏ ପରେ ନିଆଁକୁ ଆୟତ୍ତ କରିଥିଲେ। ଡ୍ରେନ୍ ଭିତରେ ଥିବା ଆବର୍ଜନାରେ ଲାଗିଥିବା ନିଆଁ ବ୍ୟାପିଯାଇ ଦୋକାନ ଜଳିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ ଷ୍ଟେଟ ବ୍ୟାଙ୍କ ଛକ ନିକଟରେ ଡ୍ରେନ ଉପରେ ଏହି ଦୁଇ ଦୋକାନ ରହିଥିଲା। ଗୋଟିଏ କ୍ୟାବିନ ବହୁଦିନ ହେବ ବନ୍ଦ ଅବସ୍ଥାରେ ରହିଥିବାବେଳେ ଅନ୍ୟଟିରେ ଚା ଦୋକାନ ଚାଲିଥିଲା। ରବିବାର ଅପରାହ୍ନ ସାଢେ ୪ଟାରେ ଦୋକାନରେ ନିଆଁ ଲାଗିଥିବା ଜଣାପଡିଥିଲା। ଘଟଣା ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ଡ୍ରେନରେ ଜମିଥିବା ଆବର୍ଜନାରେ କେହି ସିଗାରେଟ ଟାଣି ପକାଇଥିବା କିମ୍ବା କେହି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି।

# ୫ ଓଏଏସ୍ କୃତିତ୍ୱଙ୍କୁ ଦୁଃଖବନ୍ଧୁ ସାହୁ ସମ୍ମାନ


ଓଏଏସ୍‌ରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍କୀ,୧୬।୨ (ବି.ପ୍ର.): ବାଙ୍କୀ ବ୍ଲକ ବରପୁଟ ପଞ୍ଚାୟତସ୍ଥିତ ପଥୁରିପଡା ମହାବେରେଣା କ୍ଲବ ପକ୍ଷରୁ ଆୟୋଜିତ ୩୨ତମ ରାଜ୍ୟସ୍ତରୀୟ ହରିଶଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷା(ଓଏଏସ୍)ରେ କୃତିତ୍ୱ ହାସଲ କରିଥିବା ବାଙ୍କୀର ଧୀରେନ କୁମାର ନାୟକ, ପୁଷ୍ପଲତା ସେଠୀ, ବିରେନ୍ଦ୍ର କୁମାର ତ୍ରିପାଠୀ, ରିତୁପର୍ଣ୍ଣା ମହାପାତ୍ର ଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ଦୁଃଖବନ୍ଧୁ ସାହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସଦାଶିବ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ,ସମ୍ମାନିତ ଅତିଥି ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାଷ ପାଢୀ ଓ କ୍ରୀଡା ସଙ୍ଗଠକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଞ୍ଚରେ ଅଂଶୁପା କଲେଜ ମହାବିଦ୍ୟାଳୟର ଶିକ୍ଷାବିତ୍ ପ୍ରଦୀପ କୁମାର ବେଉରା,ବିଶିଷ୍ଟ କ୍ରୀଡା ସଙ୍ଗଠକ ବେଣ୍ଟପୁରର ପ୍ରଧାନ,ସାମାଜିକ କର୍ମୀ ଗିରିଶ ପ୍ରସାଦ ପଟ୍ଟନାୟକ, କାର୍ତ୍ତିକ ଯୋଷୀ ତ୍ରିଲୋଚନ ଦାସ ଓ କବି ଗଣେଶ୍ୱର ପରିଡାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମାଜିକ କର୍ମୀ ବିଜୟ କୁମାର ପରିଡାଙ୍କ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଚିତ୍ର ତାରକା ଅଭିନ୍ନ ବିକାଶ ମହାନ୍ତି, ମଧୁମିତା ମହାନ୍ତି, ରବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସଭାକୁ ସୋମନାଥ ଖଣ୍ଡୁଆ ଓ ମହାରେଣା କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।

# ନିଆଁ ନ ଲିଭିଲେ ଡମ୍ପିଂୟାର୍ଡରେ ଅଳିଆ ପଡ଼ିବନି

ବାରଙ୍ଗ,୧୬।୨(ଡି.ଏନ୍.ଏ.): ଦାରୁଠେଙ୍ଗ ଗ୍ରାମମୁଣ୍ଡରେ ଥିବା ଡମ୍ପିୟାର୍ଡରେ ନିଆଁ ନ ଲିଭିବା ପର୍ଯ୍ୟନ୍ତ ଆଉ ଅଳିଆ ପଡିବ ନାହିଁ ବୋଲି ଦାରୁଠେଙ୍ଗ ଗ୍ରାମବାସୀ ରବିବାର ଗ୍ରାମ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଗତ ୫ଦିନ ହେବ ଏହି ଡମ୍ପିୟାର୍ଡରେ ନିଆଁ ଜଳୁଥିଲେ ମଧ୍ୟ ଲିଭିବାର ନାମ ଧରୁନାହିଁ। ବିଏମସି ପକ୍ଷରୁ ୬/୭ଟି ପାଣିଟ୍ୟାଙ୍କରରେ ପାଣି ପକାଯାଉଥିଲେ ମଧ୍ୟ ନିଆଁ ଲିଭୁ ନାହିଁ ଅନ୍ୟପଟେ ଏହି ନିଆଁର ଉତ୍ତାପ ବୃଦ୍ଧି ସାଙ୍ଗକୁ ଧୂଆଁମୟ ହୋଇ ଦାରୁଠେଙ୍ଗ, କୁକୁଡ଼ଗଡ, ଭୁଆଁଶୁଣି, କୃଷ୍ଣନଗର, ତୁଡଙ୍ଗ ଆଦି ଅଞ୍ଚଳର ଗ୍ରାମବାସୀ ଅସୁବିଧାର ସାଙ୍ଗକୁ ଅତିଷ୍ଠ ହୋଇଗଲେଣି। ଯାହାର ପ୍ରତିବାଦରେ ରବିବାର ଦାରୁଠେଙ୍ଗ ଗ୍ରାମବାସୀ ଏକ ଜରୁରୀ ବୈଠକ କରିଥିଲେ। ବୈଠକରେ ବିଏମସିର ବାରମ୍ବାର ଅବହେଳା ଯୋଗୁ ପ୍ରାୟ ସମୟରେ ଡମ୍ପିୟାର୍ଡରେ ନିଆଁ ଲାଗୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ଅଳିଆ ନ ପଡିବା ନେଇ ଗତ ଜାନୁଆରୀ ମାସରେ ଗ୍ରାମବାସୀ ଦୁଇଥର ବିଏମସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଏହାଭିତରେ ଦୁଇଥର ଡମ୍ପିୟାର୍ଡରେ ନିଆଁ ଲାଗିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଉ ଡମ୍ପିୟାର୍ଡରେ ଅଳିଆ ନ ପକାଇବା ଓ ତୁରନ୍ତ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନେବା ବିଷୟରେ ଆଲୋଚନା ପାଇଁ ବିଏମସି କର୍ତ୍ତୃପକ୍ଷଙ୍କ ନିକଟକୁ ଗ୍ରାମର ଏକ ପ୍ରତିନିଧିଦଳ ଯିବେ ବୋଲି ନିଷ୍ପତ୍ତି ନିଆଯାଇଛି।

# ଠକେଇ ଅଭିଯୋଗରେ ଯୁବକ ଗିରଫ

କଟକ ଅଫିସ,୧୬।୨: ନକଲି ପରିଚୟପତ୍ର ତିଆରି କରି ଏକାଧିକ ଫାଇନାନ୍ସ ସଂସ୍ଥାକୁ ଠକୁଥିବା ଜଣେ ଯୁବକଙ୍କୁ ଲାଲବାଗ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦେୱାନବଜାର ଅଞ୍ଚଳର ସେକ୍ ଜିଆଉଲ୍ଲା(୨୫)। ନକଲି କାଗଜପତ୍ର ଜରିଆରେ ସେ ଫାଇନାନ୍ସ ସଂସ୍ଥାରୁ ଅନେକ ଦାମୀ ସାମଗ୍ରୀ କିଣୁଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ଜିଆଉଲ୍ଲା ଆଧାରକାର୍ଡ, ପାନ୍‌କାର୍ଡ ଓ ଭୋଟର କାର୍ଡର ଅବିକଳ ନକଲି ପରିଚୟପତ୍ର ପ୍ରସ୍ତୁତ କରିବାରେ ପାରଙ୍ଗମ ଥିଲେ। କମ୍ପ୍ୟୁଟର ଜରିଆରେ ସେ ଏପରି ପରିଚୟପତ୍ର ତିଆରି କରୁଥିଲେ ଯାହା ଫାଇନାନ୍ସ ସଂସ୍ଥାଗୁଡ଼ିକ ଜାଣି ପାରୁ ନ ଥିଲେ। ଏକ ନିର୍ଦ୍ଦିଷ୍ଟ ଫାଇନାନ୍ସ ସଂସ୍ଥା ଜିଆଉଲ୍ଲାଙ୍କ ଉପରେ ସନ୍ଦେହ କରିଥିଲା। ଲଗାତାର ଭାବେ ସେ ଏଭଳି ସାମଗ୍ରୀ କିଣିବାର ରହସ୍ୟ ଖୋଳତାଡ଼ କରିଥିଲା। ଜିଆଉଲ୍ଲା ଜିନିଷ କିଣୁଥିଲେ ସୁଦ୍ଧା କିସ୍ତି ପଇଠ କରୁ ନ ଥିଲେ। ଫଳରେ ଫାଇନାନ୍ସ କମ୍ପାନୀର ମ୍ୟାନେଜର ଆସିଫ୍ ଖାନ ଲାଲବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜିଆଉଲ୍ଲାଙ୍କୁ ଗିରଫ କରିଥିଲା।

# ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ଜନ୍ମ ଶତବାର୍ଷିକୀ



ଉତ୍ସବରେ ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟ ଅତିଥିମାନେ।

ସାଲେପୁର,୧୬।୨(ଡି.ଏନ୍.ଏ.): ସାଲେପୁର ମଧୁସ୍ମୃତି ଭବନରେ ଅଙ୍ଗନୱାଡି କର୍ମଚାରୀ ସଂଘ ସାଲେପୁର ଶାଖା ପକ୍ଷରୁ ମଜଦୁର ସଂଘର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରମିଳା ଦାସଙ୍କ ସଂଯୋଜନାରେ ଆମ୍ବା ସଭାପତି ଦିଲ୍ଲୀପ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଅଙ୍ଗନୱାଡି ସଂଘ ପକ୍ଷରୁ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।ଏହିଅବସରରେସଂଘର ସମସ୍ତ ସମସ୍ୟା ସମ୍ପର୍କରେ ବିଧାୟକ ବେହେରାଙ୍କୁ ଅବଗତ କରାଯାଇଥିଲା। ୧୫ଦିନ ମଧ୍ୟରେ ଅଙ୍ଗନୱାଡି କର୍ମୀଙ୍କ ସମସ୍ତ ସମସ୍ୟା ସମାଧାନ କରାଯିବା ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସାଲେପୁର ସିଡିପିଓ ସୁଷମା ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଜିଲାପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ସମ୍ପର୍କରେ କହିଥିଲେ । ଗୀତାରାଣୀ ମହାନ୍ତି, ପ୍ରଭାତୀ ପରିଡ଼ା, କୁମୁଦିନୀ ଶତପଥୀ, ବିଷୟା ପ୍ରଧାନ, ଉଦାସିନୀ ବିଶ୍ୱାଳ ଓ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ସ୍ୱପ୍ନାଞ୍ଜଳି ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ପାନୀୟଜଳ ପ୍ରକଳ୍ପ ଅଚଳ

## ନଇଗୁଆଁ ପଞ୍ଚାୟତ




■ଫନୀ ପରଠୁ ପମ୍ପ ହାଉସ ବନ୍ଦ
■ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ଲିକ୍ କରୁଛି

ସାଲେପୁର, ୧୬।୨(ଡି.ଏନ୍.ଏ.): ଗ୍ରାମାଞ୍ଚଳ ଲୋକଙ୍କୁ ସୁଦ୍ଧ ଓ ନିର୍ମଳ ପାନୀୟ ଜଳ ଯୋଗାଇ ଦେବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପମ୍ପହାଉସ ନିର୍ମାଣ କରି ସୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି। ମାତ୍ର ସାଲେପୁର ବ୍ଲକରେ ଏହାର ବ୍ୟତିକ୍ରମ ଘଟିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ନଇଗୁଆଁ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ପମ୍ପହାଉସ ଗତ ଫନି ବାତ୍ୟାଠାରୁ ଅଚଳ ହୋଇ ରହିଛି। ପଞ୍ଚାୟତିରାଜ ବିଭାଗର ବସୁଧା ଯୋଜନାରେ ସାଲେପୁର ବ୍ଲକ ଅନ୍ତର୍ଗତ ନଇଗୁଆଁ ପଞ୍ଚାୟତରେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ପମ୍ପହାଉସ ନିର୍ମାଣ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମାତ୍ର ଗତ ଫନି ବାତ୍ୟାରେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ଯାଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂଆ ବିଦ୍ୟୁତ୍ ଖୁଣ୍ଟ ଲଗାଯାଇଥିଲା। ଏହି ଖୁଣ୍ଟ ଖୋଳାଯିବା ସମୟରେ ବିଦ୍ୟୁତ୍ କର୍ମଚାରୀମାନଙ୍କ ଅସାବଧାନତା ଯୋଗୁ ମାଟି ତଳେ ଯାଇଥିବା ପାଣିପାଇପଗୁଡ଼ିକ ବିଭିନ୍ନ ସ୍ଥାନରେ ଫାଟି ଯାଇଥିଲା। ଫଳରେ ପମ୍ପ ହାଉସରେ ପାଣିପମ୍ପ ଚାଲିବା ବେଳେ ଫାଟିଥିବା ସ୍ଥାନରୁ ପାଣି ଲିକ୍ ହୋଇ ନଷ୍ଟ ହୋଇଥାଏ। ସେହିଦିନଠୁ ପମ୍ପ ହାଉସ ଅଚଳ ହୋଇ ରହିଛି। ଇତି ମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ମାଟି ତଳେ ଯାଇଥିବା ପାଣି ପାଇପକୁ ମରାମତି କରାଯାଇନାହିଁ। କିଛି ଦିନତଳେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଏହି ପମ୍ପହାଉସ ଘରଟିକୁ ରଙ୍ଗ ମାରି ବୋର୍ଡ ଲେଖି ଚାଲିଯାଇଥିଲେ। ମାତ୍ର ଦୀର୍ଘ ମାସ ଧରି ପାଟି ରହିଥିବା ପାଇପ ମରାମତି ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ପମ୍ପ ହାଉସ୍ ଅଚଳ ହେବା ଯୋଗୁ ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଖରାଦିନ ଥିବାରୁ ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ନଇଗୁଆଁ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ରାଉତ କହିଛନ୍ତି, ବିଦ୍ୟୁତ୍ ଖୁଣ୍ଟ ପକାଇବା ସମୟରେ ବିଭିନ୍ନ ସ୍ଥାନରେ ପାଇପ ଫାଟିଯିବାରୁ ପାଣିବାହାରି ଜଳ ନଷ୍ଟ ହେଉଥିଲା। ଏନେଇ ପମ୍ପହାଉସ ବନ୍ଦ ରହିବା ଯୋଗୁ ଲୋକେ ଏହା ଅଚଳ ହୋଇରହିଛି। ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ମାତ୍ର ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ପମ୍ପହାଉସ ଓ ପାଣିଯୋଗାଉଥିବା ପାଇପ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।

-କନ୍‌ଫୁସିୟସ

## ସଂକ୍ଷେପରେ

### ସ୍କୁଟି ଧକ୍କାରେ ସାଇକେଲ ଆରୋହୀ ମୃତ

**ଝାଁଲା,୧୬।୨(ଡି.ଏନ.ଏ.):** ଝାଁଲା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏକ ସ୍କୁଟି ଧକ୍କାରେ ପଦ୍ମଚରଣ ସାମନ୍ତରାୟ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ସ୍କୁଟି ଚାଳକ ମଧ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଜାତୀୟ ରାଜପଥର ପୁରୁଣା ଝାଁଲା ଫାଣ୍ଡି ନିକଟରେ ଶନିବାର ରାତିରେ ଏହା ଘଟିଥିଲା। ପଦ୍ମଚରଣ ସାଇକେଲରେ ରାସ୍ତା ପାର ହେଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଆହତ ହୋଇଥିଲେ। ଫାଣ୍ଡି ପୋଲିସ ଉଭୟଙ୍କୁ ଚିକିତ୍ସା ଲାଗି ଏମସରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ପଦ୍ମଚରଣଙ୍କ ମୃତ୍ୟୁ ଘଟିଥିଲା। ମୃତ ପଦ୍ମଚରଣଙ୍କର ନିଜ ଘର ଚନ୍ଦକା ଥାନା ମେଣ୍ଢାଶାଳ ଗ୍ରାମରେ ହୋଇଥିବା ବେଳେ ସେ ଝାଁଲାରେ ରହୁଥିଲେ।

### ଝାଡ଼ାବାନ୍ତିରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**କଟକ ଅଫିସ,୧୬।୨-** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୮ନଂ. ୱାର୍ଡ ଗୋପାଳ ସାହିରେ କିଛିଦିନ ହେବ ଝାଡାବାନ୍ତି ଲାଗିରହିଛି। ଏହି ସାହିରେ ଥିବା ୮ଟି ପରିବାରର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଝାଡାବାନ୍ତିରେ ଆକ୍ରାନ୍ତ ହେବାରୁ ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୂଷିତ ପାଣି ପିଇବା ଦ୍ୱାରା ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ବବିତା ଦାସ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ କର୍ପୋରଟର ଅରୁଣ ସେଠୀ କୁହନ୍ତି, ୭/୮ଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଡ୍ରେନ୍‌ପାର୍ଶ୍ୱ ଦେଇ ପାଣି ପାଇପ ଯାଇଛି। କେତେକ ସ୍ଥାନରେ ପାଇପ ଫାଟିଯିବା ଯୋଗୁ ନାଳପାଣି ସେଥିରେ ମିଶୁଛି। ଫଳରେ ଲୋକମାନେ ଏହି ପାଣି ପିଇବାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ କହିଥିଲେ।

### ଠକେଇ ଅଭିଯୋଗରେ ଯୁବକ ଗିରଫ

**କଟକ ଅଫିସ,୧୬।୨-**ନକଲି ପରିଚୟପତ୍ର ତିଆରି କରି ଏକାଧିକ ଫାଇନାନ୍ସ ସଂସ୍ଥାକୁ ଠକୁଥିବା ଜଣେ ଯୁବକଙ୍କୁ ଲାଲବାଗ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦେୱାନବଜାର ଅଞ୍ଚଳର ସେକ୍ ଜିଆଉଲ୍ଲା(୨୫)। ନକଲି କାଗଜପତ୍ର ଜରିଆରେ ସେ ଫାଇନାନ୍ସ ସଂସ୍ଥାରୁ ଅନେକ ଦାମୀ ସାମଗ୍ରୀ କିଣୁଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ଜିଆଉଲ୍ଲା ଆଧାରକାର୍ଡ, ପାନ୍‌କାର୍ଡ ଓ ଭୋଟର କାର୍ଡର ଅବିକଳ ନକଲି ପରିଚୟପତ୍ର ପ୍ରସ୍ତୁତ କରିବାରେ ପାରଙ୍ଗମ ଥିଲେ। କମ୍ପ୍ୟୁଟର ଜରିଆରେ ସେ ଏପରି ପରିଚୟପତ୍ର ତିଆରି କରୁଥିଲେ ଯାହା ଫାଇନାନ୍ସ ସଂସ୍ଥାଗୁଡ଼ିକ ଜାଣି ପାରୁ ନ ଥିଲେ। ଏକ ନିର୍ଦ୍ଦିଷ୍ଟ ଫାଇନାନ୍ସ ସଂସ୍ଥା ଜିଆଉଲ୍ଲାଙ୍କ ଉପରେ ସନ୍ଦେହ କରିଥିଲା। ଲଗାତାର ଭାବେ ସେ ଏଭଳି ସାମଗ୍ରୀ କିଣିବାର ରହସ୍ୟ ଖୋଲତାଡ଼ କରିଥିଲା। ଜିଆଉଲ୍ଲା ଜିନିଷ କିଣୁଥିଲେ ସୁଦ୍ଧା କିସ୍ତି ପଇଠ କରୁ ନ ଥିଲେ। ଫଳରେ ଏକ ଫାଇନାନ୍ସ କମ୍ପାନୀର ମ୍ୟାନେଜର ଆସିଫ ଖାନ ଲାଲବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜିଆଉଲ୍ଲାଙ୍କୁ ଗିରଫ କରିଥିଲା।

# ପଥଚାରୀଙ୍କ ବଢୁଛି ଦୁର୍ଦ୍ଦଶା : ଓଭର ବ୍ରିଜ୍ ନିର୍ମାଣ ହେଉ

## ନିରାକାରପୁର ରେଳ ଫାଟକ



ନିରାକାରପୁର ରେଳ ଫାଟକରେ ଗେଟ୍ ପଡିଥିବାରୁ ଲୋକମାନେ ଅପେକ୍ଷା କରିଛନ୍ତି ।

**ନିରାକାରପୁର,୧୬।୨(ଡି.ଏନ୍.ଏ.):**

ଶ୍ରୀକ୍ଷେତ୍ର ପୁରୀ ଯିବାକୁ ଦକ୍ଷିଣ, ପଶ୍ଚିମ ଓଡ଼ିଶାବାସୀ ନୟାଗଡ ଜିଲା ଶରଣକୁଳରୁ ପୁରୀ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ହେଉଛି ସିଧା ବାଟ। ଏହି ବାଟରେ ଆସିବା ବେଳେ ଖୋର୍ଦ୍ଧା ଜିଲା ନିରାକାରପୁର ରେଳ ଫାଟକ ପଡିଥାଏ। ଦିନକୁଦିନ ଟ୍ରେନ ଚଳାଚଳ ବଢୁଥିବାରୁ ପଥଚାରୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ରେଳ ଯାତାୟାତ ବେଳେ ଫାଟକର ଦୁଇପାର୍ଶ୍ୱରେ ପଥଚାରୀମାନେ ଘଣ୍ଟା ଘଣ୍ଟା ଧରି ଖରା, ବର୍ଷା, ଶୀତକାକରରେ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଏମିତିକି ଜରୁରିକାଳୀନ ସେବା ଯୋଗାଉ ଥିବା ଆମ୍ବୁଲାନ୍ସ, ଦମକଳ ଗାଡିକୁ ଏଠାରେ ଅଟକି ରହିବାକୁ ପଡୁଛି। ଫାଟକ ପାରହେବାକୁ ବିଳମ୍ବ ଯୋଗୁ ଅନେକ ସମୟରେ ଅପେକ୍ଷା କରୁଥିବା ଲୋକଙ୍କ ମଧ୍ୟରେ ଶୀଘ୍ର ଯିବା ପାଇଁ ପ୍ରତିଯୋଗିତା ହେଉଛି। ଫଳରେ ଦୁର୍ଘଟଣାମାନ ଘଟୁଛି। ପୂର୍ବତଟ ରେଳପଥର ଏହି ବାଟ ଦେଇ ଦୈନିକ ବହୁ ପାସେଞ୍ଜର,ଏକ୍ସପ୍ରେସ ଟ୍ରେନ ସହ ମାଲବାହୀ ଟ୍ରେନ ଚଳାଚଳ କରୁଛି। ଫଳରେ ପ୍ରତି ୧୦ରୁ ୨୦ ମିନିଟ୍‌ରେ ଏଠାରେ ଫାଟକଟି ବନ୍ଦ ରହୁଛି। ଏହା ଉପରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜନସାଧାରଣ ନିର୍ଭର କରୁଥିବା ବେଳେ ଆଖାପାଖି ୫ଟି ନିର୍ବାଚନମଣ୍ଡଳୀର ଜନସାଧାରଣ ନିର୍ଭରଶୀଳ ହୋଇଥାନ୍ତି। ଉକ୍ତ ରାସ୍ତାରେ ଗମନାଗମନ କରୁଥିବା ଗାଡି ମୋଟର ସଂଖ୍ୟାକୁ ବିଚାର କରି ବିଭାଗୀୟ କର୍ତ୍ତୃପକ୍ଷ ରେଳ ଫ୍ଲାଏ ଓଭର ବ୍ରିଜ ଶ୍ରୀଘ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି।

### ଏମାନେ ଯାହା କୁହନ୍ତି...



" ନିରାକାରପୁରରୁ ପୁରୀ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଶୀଘ୍ର ଆସି ନିରାକାରପୁର ରେଳ ଫାଟକ ନିକଟରେ ଅପେକ୍ଷା କରିବାକୁ ପଡୁଛି। ପ୍ରତି ୧୦ରୁ ୨୦ ମିନିଟ୍‌ରେ ଏକ୍ସପ୍ରେସ, ମାଲଗାଡି, ଯାତ୍ରୀବାହୀ ଗାଡି ଅତିକ୍ରମ କରୁଛି। ଏକାଧିକ ଟ୍ରେନ୍ ସମାନ ସମୟରେ ଆପ୍ ଓ ଡାଉନ ଲାଇନରେ ପାସ୍ କଲାବେଳେ ୩୦ରୁ ୩୫ମିନିଟ୍ ଗେଟ ପଡି ରହିଥାଏ। ଫଳରେ ଯାତ୍ରୀମାନଙ୍କର ଗେଟ ଉଭୟପାର୍ଶ୍ୱରେ ଗହଳି ସାଙ୍ଗକୁ ଲମ୍ବା ଧାଡି ଲାଗିଥାଏ। ପରୀକ୍ଷାର୍ଥୀ, ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଓ ନିଆଁ ଲିଭାଇବା ପାଇଁ ଯାଉଥିବା ଦମକଳ ଗାଡି ଗହଳିରେ ଫସି ରହିଥାଏ। ଏଠାରେ ଏକ ଫ୍ଲାଏ ଓଭରବ୍ରିଜ ନିତ୍ୟାନ୍ତ ଦରକାର ହେଉଛି। ଏଥିପ୍ରତି ରେଳପଥ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦରକାର।

**-ଭବାନୀ ପ୍ରସାଦ ପଟ୍ଟନାୟକ, ସାମାଜିକ କର୍ମୀ, ରାମେଶ୍ୱର**



" ଶ୍ରୀକ୍ଷେତ୍ର ପୁରୀକୁ ଯିବାକୁ ଏହି ରାସ୍ତା ସିଧା ଓ ପାଖ ହୋଇଥିବାରୁ ଏହା ଉପରେ ଟୁରିଷ୍ଟ ଗାଡି ସହିତ ସ୍କୁଲ, କଲେଜ ଏବଂ ଅଞ୍ଚଳର ଜନସାଧାରଣ ଦୈନିକ ଯାତାୟାତ କରିଥାନ୍ତି। ହେଲେ ଏଠାରେ ଗେଟ ବାରମ୍ବାର ପଡୁଥିବାରୁ ହଇରାଣ ହେଉଛନ୍ତି। ଏଣୁ ଏଠାରେ ଶୀଘ୍ର ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରିବାକୁ ଓଡ଼ିଶା ସରକାର ଏବଂ ରେଳ ବିଭାଗକୁ ଅନୁରୋଧ କରୁଛୁ।

**- ବିଭୂତି ଭୂଷଣ ଆଚାର୍ଯ୍ୟ, ସାମାଜିକ କର୍ମୀ, ଲେଣ୍ଡୋ**



" ନିରାକାରପୁରରୁ ଜଙ୍କିଆ ୭ କିମି ହୋଇଥିଲେ ମଧ ଆମେ ନିରାକାରପୁର ବଜାରକୁ ନ ଯାଇ ଖୋର୍ଦ୍ଧା ୨୪ କିମି ଯାଉଛୁ। କାରଣ ନିରାକାରପୁରକୁ ଯାଇ ଘରକୁ ଫେରିଲେ ଯେତିକି ସମୟରେ ପହଞ୍ଚୁଛୁ ତାହାଠାରୁ ଆହୁରି କମ ସମୟରେ ଖୋର୍ଦ୍ଧାରୁ ଯାଇ ଆସି ହେଉଛି। ରେଳ ଫାଟକ ପାଇଁ ଏହି ସମସ୍ୟା ହେଉଛି। ଏଣୁ ଏଠାରେ ଯଥା ଶୀଘ୍ର ଏକ ଓଭର ବ୍ରିଜ ନିର୍ମାଣ ପାଇଁ ରେଳପଥ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅନୁରୋଧ କରୁଛି।

**-ବିଶ୍ୱ ଭୂଷଣ ଛୋଟରାୟ, ଜଙ୍କିଆ**

" ନିରାକାରପୁର ରେଳ ଓଭର ବ୍ରିଜ୍ ପାଇଁ ସମସ୍ତ କାର୍ଯ୍ୟ ସରି ଯାଇଛି। ହେଲେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହା ଝୁଲିକି ଅଛି। କାରଣ ଓଭର ବ୍ରିଜ୍ ନିର୍ମାଣ ହେଲେ ରେଳ ଫାଟକ ନିକଟରେ ଗଢି ଉଠିଥିବା ବଜାର ଭଙ୍ଗାଯିବ। ଜାଗା ଦେବାକୁ କେହି ଆଗଭର ହେଉନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ।

**- ଏ. ପାଶୱାନ୍, ସହକାରୀ ମଣ୍ଡଳ ଯନ୍ତ୍ରୀ, ବାଲୁଗାଁ**

# ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଚରଣ ପାଦୁକା ପ୍ରତିଷ୍ଠା



ଶିକ୍ଷାକେନ୍ଦ୍ରରେ ସ୍ଥାପନ କରାଯାଇଥିବା ଶ୍ରୀମାଙ୍କ ପାଦୁକା ।

**ଚିଲିକା, ୧୬।୨(ଡି.ଏନ.ଏ.):**

ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରକୁ ରବିବାର କଟକ ମାତୃଭବନରୁ ବର୍ଣ୍ଣାଢ୍ୟ ପରିବେଶ ମଧରେ ଶ୍ରୀମାଙ୍କ ଚରଣ ପାଦୁକାକୁ ଅଣାଯାଇ ପ୍ରତିଷ୍ଠା କରାଯାଇଛି। ପୂର୍ବାହ୍ନରେ ଏକ ସୁସଜ୍ଜିତ ଗାଡିରେ କଟକ ମାତୃଭବନରୁ ଶ୍ରୀମା'ଙ୍କ ଚରଣ କାଦୁକାକୁ ବଉଳାବନ୍ଧ ଗ୍ରାମକୁ ଅଣାଯାଉଥିବା ବେଳେ ନାରୁଣୀ(ବଡ଼ପଦର) ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର 'ମାତୃସ୍ମୃତି' ପରିସରରେ ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇ ଦର୍ଶନ କରିଥିଲେ। ଏହାପରେ ପାଦୁକାକୁ ସେଠାରୁ ବଉଳାବନ୍ଧ ନିଆଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଅପରାହ୍ନରେ ଶ୍ରୀମାଙ୍କ ପାଦୁକା ଆସ୍ଥାନକୁ ନିଆଯାଇ ବିଦ୍ୟାଳୟ ପରିସରରେ ସ୍ଥାପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକରୁ ଆସିଥିବା ଅପା, ଭାଇମାନଙ୍କ ସମେତ ପ୍ରାକ୍ତନ ଚିଲିକା ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ଡ. ସୁଧାଙ୍ଗିନୀ ହରିଚନ୍ଦନ, ସଞ୍ଜୟ କୁମାର ମହାପାତ୍ର, ଶିକ୍ଷାକେନ୍ଦ୍ରର ଅଧକ୍ଷ କୁବେର ଚନ୍ଦ୍ର ବେହେରା, ବଉଳାବନ୍ଧ ଶିକ୍ଷାକେନ୍ଦ୍ରର ଅଧକ୍ଷ ରାଘବ ରଣା, କେନ୍ଦ୍ର ପରିଚାଳକ ପୀତାମ୍ବର ଶତପଥୀ, କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସାରାଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଥିଲା।

# ମହିଳା ସଙ୍ଗଠନ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା




କ୍ରୀଡା ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥିମାନେ ।

**ଝାଁଲା, ୧୬।୨(ଡି.ଏନ.ଏ.):**

ଶତାକ୍ଷୀ ମହିଳା ସଙ୍ଗଠନ ଓ କେ-୪ ରେସିଡ଼େନ୍ସ ୱେଲଫେୟାର ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶନିବାର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦୁଇ ସଙ୍ଗଠନର ସଦସ୍ୟାସଦସ୍ୟ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ବିଏମ୍‌ସି ୨୩ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଦୀଲିପ ମାଝି ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ସମ୍ପାଦିକା ମମତା ବିଶ୍ୱାଳ, ସଭାନେତ୍ରୀ ସବିତା ପୃଷ୍ଟି, ଆସୋସିଏଶନର ସଭାପତି ଭିକାରୀ ଚରଣ ମହାନ୍ତି, ସମ୍ପାଦକ ବିଜୟ ମହାପାତ୍ର, ଶିବ ପ୍ରସାଦ ସେଠୀ, ସୁଜାତାରାଣୀ ବେହେରା, ସ୍ନିଗ୍ଧା ମିଶ୍ରଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ : ମଞ୍ଚେଶ୍ୱର ଚାମ୍ପିୟନ

**ବୋଲଗଡ,୧୬।୨(ଡି.ଏନ.ଏ.)-**



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ ।

ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ କୋଦୁଅବେରେଣୀ ଖେଳପଡିଆରେ ୧୦ ଦିନ ଧରି ଚାଲିଥିବା ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଝାଁଲା ବ୍ଲୁ ରକଷ୍ଟାର କ୍ରିକେଟ କ୍ଲବକୁ ୮୩ ରନରେ ହରାଇ ମଞ୍ଚେଶ୍ୱର କ୍ରିକେଟ ବ୍ଲକ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ମଞ୍ଚେଶ୍ୱର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୩୦୯ ରନ ସଂଗ୍ରହ କରିଥିଲା। ଜବାବରେ ୨ୟ ପାଳିରେ ଝାଁଳାର କ୍ରିକେଟ ଟିମ୍ ୧୯ ଓଭର ୩ଟି ଭଲ ଖେଳି ମୋଟ ୨୨୬ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ମଞ୍ଚେଶ୍ୱର ଦଳର ଉତ୍ତମ ମହାନ୍ତି ୪୯ ବଲରେ ୧୩୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାନ ଅଫ ଦି ସିରିଜ ଭାବେ ଝାଁଳା ଟିମ୍‌ର ଖେଳାଳି ସିଦ୍ଧାନ୍ତ ଜେନା ପୁରସ୍କୃତ ହୋଇଛନ୍ତି। ଅତିଥି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଝାଁଳା ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା, ସ୍ଥାନୀୟ ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି ଏବଂ ସମିତି ସଭ୍ୟ ମାୟାଧର କରଣ ପ୍ରମୁଖଙ୍କ ସମେତ ଆୟୋଜକମାନେ ଉପସ୍ଥିତ ଥିଲେ।

# ପୁରୁଷରେ ଗଞ୍ଜାମ, ମହିଳାରେ ଖୋର୍ଦ୍ଧା ଚାମ୍ପିୟନ

### ରାଜ୍ୟସ୍ତରୀୟ ଶୁଟିଂବଲ

**ପୁରୀ ଅଫିସ,୧୬।୨**

ଓଡ଼ିଶା ଶୁଟିଂବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୮ତମ ରାଜ୍ୟସ୍ତରୀୟ ଶୁଟିଂ ବଲ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଝାଡ଼େଶ୍ୱରୀ କ୍ଲବ ପରିସରରେ ଚାଲିଥିବା ଏହି ଚାମ୍ପିୟନଶିପରେ ପୁରୁଷ ବିଭାଗରେ ଗଞ୍ଜାମ ପ୍ରଥମ ବୌଦ୍ଧ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଖୋର୍ଦ୍ଧା ପ୍ରଥମ ଓ ପୁରୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ, ରାଜସ୍ଥାନର ଆଜମେରଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଶୁଟିଂବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ପୁରୁଷ ଓ ମହିଳା ଟିମ୍ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଦିବସରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟଅତିଥି ଓ ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ପଣ୍ଡା, ସଂଘ ସଭାପତି ଶୁଭାଶିଷ ଖୁଣ୍ଟିଆ, ସମ୍ପାଦକ ସିତେନ୍ଦ୍ରନାଥ ଦାଶ, ସତିକାନ୍ତ ପଟ୍ଟନାୟକ, ବୀରେନ୍ଦ୍ର ନାଥ ଖୁଣ୍ଟିଆ, ହରେକୃଷ୍ଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଚାମ୍ପିୟନଶିପରେ ଓଡ଼ିଶାର ୧୫ଟି ଜିଲାରୁ ୩୫ଟିମର ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୫ଟି ବାଳକ ଓ ୧୦ ବାଳିକା ଟିମ୍ ଏବଂ ୧୫ଜଣ ଅଫିସିଆଲ ଯୋଗଦେଇଥିଲେ।

# ମୁଣ୍ଡ ଉପରେ ପରୀକ୍ଷା: ବାରମ୍ବାର ବିଦ୍ୟୁତ୍ କାଟ

**ନିରାକାରପୁର,୧୬।୨(ଡି.ଏନ.ଏ.)**

ଆସନ୍ତା ୧୯ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ରେ ଶେଷ ହେବ। ସେହିପରି ମାର୍ଚ୍ଚ ୩ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ର ପାଠପଢ଼ାକୁ ଏବେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ସମୟରେ ବିଦ୍ୟୁତ୍‌ର ଲୁଚକାଳି ଖେଳ ଚାଲିଛି। ବାରମ୍ବାର ବିଦ୍ୟୁତ୍ କାଟ ଅଭିଭାବକ ମହଲରେ ଚିନ୍ତାର କାରଣ ପାଲଟିଛି।

ଏଭଳି ଘଟଣା ଖୋର୍ଦ୍ଧା ଜିଲା ଜଙ୍କିଆ ଓ ନିରାକାରପୁର ବିଦ୍ୟୁତ ବିଭାଗ ସେକ୍ସନ ଅଧୀନରେ ଦେଖିବାକୁ ମିଳିଛି। ଚଳିତ ମାସ ୧୦ ତାରିଖରେ ଗୋଳବାଇ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଟ୍ରକ ଧକ୍କାରେ ୩୩ କେଭି ତାର ଛିଣ୍ଡି ଯାଇଥିଲା। ଫଳରେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା। ରାତି ପ୍ରାୟ ୧୨ଟାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଠିକ୍ ଦୁଇଦିନ ପରେ ଗତ ବୁଧବାର ସମାନ ପରିସ୍ଥିତି ଦେଖାଦେଇଛି। ଗୋଳବାଇ ଛକରେ ୩୩ କେଭି ତାର ଛିଣ୍ଡି ଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ପ୍ରାୟ ୫ ଘଣ୍ଟା ବନ୍ଦ ରହି ସନ୍ଧ୍ୟା ୬ଟା ବେଳକୁ ସଂଯୋଗ କରାଯାଇଥିଲା। ଏ ନେଇ ନିରାକାରପୁର ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳଙ୍କୁ ପଚାରିବାରେ ଗତ ୧୦ ତାରିଖରେ ଟ୍ରକ୍ ଧକ୍କାରେ ୩୩ କେଭି ତାର ଛିଣ୍ଡିଥିଲା। ବୁଧବାର ମଧ ସମାନ ଦଶା। ଜାତୀୟ ରାଜପଥରେ କାର୍ଯ୍ୟ ଚାଲୁଥିବାରୁ ସେହି ବାଟ ଦେଇ ଯେଉଁ ଭାରିଯାନ ଆସୁଛି ତାହା ଠିକ୍‌ରେ ବୁଲି ନ ପାରି ଖୁଣ୍ଟରେ ବାଡେଇ ହେଉଛି। ତେବେ ଟ୍ରକଗୁଡିକ ଖୁଣ୍ଟକୁ ବାଡେଇ ଦେଇ ଘଟଣା ସ୍ଥଳରୁ ପଳାଇ ଯାଉଛନ୍ତି। ତେଣୁ କୌଣସି ଟ୍ରକକୁ ଧରି ପାରୁନାହୁଁ। ତଥାପି ଯେଉଁ ଠିକାଦାର ଏହି କାର୍ଯ୍ୟ କରୁଛନ୍ତି ତାଙ୍କୁ ଏ ନେଇ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।


# ରାସ୍ତା ପ୍ରଶସ୍ତୀକରଣରେ ବଳି ପଡ଼ିଲା ଶତାଧିକ ଗଛ

**ଟାଙ୍ଗୀ (ଖୋର୍ଦ୍ଧା), ୧୬।୨ (ଡି.ଏନ.ଏ.)**

ଟାଙ୍ଗୀଠାରୁ ମଙ୍ଗଳାଯୋଡି ପର୍ଯ୍ୟନ୍ତ ୫ କିମି ରାସ୍ତା ପ୍ରଶସ୍ତୀକରଣରେ ଶତାଧିକ ଗଛ ବଳି ପଡୁଥିବା ଦେଖାଯାଉଛି। ମଙ୍ଗଳାଯୋଡି ପର୍ଯ୍ୟଟନ କ୍ଷେତ୍ରରେ ପରିବେଶ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଛି। ବିଶ୍ୱପ୍ରସିଦ୍ଧ ଚିଲିକା ହ୍ରଦର ନଳବଣ ପରେ ମଙ୍ଗଳାଯୋଡିଠାରେ ବହୁ ସଂଖ୍ୟକ ବିଦେଶାଗତ ଅତିଥି ପକ୍ଷୀଙ୍କ ସମାଗମ ହେଉଛି। ଫଳରେ ଏଠାକୁ ବହୁସଂଖ୍ୟାରେ ଦେଶ ଓ ବିଦେଶରୁ ପର୍ଯ୍ୟଟକ, ଗବେଷକ ଓ ପରିବେଶବିତ୍‌ମାନଙ୍କ ଆଗମନ ହେଉଛି। ଭୁବନେଶ୍ୱରଠାରୁ ସଡକ ପଥରେ ମାତ୍ର ୭୦ କିମି ଦୂର ହେଉଛି ମଙ୍ଗଳାଯୋଡି। ପର୍ଯ୍ୟଟକମାନଙ୍କ ଯାତାୟାତକୁ ସୁବିଧା ଓ ସହଜ କରିବା ପାଇଁ ଟାଙ୍ଗୀଠାରୁ ମଙ୍ଗଳାଯୋଡି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ଉକ୍ତ ସଙ୍କୁଚିତ ରାସ୍ତାକୁ ପ୍ରଶସ୍ତୀକରଣ କରିବାର ଆବଶ୍ୟକତା ଦେଖାଦେଇଛି। ଫଳରେ ପୁରୁଣା ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀଠାରୁ ମଙ୍ଗଳାଯୋଡି ପର୍ଯ୍ୟନ୍ତ ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ଏକ ମିଟର ଲେଖାଏ ଚଉଡା କରାଯିବାର କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାୟ ୪ ବର୍ଷ ପୂର୍ବେ ଏହି ରାସ୍ତାର ଉଭୟପାର୍ଶ୍ୱରେ ବନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ବିଭିନ୍ନ କିସମର ଗଛ ଲଗାଇଥିଲେ। ସେଗୁଡିକ ବଡ ହୋଇ ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା। ସମୟ ଓ ପରିସ୍ଥିତିକୁ ଦେଖି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଲଗାଯାଇଥିବା ଗଛକୁ ସମ୍ପ୍ରତି ରାସ୍ତା ପ୍ରଶସ୍ତୀକରଣ ଯୋଗୁ କଟା ଯାଉଛି। ରାସ୍ତା ପ୍ରଶସ୍ତୀକରଣ ଦୃଷ୍ଟିରୁ ଗଛ କଟାଯିବାର ଆବଶ୍ୟକତା ରହିଛି। ତେବେ ଏହି ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବା ପରେ ଗୁରୁତ୍ୱ ସହକାରେ ରାସ୍ତାର ଉଭୟପାର୍ଶ୍ୱରେ ପୁଣି ବୃକ୍ଷରୋପଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

# ମ୍ୟୁନିସିପାଲିଟି ସ୍ତରୀୟ କଂଗ୍ରେସ ଦଳର ବୈଠକ

**ଜଟଣୀ, ୧୬।୨(ଡି.ଏନ.ଏ.):**



ବୈଠକରେ ଯୋଗ ଦେଇଥିବା କଂଗ୍ରେସର କର୍ମୀ ଓ ଅନ୍ୟମାନେ ।

ଟାଉନ୍ କଂଗ୍ରେସ ପକ୍ଷରୁ ଜଟଣୀ ମ୍ୟୁନିସିପାଲିଟିସ୍ତରୀୟ ବୈଠକ ସ୍ଥାନୀୟ ପାତ୍ରପଡ଼ାସ୍ଥିତ ଜଟିଆଣୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ସୀତାକାନ୍ତ ଶତପଥୀଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ମ୍ୟୁନିସିପାଲିଟି ଅଞ୍ଚଳରେ ଦଳୀୟ ସଙ୍ଗଠନକୁ ମଜଭୁତ୍ କରିବାକୁ ଆଲୋଚନା ହେବା ସହ ୱାର୍ଡ଼ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଆଗାମୀଦିନରେ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ଆଲୋଚନାରେ ସ୍ଥାନ ପାଇଥିଲା। ଜଟଣୀ ଅଞ୍ଚଳରେ ଥିବା ବିଭିନ୍ନ ଘରୋଇ ଓ ଜାତୀୟ ସ୍ତରର କାର୍ଯ୍ୟାଳୟରେ କିପରି ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଆଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପାଇବେ ସେନେଇ ଉଦ୍ୟମ କରିବା ଉପରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ୟାପଟେନ ମନ୍ମଥ ରାଉତରାୟ, ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, କଂଗ୍ରେସ ଓବିସି ସେଲ୍ ଜିଲା ସଭାପତି କଳିଙ୍ଗ ସାହୁ, ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ବୃନ୍ଦାବନ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ସୁଲୁ ରଥ, ଲୁସେନ୍ ରାୟ, ସୁନୀଲ ରାଉତରାୟ, ନୌସିର୍ ଅଲ୍ଲୀ, ସମ୍ପିତ ମଙ୍ଗରାଜଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ ନିର୍ମାଣାଧୀନ ପାଇଖାନା ନିମ୍ନମାନର ଅଭିଯୋଗ

**ବେଗୁନିଆ,୧୬।୨ (ଡି.ଏନ.ଏ.)**



ଛତ୍ରପଡରା ଗାଁରେ ନିର୍ମାଣାଧୀନ ନିମ୍ନମାନର ପାଇଖାନାର ଦୃଶ୍ୟ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗ୍ରାମାଞ୍ଚଳର ଗରିବ ହିତାଧିକାରୀମାନଙ୍କ ପାଇଁ ନିର୍ମାଣ କରାଯାଉଥିବା ପାଇଖାନା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ଭାରତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଏହି ପାଇଖାନାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଦାରଖ କରୁଛି। ହେଲେ ଆବଶ୍ୟକ ପରିମାଣର କଞ୍ଚାମାଲ ସହ ସିମେଣ୍ଟ ଦିଆଯାଉନାହିଁ। ଏହାସହ ଭଙ୍ଗା ଓ ଖରାପ ଇଟାରେ ଯୋଡେଇରେ ପାଇଖାନା ଗୃହ ନିର୍ମାଣ କରାଯାଉଛି। ପୁରୁଣା ଟିଣ ଚାଦରରେ ତିଆରି କବାଟକୁ ମୁଖ୍ୟ ଦ୍ୱାରକୁ ଆବଦ୍ଧ କରାଯାଉଥିବା ବେଳେ ମାତ୍ର ୩ଟି ଦୁର୍ବଳ ନନ୍ଦ ଯୋଡେଇ କରାଯାଇ ଟାଙ୍କି ନିର୍ମାଣ ହେଉଛି। ଫଳରେ ଏହା ଖୁବ୍ କମ ଦିନରେ ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଉଛି। ତେବେ ଏ ନେଇ କେତେଜଣ ଗରିବ ହିତାଧିକାରୀ ବେଗୁନିଆ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ତଦାରଖ କରିବେ ବୋଲି ବିଡିଓଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଦେଖା ଦେଇଥିବା ବିପର୍ଯ୍ୟସ୍ତ ପରିମଳରେ ସୁଧାର ଆଣିବାକୁ ସ୍ୱଚ୍ଛ ଭାରତ ଯୋଜନା ମାଧ୍ୟମରେ ୧୨ ହଜାର ଟଙ୍କା ବ୍ୟୟ ବରାଦରେ ଗରିବ ଲୋକଙ୍କ ପାଇଁ ପାଇଖାନା ନିର୍ମାଣ କରିବାରେ ସରକାର ଲାଗି ପଡିଛନ୍ତି। ଗରିବ ଲୋକେ ଆର୍ଥିକ ଅନଟନରେ ଗତି କରୁଥିବାରୁ ଠିକାଦାର ମାଧ୍ୟମରେ ଏହି ପାଇଖାନା ନିର୍ମାଣ କରାଯାଉଛି। ମାତ୍ର ପାଇଖାନା ନିର୍ମାଣରେ କୌଣସି ସ୍ୱଚ୍ଛତା ନ ଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜଳଯୋଗାଣ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସେନାପତିଙ୍କୁ ପଚାରିବାରୁ ତଦାରଖ କଲେ ଜଣାପଡିବ ବୋଲି କହି ଏ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

## ସଂକ୍ଷେପରେ

### ୧୯୭୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ସାକ୍ଷୀଗୋପାଳ,୧୬।୨(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ରାୟଚକ୍ରଧରପୁର ୧୯୭୯ ମାଟ୍ରିକ ବ୍ୟାଚଛାତ୍ରଙ୍କ ବନ୍ଧୁମିଳନ ବିଷ୍ଣୁପୁର ଶାସନର ମା' ଶଙ୍କଟ ତାରିଣୀ ଦେବୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉନ୍ନତି ପାଇଁ ଏହି ବ୍ୟାଚର ସମସ୍ତ ଛାତ୍ରମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ ଏବଂ ଏହାକୁ ସରକାରୀ ସ୍ତରରେ ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏକ ଜାତୀୟକରଣ ବ୍ୟାଙ୍କରେ ଟ୍ରଷ୍ଟର ଜମାଖାତା ଖୋଲିବା ଏବଂ ସଭ୍ୟମାନେ ବାର୍ଷିକ ଚାନ୍ଦା ସଂଗ୍ରହ ପାଇଁ ବୈଠକରେ ସ୍ଥିର ହୋଇଥିଲା। ସତ୍ୟବାଦୀ ଦାସ ଆବାହକ ଓ ମାନସ କୁମାର ଦାସଙ୍କୁ ସହଯୋଗୀ ଆବାହକ ଭାବେ ମନୋନୀତ କରାଯାଇଥିଲା। ଚିତରଞ୍ଜନ ମିଶ୍ର ବୈଠକ ଅଧ୍ୟକ୍ଷତା କରିଥିଲେ।

### ମାରପିଟ କରି ୪ ଆହତ

ସାକ୍ଷୀଗୋପାଳ,୧୬।୨(ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ହଳଦୀଗୋରଡା ଗ୍ରାମରେ ମାରପିଟ ହୋଇ ୪ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଲତା ବେହେରା, ସର୍ବେଶ୍ୱର ବେହେରା, ଧ୍ରୁବ ବେହେରା ଓ ଶଙ୍କର ବେହେରା। ସେମାନେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେବା ସଙ୍ଗେ ଥାନରେ ପୃଥକ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୪୭ ଏବଂ ନଂ.୪୮ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସକାଳେ ପଡୋଶୀ ଧ୍ରୁବ ଘରେ ପାଣି ଦେଉଥିବାବେଳେ ଅଭିଯୋଗକାରୀ ଲତା ବେହେରାଙ୍କ ଅଗଣାରେ ପାଣି ଜମିଥିଲା। ପାଣି ନିଷ୍କାସନ କରିବାକୁ ଲତା କହିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଫଳରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ରକ୍ତାକ୍ତ ହୋଇଯାଇଥିଲେ।

### ୫ କେନ୍ଦ୍ରରେ ୧୦୫୯ ପରୀକ୍ଷାର୍ଥୀ

ବଳଙ୍ଗା,୧୬।୨(ଡି.ଏନ୍.ଏ.)-ବଳଙ୍ଗା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଗଣନା ହୋଇଯାଇଛି। ଦକ୍ଷିଣ ରାଡଶ ଉଚ୍ଚ ନୋଡାଲ ବିଦ୍ୟାଳୟର ୨୬୨ଜଣ, ବାଳିକା ଉଚ୍ଚ ବିଦ୍ୟାଳୟ ବଳଙ୍ଗାର ୧୯୨ଜଣ, ଭଗବତୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରୂପଦେଇପୁର ୨୭୦ଜଣ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାଣପୁର ୧୪୧ଜଣ, ଉତ୍କଳମଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନୂଆସନ୍ତ ୧୯୪ଜଣ ମାଟ୍ରିକ ପରୀକ୍ଷାର୍ଥୀ ସମ୍ପୃକ୍ତ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ପରୀକ୍ଷା ନିୟନ୍ତ୍ରକଙ୍କଠାରୁ ପ୍ରକାଶ। ଚଳିତବର୍ଷ ପ୍ରଥମକରି ଦକ୍ଷିଣ ରାଡଶ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହେବା ସହ ସିସିଟିଭି ଲାଗିବାର ନିର୍ଦ୍ଦେଶ ଅଛି।

# ଶ୍ରୀଲୋକନାଥ ପୀଠ: ରାତି ୩ରେ ଉଠିବ ମହାଦୀପ

ପୁରୀ ଅଫିସ,୧୬।୨ :

**ଜାଗର ଯାତ୍ରା ପ୍ରସ୍ତୁତି ବୈଠକ**
- ପ୍ରବେଶ ପଥ ୨, ପ୍ରସ୍ଥାନ ଗୋଟିଏ
- ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ପାଇଁ ୬୦୦୦ ଦର୍ଶନ ଟିକେଟ

ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବପୀଠ ଲୋକନାଥ ମନ୍ଦିରରେ ଆସନ୍ତା ୧୯ ତାରିଖ ପଙ୍କୋଦ୍ଧାର ଏକାଦଶୀ ଏବଂ ୨୧ ତାରିଖ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଲାଗି ଶନିବାର ସର୍କିଟ ହାଉସ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଙ୍କୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୨ଟାରେ ମନ୍ଦିର ପହୁଡ଼ ଫିଟାଯିବ। ରାତି ୩ଟା ସୁଦ୍ଧା ମଙ୍ଗଳ ଆଳତି ଏବଂ ଅବକାଶ ନୀତି ଶେଷ ହେବ। ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ ଏବଂ ସକାଳ ୮ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସରିବ। ସକାଳ ୮ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ପଙ୍କୋଦ୍ଧାର ଓ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାଠାରୁ ପଙ୍କୋଦ୍ଧାର ଏକାଦଶୀ ଦର୍ଶନ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଜାଗର ଯାତ୍ରା ପାଇଁ ୨୦ ତାରିଖ ରାତି ସାଢେ ୧୨ଟାରେ ଦ୍ୱାର ଫିଟି ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ। ରାତି ୨ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଭକ୍ତଙ୍କ ଦର୍ଶନ ୨୧ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତି ୩ଟାରେ ମହାଦୀପ ଉଠିବା ଲାଗି ସ୍ଥିର କରାଯାଇଛି।

ଚଳିତବର୍ଷ ପଙ୍କୋଦ୍ଧାର ଏକାଦଶୀ ପାଇଁ ୨୦୦୦ ଏବଂ ଜାଗର ଯାତ୍ରା ପାଇଁ ୪୦୦୦ ଦର୍ଶନ ଟିକେଟ କରାଯିବ। ଗୋଟିଏ ଟିକେଟ୍‌ର ଦାମ ୧୦୦ ଟଙ୍କା ରହିବ। ଏଥିରୁ ମନ୍ଦିର ୪୫ ଟଙ୍କା ଏବଂ ପାଳିଆ ସେବାୟତ ୫୫ ଟଙ୍କା ପାଇବେ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତାହା ଉପରେ ବିଶେଷ ଆଲୋଚନା ହୋଇଥିଲା। ଦର୍ଶନ ଟିକେଟଧାରୀ ଏବଂ ଭିଆଇପି ବୃଷଭ ଦ୍ୱାର ଦେଇ ଏବଂ ଅନ୍ୟମାନେ ସିଂହଦ୍ୱାର ଲକ୍ଷ୍ମୀ ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। କିନ୍ତୁ ସମସ୍ତେ ବଉଳଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ରକ୍ଷା ଲାଗି ପୋଲିସକୁ ଦାୟିତ୍ୱ ଦିଆଯାଇଛି। ଆଲୋକୀକରଣ, ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଙ୍କୋଦ୍ଧାର ଏକାଦଶୀ ଏବଂ ଜାଗରଯାତ୍ରା ଦିନ ୨ଟି ଆମ୍ବୁଲାନ୍ସ ରହିବା ସହିତ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଜାଗର ପଡ଼ିଆ, ଦୀପ, ଧୂପ ଓ ଫୁଲ ଦୋକାନ, ଚପଲ ଷ୍ଟାଣ୍ଡ, ବଗାୟତ ଟେଣ୍ଡର ଦିଆଯାଇଥିଲା। ଶନିବାର ଟେଣ୍ଡର ଖୋଲାଯାଇ ଏ ସବୁକୁ ନିଲାମ ଦିଆଯାଇଛି। ପାଦ ଧୋଇବା ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିପାଇଁ ପାର୍ବତୀ ସାଗରରେ ରେଲିଂ ତିଆରି କାମ ମଧ୍ୟ ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ, ପାଳିଆ ସେବାୟତ ପ୍ରମୁଖ ଯୋଗଦେଇଥିଲେ।



ପୁରସ୍କୃତ ହୋଇଥିବା ଦୁଇ ଭଉଣୀ।

# ବିଶ୍ୱ ଯୋଗ ପ୍ରତିଯୋଗିତା: ଶ୍ରୀଲତା, ରିକିପ୍ରଭାଙ୍କୁ ସ୍ୱର୍ଣ୍ଣ

ପୁରୀ ଅଫିସ,୧୬।୨ :

ଦିଲ୍ଲୀସ୍ଥିତ ଆନନ୍ଦଧାମ ଆଶ୍ରମରେ ପ୍ରଥମଥର ଲାଗି ଆୟୋଜିତ ବିଶ୍ୱ ଯୋଗ ପ୍ରତିଯୋଗିତାରେ ଶ୍ରୀକ୍ଷେତ୍ର ମାଟିର ନାମକୁ ଗର୍ବ କରିଛନ୍ତି ଓଡ଼ିଶାର ଦୁଇ ଭଉଣୀ। ଶ୍ରୀଲତା ରାୟ ସିନିୟର ଓ ରିକିପ୍ରଭା ଜୁନିୟର ବର୍ଗରେ ଗୋଲ୍ଡ ହାସଲ କରି ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି। ୩ ରାଉଣ୍ଡବିଶିଷ୍ଟ ଏହି ଯୋଗ ଚାମ୍ପିୟନଶିପ୍‌ରେ ଉଭୟ ବର୍ଗରେ ୭ରୁ ୮ଟି ଦେଶରୁ ପ୍ରାୟ ୧ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ଶ୍ରୀଲତା ଓ ରିକିପ୍ରଭା ଏହି ସମ୍ମାନ ହାସଲ କରିଛନ୍ତି। ଏଥିଲାଗି ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମାଲଖମ୍ବ ଏବଂ ଯୋଗ ଏକ୍ସପର୍ଟ ମଧୁସୂଦନ ରାୟ ଓ ମାତା ସ୍ୱର୍ଣ୍ଣଲତାଙ୍କ ଦୁଇ ଝିଅ ଶ୍ରୀଲତା ଓ ରିକିପ୍ରଭା ମାଲଖମ୍ବ କୁଇନ ଭାବେ ପରିଚିତ। ପୂର୍ବରୁ ରାଜ୍ୟ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ମାଲଖମ୍ବ ଓ ଯୋଗରେ ପ୍ରତିନିଧିତ୍ୱ କରି ଗୌରବ ହାସଲ କରିଛନ୍ତି ଏହି ଦୁଇ ଭଉଣୀ। ବିନା କୌଣସି ସରକାରୀ ପ୍ରୋତ୍ସାହନରେ ବାପା ମଧୁସୂଦନଙ୍କ ଗାଇଡସ୍‌ରେ ଏହି ଦୁଇ ଝିଅ ନିଜସ୍ୱ ଜ୍ଞାନକୌଶଳରେ ସଫଳତାର ପାହାଚ ଚଢିଚାଲିଛନ୍ତି। ମାଲଖମ୍ବ ଓ ଯୋଗରେ ଉଭୟ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରତିଭା ସାଉଁଟିଛନ୍ତି। ମଧୁସୂଦନ ରାୟଙ୍କ ନେତୃତ୍ୱରେ ସୋନି ଟିଭିରେ ପ୍ରଦର୍ଶିତ 'ଏଣ୍ଟରଟେନମେଣ୍ଟ କେ ଲିଏ କୁଛ ଭି କରେଗା'ରେ ଉଚ୍ଚକୋଟୀର ମାଲଖମ୍ବ ପୀରାମିଡ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଶ୍ରୀକ୍ଷେତ୍ର କୁଇନ୍ ଦୁଇ ଭଉଣୀ ନିଜ କଳା ପ୍ରଦର୍ଶନ କରି ଶ୍ରୀକ୍ଷେତ୍ର ଲାଗି ଗୌରବ ଆଣି ଦେଇଛନ୍ତି। ତାଙ୍କର ଏହି ସଫଳତା ଲାଗି ପୁରୀର ବିଭିନ୍ନ କ୍ରୀଡ଼ାନୁଷ୍ଠାନ, କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# 'ନିମାପଡ଼ାର ବିକାଶ ବିଜେଡିର ମୂଳମନ୍ତ୍ର'



ବୈଠକରେ ଯୋଗଦେଇଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ।

ନିମାପଡ଼ା,୧୬।୨(ଡି.ଏନ୍.ଏ.):

ନିମାପଡ଼ା ଏନ୍ଏସିର ବିକାଶ ବିଜୁ ଜନତା ଦଳର ମୂଳମନ୍ତ୍ର ଓ ମୁଖ୍ୟଲକ୍ଷ୍ୟ। ଆମେ ସମସ୍ତେ ଏକଜୁଟ ହୋଇ ଆମ ଏନଏସିକୁ ରାଜ୍ୟରେ ଏକ ବିକାଶଶୀଳ ଏନଏସି ଭାବେ ଗଢ଼ିତୋଳିବାକୁ ସଂକଳ୍ପ ନେବା ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ଟାଉନ ହଲଠାରେ ଆୟୋଜିତ ବିଜେଡିର ସାଙ୍ଗଠନିକ ନିର୍ବାଚନ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ପ୍ରତ୍ୟେକ ୱାର୍ଡସ୍ତରରୁ ଦଳୀୟ ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଦଳର କର୍ମୀମାନଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ସମାବେଶରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ଉପାଧ୍ୟକ୍ଷା କୌଶଲ୍ୟା ସାହୁ, ବିଜେଡି ନେତା ଜୀବନାନନ୍ଦ ମହାପାତ୍ର, ପଦ୍ମଚରଣ ସାହୁ, ବ୍ରଜେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସେନାପତି, ଅରୁଣ ପ୍ରସାଦ ଦାଶ, ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନଗର ବିଜେଡିର ସଭାପତି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ ସଭାପତି ଭାବେ ଜୀବନାନନ୍ଦ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ଏନ୍ଏସିର ୧୧ଟି ୱାର୍ଡର ୱାର୍ଡ ସଭାପତି ପଦବୀ ନିମନ୍ତେ ନିର୍ବାଚନ ହୋଇ ନୂତନ ୱାର୍ଡ ସଭାପତି ଭାବେ ଯଥାକ୍ରମେ ରବିନାରାୟଣ ମିଶ୍ର, ପ୍ରକାଶ ନାୟକ, ସତ୍ୟନାରାୟଣ ସାହୁ, ସୂର୍ଯ୍ୟକାନ୍ତ ମହାନ୍ତି, ଶିବପ୍ରସାଦ ସାହୁ, ଶ୍ରୀକାନ୍ତ ସାହୁ, ସୁରେନ୍ଦ୍ର ସାହୁ, ବିଚିତ୍ରାନନ୍ଦ ପାତ୍ର, ଶରତଚନ୍ଦ୍ର ସାହୁ, ଜୟକୃଷ୍ଣ ଜେନା, ଗୋପାଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ସଭାପତିମାନଙ୍କୁ ମନ୍ତ୍ରୀ ଦାଶ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାସହ ୨୦ଜଣ ଯୁବବନ୍ଧୁ ନୂତନ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଏହି ସମାବେଶରେ ପ୍ରତ୍ୟେକ ୱାର୍ଡରୁ ଶତାଧିକ ମହିଳାଙ୍କ ସମେତ ପ୍ରାୟ ୩ଶହ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ନିମାପଡ଼ାରେ ନଗର ବିଜେଡିର ୪୧ଜଣିଆ ସାଙ୍ଗଠନିକ କମିଟି ଗଠିତ ହୋଇଥିବା ଦଳୀୟ ନେତୃବୃନ୍ଦ ପକ୍ଷରୁ ଜଣାପଡିଛି।

# ରୋଗୀ କଲ୍ୟାଣ ସମିତି ବୈଠକ

ନିମାପଡ଼ା,୧୬।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଡାକ୍ତରଖାନାରେ ରବିବାର ରୋଗୀ କଲ୍ୟାଣ ସମିତି(ଆରକେଏସ)ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର, ଖାଲିଥିବା ୯ ଆଶାକର୍ମୀ ପଦବୀ, ଅସ୍ତ୍ରୋପଚାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେବା, ରୋଗୀଙ୍କୁ ଶୃଙ୍ଖଳା ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯିବା, ମେଡିକାଲରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରିବା, ଡାକ୍ତରଖାନାକୁ ଡିଜିଟାଲ ଏକ୍ସରେ ମେସିନ ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୪ମାସ ହେଲା ସିଜିରିଆନ ଅସ୍ତ୍ରୋପଚାର ବନ୍ଦ ଥିବା ଯୋଗୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ପ୍ରୋଗ୍ରାମ ଅଫିସର ଶିବନାରାୟଣ ନନ୍ଦ, ଆଶୁତୋଷ ମିଶ୍ର, ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ପ୍ରଧାନ, ଏବିଓ ହାଡୁ ସେଠୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ରୋଗୀ କଲ୍ୟାଣ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ।

# ପ୍ରାଚୀ ନଦୀର ସ୍ମୃତି ବଞ୍ଚାଇବାକୁ ପରିକ୍ରମା

କାକଟପୁର,୧୬।୨(ଡି.ଏନ୍.ଏ.):

ଭାରତବର୍ଷରେ ସ୍ୱତନ୍ତ୍ରତା ବହନ କରୁଥିବା ପ୍ରାଚୀ ନଦୀ ପୁରାତନ ସ୍ମୃତି ଉଜ୍ଜୀବିତ କରିବା ସହ ମନୁଷ୍ୟ ସମାଜରେ ତା'ର ପରମ୍ପରାକୁ ବଜାୟ ରଖିବା ପାଇଁ ନୀତିନିଷ୍ଠ ସାଧୁସନ୍ତମାନେ ଦୀର୍ଘବର୍ଷ ଧରି ପ୍ରାଚୀ ପରିକ୍ରମା ଆରମ୍ଭ କରିଛନ୍ତି। ଏହି ପରିକ୍ରମା ଚଳିତବର୍ଷ ଫେବୃୟାରୀ ମାସ ୧୩ ତାରିଖରୁ କେତେକ ସାଧୁସନ୍ଥମାନେ ଅନ୍ଧମୁନି କପିଳେଶ୍ୱରଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ନିଆଳି ସୋଭନେଶ୍ୱର ମନ୍ଦିର, ମାଧବ ମାଧବାନନ୍ଦଜୀ ମନ୍ଦିର, କାକଟପୁରର ନିଗମାନନ୍ଦ ଆଶ୍ରମ, ମାମଙ୍ଗଳା ମନ୍ଦିର, ଦେଉଳୀମଠ,ସରିପୁର ଅପସରା କ୍ଷେତ୍ର, ବଙ୍ଗୋପସାଗର ସଙ୍ଗମସ୍ଥଳ ପ୍ରାଚୀ ନଦିର କେଲୁଣୀ ମୁହାଣ ଆଦି ବିଭିନ୍ନ ମଠ ବୁଲିଛନ୍ତି। ଏହି ପରିକ୍ରମାରେ ସହସ୍ରାଧିକ ସଂଖ୍ୟକ ଓଡ଼ିଶାର ସାଧୁସନ୍ଥଙ୍କ ସହ ୧୫ଟି ଦେଶର ବିଦେଶୀ ପରିବ୍ରାଜକ ଯୋଗଦେଇ ପ୍ରାଚୀ ପରିକ୍ରମାର ଗାରୀମା ବୃଦ୍ଧି କରାଉଥିବା ବ୍ରହ୍ମଚାରୀ ପ୍ରଦୀପ କହିଛନ୍ତି। ରବିବାର ଏହି ଦଳ ଦେଉଳୀମଠରେ ପହଞ୍ଚି ଏକ ସଭା ମାଧ୍ୟମରେ ପ୍ରାଚୀ ନଦୀ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଥିବା ପ୍ରାଚୀ ସୁରକ୍ଷା ସମିତିର ସଭାପତି ସ୍ୱପ୍ନେଶ୍ୱର ସାହୁ ଓ ସମ୍ପାଦକ ରମେଶ ଚନ୍ଦ୍ର ବିଶ୍ୱାଳ, ପ୍ରାଚୀକୁ ପ୍ରଦୂଷଣ ମୁକ୍ତ ପାଇଁ କଂଟାପଡା ସରପଞ୍ଚ ଗଗନ ବିହାରୀ ଦାଶଙ୍କୁ ସମ୍ମାନିତ କରିଥିଲେ। ଏହାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଦୃଷ୍ଟି ଦେଲେ ପ୍ରାଚୀ ସଂସ୍କୃତି ବିଶ୍ୱସ୍ତରରେ ପହଞ୍ଚିପାରିବ ବୋଲି ପରିକ୍ରମାର ପୁରୋଧା ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମତପ୍ରକାଶ କରିଛନ୍ତି।

# ପବ୍ଲିକ ହିରୋ କପ୍: ପୋଲିସ ଏକାଦଶ ଚାମ୍ପିୟନ

ପୁରୀ ଅଫିସ,୧୬।୨ :

- ସୁନୀଲ ମ୍ୟାନ୍ ଅଫ ଦି ସିରିଜ୍
- ୫ ପ୍ରତିଭାବାନ କ୍ରିକେଟ ଖେଳାଳି ସମ୍ବର୍ଦ୍ଧିତ

ସାମାଜିକ ଅନୁଷ୍ଠାନ ପବ୍ଲିକ୍ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଦିବାରାତ୍ର ପବ୍ଲିକ୍ ହିରୋ କପ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୋଲିସ ଏକାଦଶ ପବ୍ଲିକ୍ ହିରୋ କପ୍ ଟାଇଟଲ ହାସଲ କରି ଚାମ୍ପିୟନ ହୋଇଛି। ସୁନୀଲ କୁମାର ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ହାସଲ କରିଛନ୍ତି। ଏହି ଅବସରରେ ପୁରାତନ କ୍ରିକେଟ ଖେଳାଳି ସରୋଜିତ ମହାପାତ୍ର, ଜଗଦିଶ ଚନ୍ଦ୍ର ରାଉତରାୟ, ବିମଳ ପ୍ରସଦା ମହାନ୍ତି, ଚିତ୍ତରଞ୍ଜନ ମିଶ୍ର ଏବଂ ଏମ୍ପାୟର ନିର୍ମଳ ମିଶ୍ର, ସତ୍ୟ ସାଗର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲାପାଳ ବଲୱନ୍ତ ସିଂ, ଏସପି ଉମାଶଙ୍କର ଦାଶ, ଡିଆରଡିଏ ବିଶାଳ ସିଂ,ପବ୍ଲିକ୍ ଅନୁଷ୍ଠାନ ସଭାପତି ଭକ୍ତ ଚରଣ ଦାଶ, ସମ୍ପାଦକ ଶକ୍ତି ନାୟକ, ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ବିଜୟୀ ପୋଲିସ ଟିମକୁ ଚାମ୍ପିୟନ ଟ୍ରଫି ଏବଂ ମିଡିଆ ଟିମକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ରବୀନ୍ଦ୍ର ପ୍ରଧାନ, ଦେବାଶିଷ ତ୍ରିପାଠୀ, ନବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପୋଲିସ ଖେଳପଡିଆରେ ପୂର୍ବାହ୍ନରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସେମିଫାଇନାଲରେ ମିଡ଼ିଆ ଏକାଦଶ ୫ ଉଇକେଟରେ ୨୦୦ରନ ସଂଗ୍ରହ କରିଥିବାବେଳେ ଜିଲାପ୍ରଶାସନ ୧୩୨ ରନ କରି ପରାସ୍ତ ହୋଇଥିଲା। ଅକ୍ଷୟ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲରେ ପୋଲିସ ଏକାଦଶ ୩ ଉଇକେଟରେ ୧୯୪ ରନ କରିଥିବାବେଳେ ସେବାୟତ ଟିମ ୧୪୯ ରନ କରି ପରାସ୍ତ ହୋଇଥିଲା। ସନ୍ଧ୍ୟାରେ ଫାଇନାଲ ମ୍ୟାଚରେ ପୋଲିସ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୮ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ମିଡିଆ ଏକାଦଶ ସମସ୍ତ ଉଇକେଟ ହରାଇ ୮୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଓ ରନର୍ସ ଦଳର ଖେଳାଳିମାନେ।

# ମହାପ୍ରସାଦର ପ୍ରସ୍ତୁତି, ମହତ୍ତ୍ୱ ଶୁଣିଲେ ଛାତ୍ରୀଛାତ୍ର

ପୁରୀ ଅଫିସ,୧୬।୨:

ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ପକ୍ଷରୁ ଚାଲିଛି ମୋ ସହର ମୋ ଭବିଷ୍ୟତ କାର୍ଯ୍ୟକ୍ରମ। ପ୍ରତି ରବିବାର ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାଇକେଲରେ ସହରର ବିଭିନ୍ନ ମଠ, ମନ୍ଦିର, ଐତିହ୍ୟସ୍ଥଳୀ ବୁଲାଇ ନିଆଯାଉଛି। ପିଲାମାନେ ଏସବୁ ପରିଦର୍ଶନ କରିବା ସହ ସହରର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଜ୍ଞାନ ହାସଲ କରୁଛନ୍ତି । ରବିବାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବଳିଆପଣ୍ଡାସ୍ଥିତ ସୁଖଲତା ଉଚ୍ଚ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ ।

ଏହି ସାଇକେଲ ଯାତ୍ରାରେ ସେମାନେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ମଠ, ମନ୍ଦିର, ଆଶ୍ରମ, ମହାପ୍ରସାଦ, ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଆଦି ବିଭିନ୍ନ ପ୍ରସଙ୍ଗରେ ଶୁଣିଛନ୍ତି। ସକାଳ ୮ଟାରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଯୁଗବ୍ରତ କରଙ୍କ ତତ୍ତ୍ୱାବଧାନରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟଠାରୁ ଏହି ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା। ପିଲାମାନେ କବୀର ଚୌରା, କରାର ଆଶ୍ରମ, ବାଉଳିମଠ, ଭାରତ ସେବା ସଂଘ, ବିଦୁର ମଠ, ତୋଟା ଗୋପୀନାଥ, ଗୋବର୍ଦ୍ଧନ ମଠ ପ୍ରଭୃତି ସ୍ଥାନ ବୁଲିଥିଲେ। ଶେଷରେ ପାନ୍ଥ ନିବାସରେ ଆୟୋଜିତ ହୋଇଥିଲା ଏକ ଭାବବିନିମୟ କର୍ମଶାଳା। ଏଥିରେ ଶ୍ରୀମନ୍ଦିର ସେବାୟତ ବିଶ୍ୱନାଥ ସାମନ୍ତରା ପିଲାମାନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି, ମହାପ୍ରସାଦର ପ୍ରସ୍ତୁତି ଏବଂ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମହାପ୍ରସାଦ ସେବନରେ କୌଣସି ଜାତି, ଧର୍ମ ନ ଥାଏ। ଭାରତର ବିଭିନ୍ନ ମନ୍ଦିରକୁ ମହିଳାଙ୍କ ପ୍ରବେଶ ଉପରେ କଟକଣା ରହିଛି । ମାତ୍ର ମହିଳାଙ୍କ ପାଇଁ ଶ୍ରୀମନ୍ଦିରର ଦ୍ୱାର ଉନ୍ମୁକ୍ତ ବୋଲି ସାମନ୍ତରା କହିଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ, ଶିକ୍ଷା ଓ ସଂସ୍କୃତି ବିକାଶରେ ମଠର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରାଚୀନ ସମୟରେ ଆଜିକାଲି ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କାଗଜ, କଲମ, ଲାଇଟ୍, ଗମନା ଗମନ ଆଦି କୌଣସି ସୁବିଧା ନ ଥିଲା। ତଥାପି ମଠର ଗୁରୁ ଓ ମହନ୍ତମାନେ କଠୋର ତ୍ୟାଗ ବଳରେ ସମାଜରେ ଶିକ୍ଷାର ବିସ୍ତାର ପାଇଁ ଆବାସିକ ବ୍ୟବସ୍ଥା କରିଥିଲେ। ସେତେବେଳେ ମଧ୍ୟ ସେହି ମଠମାନରୁ ଅଧ୍ୟୟନ କରି ଭାରତରେ ଅନେକ ବିଦ୍ୟାର୍ଥୀ ପ୍ରସିଦ୍ଧି ଲାଭ କରିଥିଲେ। ଅନୁସନ୍ଧାନରୁ ଜଣାପଡିଛି ପୁରୀରେ ମଠ ପରିଚାଳିତ ୨୧ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ରହିଥିଲା। ଏବେ ବି ୧୧ଟି ସଂସ୍କୃତ ପାଠଶାଳା ମଠମାନଙ୍କରେ ଚଳଚଞ୍ଚଳ ଅଛି। ଏଣୁ ମଠର ସମାଜ ପ୍ରତି ଯେଉଁ ତ୍ୟାଗ ରହିଥିଲା ତାହା ହିଁ ଆମର ଗୌରବପୂର୍ଣ୍ଣ ଅଧ୍ୟାୟ। ସେହିପରି ପୂର୍ବରୁ ପୁରୀ ଏକ ତୀର୍ଥ ଥିଲା। ଆଦି ଶଙ୍କରାଚାର୍ଯ୍ୟ ଏହାକୁ ଧାମ ରୂପେ ଘୋଷଣା କରିଥିଲେ। ଧାମର ଦେବତା ଭାବେ ଶ୍ରୀଜଗନ୍ନାଥ, ଦେବୀ ରୂପେ ମା' ବିମଳା ଓ ତୀର୍ଥ ରୂପେ ମହୋଦଧିଙ୍କୁ ଆଦି ଶଙ୍କରାଚାର୍ଯ୍ୟ ସ୍ୱୀକାର କରିଥିଲେ ବୋଲି ଡ. ମିଶ୍ର ପିଲାମାନଙ୍କୁ ବୁଝାଇଥିଲେ। ଶାନ୍ତିରଞ୍ଜନ ମିଶ୍ର, ନଟବର ସାହୁ, ପ୍ରବୀଣ ଖଡ଼ିରତ୍ନ ଓ କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ମୋ ସହର ମୋ ଭବିଷ୍ୟତ କାର୍ଯ୍ୟକ୍ରମ**



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ପୁରୀ ମଠ ସମ୍ବନ୍ଧରେ ବୁଝାଉଛନ୍ତି।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
-କନ୍‌ଫୁସିୟସ



## ସଂକ୍ଷେପରେ

### ସ୍କୁଟି ଧକ୍କାରେ ସାଇକେଲ ଆରୋହୀ ମୃତ

ଯାଁଳା,୧୬।୨(ଡି.ଏନ୍.ଏ.): ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏକ ସ୍କୁଟି ଧକ୍କାରେ ପଦ୍ମଚରଣ ସାମନ୍ତରାୟ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ସ୍କୁଟି ଚାଳକ ମଧ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଜାତୀୟ ରାଜପଥର ପୁରୁଣା ଯାଁଳା ଫାଣ୍ଡି ନିକଟରେ ଶନିବାର ରାତିରେ ଏହା ଘଟିଥିଲା। ପଦ୍ମଚରଣ ସାଇକେଲରେ ରାସ୍ତା ପାର ହେଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଆହତ ହୋଇଥିଲେ। ଫାଣ୍ଡି ପୋଲିସ ଉଭୟଙ୍କୁ ଚିକିତ୍ସା ଲାଗି ଏମସରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ପଦ୍ମଚରଣଙ୍କ ମୃତ୍ୟୁ ଘଟିଥିଲା। ମୃତ ପଦ୍ମଚରଣଙ୍କର ନିଜ ଘର ଚନ୍ଦକା ଥାନା ମେଣ୍ଢାଶାଳ ଗ୍ରାମରେ ହୋଇଥିବା ବେଳେ ସେ ଯାଁଳାରେ ରହୁଥିଲେ।

### ପରିବେଶ ପାଇଁ ସଚେତନ କଲେ ଓଡ଼ିଶାର ଗ୍ରୀଟା

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)- କବିତା ମାଧମରେ ପରିବେଶ ସୁରକ୍ଷା ବାର୍ତ୍ତା। ପରିବେଶର ପୁନଃ ସଂରଚନା କରିବା, ଅଧିକରୁ ଅଧିକ ବୃକ୍ଷରୋପଣ ସହ ସଂରକ୍ଷଣ ଓ ଯତ୍ନ ନେଇ ବଡ଼ କରିବା ପାଇଁ ସଚେତନ କରୁଛନ୍ତି ଓଡ଼ିଶାର ଗ୍ରୀଟା। ସମଗ୍ର ବିଶ୍ୱକୁ ଏବେ ପରିବେଶ ସଚେତନତା ଆବଶ୍ୟକ ଥିବାବେଳେ ସ୍ୱେଡେନ୍‌ର ଗ୍ରୀଟା ପରିବେଶ ବଞ୍ଚାଇବା ପାଇଁ ସେଠାକାର ସଂସଦ ଆଗରେ ଧାରଣା ଦେଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ତୃତୀୟ ପାର୍କ ଉତ୍ସବରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଖାରବେଳ ପାର୍କରେ ଡିଏଭି ସ୍କୁଲରେ ୟୁକେଜି ଛାତ୍ରୀ ସାନ୍‌ଭି ସାମନ୍ତରାୟ କବିତା ମାଧମରେ ପରିବେଶ ଭିତ୍ତିକ ସଚେତନତା ବାର୍ତ୍ତା ବାଣ୍ଟି ଲୋକଙ୍କୁ ଆକର୍ଷିତ କରିଛନ୍ତି। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ସହ ସବୁଜିମା ଭରା ପୃଥିବୀ ପାଇଁ ଏଭଳି ଅଣ୍ଟା ଭିଡ଼ିଛନ୍ତି ସାନ୍‌ଭୀ। ତାଙ୍କ କବିତା ଶୁଣି ପାର୍କରେ ଥିବା ଲୋକେ ପରିବେଶ ପ୍ରତି କିଛି ଭଲ କାମ କରିବା ପାଇଁ ଶପଥ ନେଇଛନ୍ତି। କହିବାକୁ ଗଲେ ତୃତୀୟ ପାର୍କ ଉତ୍ସବ ପରିବେଶ ପାଇଁ ହିଁ ଉତ୍ସର୍ଗ ଥିଲା। ଖାଲି ସାନ୍‌ଭି ନୁହେଁ, ବରଂ ସାର୍ବଜନୀନ କ୍ଷେତ୍ରରେ କଳାରେ ଅଧ୍ୟୟନ କରୁଥିବା ବିଶ୍ୱରଞ୍ଜନ କର ମଧ ଲୋକଙ୍କୁ ପରବେଶ ଭିତ୍ତିକ ବାର୍ତ୍ତା ବାଣ୍ଟିବା ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ପାଇଁ ସଚେତନ କରିଥିଲେ। ପ୍ରଦୁଷଣ ପାଇଁ ସାମୁଦ୍ରିକ କଇଁଛ ଓ ଅନ୍ୟ ଜୀବମାନେ କିପରି ବଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ବିଶ୍ୱରଞ୍ଜନ ନିଆରା ଭାବେ ଲୋକଲୋଚନକୁ ଆଣିଥିଲେ। ଖାରବେଳ ଓ ମହାତ୍ମା ଗାନ୍ଧୀ ପାର୍କରୁ ଏହି ଉତ୍ସବ ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଏହା କରାଯାଉଛି। ସହରର ୭ଟି ମୁଖ୍ୟ ଓ ବଡ଼ ପାର୍କରେ ଆସନ୍ତା ମାର୍ଚ୍ଚ ୧୫ ଯାଏ ପ୍ରତ୍ୟେକ ରବିବାର ସକାଳ ୭ଟାରୁ ୯ଟା ଯାଏ ଏହି ଉତ୍ସବ କରାଯିବ। ତୃତୀୟ ପାର୍କ ଉତ୍ସବରେ ଦୁଇଟି ପାର୍କରେ ପାଖାପାଖି ୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବିଡିଏ ପକ୍ଷରୁ ପ୍ରକାଶ ପାଇଛି। ପାର୍କ ଉତ୍ସବରେ ଲୋକମାନେ ଆମୋଦପ୍ରମୋଦ କରିବା ସହ ପିଲାଙ୍କ ଖେଳକୁଦ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି।

# ଆନନ୍ଦ ବଜାରରେ ଖୋଲିଲାନି ଅଭିଯୋଗ ପ୍ରକୋଷ୍ଠ


ପୁରୀ ଅଫିସ,୧୬।୨:

ଶ୍ରୀମନ୍ଦିରରେ ପ୍ରାୟ ସମୟରେ ଭକ୍ତ-ସେବାୟତଙ୍କ ମଧରେ କଥା କଟାକଟି ହେଉଛି। ଏପରି କି ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମରାଯାଉଥିବା ଅଭିଯୋଗ ମଧ ହେଉଛି। ହାତଗଣତି କେତେକ ସେବାୟତ ଏବଂ କର୍ମଚାରୀଙ୍କ ପାଇଁ ଜାତୀୟସ୍ତରରେ ବଦ୍‌ନାମ ହେଉଛି ଶ୍ରୀମନ୍ଦିର। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବି ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଯେପରି କଡ଼ାକଡ଼ି ଭାବେ ପାଳନ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ। ତେଣୁ ମନ୍ଦିର ଭିତରେ ଶୃଙ୍ଖଳା ପାଇଁ ଏକାଧିକ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ପରବର୍ତ୍ତୀ ସମୟରେ କେତେକ ନିଷ୍ପତ୍ତି କେବଳ କଥାରେ ହିଁ ରହିଯାଇଛି। ସେହିଭଳି ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବାର ନିଷ୍ପତ୍ତି ନିଆଯାଇଥିଲେ ମଧ ନିଷ୍ପତ୍ତିକୁ ଦେଢବର୍ଷ ବିତିଯାଇଥିଲେ ହେଁ ଏଯାଏଁ ଅଭିଯୋଗ ପ୍ରକୋଷ୍ଠଟିଏ ଖୋଲାଗଲା ନାହିଁ। ଯଦିଓ ପୂର୍ବଭଳି ଆନନ୍ଦ ବଜାରରେ ବିଶୃଙ୍ଖଳା ନାହିଁ, ତଥାପି ବେଳେ ବେଳେ ଭକ୍ତଙ୍କୁ ଦୁର୍ବ୍ୟବହାର ଅଭିଯୋଗ ଶୁଣିବାକୁ ମିଳୁଛି।

ଆନନ୍ଦ ବଜାରକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ୨୦୧୮ ସେପ୍ଟେମ୍ବର ୧୧ରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ସେଥିମଧ୍ୟରୁ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ଥିଲା ଅନ୍ୟତମ ନିଷ୍ପତ୍ତି। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ଏହା ଖୋଲାଯିବାକୁ ସ୍ଥିର ହୋଇଥିଲା। ଭକ୍ତମାନେ ଯଦି କୌଣସି ପ୍ରକାର ଶୋଷଣ କିମ୍ବା ଦୁର୍ବ୍ୟବହାରର ଶିକାର ହୁଅନ୍ତି ତେବେ ଏଥିରେ ଅଭିଯୋଗ କରିପାରିବେ। କାରଣ ଅନେକ ସମୟରେ ମହାପ୍ରସାଦ ମୂଲ୍ୟକୁ ନେଇ ସୁଆର ସେବକ ଏବଂ ଭକ୍ତଙ୍କ ମଧରେ ଉଚ୍ଚବାଚ ହୋଇଥାଏ। ଏପରି କି ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ମାଡ଼ ମରାଯିବାର ବି ନଜିର ରହିଛି। ତେଣୁ ସେବକ ହୁଅନ୍ତୁ ଅବା କର୍ମଚାରୀ କିମ୍ବା ଭକ୍ତ ଯେକେହି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରନ୍ତି ଅଭିଯୋଗ ପ୍ରକୋଷ୍ଠରେ ତାଙ୍କ ବିରୋଧରେ ଅଭିଯୋଗ ହେବ। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଲକ୍ଷ୍ୟ ରହିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ଖୋଲାଗଲା ନାହିଁ। ତେବେ ସାଧାରଣରେ ଏଠାରେ ପ୍ରଶ୍ନ ଉଠୁଛି କାହିଁକି ଖୋଲାଯାଇ ପାରୁନି ଅଭିଯୋଗ ପ୍ରକୋଷ୍ଠ।

ଆଗକୁ ଶ୍ରୀମନ୍ଦିର ପାଇଁ ଏକାଧିକ ଯୋଜନା କରିଛନ୍ତି ରାଜ୍ୟ ସରକାର। ଐତିହ୍ୟ କରିଡ଼ରର ପରିକଳ୍ପନା କରାଯାଇ ବର୍ତ୍ତମାନ ଶ୍ରୀମନ୍ଦିର ଚୌହଦୀରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏପ୍ରିଲ ସୁଦ୍ଧା ଐତିହ୍ୟ କରିଡ଼ର ନକ୍ସା ଚୂଡ଼ାନ୍ତ ହେବା ପରେ କାମ ଆରମ୍ଭ ହେବ। ଶ୍ରୀମନ୍ଦିରର ଚତୁଃପାର୍ଶ୍ୱର ଚିତ୍ର ବଦଳୁଥିବାବେଳେ ଦର୍ଶନାର୍ଥୀଙ୍କ ସଂଖ୍ୟା ବି ବଢୁଛି। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳା ପ୍ରମୁଖ ପ୍ରସଙ୍ଗ ହୋଇଥିଲେ ମଧ ଏଥିପ୍ରତି ଅଣଦେଖା କରାଯାଉଛି। ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିଷ୍ପତ୍ତିକୁ ଦେଢବର୍ଷ ପୂରିବାକୁ ଥିବାବେଳେ ଏହା କାର୍ଯ୍ୟକାରୀ ନ ହେବା ନିଶ୍ଚିତ କ୍ଷୋଭର ବିଷୟ ବୋଲି କହିଛନ୍ତି ଶ୍ରଦ୍ଧାଳୁ।

ଏ ସମ୍ପର୍କରେ ଭଦ୍ରକ ବାସୁଦେବପୁର ଅଞ୍ଚଳର ଗୌରାଙ୍ଗ ସାହୁ କହିଛନ୍ତି, ଆନନ୍ଦ ବଜାରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ଏକ ଭଲ ନିଷ୍ପତ୍ତି। ଏହାଦ୍ୱାରା ସେବାୟତ ହୁଅନ୍ତୁ ଅବା ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ସମସ୍ତଙ୍କ ମନରେ ଭୟ ରହିବ। କେହି କାହାରିକୁ ଖରାପ ବ୍ୟବହାର କରିବାକୁ ଡରିବେ। ତେଣୁ ତୁରନ୍ତ ଏହା ଖୋଲାଯିବା ଦରକାର।




ପୁରୀ ବେଳାଭୂମିରେ ରବିବାର ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା କରୋନା ଭାଇରସ୍ ସଚେତନତା ନେଇ ବାଲୁକା କଳା ।

# ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ:ମନ୍ତ୍ରୀ




ବାର୍ଷିକ ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ଗୋପ,୧୬।୨(ଡି.ଏନ୍.ଏ.)

ଶିକ୍ଷା କେବଳ ଚରିତ୍ର, ଭବିଷ୍ୟତ ଗଠନ କରେ ନାହିଁ। ଶିକ୍ଷା ହେଲେ ଯେକୌଣସି କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ଭବିଷ୍ୟତ ଗଢ଼ିପାରିବେ ବୋଲି ରବିବାର ଗୋପ ମହାବିଦ୍ୟାଳୟ ପରିସରରେ ଆୟୋଜିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ, ଶିକ୍ଷାବିତ୍ ରବୀନ୍ଦ୍ର ନାୟକ, କଲେଜ ପ୍ରତିଷ୍ଠାତା ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ପୁରାତନ ମହାବିଦ୍ୟାଳୟଟି ଏ ଅଞ୍ଚଳର ଗର୍ବ । ଛାତ୍ରୀଛାତ୍ରମାନେ କେବଳ ଶିକ୍ଷାକୁ ବ୍ରତ ଭାବରେ ଗ୍ରହଣ ନ କରି ଅନ୍ୟ କିଛି କରିଲେ ନିଶ୍ଚିତ ସମାଜରେ ପ୍ରତିଷ୍ଠିତ ମଣିଷ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାପରେ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଦୁଇ ଛାତ୍ରଗୋଷ୍ଠୀଙ୍କ ମଧରେ ପାଟିତୁଣ୍ଡ ଯୋଗୁ ଅଧାରୁ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା।

### ଗୀତିକବିତା ପ୍ରତି ନୂଆପିଢ଼ିଙ୍କ ଆଗ୍ରହ ଶୁଭ ସୂଚନା

ପୁରୀ ଅଫିସ,୧୬।୨

କବି ମନୋରମା ପାତ୍ରଙ୍କ ରଚିତ ଓଡ଼ିଆ ଭଜନ ଓ ଆଧୁନିକ ସଙ୍ଗୀତ ସିଡ଼ୀର ଲୋକାର୍ପଣ ଉତ୍ସବ ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଏହାକୁ ଲୋକାର୍ପଣ କରି ବର୍ତ୍ତମାନ ଯୁଗରେ ଗୀତିକବିତା ପ୍ରତି ନୂଆପିଢ଼ିଙ୍କ ଆଗ୍ରହ ଶୁଭ ସୂଚନା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ଓ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ମିଶ୍ର ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ସାହିତ୍ୟିକା ପ୍ରତିମା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ପ୍ରଦୀପ ପ୍ରଧାନ, କବି ଫୁଲରାଣୀ ପାଳ ଓ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସୁନୀଲ କୁମାର ରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ।

# ପୁରୁଷରେ ଗଞ୍ଜାମ, ମହିଳାରେ ଖୋର୍ଦ୍ଧା ଚାମ୍ପିୟନ

ପୁରୀ ଅଫିସ,୧୬।୨:

**ରାଜ୍ୟସ୍ତରୀୟ ଶୁଟିଂବଲ ଉଦ୍‌ଯାପିତ**

ଓଡ଼ିଶା ଶୁଟିଂବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୮ତମ ରାଜ୍ୟସ୍ତରୀୟ ଶୁଟିଂ ବଲ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଝାଡ଼େଶ୍ୱରୀ କ୍ଲବ ପରିସରରେ ଚାଲିଥିବା ଏହି ଚାମ୍ପିୟନଶିପରେ ପୁରୁଷ ବିଭାଗରେ ଗଞ୍ଜାମ ପ୍ରଥମ ବୌଦ୍ଧ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଖୋର୍ଦ୍ଧା ପ୍ରଥମ ଓ ପୁରୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ, ରାଜସ୍ଥାନର ଆଜମେରଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଶୁଟିଂବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ପୁରୁଷ ଓ ମହିଳା ଟିମ୍ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଦିବସରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟଅତିଥି ଓ ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ପଣ୍ଡା, ସଂଘ ସଭାପତି ଶୁଭାଶିଷ ଖୁଣ୍ଟିଆ, ସମ୍ପାଦକ ସିତେନ୍ଦ୍ରନାଥ ଦାଶ, ସତିକାନ୍ତ ପଟ୍ଟନାୟକ, ବୀରେନ୍ଦ୍ର ନାଥ ଖୁଣ୍ଟିଆ, ହରେକୃଷ୍ଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଚାମ୍ପିୟନଶିପରେ ଓଡ଼ିଶାର ୧୫ଟି ଜିଲାରୁ ୩୫ଟିମର ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୫ଟି ବାଳକ ଓ ୧୦ ବାଳିକା ଟିମ୍ ଏବଂ ୧୫ଜଣ ଅଫିସିଆଲ ଯୋଗଦେଇଥିଲେ।

# ପୁରୀ ରନର୍ସ ପକ୍ଷରୁ ମିନି ମାରାଥନ

ପୁରୀ ଅଫିସ,୧୬।୨

ପୁରୀ ରନର୍ସ ଆନୁକୂଲ୍ୟରେ ମିନି ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୧, ୧୦ ଓ ୫ କି.ମି. ଆଦି ୩ ବିଭାଗରେ ଆୟୋଜିତ ଏହି ମାରାଥନରେ ଏକାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୧ କି.ମି. ମାରାଥନରେ ବିଶ୍ୱଜିତ ନାୟକ, ରୂପଧର ବାରିହା, ଚନ୍ଦନ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ମହିଳା ବର୍ଗରେ ସ୍ୱସ୍ତିକ ସରକାର, ଏମ୍. ଓଝା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ୧୦ କି.ମି. ମାରାଥନରେ ବିନୋଦ ପଣ୍ଡା, ଗୁରୁ ଚରଣ ସିଂ ଏବଂ ମହିଳା ବର୍ଗରେ ସ୍ମୃତିସ୍ମିତା ପୃଷ୍ଟି ଓ ପ୍ରୀତି ଝା ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ୫ କି.ମି.ରେ ବିଜୟୀଙ୍କ ନାମ ଘୋଷଣା କରାଯାଇନାହିଁ। ମୁଖ୍ୟ ଆକର୍ଷଣ ଥିଲେ ୫ ବର୍ଷିୟ ଧାବକ ବିଦ୍ୟାଦିତ୍ୟ ସ୍ୱାଇଁ। ଦିବ୍ୟାଙ୍ଗ କମଳକାନ୍ତ ନାୟକ ଯୋଗଦାନ କରିଥିଲେ। ପୁରୀ ରନର୍ସର ମୁଖ୍ୟ ପରିଚାଳକ ଜଗଜିତ୍ କର, ପି.ସି. ସାହୁ, ଆଲୋକ ଦାଶ, ଆଶୁତୋଷ ମିଶ୍ର, ଅଭିଷେକ ମିଶ୍ର, ବଳରାମ ଯାଦବ, ସବିତା ସୋରେନ, ସ୍ନେହ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।



ମିନି ମାରାଥନରେ ଭାଗ ନେଇଥିବା ଯୁବତୀ ଯୁବକମାନେ ।

### ହୃଦ୍‌ଘାତରେ କିରାଣିଙ୍କ ପରଲୋକ

କଣାସ ,୧୬।୨(ଡି.ଏନ୍.ଏ.)

କାଦୁଆ ପଞ୍ଚାୟତ ଅନ୍ତର୍ଗତ କାଦୁଆଘାଟ ଏକାଡେମୀର କିରାଣି ପଦ୍ମଚରଣ ପ୍ରଧାନଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। କଉଡିଖଣି ଗ୍ରାମର ପଦ୍ମଚରଣ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ନିଜ ଘରେ ଖାଇସାରିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେବାବେଳେ ବାଟରେ ତାଙ୍କର ହୃଦଘାତ ହୋଇଥିଲା । ସାହୁପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କିଛିଦିନ ଧରି ମଧ କଣାସ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କିରାଣି ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମରଶରୀରକୁ ଗ୍ରାମରେ ପରିକ୍ରମା କରାଯାଇ ହାଇସ୍କୁଲ ପରିସରକୁ ଅଣାଯାଇଥିଲା। ବନ୍ଧୁ ପରିବାର ଶୁଭେଚ୍ଛୁ, ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ପୁତ୍ର ପ୍ରମୋଦ ମୁଖାଗ୍ନୀ ଦେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ହାଇସ୍କୁଲରେ ମଧ ଶୋକପାଳନ କରାଯାଇଛି।




ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବାର୍ଷିକ ଜେଜେବାପା, ଜେଜେମାଆ ଓ ଅଜାଆଇ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ପ୍ରଥମ ଲୋକକଳା ମହୋତ୍ସବ ଉଦ୍‌ଯାପିତ

କୋଣାର୍କ,୧୬।୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ଅର୍ବାନହାଟ ସାଂସ୍କୃତିକ ମଣ୍ଡପଠାରେ ଗତ ୧୪ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଲୋକକଳା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ କୋଣାର୍କ ସୁରକ୍ଷା ସମିତିର ସଭାପତି ବାଦଲ ଦାଶ, ସୋଲାର ସମ୍ପାଦକ ହରିଶଚନ୍ଦ୍ର ଦାଶ, ରାମଚଣ୍ଡୀ ଗ୍ରାମ୍ୟ କମିଟିର ସମ୍ପାଦକ ପ୍ରତାପ କୁମାର କାଣ୍ଡି ଓ ବରିଷ୍ଠ ଦାସକାଠିଆ ଗୁରୁ ଭ୍ରମରବର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବକୁ ସୁଦୁରପ୍ରସାରୀ କରିବା ସହ ବିଲୁପ୍ତ ଲୋକକଳା ଓ ସଂସ୍କୃତିର ପୁନର୍ଜୀବିତ କରିବା ପାଇଁ ସାମୂହିକ ପ୍ରୟାସ ଜାରି ରଖିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉଦ୍‌ଯାପନୀ ସମାରୋହର ପ୍ରଥମ ସନ୍ଧ୍ୟାରେ ନିମାପଡା ନୃତ୍ୟାଳୟା ଓଡ଼ିଶୀ ଏକାଡେମୀର ଗୁରୁ ବିଷ୍ଣୁଚରଣ ସାସମଲଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଭଗବାନ ଶ୍ରୀଗଣେଶଙ୍କ ବନ୍ଦନାକୁ ନିଖୁଣ ଭାବେ ପରିବେଷିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଦାସକାଠିଆ ଗୁରୁ ଭ୍ରମରବର ବିଶ୍ୱାଳଙ୍କୁ ନାଟ୍ୟଦୀପ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ନିତ୍ୟାନନ୍ଦ ମହାରଣା ସଂଯୋଜନା କରିଥିବାବେଳେ କୁନାଲ ପାତ୍ର, ପ୍ରିୟରଞ୍ଜନ ରଥ ଓ ନାଟ୍ୟଦୀପର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।




ଲୋକକଳା ମହୋତ୍ସବ ଉଦ୍‌ଯାପନୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# କୋଣାର୍କ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି

ଗୋପ,୧୬।୨(ଡି.ଏନ୍.ଏ.)

- ୫୦ ଲକ୍ଷ ଟଙ୍କାର ମିଳୁନି ହିସାବ
- ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ହେଉନି ତଦନ୍ତ

ଗୋପ-କୋଣାର୍କ ରାସ୍ତାରେ ଥିବା କୋଣାର୍କ ମହିଳା ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକୁ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ପଦବୀ ଚୟନଠାରୁ ଆଡମିଶନ ଫି ଆଦି କାର୍ଯ୍ୟରେ ଚଞ୍ଚକତା କରି ଅନିୟମିତତା ହୋଇଥିବାବେଳେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁ ନାହିଁ। ଫଳରେ ଏହିସବୁ ଅର୍ଥକୁ ବାଟମାରଣା କରାଯାଇଥିବା ନେଇ ପରିଚାଳନା କମିଟି ସଭାପତି ତଥା ପୁରୀ ଉପ-ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତଦନ୍ତ ନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ସାରଡ଼ା ଛକ ନିକଟରେ ଥିବା ଏହି କଲେଜଟି ୧୯୯୧ ମସିହାରେ ସ୍ଥାପିତ ହୋଇଥିଲା। ଆରମ୍ଭରୁ ମହିଳା ମହାବିଦ୍ୟାଳୟକୁ ଛାତ୍ରୀମାନେ ଆସୁଥିବାବେଳେ ପରେ ଛାତ୍ରୀମାନଙ୍କୁ ଶୋଷଣ କରାଯିବାରୁ ଅଭିଭାବକମାନେ ଏହି ମହାବିଦ୍ୟାଳୟକୁ ଛାଡ଼ି ନ ଥିଲେ। ଚଳିତ ବର୍ଷ +୨ରେ ୧୯୨ଟି ସିଟ୍ ଥିବାବେଳେ ମାତ୍ର ୬୩ ଜଣ ଛାତ୍ରୀ ଅଧ୍ୟୟନ କରୁଥିବାବେଳେ +୩ ରେ ୧୯୨ ସିଟ୍ ଥିବାବେଳେ ମାତ୍ର ୬୪ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କଠାରୁ ଉନ୍ନୟନ ରାଶି ମୋଟା ଅଙ୍କର ଆଦାୟ କରାଯାଉଥିବାବେଳେ ଏହି ଅର୍ଥକୁ ଚଞ୍ଚକତା କରି ବାଟମାରଣା କରାଯାଉଥିବା ଅଭିଯୋଗ ହେଉଛି। +୨ରେ ୧୦ଜଣ ଅଧ୍ୟାପିକା ଅଧ୍ୟାପକ ଥିବାବେଳେ +୩ ରେ ୭ଜଣ ଅଧ୍ୟାପିକା ଅଧ୍ୟାପକ ରହିଛନ୍ତି। ମାତ୍ର ୨୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକଙ୍କୁ ଏଠାରେ ଚାକିରିର ଲୋଭ ଦେଖାଇ ମୋଟା ଅଙ୍କର ଅର୍ଥ ନିଆଯାଇଥିବା ଭଳି ଅଭିଯୋଗ ମଧ ରହିଛି। ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ରହିଥିବା ଓଡ଼ିଆ ବିଭାଗର ଅଧ୍ୟାପିକା ଚିନ୍ମୟୀ ସେନାପତିଙ୍କୁ ଅଧକ୍ଷ ପଦବୀ ଦେବାକୁ ଯୋଜନା ଚାଲିଥିବାବେଳେ ଚଞ୍ଚକତା କରି ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ଅବସ୍ଥାପିତ କରାଯାଇଛି। ଫଳରେ ଅଧ୍ୟାପିକା ସେନାପତି ଏହି ମହାବିଦ୍ୟାଳୟରେ ହୋଇଥିବା ଆର୍ଥିକ ଅନିୟମିତତା ଓ ଜାଲ ଅଧ୍ୟାପିକା, ଅଧ୍ୟାପକଙ୍କ ବିରୋଧରେ ୨୦୧୯ ଅକ୍ଟୋବର ୨୧ରେ ଉପ-ଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗକୁ ୪ମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ତଦନ୍ତ କରାଯାଇନାହିଁ। ଏପରି କି ଏହି ମହାବିଦ୍ୟାଳୟରେ ଥିବା ସମସ୍ତ କାଗଜପତ୍ରକୁ ଚଞ୍ଚକତା କରାଯାଇଥିବାବେଳେ ଭିଜିଲାନ୍ସ ତଦନ୍ତ କରାଗଲେ ସମସ୍ତ ସତ୍ୟ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଧ୍ୟାପିକା ସେନାପତି କହିଛନ୍ତି। ମହାବିଦ୍ୟାଳୟର ପିଅନଠାରୁ ଆରମ୍ଭ କରି ଅଧ୍ୟାପକ ଅଧ୍ୟାପିକା ପର୍ଯ୍ୟନ୍ତ ସମସ୍ତ ପଦପଦବୀରେ ଅନିୟମିତତା କରାଯାଇଥିବା ଭଳି ଅଭିଯୋଗ ହୋଇଛି। ମହାବିଦ୍ୟାଳୟ ଆରମ୍ଭଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଛାତ୍ରୀମାନଙ୍କ ଉନ୍ନୟନ ଅର୍ଥକୁ ବାଟମାରଣା, ମହାବିଦ୍ୟାଳୟକୁ ଆସୁଥିବା ଅନୁଦାନର ହେରଫେର କରି ପ୍ରାୟ ୫୦ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବାବେଳେ ଏହାର ହିସାବ ମିଳୁ ନ ଥିବାରୁ ଏହାର ତଦନ୍ତ ପାଇଁ ସାଧାରଣରେ ମଧ ଦାବି ହେଉଛି। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଭବତାରଣ ସାହୁ କୁହନ୍ତି, ମହିଳା ମହାବିଦ୍ୟାଳୟରେ ଅନିୟମିତତା ଓ ଚଞ୍ଚକତାକୁ ନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ତଦନ୍ତ ବେଳେ ଅଧ୍ୟାପିକାଙ୍କ ଅଭିଯୋଗକୁ ମଧ ଗ୍ରହଣ କରାଯାଇ ତଦନ୍ତ କରାଯିବ।